# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, July 6/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 221 | ମୂଲ୍ୟ ₹୭/-




### ୩ ମାସରେ ୩ ଫିଲ୍ମ ରିଲିଜ୍

ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ଆଗାମୀ ୩ ଫିଲ୍ମ ଆସନ୍ତା ୩ ମାସରେ ରିଲିଜ୍ ହେବାକୁ ଯାଉଛି। ନିକଟରେ କଙ୍ଗନା ଫିଲ୍ମ 'ତେଜସ୍'ର ରିଲିଜ୍ ତାରିଖ ଘୋଷଣା କରିଛନ୍ତି।

୧୩

୧୪

### ପ୍ରଥମ ମହିଳା କୋଚ୍

ଇଂଲିଶ ଫୁଟବଲ ଲିଗରେ ପୁରୁଷ ଦଳ ଫରେଷ୍ଟ ଗ୍ରୀନ୍ ଏହାର ପ୍ରଥମ ମହିଳା କୋଚ୍ ଭାବରେ ହାନ୍ନା ଡିଙ୍ଗଲିଙ୍କୁ ନିଯୁକ୍ତ ଦେଇଛି।



# ଡିଏନ୍ ଗ୍ରୁପ୍ ଉପରେ ଆୟକର ଚଢ଼ାଉ

**ଭୁବନେଶ୍ୱର,୫।୭(ସତ୍ୟଜିତ୍ ରାଉତ)**

- ■ କର୍ମଚାରୀଙ୍କଠୁ ୩୦ କୋଟି ଜବତ
- ■ ୨୦ଟି ସ୍ଥାନରେ ଚାଲିଛି ଚଢ଼ାଉ
- ■ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶକୁ ନେଇ ଉଠିଲା ପ୍ରଶ୍ନ

ଓଡ଼ିଶାର ଅନ୍ୟତମ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ ଉପରେ ବୁଧବାର ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଭୁବନେଶ୍ୱର ସମେତ ପ୍ରାୟ ୨୦ଟି ସ୍ଥାନରେ ଥିବା ସଂସ୍ଥାର ବ୍ୟବସାୟିକ ପ୍ରତିଷ୍ଠାନ, ଅଧ୍ୟକ୍ଷ ଜଗଦୀଶ୍ ପ୍ରସାଦ ନାୟକଙ୍କ ସମେତ ନିର୍ଦ୍ଦେଶକ ଓ କର୍ମଚାରୀଙ୍କ ଘର ଉପରେ ଏକକାଳୀନ ଏହି ଚଢ଼ାଉ ଚାଲିଛି। ତେବେ ଭୁବନେଶ୍ୱର ୟୁନିଟ-୪ ଅନ୍ତର୍ଗତ ପୋଷ୍ଟାଲ-ବିଏସ୍ଏନ୍ଏଲ୍ କଲୋନୀରେ ରହୁଥିବା ଡିଏନ୍ ଗ୍ରୁପ୍‌ର କର୍ମଚାରୀ ଚନ୍ଦ୍ରଶେଖର ପଣ୍ଡାଙ୍କ ଠାରୁ ଆୟକର ବିଭାଗ ପ୍ରାୟ ୩୦ କୋଟି ନଗଦ ଟଙ୍କା ଜବତ କରିଛି। ଜଣେ କର୍ମଚାରୀଙ୍କ ଘରୁ ଏତେ ମାତ୍ରାରେ ଟଙ୍କା ଜବତ ହେବା ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଡିଏନ୍ ଗ୍ରୁପରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶ ହୋଇଥିବା କୁହାଯାଉଛି। ତେଣୁ ଏହି ଘଟଣାକୁ ନେଇ ଏବେ ରାଜନୀତି ମଧ୍ୟ ଜୋର୍ ଧରିଛି। ସରକାରୀ ଦଳର ପୃଷ୍ଠପୋଷକତାରେ ଡିଏନ୍ ☞ପୃଷ୍ଠା-୪


ଜବତ ଟଙ୍କା

# ୫-ଟି ସଚିବଙ୍କୁ ବିରୋଧ ବଢୁଛି

**ବୌଦ୍ଧ,୫।୭(ଅଜିତ କୁମାର ବାରିକ)**

- ■ ସୋନପୁର ପରେ ବୌଦ୍ଧରେ କାର୍‌କେଡ୍‌କୁ ଅଣ୍ଡାମାଡ଼
- ■ ଭାଜପା, କଂଗ୍ରେସର କଳାପତାକା ପ୍ରଦର୍ଶନ

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତକୁ ବିରୋଧୀ ରାଜନୈତିକ ଦଳଗୁଡ଼ିକର ବିରୋଧ ବଢ଼ିବାରେ ଲାଗିଛି। ମଙ୍ଗଳବାର ସୋନପୁର ଗସ୍ତବେଳେ ୫-ଟି ସଚିବଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼ ହୋଇଥିବାବେଳେ ବୁଧବାର ବୌଦ୍ଧରେ ସମାନ ଘଟଣା ଘଟିଛି। ଭାଜପା ଓ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିବା ସହ ନାନା ବିରୋଧାତ୍ମକ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳୁଛି।



ପାଣ୍ଡିଆନ ବୁଧବାର ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ହେଲେ ୨ ପ୍ରମୁଖ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ପକ୍ଷରୁ କଡ଼ା ବିରୋଧ କରାଯାଇଥିଲା। ☞ପୃଷ୍ଠା-୪

### ବନ କର୍ମଚାରୀଙ୍କ ଶକ୍ତି ବୃଦ୍ଧି: ଚଳାଇପାରିବେ ବନ୍ଧୁକ

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ବୈଦିକଯୁଗର ସିରିଏଲ୍ କିଲର୍







**ଚାଇନାରେ ବର୍ଷା ବିପ୍ଳବ: ୧୫ ମୃତ**

ଚାଇନାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଲଗାଣ ବର୍ଷା ଫଳରେ ୧୫ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ନିଖୋଜ ଅଛନ୍ତି। ସୋମବାରଠାରୁ ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗିଛି। ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାଲାଗି ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସରେ ବର୍ଷା ଯୋଗୁ ୪୬୦,୦୦୦ ଜଣ ପ୍ରଭାବିତ ହୋଇଥିବା ବେଳେ ୮୫,୦୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

**ସଂକ୍ଷେପରେ**

## ଡେଟା ପ୍ରୋଟେକ୍ସନ ବିଲ୍ ଚିଠାକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୫।୭(ପି.ଟି.):** ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ୍ (ଡିପିଡିପି) ବିଲ୍, ୨୦୨୩ର ଚିଠାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ଜୁଲାଇ ୨୦ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଏହାକୁ ଆଗତ କରାଯିବ ବୋଲି ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ବିଲ୍‌ରେ ଥିବା ନିୟମଗୁଡ଼ିକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥାକୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଜାରି କରାଯାଇଥିବା ଚିଠାରେ ଥିବା ଅଧିକାଂଶ ନିୟମକୁ ଏଥିରେ ସାମିଲ କରାଯାଇଛି। ପ୍ରସ୍ତାବିତ ଆଇନରେ ସରକାରୀ ସଂସ୍ଥାଗୁଡ଼ିକୁ ଛଡ଼ାଯାଇନାହିଁ। ବିବାଦ ହେଲେ ଡେଟା ପ୍ରୋଟେକ୍ସନ୍ ବୋର୍ଡ ସମାଧାନ ପାଇଁ ନିଷ୍ପତ୍ତି ନେବ। ନାଗରିକମାନେ ଦେୱାନୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇ କ୍ଷତିପୂରଣ ଦାବି କରିପାରିବେ। ଏହି ଆଇନ କାର୍ଯ୍ୟକାରୀ ହେଲେ ଲୋକେ ସେମାନଙ୍କଠାରୁ ସଂଗୃହୀତ ତଥ୍ୟ, ସେଗୁଡ଼ିକୁ ମହଜୁଦ ରଖିବା ଓ ପ୍ରକ୍ରିୟାକରଣ ଉପରେ ବିବରଣୀ ମାଗିପାରିବେ।

## ତବରେଜ ଅନସାରି ହତ୍ୟା ମାମଲା: ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ରାଞ୍ଚି,୫।୭:** ଝାଡ଼ଖଣ୍ଡରେ ୨୦୧୯ ଜୁନରେ ତବରେଜ ଅନସାରୀଙ୍କୁ କେତେଜଣ ଯୁବକ ପିଟି ପିଟି ହତ୍ୟା କରିବା ଘଟଣାରେ ଝାଡ଼ଖଣ୍ଡ ସେରାଇକେଲା ଖରସ୍ୱାନ ଜିଲାର ଏକ କୋର୍ଟ ବୁଧବାର ୧୦ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।


ତବରେଜ ଅନସାରୀ

ଜୁନ୍ ୨୭ରେ ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍-୧ ଅମିତ ଶେଖର ମାମଲାର ଶୁଣାଣି କରି ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପ୍ରମାଣ ଅଭାବରୁ ୨ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମୋଟର ସାଇକେଲ ଚୋରି ସନ୍ଦେହରେ କେତେଜଣ ଯୁବକ ତବରେଜଙ୍କୁ ମାଡ଼ ମାରିବା ଦ୍ୱାରା ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ନେଇ ଜାରି ହୋଇଥିବା ଏକ ଭିଡିଓ ଅନୁସାରେ ତବରେଜଙ୍କୁ ଜୟ ଶ୍ରୀ ରାମ, ଜୟ ହନୁମାନ ଜୋର ଜବରଦସ୍ତ କୁହାଉଥିବା ଦେଖିବାକୁ ମିଳିଥିଲା। ତବରେଜ ସୁରତରେ ରହି କାମ କରୁଥିବାବେଳେ ଇଦ୍ ପାଳିବାକୁ ଗାଁ ଧାତକିଡିହ ଆସିଥିଲେ।

## ତିସ୍ ହଜାରି କୋର୍ଟ ପରିସରରେ ଫୁଟିଲା ଗୁଳି

**ନୂଆଦିଲ୍ଲୀ,୫।୭:** ଦିଲ୍ଲୀ ତିସ୍ ହଜାରି କୋର୍ଟ ପରିସରରେ ବୁଧବାର ଦୁଇ ଓକିଲ ଗୋଷ୍ଠୀ ମଧ୍ୟରେ ଝଗଡ଼ାକୁ ନେଇ ଗୁଳି ଫୁଟିଛି। ଘଟଣାରେ କେହି ଆହତ ହୋଇ ନାହାନ୍ତି। ଦିଲ୍ଲୀ ବାର ଆସୋସିଏଶନ୍‌ର ପୂର୍ବତନ ଉପ ସଭାପତି ମନିଶ ଶର୍ମା ଏବଂ ବର୍ତ୍ତମାନର ସମ୍ପାଦକ ଅତୁଲ କୁମାର ଶର୍ମାଙ୍କ ମଧ୍ୟରେ ଏକାଧିକ ମାମଲାକୁ ନେଇ ବିବାଦ ଲାଗି ରହିଥିଲା। ସମାଧାନ ପାଇଁ ମଙ୍ଗଳବାର ରାତିରେ ମନିଶଙ୍କୁ ଅତୁଲ ଓ ଭାଇ ଲଳିତ ଦେଖା କରିବାକୁ ଡାକିଥିଲେ। ସେଠାରେ ୩ ଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଅତୁଲ ମନିଶଙ୍କୁ ଗୁଳି କରିବାର ଧମକ ଦେଇଥିଲେ। ବୁଧବାର କୋର୍ଟ ପରିସରରେ ସେମାନଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିବାବେଳେ ଗୁଳି ଫୁଟିଥିଲା। ଘଟଣା ସମ୍ପର୍କରେ ମନିଷଙ୍କ ପାଖରେ ସମସ୍ତ ପ୍ରମାଣ ଥିବାବେଳେ କୋର୍ଟ ପରିସରରେ ବିଶୃଙ୍ଖଳା ଘଟାଇଥିବା ଲୋକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ସେ କହିଛନ୍ତି।

# ସହଯୋଗୀଙ୍କ ବିନାଶ କରୁଛି ଭାଜପା: ପାୱାର






ମୁମ୍ବାଇର ୱାଇ.ଭି. ଚଭନ ସେଣ୍ଟରରେ ଶରଦ ପାୱାର ଗୋଷ୍ଠୀର ବୈଠକ ବେଳେ ସମର୍ଥକମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଛନ୍ତି।

**ମୁମ୍ବାଇ,,୫।୭**

ଭାରତୀୟ ଜନତା ପାର୍ଟି (ଭାଜପା)ର ପ୍ରତ୍ୟେକ ସହଯୋଗୀ ଦଳର ବିନାଶ ଘଟିଛି। ଗୈରିକ ଦଳକୁ ସମର୍ଥନ କରୁଥିବା ଦଳ ଶେଷରେ ଧ୍ୱଂସ ହୋଇଯାଏ। ତୁମେ ବି ସମଦଶା ଭୋଗିବ ବୋଲି ପୁତୁରା ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ବୁଧବାର ଚେତାବନୀ ଦେଇଛନ୍ତି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର। ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି ସିନିୟର ପାୱାର କହିଛନ୍ତି, ଯେଉଁମାନେ ଭାଜପା ସହ ହାତ ମିଳାଇ କ୍ଷମତା ଭାଗବଣ୍ଟା କରିଥାନ୍ତି, ସେମାନଙ୍କୁ ଗୈରିକ ଦଳ ଧ୍ୱଂସ କରିଦିଏ। ରାଜନୈତିକ ସହଯୋଗୀଙ୍କୁ ଧୀରେ ଧୀରେ ଦୁର୍ବଳ କରିବା ହେଉଛି ଭାଜପାର ନୀତି। ଏହାର ଅନେକ ଉଦାହରଣ ରହିଛି। ଅକାଳୀ ଦଳ ଭାଜପା ସହ ଅନେକ ବର୍ଷ ଧରି ରହିଥିଲା। ଏବେ ଏହି ଦଳର ଚିହ୍ନବର୍ଣ୍ଣ ହଜିଗଲାଣି। ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ବିହାରରେ ମଧ୍ୟ ସମାନ ସ୍ଥିତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକଥା ଆଗୁଆ ବୁଝିପାରି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସହ ମେଣ୍ଟ କଲେ। ଯଦି


ଶରଦ ପାୱାର

ଅଜିତଙ୍କ କୌଣସି ସମସ୍ୟା ଥିଲା, ସେ ମୋ ସହିତ ଆଲୋଚନା କରିପାରିଥାନ୍ତେ। କିନ୍ତୁ ବିଦ୍ରୋହ ଗ୍ରହଣୀୟ ନୁହେଁ ବୋଲି ୱାଇ.ବି. ଚଭନ ସେଣ୍ଟରରେ ଆୟୋଜିତ ବୈଠକରେ ଶରଦ ପାୱାର କହିଛନ୍ତି। ଏହି ଅବସରରେ ଦଳର ୫୩ ବିଧାୟକଙ୍କ ମଧ୍ୟରୁ ୧୭ ଜଣଙ୍କୁ ପରେଡ୍ କରାଯାଇଥିଲା।

ଅଜିତଙ୍କ ମନ୍ତବ୍ୟକୁ ନେଇ ଶରଦ ପାୱାର ଗୋଷ୍ଠୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଛନ୍ତି, ଏନ୍‌ସିପି ସୁପ୍ରିମୋ ୮୩ ବର୍ଷ ବୟସରେ ମଧ୍ୟ ସିଂହ ଭଳି କାମ କରୁଛନ୍ତି। ପାୱାରଙ୍କ ଝିଅ ତଥା ଏନ୍‌ସିପି

### ୮୩ ବର୍ଷୀୟ ଯୋଦ୍ଧା ଏକାକୀ ଲଢୁଛନ୍ତି: ଏନ୍‌ସିପି

କାର୍ଯ୍ୟକାରୀ ଅଧ୍ୟକ୍ଷା ସୁପ୍ରିୟା ସୁଲେ କହିଛନ୍ତି, ଆମକୁ ଅସମ୍ମାନ କଲେ ଚଳିବ, କିନ୍ତୁ ବାପାଙ୍କୁ ନୁହେଁ। ଅସଲ ଏନ୍‌ସିପି ଶରଦ ପାୱାରଙ୍କ ସହ ରହିଛି। ନିର୍ବାଚନୀ ପ୍ରତୀକ ମଧ୍ୟ ଆମର। ଭାଜପାବାଲା ଆମକୁ ନାଚୁରାଲ କରପ୍ଟ ପାର୍ଟି ବୋଲି କୁହନ୍ତି। କିନ୍ତୁ ଦରକାର ବେଳେ ସେମାନେ ଏନ୍‌ସିପିଠାରୁ ସହଯୋଗ ନିଅନ୍ତି। ଭାଜପା ହେଉଛି ଦେଶର ସବୁଠୁ ଦୁର୍ନୀତିଗ୍ରସ୍ତ ଦଳ। ଆମର ଲଢ଼େଇ ଭାଜପା ସରକାର ବିରୋଧରେ। ପାୱାରଙ୍କ ସମର୍ଥକମାନେ ଅଜିତଙ୍କ ମନ୍ତବ୍ୟର ଜବାବ ପୋଷ୍ଟରରେ ଦେଇଛନ୍ତି। ମୁମ୍ବାଇର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ପୋଷ୍ଟରରେ ଉଲ୍ଲେଖ କରାଯାଇଛି, ୮୩ ବର୍ଷୀୟ ଯୋଦ୍ଧା ଏକାକୀ ଲଢୁଛନ୍ତି। ତେବେ ଅଜିତ ଗୋଷ୍ଠୀ ମଧ୍ୟ ନିଜ ପୋଷ୍ଟରରେ ଏନ୍‌ସିପି ପ୍ରତିଷ୍ଠାତାଙ୍କ ଫଟୋକୁ ବ୍ୟବହାର କରିଛନ୍ତି, ଯାହାକୁ ଶରଦ ପାୱାର ନାପସନ୍ଦ କରିଛନ୍ତି।

### ପାୱାର ସାହେବଙ୍କ ବୟସ ହୋଇଗଲାଣି, ମୁଁ ମୁଖ୍ୟମନ୍ତ୍ରୀ ହେବି: ଅଜିତ

୧୯୯୯ରେ ଶରଦ ପାୱାର ଗଢ଼ିଥିବା ଏନ୍‌ସିପି ଏବେ ଭାଙ୍ଗିଯାଇଛି। ଏପରି କି ଦଳକୁ ତାଙ୍କ ହାତରୁ ଛଡ଼ାଇ ନିଆଯାଇଛି। ଏସବୁ କରିଛନ୍ତି ତାଙ୍କ ପୁତୁରା ଅଜିତ ପାୱାର। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବିଦ୍ରୋହୀ ସାଜି ସିନିୟର ପାୱାରଙ୍କୁ ଏନ୍‌ସିପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରୁ ବିଦା କରି ନିଜକୁ ସୁପ୍ରିମୋ ଘୋଷଣା କରିଛନ୍ତି। ବାନ୍ଦ୍ରାସ୍ଥିତ ଏମ୍‌ଇଟି ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ବୁଧବାର ଅଜିତ୍ ଗୋଷ୍ଠୀ ପକ୍ଷରୁ ବିଧାୟକ, ପୂର୍ବତନ ବିଧାୟକ, ଏମ୍‌ପି, କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କୁ ନେଇ ଏକ ବୈଠକ କରାଯାଇଛି। ଏହି ଅବସରରେ ୬୩ ବର୍ଷୀୟ ଅଜିତ କହିଛନ୍ତି, ପାୱାର ସାହେବ ସମସ୍ତଙ୍କ ଆଗରେ ମୋତେ ଖଳନାୟକ ସଜାଇଦେଇଛନ୍ତି। ତଥାପି ତାଙ୍କ ପ୍ରତି ମୋ ସମ୍ମାନ ରହିଛି। ଆଇଏଏସ୍ ଅଫିସରମାନେ ୬୦ ବର୍ଷରେ ଅବସର ନିଅନ୍ତି, ଭାପା ନେତାଙ୍କ ଅବସର


ଅଜିତ ପାୱାର

ବୟସ ୭୫। ଏଲ୍.କେ. ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀ ଏହାର ଦୃଷ୍ଟାନ୍ତ। ମୁଁ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛି। ଦିନେ ନା ଦିନେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବି। ପାୱାର ସାହେବଙ୍କ ବୟସ ୮୩ ବର୍ଷ ହୋଇଗଲାଣି। ତେଣୁ ସେ ନୂଆ ପିଢ଼ିଙ୍କୁ ସୁଯୋଗ ଦେବା ଉଚିତ। ସେ ମୋତେ ଆଶୀର୍ବାଦ ଦିଅନ୍ତୁ। ନିଜ ପ୍ରତି ୪୦ରୁ ଊର୍ଦ୍ଧ୍ୱ ବିଧାୟକ ଏବଂ ଏମ୍‌ଏଲ୍‌ସିଙ୍କ ସମର୍ଥନ ଥିବା ଅଜିତ ଦାବି କରୁଥିବାବେଳେ ବୈଠକରେ ୨୯ ଏନ୍‌ସିପି ଏମ୍‌ଏଲ୍‌ଏ ଉପସ୍ଥିତ ଥିଲେ।

## ଇସିଙ୍କ ନିକଟରେ ପହଞ୍ଚିଲା ଏନ୍‌ସିପି ବିବାଦ

**ନୂଆଦିଲ୍ଲୀ,୫।୭**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ରେ ଦଳ ନିୟନ୍ତ୍ରଣ କ୍ଷମତାକୁ ନେଇ ଚାଲିଥିବା ବିବାଦ ବୁଧବାର ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ପହଞ୍ଚିଛି। ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରି ବିଦ୍ରୋହୀ ସାଜିଥିବା ତାଙ୍କ ପୁତୁରା ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ପକ୍ଷରୁ ବିଧାୟକ ଏବଂ ଏମ୍‌ପିମାନଙ୍କ ୪୦ଟି ସତ୍ୟପାଠ ଇସିଙ୍କ ନିକଟରେ ଦାଖଲ କରାଯାଇଛି। ଏଥିରେ ଦଳ ଓ ଏହାର ନିର୍ବାଚନୀ ଚିହ୍ନ 'ଘଣ୍ଟା' ବିଦ୍ରୋହୀ ଗୋଷ୍ଠୀକୁ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଶରଦ ପାୱାର ଗୋଷ୍ଠୀ ପକ୍ଷରୁ ମଧ୍ୟ ନିର୍ବାଚନ କର୍ତ୍ତୃପକ୍ଷଙ୍କ ନିକଟରେ ଏକ କେଭିଏଟ୍ ଦାଖଲ କରାଯାଇଛି। ବିବାଦ ପରିପ୍ରେକ୍ଷୀରେ କୌଣସି ରାୟ ଦେବା ପୂର୍ବରୁ ଇସି ପ୍ରଥମେ ଶରଦଙ୍କ ଆବେଦନର ବିଚାର କରନ୍ତୁ ବୋଲି ତାଙ୍କ ଗୋଷ୍ଠୀ ନିବେଦନ କରିଛି। ଇସି ଆଗାମୀ ଦିନରେ ଉଭୟ ପକ୍ଷଙ୍କୁ ଡାକି ଶୁଣାଣି କରିପାରନ୍ତି।




ଫୁକୁଶିମା ଆଣବିକ ଶକ୍ତି କେନ୍ଦ୍ରରୁ ବାହାରୁଥିବା ବିଶୋଧିତ ରେଡିଓଆକ୍ଟିଭ୍ ଜଳକୁ ଜାପାନ ସରକାର ସମୁଦ୍ରରେ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଏବଂ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍‌ଙ୍କ ଭଳି ପୋଷାକ ପିନ୍ଧିଥିବା ସିଓଲର ସିଭିକ୍ ସୋସାଇଟି ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ପାଇଁ ପିଏଚ୍.ଡି. ଜରୁରୀ ନୁହେଁ

### ନିଷ୍ପତ୍ତି ବଦଳାଇଲା ୟୁଜିସି

**ନୂଆଦିଲ୍ଲୀ,୫।୭(ପି.ଟି.)**

ଆସିଷ୍ଟାଣ୍ଟ ପ୍ରଫେସର ପଦରେ ନିଯୁକ୍ତି ପାଇଁ ଆଶାୟୀ ପିଏଚ୍.ଡି. କରିଥିବା ଜରୁରୀ ବୋଲି ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଛନ୍ତି। ଏହି ପଦରେ ପ୍ରତ୍ୟକ୍ଷ ଭାବେ ଅବସ୍ଥାପିତ ହେବା ପାଇଁ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି), ଷ୍ଟେଟ୍ ଏଲିଜିବିଲିଟି ଟେଷ୍ଟ (ଏସ୍‌ଇଟି) ଏବଂ ଷ୍ଟେଟ୍ ଲେଭେଲ୍ ଏଲିଜିବିଲିଟି ଟେଷ୍ଟ (ଏସ୍‌ଏଲ୍‌ଇଟି) ଭଳି ପରୀକ୍ଷାଗୁଡ଼ିକୁ ସର୍ବନିମ୍ନ ଯୋଗ୍ୟତା ଭାବେ ରଖାଯାଇଥିବା ୟୁଜିସି ଅଧ୍ୟକ୍ଷ ଏମ୍. ଜଗଦୀଶ କୁମାର ସୂଚନା ଦେଇଛନ୍ତି।

ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ଏଣ୍ଟ୍ରି-ଲେଭେଲ୍ ପଦବୀ ପାଇଁ ୨୦୧୮ରେ ୟୁଜିସି ପକ୍ଷରୁ କେତେକ ମାପଦଣ୍ଡ ସ୍ଥିର କରାଯାଇଥିଲା। ପ୍ରାର୍ଥୀମାନଙ୍କୁ ସେମାନଙ୍କ ପିଏଚ୍.ଡି. ସମ୍ପୂର୍ଣ୍ଣ କରିବା ପାଇଁ ୩ ବର୍ଷ ଦିଆଯାଉଥିଲା। ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଆସିଷ୍ଟାଣ୍ଟ ପ୍ରଫେସର ପଦ ଲାଗି ପିଏଚ୍.ଡି.କୁ ବାଧ୍ୟତାମୂଳକ କରିବା ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ପାଇଁ ଅନୁକୂଳ ନୁହେଁ।

## ପୁଅ ପାଇଁ ଗାଡ଼ି ଉପରକୁ ଡେଇଁଲେ ମହିଳା

**ଭୋପାଳ,୫।୭**

ମଧ୍ୟପ୍ରଦେଶ ନରସିଂହପୁର ଗୋଟେଗାଓରେ ପୁଅକୁ ପୋଲିସ ଗିରଫରୁ ବଞ୍ଚାଇବାକୁ ଯାଇ ପୋଲିସ ଗାଡ଼ି ବୋନେଟ୍ ଉପରକୁ ଡେଇଁପଡ଼ିଲେ ମା'। ଗାଁରେ ଚାଲିଥିବା ଡଗ୍ସ କାରବାରରେ ସୋନୁ ସାମିଲ ଥିବା ଜାଣିବା ପରେ ତାଙ୍କୁ ଗିରଫ କରିବାକୁ ପୋଲିସ ଘରେ ପହଞ୍ଚିଥିଲା। ସ୍ୱତନ୍ତ୍ର ପୋଲିସ ଟିମ୍ ସୋନୁ କହର ଓ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପୋଲିସ ଗାଡ଼ିରେ ଅଭିଯୁକ୍ତଙ୍କୁ ନେଇ ଥାନାକୁ ଯାଉଥିବାବେଳେ ସୋନୁଙ୍କ ମା' ମୋହିନୀ ହଠାତ୍ ପୋଲିସ ଗାଡ଼ି ବୋନେଟ୍ ଉପରକୁ ଡେଇଁପଡ଼ିଥିଲେ। ପାଖାପାଖି ୫୦୦ ମିଟର ଦୂର ମୋହିନୀ ଘୋଷାରି ହୋଇଯାଇଥିଲେ। ଘଟଣାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହୋଇଥିବାବେଳେ ଏ ନେଇ ୩ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

## ଆଦିବାସୀଙ୍କ ଉପରେ ପରିସ୍ରା କରିଥିବା ଭାଜପା କର୍ମୀ ଗିରଫ

### ଶିବରାଜ ସରକାରଙ୍କ ଉପରେ ବର୍ଷିଲେ ରାହୁଲ

**ଭୋପାଳ/ନୂଆଦିଲ୍ଲୀ,୫।୭**

ମଧ୍ୟପ୍ରଦେଶ ସିଦ୍ଧି ଜିଲାରେ ଆଦିବାସୀ ଶ୍ରମିକ ପାଲେ କୋଲଙ୍କ ଉପରେ ପରିସ୍ରା କରିଥିବା ଭାଜପା କର୍ମୀ ପ୍ରଭେଶ ଶୁକ୍ଲାଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଗିରଫ କରିଛି। ଜମି ଜବରଦଖଲ ଅଭିଯୋଗରେ ସ୍ଥାନୀୟ ପ୍ରଶାସନ ବୁଧବାର ବୁଲ୍‌ଡୋଜର ଲଗାଇ ତାଙ୍କ ଘର ଭାଙ୍ଗଦେଇଛି। ସେପଟେ ଘଟଣାକୁ ନେଇ ଭଜପା ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଭାଜପା ଶାସନ କାଳରେ ଅନୁସୂଚିତ ଜାତି ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଶ୍ରମିକଙ୍କ ଉପରେ ପରିସ୍ରା କରିବା ଘଟଣା ଭାରତୀୟ ଜନତା ପାର୍ଟିର ଅମାନୁଷିକ କାର୍ଯ୍ୟ ଏବଂ ଦଳିତଙ୍କ ପ୍ରତି ଥିବା ତାଙ୍କ ଘୃଣା ମନୋଭାବକୁ ପଦାରେ ପକାଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଭାଜପା ବିଧାୟକଙ୍କ ସହଯୋଗୀ ଆଦିବାସୀଙ୍କ ଉପରେ ପରିସ୍ରା କରିବା ଅତ୍ୟନ୍ତ ଅମାନବୀୟ ଏବଂ ଘୃଣ୍ୟ। ରାଜ୍ୟରେ ଭାଜପା ଶାସନକୁ ୧୮ ବର୍ଷ ବିତିଯାଇଛି। ଏବେ ସୁଦ୍ଧା ଆଦିବାସୀଙ୍କ ଉପରେ ଅତ୍ୟାଚାର ନେଇ ମୋଟ ୩୦,୪୦୦ ମାମଲା ସାମ୍ନାକୁ ଆସିଛି। ଭାଜପାର ଶାସକମାନେ ଆଦିବାସୀଙ୍କ ହିତ ଉଦ୍ଦେଶ୍ୟରେ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ଆଦିବାସୀଙ୍କ ଉପରେ ପରିସ୍ରା କରିବାର ଭିଡିଓ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ପ୍ରଭେଶଙ୍କୁ ଗିରଫ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ।

## ମରୁଭୂମିରେ ବନ୍ୟା: ୧୨୩ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ଜୟପୁର,୫।୭**

ଗତ ଜୁନ୍‌ରେ ରାଜସ୍ଥାନରେ ରେକର୍ଡ ପରିମାଣର ବର୍ଷା ହୋଇଛି। ରାଜ୍ୟରେ ବର୍ଷା ୧୨୩ ବର୍ଷର ରେକର୍ଡ ଭାଙ୍ଗିଥିବା ମଙ୍ଗଳବାର ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଗତମାସରେ ୧୫.୯ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଥିବାବେଳେ ହାରାହାରି ୧୮୫% ଅଧିକ ବର୍ଷା ହୋଇଛି। ରାଜ୍ୟରେ ଶେଷଥର ପାଇଁ ୧୯୦୧ରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଥିବା ଜୟପୁର ପାଣିପାଗ ବିଭାଗ ଅଧିକାରୀ ରାଧେଶ୍ୟାମ ଶର୍ମା କହିଛନ୍ତି।



୧୯୯୬ ଜୁନ୍‌ରେ ରାଜ୍ୟରେ ସର୍ବାଧିକ ୧୨୨.୮ ଏମ୍.ଏମ୍. ବର୍ଷା ହୋଇଥିବାବେଳେ ପୂର୍ବ ରାଜସ୍ଥାନରେ ହାରାହାରି ୧୧୮% ଅଧିକ ବର୍ଷା ହୋଇଥିଲା। ସେହି ମାସରେ ପଶ୍ଚିମ ରାଜସ୍ଥାନରେ ୨୮୭% ଅଧିକ ବର୍ଷା ହୋଇଥିଲା। ଚଳିତବର୍ଷର ପ୍ରଥମ ବାତ୍ୟା ବିପର୍ଯ୍ୟୟ ସକାଶେ ଜୁନ୧୬ରୁ ୨୦ ମଧ୍ୟରେ ରାଜସ୍ଥାନର ଜାଲୋର, ପାଲି, ବାଡମେର, ଆଜମେରରେ ପ୍ରବଳ ବର୍ଷା ହୋଇଥିଲା। ସେ ସମୟରେ ଜାଲୋରରେ ସର୍ବାଧିକ ୪୦୦.୫ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଥିଲା।

ଜୁନ୍‌ରେ ଝଲାୱରକୁ ଛାଡ଼ିଦେଲେ ଅନ୍ୟ ଜିଲାଗୁଡ଼ିକରେ ସାମାନ୍ୟ ଓ ପ୍ରବଳ ବର୍ଷା ହୋଇଛି। ଜୁନ୍ ୨୫ରେ ରାଜ୍ୟରେ ମୌସୁମୀ ପ୍ରବେଶ କରିଥିବାବେଳେ ଜୁଲାଇ ୨ ସୁଦ୍ଧା ପଶ୍ଚିମାଞ୍ଚଳର ସବୁ ସ୍ଥାନରେ ବର୍ଷା ହୋଇଥିଲା। ସେହିପରି ଆସନ୍ତା ୭ ତାରିଖରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବର୍ଷା ସମ୍ଭାବନା ରହିଥିବା ଶର୍ମା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୬/୨୦୨୩ | Bhubaneswar, Thursday, July 6/2023




ପରିବେଶ ସୁରକ୍ଷା ନେଇ ଭୁବନେଶ୍ୱର କଳ୍ପନା ଅଞ୍ଚଳରେ ବୁଧବାର ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି। (ଫଟୋ: ବିକାଶ ନାୟକ)

# ଜବାବ ମାଗିଲେ ହାଇକୋର୍ଟ

**ରତ୍ନଭଣ୍ଡାର ଖୋଲିବା ମାମଲା**

- ୪ ପ୍ରତିପକ୍ଷଙ୍କୁ ନୋଟିସ
- ଅଗଷ୍ଟ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି

**କଟକ,୫।୭ (କାର୍ତ୍ତିକ ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାରେ ୪ ପ୍ରତିପକ୍ଷଙ୍କୁ ହାଇକୋର୍ଟ ବୁଧବାର ନୋଟିସ ଜାରି କରିଛନ୍ତି। ସେମାନେ ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ତଥା ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶ, ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ) ଡିଜି କିଶୋର ବାସା ଓ ସୁପରିଣ୍ଟେଣ୍ଡେଣ୍ଟ ବି.ଡି. ଗଡ଼ନାୟକ। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣିକରି ମାମଲା ସଂକ୍ରାନ୍ତରେ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ରତ୍ନଭଣ୍ଡାର ବିପଦସଙ୍କୁଳ ସ୍ଥିତିସମେତ ବିଭିନ୍ନ ସମସ୍ୟା ନେଇ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ରାଜ୍ୟ ସରକାର ରତ୍ନଭଣ୍ଡାରର ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ହାଇକୋର୍ଟ ତାଙ୍କୁ କାରଣ ଦର୍ଶାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ପ୍ରତିପକ୍ଷମାନେ ରତ୍ନଭଣ୍ଡାର ଖୋଲି ଅଳଙ୍କାରଗୁଡ଼ିକର ସବିଶେଷ ତାଲିକା ପ୍ରସ୍ତୁତ କରିବା, ପୂର୍ବତନ ରାଜ୍ୟପାଳ ଭଗବତ ଦୟାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଢାଞ୍ଚାରେ ରାଜ୍ୟପାଳ କିମ୍ବା ଜଣେ କାର୍ଯ୍ୟରତ ହାଇକୋର୍ଟ ☞ପୃଷ୍ଠା–୪

# ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ ହେଉ

**ଦାବି କଲା ଦଇତାପତି ନିଯୋଗ**

**ପୁରୀ, ୫।୭(ଅଜିତ ମହାନ୍ତି)**

ଶ୍ରୀମନ୍ଦିରରେ ସର୍ବଦା ଧାର୍ମିକ ତଥା ଆଧ୍ୟାତ୍ମିକ ପରିବେଶ ରହିବା ଆବଶ୍ୟକ। ମାତ୍ର ସେଥିରେ ବର୍ତ୍ତମାନ ଆଧୁନିକତାର ଛାପ ଦେଖିବାକୁ ମିଳୁଛି, ଯାହା ଧାର୍ମିକ ଭାବନାକୁ କ୍ଷୁଣ୍ଣ କରୁଛି। ତେଣୁ ଶ୍ରୀମନ୍ଦିରରେ ଭକ୍ତମାନେ ଦର୍ଶନ କରିବା ସମୟରେ ଶାଳୀନତାସମ୍ପନ୍ନ ବେଶଭୂଷା ପରିଧାନ କରିବା ଆବଶ୍ୟକ। ଭାରତର ବିଭିନ୍ନ ପ୍ରତିଷ୍ଠିତ ମନ୍ଦିରରେ ପ୍ରବେଶ ଲାଗି ଡ୍ରେସ୍‌କୋଡ୍ ବ୍ୟବସ୍ଥା ରହିଛି। ବିଶେଷକରି ଦକ୍ଷିଣ ଭାରତରେ ଏହି ଡ୍ରେସ୍‌କୋଡ୍ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଥାଏ। ସେହି ଅନୁସାରେ ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଉ ବୋଲି ଦଇତାପତି ନିଯୋଗ ଦାବି କରିଛି।

ବୁଧବାର ଦଇତାପତି ନିଯୋଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଥିବା ଅନେକ ଭକ୍ତ ସେମାନଙ୍କ ଶାଳୀନତା ରକ୍ଷା କରୁନାହାନ୍ତି। ଆଧୁନିକତାର ବଶବର୍ତ୍ତୀ ହୋଇ ଶାଳୀନତା ରକ୍ଷା କରୁ ନ ଥିବା ଭଳି ପୋଷାକ ପରିଧାନ କରୁଛନ୍ତି, ଯାହା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଆଘାତ ପହଞ୍ଚାଉଛି। ତେଣୁ ପାଶ୍ଚାତ୍ୟ ପୋଷାକ ପିନ୍ଧି ଆସୁଥିବା ଭକ୍ତଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ☞ପୃଷ୍ଠା–୪

## ୟୁସିସିକୁ ଭାଜପା ସହଯୋଗୀ ଏଆଇଏଡିଏମ୍‌କେର ବିରୋଧ

**ଚେନ୍ନାଇ,୫।୭(ପି.ଟି.):** ଭାଜପାର ଦକ୍ଷିଣ ଭାରତୀୟ ସହଯୋଗୀ ଦଳ ଏଆଇଏଡିଏମ୍‌କେ ଏକକ ଦେୱାନି ସଂହିତା (ୟୁସିସି)କୁ ବିରୋଧ କରିଛି। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେ ମୁଖ୍ୟ କେ. ପାଲାନିସ୍ୱାମୀଙ୍କୁ ବୁଧବାର ଖବରଦାତାମାନେ ପ୍ରଶ୍ନ କରିଥିଲେ, ଭାଜପା ୟୁସିସି ଆଣିବାକୁ ଯାଉଛି। ଆପଣଙ୍କ ଦଳର ଆଭିମୁଖ୍ୟ କ'ଣ। ଏହାର ଉତ୍ତରରେ ପାଲାନିସ୍ୱାମୀ କହିଥିଲେ, ୟୁସିସି ଉପରେ ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଦଳୀୟ ଇସ୍ତାହାରର 'ଧର୍ମନିରପେକ୍ଷତା' ପ୍ରସଙ୍ଗରେ ଆମେ ସ୍ପଷ୍ଟ କରିସାରିଛୁ। ଭାରତର ସଂଖ୍ୟାଲଘୁଙ୍କ ଧର୍ମୀୟ ଅଧିକାରଗୁଡ଼ିକୁ ପ୍ରଭାବିତ କରିବା ଭଳି ୟୁସିସି ଆଣିବା ପାଇଁ ସମ୍ବିଧାନର ସଂଶୋଧନ ନ କରିବାକୁ କେନ୍ଦ୍ରକୁ ଅନୁରୋଧ କରୁଛୁ। ଭାଜପା ୟୁସିସି ଆଣି କାର୍ଯ୍ୟକାରୀ କଲେ ତାକୁ ଆମେ ବିରୋଧ କରିବୁ ବୋଲି ପାଲାନିସ୍ୱାମୀ କହିଛନ୍ତି।

# ବନ କର୍ମଚାରୀଙ୍କ ଶକ୍ତି ବୃଦ୍ଧି: ଚଳାଇପାରିବେ ବନ୍ଧୁକ

**ଭୁବନେଶ୍ୱର,୫।୭(ଅନିଲ ଦାସ)**

ଦୀର୍ଘଦିନର ଦାବି ପରେ ରାଜ୍ୟ ସରକାର ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା କରିବା ପାଇଁ କ୍ଷମତା ପ୍ରଦାନ କରିଛନ୍ତି। ଏନେଇ ବୁଧବାର ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବନ କର୍ମଚାରୀମାନେ କର୍ତ୍ତବ୍ୟ ପାଳନ ସମୟରେ ଜଙ୍ଗଲ ସୁରକ୍ଷା ଏବଂ ଆତ୍ମରକ୍ଷା ପାଇଁ ବନ୍ଧୁକରୁ ଗୁଳିଚାଳନା କରିପାରିବେ। ଜଙ୍ଗଲ ଭିତରେ ପାଟ୍ରୋଲିଂ ସମୟରେ ଶିକାରୀ ଓ ମାଫିଆଙ୍କ ବିରୋଧରେ ଲଢ଼ିବାକୁ ବନ କର୍ମଚାରୀଙ୍କୁ ଏହା ଶକ୍ତି ଯୋଗାଇବ। ସିଆର୍‌ପିସି ୧୯୭୩ର ଧାରା ୧୯୭ ଉପଧାରା ୩ ଅନୁଯାୟୀ ଫରେଷ୍ଟ ଗାର୍ଡ, ଫରେଷ୍ଟର, ଡେପୁଟି ଫରେଷ୍ଟ ରେଞ୍ଜ ଅଫିସର, ଫରେଷ୍ଟ ରେଞ୍ଜ ଅଫିସର, ଆସିଷ୍ଟାଣ୍ଟ କଞ୍ଜରଭେଟର, ସବ୍‌ଡିଭିଜନାଲ ଫରେଷ୍ଟ ଅଫିସର, ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ, ଡେପୁଟି ଡାଇରେକ୍ଟର, ଡିଭିଜନାଲ ଫରେଷ୍ଟ ଅଫିସର, ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ, ଫିଲ୍ଡ ଡାଇରେକ୍ଟର ଏବଂ ଅନ୍ୟ ବନ କର୍ମଚାରୀଙ୍କ ପାଇଁ ଏହା ଲାଗୁ କରାଯିବ। ଏହି ଅଧିକାର ପାଇବାପରେ ବନ କର୍ମଚାରୀଙ୍କୁ କୌଣସି ଗୁଳିକାଣ୍ଡ ପାଇଁ ପୋଲିସ ତୁରନ୍ତ ଗିରଫ କରିପାରିବ ନାହିଁ। ଘଟଣାର ଜଣେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, କିଛି ସପ୍ତାହ ଅନ୍ତରରେ ଶିମିଳିପାଳରେ ଶିକାରୀ ଗୁଳିରେ ୨ଜଣ ବନ କର୍ମଚାରୀ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶୀଲ କୁମାର ପୋପ୍‌ଲି କହିଛନ୍ତି, ପୂର୍ବରୁ ବନ କର୍ମଚାରୀଙ୍କ ପାଖରେ ବନ୍ଧୁକ ଥିଲା, କିନ୍ତୁ ଚାଳନା କରିବା କ୍ଷମତା ପ୍ରଦାନ କରାଯାଇ ନ ଥିଲା। ଯଦି କୌଣସି ବନ କର୍ମଚାରୀ ଆତ୍ମରକ୍ଷା ପାଇଁ ଗୁଳିଚାଳନା କରୁଥିଲେ ତେବେ ଉକ୍ତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ନୂଆ ନିଷ୍ପତ୍ତି ଅନୁଯାୟୀ, ସିଆର୍‌ପିସି ୧୯୭ ଧାରା ଅନୁଯାୟୀ ବନ କର୍ମଚାରୀଙ୍କୁ ସୁରକ୍ଷା ଦୃଷ୍ଟିରୁ ବନ୍ଧୁକ ଚାଳନା ଲାଗି ଅନୁମତି ଦିଆଯାଇଛି। ବନ କର୍ମଚାରୀମାନେ ବହୁଦିନ ଧରି ଏହି ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ମଧ୍ୟ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ସ୍ୱାଗତ କରିଛି। ସଂଘର ସଭାପତି ଜଗବନ୍ଧୁ ପାତ୍ର କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ, ମାତ୍ର ଶିକାରୀ ଏବଂ ବନ ମାଫିଆଙ୍କ ବିଷୟରେ ସୂଚନା ଦେବା ଓ ଧରିବା ପାଇଁ ସଂଘ ପକ୍ଷରୁ ପ୍ରତ୍ୟେକ ଡିଭିଜନରେ ଷ୍ଟ୍ରାଇକିଂ ଫୋର୍ସ କରିବାକୁ ଦାବି କରାଯାଇଛି। ସରକାର ଏ ଦିଗରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଏଥିସହିତ ଅନ୍ୟାନ୍ୟ ଦାବି ଉପରେ ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଦାବି ପୂରଣ ନ ହେଲେ ଆସନ୍ତା ୧୦ରୁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

# ଖସିଲା ପଲସ୍ତରା: ୬ ଛାତ୍ରୀଛାତ୍ର ଆହତ, ଶିକ୍ଷୟିତ୍ରୀ ଗୁରୁତର

## ଆଠମଲ୍ଲିକ ଝିଲ୍ଲୀମୁଣ୍ଡା ଅଙ୍ଗନୱାଡ଼ି କେନ୍ଦ୍ରରେ ଅଘଟଣ

**ବଇଣ୍ଟା,୫।୭(ପରିକ୍ଷିତ ସାହୁ)**

୫ ବର୍ଷ ହେଲା ଅଙ୍ଗନୱାଡି ଛାତରୁ ପାଣି ଗଳୁଛି। କାନ୍ଥ ମଧ୍ୟ ଫାଟି ଯାଇଛି। ତେଣୁ ଏପରି ବିପଦପୂର୍ଣ୍ଣ କୋଠରିରେ କୁନି କୁନି ପିଲାଙ୍କୁ ନ ବସାଇବାକୁ ସତର୍କ କରିଥିଲେ ସରପଞ୍ଚ। ହେଲେ ଏଥିପ୍ରତି ସିଡିପିଓ କିମ୍ବା ବିଡିଓ କେହି ବି ଦୃଷ୍ଟି ଦେଲେ ନାହିଁ। ଫଳରେ ବୁଧବାର ଘଟିଗଲା ଅଘଟଣ। ପିଲା ଓ ଦିଦିଙ୍କ ମୁଣ୍ଡ ଉପରେ ଖସିପଡ଼ିଲା ପଲସ୍ତରା। ମୁଣ୍ଡ ଫାଟି ଯାଇଥିବାରୁ ଗୁରୁତର ହୋଇଛନ୍ତି ଦିଦି। ଆହତ ହୋଇଛନ୍ତି ୬ ଛାତ୍ରୀଛାତ୍ର।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଞ୍ଚାୟତରେ ଥିବା ଝିଲ୍ଲୀମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରର ଛାତରୁ ପଲସ୍ତରା ଖସି ଶିକ୍ଷୟିତ୍ରୀ ସୁଭାଷିନୀ ରଣା ଗୁରୁତର ହୋଇଛନ୍ତି। ୩ ଛାତ୍ରୀ ଓ ୩ ଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ଅନନ୍ୟା ବେହେରା, କରନ ସାହୁ, ତପସ୍ୱିନୀ ବେହେରା, ସାଇରାମ ସାହୁ, ମିଳନ ସାହୁ ଓ ଶୁଭମ ଭୋଇ। ସମସ୍ତଙ୍କୁ ପ୍ରଥମେ ନିକଟସ୍ଥ ବଇଣ୍ଟା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଛାତ୍ରୀଛାତ୍ରମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଗୁରୁତର ଶିକ୍ଷୟିତ୍ରୀ ସୁଭାଷିନୀଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଝିଲ୍ଲୀମୁଣ୍ଡା ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଘଟଣାରୁ ପ୍ରକାଶ, ଝିଲ୍ଲୀମୁଣ୍ଡା ଗ୍ରାମର ୨୪ ଛାତ୍ରୀଛାତ୍ର ଏହି ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠ ପଢ଼ନ୍ତି। ପୂର୍ବାହ୍ନ ୯ଟା ବେଳେ ☞ପୃଷ୍ଠା–୪

## ସ୍କୁଲଛାତରୁ ଖସିଲା ପ୍ଲାଷ୍ଟର

**ଛୁଟିଦିନ ଥିବାରୁ ବର୍ତ୍ତିଲେ ଛାତ୍ରୀଛାତ୍ର**

**ଲହୁଣୀପଡ଼ା,୫।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ଛାତରୁ ରବିବାର ପ୍ଲାଷ୍ଟର ଖସିଛି। ଉକ୍ତ ଶ୍ରେଣୀ ଗୃହରେ ନବମ ଶ୍ରେଣୀ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରିଥାନ୍ତି। ତେବେ ରବିବାର ଛୁଟି ଥିବାରୁ ଛାତ୍ରୀଛାତ୍ରମାନେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ଉକ୍ତ ସ୍କୁଲ ☞ପୃଷ୍ଠା–୪

## ଅଚେତ ଛାତ୍ରଙ୍କୁ ତାଲା ପକାଇ ପଳାଇଲେ ଶିକ୍ଷକ

**୩ ଘଣ୍ଟା ପରେ ଉଦ୍ଧାର ହେଲେ**

**ବୈଶିଙ୍ଗା, ୫।୭(ରତନ ଦାଶ)**

ସହପାଠୀଙ୍କ ମାଡ଼ରେ ଅଚେତ ହୋଇପଡ଼ିଥିବା ଜଣେ ଛାତ୍ରଙ୍କୁ ବିଦ୍ୟାଳୟ ଛୁଟି ପରେ ଶିକ୍ଷକ ତାଲା ପକାଇ ପଳାଇବା ଓ ୩ ଘଣ୍ଟା ପରେ ସେ ଉଦ୍ଧାର ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଶଇତପୁର ପଞ୍ଚାୟତର କୁରାଢ଼ିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏହି ଘଟଣା ଘଟିଛି। ଏନେଇ ଛାତ୍ରଙ୍କ ବାପା ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଖେଳଛୁଟି ସମୟରେ କୁରାଢ଼ିକ ଗ୍ରାମର ବସନ୍ତ ମହାନ୍ତଙ୍କ ତୃତୀୟ ଶ୍ରେଣୀରେ ପଢୁଥିବା ପୁଅ କୃଷ୍ଣଚନ୍ଦ୍ରଙ୍କୁ କେତେକ ସହପାଠୀ ଓ ଉପର କ୍ଲାସର ପିଲା କୌଣସି କାରଣକୁ ନେଇ ମାରପିଟ କରିଥିଲେ। ମାଡ଼ ଖାଇ କୃଷ୍ଣଚନ୍ଦ୍ର ☞ପୃଷ୍ଠା–୪

# ଉତ୍ତରଦାୟିତ୍ୱରୁ ଖସିବା ପାଇଁ 'ଅନ୍ତର୍ଘାତୀ ସିଦ୍ଧାନ୍ତ'ର ପ୍ରଚାର

**ବାହାନଗା ଟ୍ରେନ୍ ଦୁର୍ଘଟଣା: କେନ୍ଦ୍ରକୁ ଜୟରାମଙ୍କ ଟାର୍ଗେଟ**

**ନୂଆଦିଲ୍ଲୀ,୫।୭(ପି.ଟି.)**

୨୯୪ ଯାତ୍ରୀଙ୍କ ଜୀବନ ନେଇଥିବା ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପ୍ରସଙ୍ଗରେ ଉତ୍ତରଦାୟିତ୍ୱରୁ ଖସିଯିବା ପାଇଁ ରେଳ ମନ୍ତ୍ରଣାଳୟ 'ଅନ୍ତର୍ଘାତୀ ସିଦ୍ଧାନ୍ତ'ର ପ୍ରଚାର ଚଳାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଦେଶରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ଗୁଡ଼ିକର ଉଦ୍‌ଘାଟନ ଚାଲିଥିବାବେଳେ କେନ୍ଦ୍ର ସରକାରଙ୍କ 'ଭୁଲ୍ ପ୍ରାଥମିକତା' ଯୋଗୁ ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି ଘଟିଲା। କେନ୍ଦ୍ର ହେଡ୍‌ଲାଇନ୍ ମ୍ୟାନେଜମେଣ୍ଟରେ ବ୍ୟସ୍ତ ରହିଛି ବୋଲି ଜୟରାମ ଟୁଇଟ୍ କରିଛନ୍ତି। ଭୁଲ୍ ସଙ୍କେତ ଯୋଗୁ ୩ଟି ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ କମିଶନର ଅଫ୍ ରେଲୱେ ସେଫ୍‌ଟିଙ୍କ ଉଚ୍ଚସ୍ତରୀୟ ତଦନ୍ତରୁ ଜଣାପଡ଼ିବା ପରେ ଜୟରାମଙ୍କ ଏହି ମନ୍ତବ୍ୟ ଗୁରୁତ୍ୱ ବହନ କରେ। ଜୟରାମ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଜ ଉତ୍ତରଦାୟିତ୍ୱରୁ ଖସିଯିବା ପାଇଁ ଅନ୍ତର୍ଘାତୀ ସିଦ୍ଧାନ୍ତର ପରିକଳ୍ପନା ଓ ପ୍ରଚାର ଚଳାଇଛନ୍ତି। ଲୋକେଶନ୍ ବକ୍ସର ୱାୟରିଂରେ ଥିବା ଏକ ତ୍ରୁଟିକୁ ସିଗ୍‌ନାଲ ☞ପୃଷ୍ଠା–୪

# ସବୁଠୁ ଉତ୍ତପ୍ତ ମାସ ହୋଇପାରେ ଜୁଲାଇ

**୩ ତାରିଖର ହାରାହାରି ବୈଶ୍ୱିକ ତାପମାତ୍ରା ୧୭ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି**

**ୱାଶିଂଟନ୍,୫।୭**

ଗତ ସୋମବାର ବିଶ୍ୱର ସବୁଠୁ ଉତ୍ତପ୍ତ ଦିନ ଭାବେ ରେକର୍ଡ କରାଯାଇଥିବା ବିଶେଷଜ୍ଞମାନେ କହିଛନ୍ତି। ଗ୍ରୀଷ୍ମପ୍ରବାହ ବଢୁଥିବା ଯୋଗୁ ଜୁଲାଇ ସବୁଠୁ ଉତ୍ତପ୍ତ ମାସ ହୋଇପାରେ ବୋଲି ବୈଜ୍ଞାନିକଙ୍କ ପକ୍ଷରୁ ସତର୍କ କରାଯାଇଛି। ଆମେରିକା ସରକାରଙ୍କ ଦ୍ୱାରା ପରିଚାଳିତ ନ୍ୟାଶନାଲ ସେଣ୍ଟର୍ସ ଫର୍ ଏନ୍‌ଭାଇରନମେଣ୍ଟାଲ ପ୍ରେଡିକ୍ସନ (ଏନ୍‌ସିଇପି) ରିପୋର୍ଟ ଅନୁସାରେ ଜୁଲାଇ ୩ ତାରିଖର ହାରାହାରି ବୈଶ୍ୱିକ ତାପମାତ୍ରା ୧୭.୦୧ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ଘଟିଛି। ଏହାପୂର୍ବରୁ ୨୦୧୬ ଅଗଷ୍ଟରେ ଏହା ୧୬.୯୨ ଡିଗ୍ରୀ ସେଲସିୟସ୍ ଥିଲା ବୋଲି ଜଣାପଡ଼ିଛି।

ଊନବିଂଶ ଶତାବ୍ଦୀ ପରଠାରୁ ଜୁଲାଇ ୩ରେ ବୈଜ୍ଞାନିକଙ୍କ ଦ୍ୱାରା ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ବିଶେଷଜ୍ଞଙ୍କ ମତରେ ମନୁଷ୍ୟକୃତ କାରଣ ଯୋଗୁ ପ୍ରଚୁର ମାତ୍ରାରେ ଅଙ୍ଗାରକାମ୍ଳ ନିର୍ଗମନ ଏବଂ ଏଲ୍ ନିନୋର ମିଶ୍ରଣ ଯୋଗୁ ଦୈନିକ ତାପମାତ୍ରା ବୃଦ୍ଧି ପାଉଛି। ଆଗାମୀ ଦିନରେ ଏଲ୍ ନିନୋ ପ୍ରଭାବ ବଢ଼ିବାକୁ ଥିବାବେଳେ ବୈଶ୍ୱିକ ତାପମାତ୍ରାରେ ବୃଦ୍ଧି ଘଟିବା ଆଶଙ୍କା ରହିଛି। ଚଳିତବର୍ଷ ଆରମ୍ଭରୁ ଉଭୟ ସ୍ଥଳଭାଗ ଏବଂ ସମୁଦ୍ର ତାପମାତ୍ରା କ୍ରମାଗତ ବଢୁଥିବା ଲକ୍ଷ୍ୟ କରାଯାଉଛି। ସ୍ପେନ୍‌ରେ ବସନ୍ତ ଋତୁକାଳୀନ ତାତି ରେକର୍ଡ ପରିମାଣରେ ବୃଦ୍ଧି କରିଥିବାବେଳେ ଅନେକ ଏସୀୟ ଦେଶରେ ସାମୁଦ୍ରିକ ଗ୍ରୀଷ୍ମପ୍ରବାହ ଦେଖିବାକୁ ମିଳିଛି। ସେହିପରି ଚାଇନାର ଅନେକ ଅଞ୍ଚଳର ତାପମାତ୍ରା ୩୫ଡିଗ୍ରୀ ସେଲସିୟସ୍‌ରୁ ଊର୍ଦ୍ଧ୍ୱ ରହିଛି। ଦକ୍ଷିଣ ଆମେରିକାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ବଢୁଥିବା ତାପମାତ୍ରା ଯୋଗୁ ଭାରତରେ ମଧ୍ୟ ତାତି ଓ ମରୁଡ଼ି ପରିସ୍ଥିତି ଉପୁଜିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବୈଜ୍ଞାନିକଙ୍କ ମତରେ ଚଳିତ ମାସରେ ଏଲ୍ ନିନୋ ସ୍ଥିତି ଲାଗିରହିବ, ☞ପୃଷ୍ଠା–୪



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେଡ଼ି ଘେରତାଣି ଭଣ୍ଡାରି ପାତର**
**ସେ ଘର ବୁଡ଼ିବା କେତେ ମାତର।**

ଯେଉଁ ଘରେ କାର୍ଯ୍ୟ କରୁଥିବା ଦାସୀଟି ସମୟକ୍ରମେ ଘରଣୀ ପାଲଟିଯାଏ ସେ ଘରର ସମସ୍ତ ସୁଖ ଶିରୀ ନଷ୍ଟ ହୋଇଯାଏ ବୋଲି ଦେଖିବାକୁ ମିଳିଥାଏ। ଠିକ୍ ସେହିଭଳି ଯେଉଁଠି ଭଣ୍ଡାରି ନିଜ କୌଳିକ ବୃତ୍ତିକୁ ଛାଡ଼ି ମନ୍ତ୍ରଦାତା କାମ କରେ ସେ ଘରର ଅବନତି ଅବଶ୍ୟମ୍ଭାବୀ ବୋଲି ଜଣାଯାଇଥାଏ। ତେଣୁ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ କୌଣସି ଗୁରୁଦାୟିତ୍ୱ ଦିଆଗଲେ ତାହାର ପରିଣତି ଭୟାବହ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚଇତେ ନିମ ପଉଷେ ଖଇ**
**ବଇଦ ଆଗରେ ମାରିବ ହାଇ।**

ଚୈତ୍ର ମାସରେ ନିମପତ୍ର ଓ ନିମକି ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସେହିପରି ପୌଷ ମାସରେ ଖଇ ଖାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଡିଏନ୍ ଗ୍ରୁପ୍ ଉପରେ...

ପ୍ରଥମ ପୃଷ୍ଠାରୁ...

ଗ୍ରୁପ୍ ତା'ର ସାମ୍ରାଜ୍ୟ ବିସ୍ତାର କରୁଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ, ଚନ୍ଦ୍ରଶେଖର ରହୁଥିବା କ୍ୱାର୍ଟର ନଂ.୧୨୨ ତାଙ୍କ ବାପାଙ୍କ ନାମରେ ଥିଲା, ଯିଏ ପୂର୍ବରୁ ବିଏସ୍ଏନ୍ଏଲ୍‌ରେ ଚାକିରି କରୁଥିଲେ। ହେଲେ ବାପା ଓ ମା'ଙ୍କ ମୃତ୍ୟୁ ପରେ ଉକ୍ତ କ୍ୱାର୍ଟରକୁ ଚନ୍ଦ୍ରଶେଖର ଛାଡ଼ି ନ ଥିବା ସୂଚନା ମିଳିଛି। ତେବେ ଉକ୍ତ ବାସଭବନ ନିକଟରେ ଥିବା ଅନ୍ୟ ଏକ କ୍ୱାର୍ଟର(ନଂ.୧୦୪)ରେ ଚନ୍ଦ୍ରଶେଖରଙ୍କ କୁନା ସିଂ ନାମକ ଜଣେ ସମ୍ପର୍କୀୟ ରହୁଛନ୍ତି। ଉଭୟ କ୍ୱାର୍ଟରରେ ବୁଧବାର ପୋଲିସ ଉପସ୍ଥିତିରେ ଆୟକର ବିଭାଗ ପକ୍ଷରୁ ଏକକାଳୀନ ଏହି ଚଢ଼ାଉ କରାଯାଇଥିଲା। ପୋଷ୍ଟାଲ-ବିଏସ୍ଏନ୍ଏଲ୍ କଲୋନୀସ୍ଥିତ ଚନ୍ଦ୍ରଶେଖରଙ୍କ ଘରକୁ ଆୟକର ଟିମ୍ ଅଧିକ ଯାଞ୍ଚ କରିଥିଲା। ତେବେ କ୍ୱାର୍ଟର ନଂ.୧୦୪କୁ ଯାଞ୍ଚ କରିବା ସମୟରେ ଆୟକର ଟିମ୍ ୩ଟି ଟ୍ରଙ୍କ୍ ଓ ଗୋଟିଏ ଆଟାଚ୍ ପାଇଥିଲେ। ସେଗୁଡ଼ିକୁ ଖୋଲିବା ପରେ ପ୍ରାୟ ୩୦ କୋଟି ଟଙ୍କା ଥିବା ଜଣାପଡ଼ିଥିଲା। ଉକ୍ତ ଟଙ୍କା ସମେତ କମ୍ପାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ବ୍ୟାଙ୍କ ପାସ୍‌ବୁକ୍ ଆଦି ମଧ୍ୟ ଆୟକର ବିଭାଗ ବିଭିନ୍ନ ସ୍ଥାନରୁ ଜବତ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ଚଢ଼ାଉ ଜାରି ରହିଥିବାବେଳେ ଅନ୍ୟ କର୍ମଚାରୀ ଓ ନିର୍ଦ୍ଦେଶକଙ୍କ ପାଖରେ ଏଭଳି ଟଙ୍କା ଥିବା ମଧ୍ୟ ଆୟକର ବିଭାଗ ସନ୍ଦେହ କରୁଛି। ତେବେ ଜଣେ କର୍ମଚାରୀଙ୍କ ଘରୁ ଏଭଳି ବିପୁଳ ପରିମାଣରେ ଟଙ୍କା ମିଳିବାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଢ଼ାଉ ଜାରି ରହିଥିବାରୁ ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସେପଟେ ସଂସ୍ଥାର କର୍ମଚାରୀଙ୍କ ସମେତ ମାଲିକଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅନେକ ଟଙ୍କା ଜମା ରହିଥିବା ଆୟକର ବିଭାଗ ସନ୍ଦେହ କରୁଛି। ଏପରିକି ୨ରୁ ୩ ଦିନ ଧରି ଏହି ଚଢ଼ାଉ ଜାରି ରହିବ ବୋଲି ମଧ୍ୟ କୁହାଯାଉଛି। ଚଢ଼ାଉରେ ଆୟକର ବିଭାଗ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ତେବେ ବଡ଼ କଥା ହେଲା, ଡିଏନ୍ ଗ୍ରୁପରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶ ହୋଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଆୟକର ଚଢ଼ାଉରେ ବହୁ ପରିମାଣରେ ଟଙ୍କା ମିଳିବାକୁ ନେଇ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି। ଏନେଇ ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଖବରଦାତା ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି, ଡିଏନ୍ ଗ୍ରୁପର ବ୍ୟବସାୟିକ ଉତ୍‌ଥାନ ପଛରେ କାହାର ଆଶୀର୍ବାଦ ଅଛି? ଯେଉଁ ଲୋକ କଳା ଟଙ୍କା ରଖୁଛନ୍ତି ଏବଂ ଯେଉଁ ଲୋକଙ୍କ ନାଁରେ ଟିକସ ଫାଙ୍କିବା ଅଭିଯୋଗ ରହିଛି। ତାହା ଉପରୁ ରହସ୍ୟ ଉଠିବା ଦରକାର। ବିଶେଷକରି ଏଭଳି ସଂଦିଗ୍ଧ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏତେ ନିକଟତର ହେଉଛନ୍ତି କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ଏନେଇ ଡିଏନ୍ ଗ୍ରୁପ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ରାଜଧାନୀରେ ଏକାଧିକ ପ୍ରତିଷ୍ଠାନ

ଡିଏନ୍ ଗ୍ରୁପ୍‌ର ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ପ୍ରତିଷ୍ଠାନ ରହିଛି। ଏଥି ମଧ୍ୟରେ ଶପିଂ ମଲ୍, ହୋଟେଲ୍, ବାସଭବନ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ ଆଦି ବହୁ ସଂସ୍ଥା ରହିଛି। ୨୦୧୮ରୁ ଭୁବନେଶ୍ୱର ପାତ୍ରପଡ଼ାଠାରେ ଏହି ସଂସ୍ଥାର ଡିଏନ୍ ରେଗାଲିଆ ମଲ୍ ରହିଛି। ରାଜଧାନୀର ପ୍ରମୁଖସ୍ଥାନରେ ଏହି ଗ୍ରୁପ୍‌ର ବିଭିନ୍ନ ପ୍ରତିଷ୍ଠାନ ରହିଛି। ଏଥିସହ ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପୁରରେ ଏହି ସଂସ୍ଥାର 'ଦ ଉଇସ୍‌ଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ' ମଧ୍ୟ ରହିଛି। ଏପରିକି ବିଭିନ୍ନ ସ୍ଥାନରେ ୫ରୁ ଊର୍ଦ୍ଧ୍ୱ ରେସିଡେନ୍‌ସିଆଲ୍ ପ୍ରୋଜେକ୍ଟ ମଧ୍ୟ ଏହି ସଂସ୍ଥା ପକ୍ଷରୁ କରାଯାଇଛି। ଅନ୍ୟପକ୍ଷରେ ଡିଏନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜଗଦିଶ୍ ପ୍ରସାଦ ନାୟକଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଏବଂ ମୁଖ୍ୟଶାସନ ସଚିବଙ୍କ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି।

## ୫-ଟି ସଚିବଙ୍କୁ...



୫-ଟି ସଚିବଙ୍କ ଗସ୍ତକୁ କଂଗ୍ରେସ (ଉପର) ଓ ଭାଜପା ପକ୍ଷରୁ ବିରୋଧ।

ସଚିବ ପାଣ୍ଡିଆନ ସକାଳେ କଣ୍ଟାମାଳ ବ୍ଲକର ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସଭାକୁ ଯାଉଥିବା ବେଳେ ଭାଜପା ପକ୍ଷରୁ ପ୍ରଥମେ ବହୁ ସଂଖ୍ୟକ ଦଳୀୟ କର୍ମୀ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ନାରା ଦେଇ ପାଣ୍ଡିଆନ ଗୋ ବ୍ୟାକ୍ ବୋଲି କହିଥିଲେ। ଏହି ସମୟରେ ଦଳ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ପକ୍ଷରୁ ମଧ୍ୟ ଆମ୍ବଗାଁରେ କଳାପତାକା ପ୍ରଦର୍ଶନ କରାଯାଇଥିଲା। ସଚିବ କଣ୍ଟାମାଳ ବ୍ଲକରେ କାର୍ଯ୍ୟକ୍ରମ ସାରି ବୌଦ୍ଧ ଗସ୍ତ କରିଥିଲେ। ସେଠାରେ ପହଞ୍ଚିବାର କିଛି ସମୟ ପୂର୍ବରୁ ସଭାସ୍ଥଳ ନିକଟସ୍ଥ ଜିଲା ସଂଗ୍ରହାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ହଠାତ୍ ଆସି ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ପାଣ୍ଡିଆନ ଗୋ ବ୍ୟାକ୍, ଗଣତନ୍ତ୍ର ହତ୍ୟାକାରୀ ମୁଖ୍ୟମନ୍ତ୍ରୀ ବୋଲି ନାରା ଦେଇଥିଲେ। ସେଠାରେ କଂଗ୍ରେସ କର୍ମୀମାନେ ହାତରେ କଳାପତାକା ଧରି ଦେଖାଇଥିଲେ। ପୋଲିସ କଂଗ୍ରେସ କର୍ମୀମାନଙ୍କୁ ସେଠାରୁ ଉଠାଇନେଇ ଥାନାରେ ଅଟକ ରଖିଥିବା ବେଳେ ସଚିବ ଗଲା ପରେ ଛାଡ଼ିଥିଲା। ସଚିବ ବୌଦ୍ଧ ସହରର ଚନ୍ଦ୍ରଚୂଡ଼ ମନ୍ଦିରଠାରେ ନିର୍ମାଣାଧୀନ ଆଳତି ଘାଟ ପରିଦର୍ଶନରେ ଯାଉଥିବା ବେଳେ କେତେଜଣ କାର୍‌କେଡ୍‌କୁ ଅଣ୍ଡାମାଡ଼ ହୋଇଥିବା ଦେଖିବାକୁ ମିଳିଛି।

### ଅଣ୍ଡା ଦୋକାନ ବନ୍ଦକୁ ନେଇ ଚର୍ଚ୍ଚା

ମଙ୍ଗଳବାର ସୁବର୍ଣ୍ଣପୁର ଜିଲାରେ ୫-ଟି ସଚିବଙ୍କ ଗସ୍ତ ବେଳେ ତାଙ୍କ ଗାଡ଼ିକୁ ଆମ୍ ଆଦ୍‌ମୀ ପାର୍ଟିର କେତେଜଣ କର୍ମୀ ଅଣ୍ଡାମାଡ଼ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବୁଧବାର ୫-ଟି ସଚିବଙ୍କ ବୌଦ୍ଧ ଜିଲା ଗସ୍ତ ସମୟରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସର୍ତ୍ତକତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସଚିବଙ୍କ ଗସ୍ତ ରାସ୍ତାରେ ଥିବା ଅଣ୍ଡା ଦୋକାନଗୁଡ଼ିକ ବନ୍ଦ ରହିଥିଲା। ଉକ୍ତ ଦୋକାନଗୁଡ଼ିକ ପୋଲିସ କୁଆଡେ ବନ୍ଦ ରଖିବାକୁ କହିଥିବା ଚର୍ଚ୍ଚା ହେଉଛି।

## ପ୍ଲାଷ୍ଟର ଖସିବା ଭୟ: ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ମେଟ୍ ପିନ୍ଧିଲେ ଫାର୍ମାସିଷ୍ଟ




# ତାମୁଲିଆ ଓଭରବ୍ରିଜ ଉପରେ ୨ ବସ୍ ମୁହାଁମୁହିଁ, ୧୬ ଆହତ

**ବାଲେଶ୍ୱର(ମାନସ ବିଶ୍ୱାଳ)/ ରସାଲପୁର(ଶରତ ସାମଲ), ୫।୭**

ବୁଧବାର ସକାଳ ୯ଟା ବେଳେ ବାଲେଶ୍ୱର ସହର ଉପକଣ୍ଠ ତାମୁଲିଆ ଓଭରବ୍ରିଜ ଉପରେ ଦୁଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ପ୍ରାୟ ୧୬ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଉଭୟ ବସ୍‌ର ଡ୍ରାଇଭର ଗୁରୁତର ହୋଇଛନ୍ତି। ସମସ୍ତ ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଭୁବନେଶ୍ୱରରୁ ବାରିପଦା ଯାଉଥିବା ଏକ୍ ବସ୍ ଓ ବାଲେଶ୍ୱରରୁ ବାହାନଗା ଯାଉଥିବା ଏକ ବସ୍ ତାମୁଲିଆ ଓଭରବ୍ରିଜର ଏକ ଟର୍ଣ୍ଣିଂ ସ୍ଥାନରେ ମୁହାଁମୁହିଁ ହୋଇଥିଲେ। ଅଣଓସାରିଆ ପୋଲ ଉପରେ ପରସ୍ପରକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଦୁଇଟି ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଉଭୟ ବସ୍‌ର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ଅଳ୍ପକେ ଶତାଧିକ ଯାତ୍ରୀ ବର୍ତ୍ତି ଯାଇଥିବା ବେଳେ ୧୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ପ୍ରାୟ ସମସ୍ତ ଯାତ୍ରୀଙ୍କୁ ଛାଡ଼ି ଦିଆଯାଇଛି। ଦୁଇ ଗୁରୁତର ଡ୍ରାଇଭରଙ୍କୁ ଚିକିତ୍ସାଧୀନ ଅଛନ୍ତି।




ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବ୍ରିଜ ଅଣଓସାରିଆ ହୋଇଥିବା ବେଳେ ଏଥିରେ ଅନେକଗୁଡ଼ିଏ ଟର୍ନିଂ ରହିଛି। ଫଳରେ ଗାଡ଼ି ଡ୍ରାଇଭରଙ୍କୁ ଦୂରରୁ ସାମ୍ନା ପଟ ଦେଖିବାରେ ଅସୁବିଧା ହେଉଛି। ଘଟଣାସ୍ଥଳରେ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜନ ଦଳବେହେରାଙ୍କ ସମେତ ସଦରଥାନା ପୋଲିସ ପହଞ୍ଚି ବସ୍ ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦୁର୍ଘଟଣା ଯୋଗୁ ବାଲେଶ୍ୱରରୁ କୁରୁଡା ଓଟି ରୋଡ଼ରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବସ୍ ଦୁଇଟିକୁ ରାସ୍ତାରୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜବାବ ମାଗିଲେ...

ତୃତୀୟ ପୃଷ୍ଠାରୁ...

ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ କମିଟି ଗଠନ କରାଯାଇ ରତ୍ନ ଅଳଙ୍କାର ତାଲିକା ପ୍ରସ୍ତୁତ କରିବା, ରତ୍ନଭଣ୍ଡାରର ବିପଦସଙ୍କୁଳ ଅଂଶ ମରାମତି ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା, ରତ୍ନଭଣ୍ଡାରର ଚାବି ହଜେଇବା ମାମଲାରେ ଦାୟୀ ପୁରୀ ଜିଲାପାଳ କିମ୍ବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଫୌଜଦାରି ମାମଲା ଦାୟର କରି ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ହାଇକୋର୍ଟର ବୈଷୟିକ କମିଟି ଏବଂ ଏଏସ୍ଆଇ ଚିଠି ସତ୍ତ୍ୱେ ରତ୍ନଭଣ୍ଡାର ମରାମତି ନ କରି ଏହାକୁ ବିପଦସଙ୍କୁଳ ଅବସ୍ଥାରେ ରଖିବା କାରଣରୁ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ପିଟିଶନରେ ଦର୍ଶାଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ସଚିବ, ଗୃହ ସଚିବ, ପୁରୀ ଜିଲାପାଳ, ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଓ ମୁଖ୍ୟ ପ୍ରଶାସକ, ପୁରୀ ଗଜପତି ମହାରାଜା, ଏଏସ୍ଆଇ ମହାନିର୍ଦ୍ଦେଶକ ଓ ସୁପରିଣ୍ଟେଣ୍ଡେଣ୍ଟ ଏବଂ ସିବିଆଇ ନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

## ଶ୍ରୀମନ୍ଦିରରେ ଭକ୍ତଙ୍କ...

ଅଟକାଯାଉ। ହାପ୍ ପ୍ୟାଣ୍ଟ ପିନ୍ଧି ଆସୁଥିବା ପୁରୁଷମାନଙ୍କୁ ଶ୍ରୀମନ୍ଦିରକୁ ଛଡ଼ା ନ ଯାଉ। ମହିଳାମାନେ ପାରମ୍ପରିକ ଶାଢ଼ି, ଯୁବତୀମାନେ ସାଲୱାର ପଞ୍ଜାବୀ ପିନ୍ଧିବା ସହ ଓଢ଼ଣି ପକାଇବା ଆବଶ୍ୟକ। ପୁରୁଷମାନେ ଧୋତି, ମଠା ଓ ଗାମୁଛା ପରିଧାନ କରିବା ଉଚିତ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଚେଞ୍ଜିଂ ରୁମ୍ ବ୍ୟବସ୍ଥା ହେବା ଦରକାର, ଯେଉଁଠାରେ ଭକ୍ତମାନେ ପୋଷାକ ବଦଳାଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିପାରିବେ। ଫଳରେ ଶ୍ରୀମନ୍ଦିରରେ ପବିତ୍ରତା ରକ୍ଷା ସହ ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇପାରିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯିବ। ତେବେ ଯେଉଁମାନେ ଶ୍ରୀମନ୍ଦିରର ପରମ୍ପରା ନଷ୍ଟ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିଯୋଗ ସମ୍ପାଦକ କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ସେବକ ଗଣେଶ ଦାସମହାପାତ୍ର ସମାନ ମତପୋଷଣ କରିଛନ୍ତି। ସେ କହିଛନ୍ତି, ଦକ୍ଷିଣ ଭାରତରେ ମହିଳାମାନେ ଅତି ପବିତ୍ରତାର ସହ ଉତ୍ତମ ପୋଷାକ ପରିଧାନ କରି ମନ୍ଦିରକୁ ଯାଇଥାନ୍ତି। ତେଣୁ ଶ୍ରଦ୍ଧାଳୁମାନେ ପାଶ୍ଚାତ୍ୟ ପୋଷାକ ପିନ୍ଧି ଶ୍ରୀମନ୍ଦିରକୁ ନ ଆସିବା ଉଚିତ୍। ଅନ୍ୟତମ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ଚାରି ଧାମ ମଧ୍ୟରେ ଏକ ପ୍ରମୁଖ ପୀଠ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଧାର୍ମିକ ମନୋଭାବ ନେଇ ଆସିବା ଦରକାର। ଯଦି ପାଶ୍ଚାତ୍ୟ ପୋଷାକ ପିନ୍ଧିକି ଆସିବେ ତେବେ ମନୋଭାବ ଅଲଗା ରହିବ। ଅନେକ ଯୁବପିଢ଼ି ଯେଉଁଭଳି ଭାବେ ପାଶ୍ଚାତ୍ୟ ପୋଷାକ ପିନ୍ଧି ଆସୁଛନ୍ତି ତାହା ଶୋଭନୀୟ ନୁହେଁ। ମନ୍ଦିର ଏକ ପର୍ଯ୍ୟଟକସ୍ଥଳ ନୁହେଁ। ତେଣୁ ଭାରତୀୟ ପରମ୍ପରା ପ୍ରତି ସମ୍ମାନ ଜଣାଇ ଭକ୍ତମାନେ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିରକୁ ଆସିବା ଉଚିତ। ପୂର୍ବରୁ ସେବାୟତଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ ହୋଇଥିଲା। ତେଣୁ ଏବେ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସ୍ କୋଡ୍ ଲାଗୁ ହେବା ଉଚିତ। ନିଯୋଗର ଏହି ଦାବି ତଥା ପ୍ରସ୍ତାବକୁ ଅନେକ ସେବାୟତ ଓ ଭକ୍ତ ଯଥାର୍ଥ ବୋଲି କହିଛନ୍ତି। ବାମଦେବ ମିଶ୍ର, ଜଗନ୍ନାଥ ସାହୁ ଓ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ଭକ୍ତ କହିଛନ୍ତି, ଶ୍ରୀମନ୍ଦିରରେ ଏଭଳି ବ୍ୟବସ୍ଥା ହେବା ଉଚିତ। କାରଣ ଏହାଦ୍ୱାରା ଅନ୍ୟର ଭକ୍ତିଭାବରେ ବିଭ୍ରାଟ ସୃଷ୍ଟି ହେବନାହିଁ। ତେବେ ଅନ୍ତତଃପକ୍ଷେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ କ୍ଷେତ୍ରରେ ଏହା ଲାଗୁ କରା ନ ଯାଉ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି, ଏ ନେଇ ପରିଚାଳନା କମିଟିରେ ଆଲୋଚନା କରାଯିବ। ସମସ୍ତଙ୍କ ସହମତିରେ ନିଷ୍ପତ୍ତି ନିଆଯିବା ପରେ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବର ୨୧ରେ ଶ୍ରୀମନ୍ଦିରରେ ସେବାୟତଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ କରାଯାଇଥିଲା। ପରେ ସେହିବର୍ଷ ନଭେମ୍ବର ୫ରୁ ଶ୍ରୀମନ୍ଦିର କର୍ମଚାରୀଙ୍କ ନିମନ୍ତେ ଡ୍ରେସ୍‌କୋଡ୍ ଲାଗୁ ହୋଇଥିଲା। କିଛିଦିନ ଏହା କାର୍ଯ୍ୟକାରୀ ହେବା ପରେ ଶିଥିଳ ପଡ଼ିଯାଇଛି। ସେହିପରି ପରବର୍ତ୍ତୀ ସମୟରେ ଭକ୍ତଙ୍କ ସକାଶେ ଡ୍ରେସ୍ କୋଡ୍ ଲାଗୁ କରାଯିବା ନେଇ ମଧ୍ୟ ପ୍ରସ୍ତାବ ରହିଥିଲା। ମାତ୍ର ପରେ ସେଥିପ୍ରତି ଆଉ ଗୁରୁତ୍ୱ ଦିଆଯାଇ ନ ଥିଲା। ଏବେ ପୁଣି ସେହି ଦାବି ଉଠିଛି।

## ଖସିଲା ପଲସ୍ତରା...

୨୩ ଛାତ୍ରୀଛାତ୍ର ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିଲେ। ସେମାନେ ବିପଦସଙ୍କୁଳ ଅବସ୍ଥାରେ ଥିବା କୋଠରିରେ ବସିଥିବା ବେଳେ ସାଢ଼େ ୧୦ଟା ବେଳେ ହଠାତ ଛାତରୁ ପଲସ୍ତରା ଖଣ୍ଡମାନ ଖସିବା ଆରମ୍ଭ ହୋଇଥିଲା। ପ୍ରଥମେ ପଲସ୍ତରାର କିଛି ଅଂଶ ଛାତ୍ର ଶୁଭମଙ୍କ ମୁଣ୍ଡରେ ପଡିଥିଲା। ଏହାପରେ ଅନ୍ୟ ୫ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ସୁଭାଷିନୀଙ୍କ ଉପରେ ପଲସ୍ତରା ଖସିପଡ଼ିଥିଲା। ଏଥିରେ ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଛାତୀଛାତ୍ରମାନେ ଆହତ ହୋଇଥିଲେ। ଏହା ଦେଖି ଅନ୍ୟମାନେ ଭୟରେ ବାହାରକୁ ପଳାଇ ଯାଇଥିଲେ। ଖବରପାଇ ଅଭିଭାବକମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଶିକ୍ଷୟିତ୍ରୀ ଓ ଆହତ ପିଲାମାନଙ୍କୁ ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଗ୍ରାମବାସୀ କହିଛନ୍ତି, ୨୦୦୯ ମସିହାରେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇଥିଲା। ହେଲେ ତତ୍କାଳୀନ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଭିତିରି ବୁଝାମଣା ଯୋଗୁ ଅତି ନିମ୍ନମାନର କାର୍ଯ୍ୟ କରାଯାଇଥିଲା। ଏଥିଯୋଗୁ ୨୦୧୮ ମସିହାରୁ ଏହି କେନ୍ଦ୍ରର ଛାତରୁ ବର୍ଷା ପାଣି ଗଳୁଛି। କାନ୍ଥ ଫାଟି ଯିବାରୁ ଏହା ବିପଦସଂକୁଳ ଅବସ୍ଥାରେ ରହିଛି। ସରପଞ୍ଚ ଭରତ ଚନ୍ଦ୍ର ସାହୁ କହିଛନ୍ତି, ବିପଦପୂର୍ଣ୍ଣ ଏହି କେନ୍ଦ୍ରରେ ପିଲାଙ୍କୁ ପାଠ ନ ପଢ଼ାଇବା ପାଇଁ ୧୨ ମାର୍ଚ୍ଚ ୨୦୨୨ ଓ ୪ ଏପ୍ରିଲ ୨୦୨୩ରେ ଆଠମଲ୍ଲିକ ସିଡିପିଓ ଏବଂ ବିଡିଓଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ ଏ ଦିଗରେ ଆଦୌ ଦୃଷ୍ଟି ଦିଆଯାଇ ନ ଥିଲା। ତୁରନ୍ତ ଏକ ନୂତନ କେନ୍ଦ୍ର ନିର୍ମାଣ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଝିଲ୍ଲୀମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ବହୁ ବିଳମ୍ବରେ ସିଡିପିଓ ଏବଂ ବିଡିଓ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ସିଡିପିଓ ତରଙ୍ଗିନୀ ମିର୍ଦ୍ଧା କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ସରକାରଙ୍କୁ ଅବଗତ କରାଯିବ। ଆଠମଲ୍ଲିକ ଉପ ଜିଲାପାଳ ତରଣୀ ସୁନା କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ସ୍କୁଲଛାତରୁ ଖସିଲା...

ରୂପାନ୍ତରଣ କାର୍ଯ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବଣେଇ ତତ୍ତ୍ୱାବଧାନରେ ଚାଲିଥିଲା। କାମ ନିମ୍ନମାନର ଯୋଗୁ ଏପରି ଘଟିଲା ବୋଲି ଅଭିଭାବକମାନେ ଆଶଙ୍କା କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ମହିମା ହେମ୍ବ୍ରମଙ୍କୁ ପଚାରିବାରୁ, ଶନିବାର ସ୍ୱାଭାବିକଭାବେ ପାଠପଢ଼ା ହୋଇଥିଲା। ରବିବାର ଛାତରୁ ପ୍ଲାଷ୍ଟର ଖସିଛି। କାରଣ ସୋମବାର ବିଦ୍ୟାଳୟ ଖୋଲିବା ପରେ ପ୍ଲାଷ୍ଟର ଖସିଥିବା ଆମେ ଦେଖିବାକୁ ପାଇଥିଲୁ। ଘଟଣା ସମ୍ପର୍କରେ ପିଏଆଇଟିଡିଏ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଛୁ ବୋଲି ସେ କହିଛନ୍ତି। ସୌଭାଗ୍ୟ ବଶତଃ ଯଦି ପାଢ଼ପଠା ସମୟରେ ପ୍ଲାଷ୍ଟର ଖସି ଥା'ଆନ୍ତା ତେବେ ଛାତ୍ରୀଛାତ୍ର ଆହତ ହୋଇଥାନ୍ତେ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ରେବତୀ ମୋହନ ମହାପାତ୍ର କହିଛନ୍ତି। ତେବେ ଏହାର ଉପଯୁକ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଭ୍ୟାସଭ୍ୟ, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଅଚେତ ଛାତ୍ରଙ୍କୁ...

ଶ୍ରେଣୀଗୃହରେ ଅଚେତ ହୋଇପଡ଼ିଥିଲେ। ସ୍କୁଲ ଛୁଟି ହେବାରୁ ସମସ୍ତ ପିଲା ଘରକୁ ପଳାଇଥିବା ବେଳେ କୃଷ୍ଣଚନ୍ଦ୍ର ସେହିଠାରେ ପଡ଼ି ରହିଥିଲେ। ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟରେ ତାଲା ପକାଇ ପଳାଇଥିଲେ। କୃଷ୍ଣଚନ୍ଦ୍ର ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ୭ଟା ବେଳକୁ ସେହି ବାଟ ଦେଇ ଯାଉଥିବା ଉକ୍ତ ଗ୍ରାମର ସୁଭଦ୍ରା ମହାନ୍ତ ନାମ୍ନୀ ଜଣେ ମହିଳା କୃଷ୍ଣଚନ୍ଦ୍ରଙ୍କ କାନ୍ଦ ଶୁଣି ଝରକା ରେଲିଂ ଭାଙ୍ଗି ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲେ। ଏ ସଂକ୍ରାନ୍ତରେ ବୁଧବାର ଛାତ୍ରଙ୍କ ବାପା ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିନ୍ତାମଣି ମହାନ୍ତଙ୍କୁ ପଚାରିବାରୁ ମଙ୍ଗଳବାର ବିଦ୍ୟାଳୟ ଛୁଟି ହେବା ପୂର୍ବରୁ ସେ ସହକାରୀ ଶିକ୍ଷକ ବିଳାସ ଚନ୍ଦ୍ର ମହାନ୍ତଙ୍କୁ ଦାୟିତ୍ୱ ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତେଣୁ ଏ ବିଷୟରେ କିଛି କହିପାରିବେ ନାହିଁ। ତେବେ ବିଦ୍ୟାଳୟ ଝରକା ଆଗରୁ ଭଙ୍ଗା ଥିଲା ଓ ସ୍କୁଲ ଛୁଟି ପରେ ପିଲାମାନେ ମାରଧର ହେବାରୁ କେହି ପିଲା କୃଷ୍ଣଚନ୍ଦ୍ରଙ୍କୁ ଭଙ୍ଗା ଝରକା ବାଟେ ଶ୍ରେଣୀଗୃହ ଭିତରକୁ ପୂରାଇ ଦେଇଥାଇପାରନ୍ତି ବୋଲି ସେ କହିଛନ୍ତି।

## ଉତ୍ତରଦାୟିତ୍ୱରୁ ଖସିବା...

ଆଣ୍ଡ୍ ଟେଲିକମ୍ (ଏସ୍ଆଣ୍ଡଟି) ଷ୍ଟାଫ୍ ଗତ ୫ ବର୍ଷ ମଧ୍ୟରେ ଧରି ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସର୍କିଟ୍‌ଗୁଡ଼ିକର ଭୁଲ୍ ଲେବେଲିଂ ଓ ସର୍କିଟ୍ କାମ କରୁଛି କି ନାହିଁ ତାହା ଯାଞ୍ଚ ନ କରିବା ହେଉଛି ସବୁଠୁ ବଡ଼ ବିଫଳତା ବୋଲି ଜୟରାମ କହିଛନ୍ତି। ପ୍ରକାଶ ଯେ, ଜୁନ୍ ୨ରେ ବାହାନଗା ବଜାର ନିକଟରେ କରମଣ୍ଡଳ ଏକ୍ସପ୍ରେସ୍, ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ ଓ ଏକ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହୋଇ ୨୯୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧,୦୦୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ।

## ସବୁଠୁ ଉତ୍ତପ୍ତ ମାସ...

ଯାହାଫଳରେ ପ୍ରଶାନ୍ତ ମହାସାଗରୀୟ ତାପମାତ୍ରା ବୃଦ୍ଧି ପାଇବ। ପ୍ରଥମଥର ପାଇଁ ଗ୍ଲୋବାଲ ସରଫେସ୍ ଏୟାର ଟେମ୍ପରେଚର ୧୭° ସେଲସିୟସ ବଢ଼ିଥିବା ପାଣିପାଗ ଗବେଷକ ଲେଓନ ସିମୋନ୍ସ କହିଛନ୍ତି। ପ୍ରତ୍ୟେକ ଦିନ ଏଲ୍ ନିନୋ ଦ୍ୱାରା ଲୋକେ ପ୍ରଭାବିତ ହେବା ଆଶଙ୍କା ରହିଛି। ଅନ୍ୟପକ୍ଷେ ଗତ ଜୁନ୍‌ରେ ବିଶ୍ୱର ହାରାହାରି ତାପମାତ୍ରା ୧.୪୬° ସେଲସିୟସ ବୃଦ୍ଧି ପାଇଥିଲା। ୟୁକ୍ରେନ୍ ଭର୍ନାଡସ୍କି' ରିସର୍ଚ୍ଚ ରିପୋର୍ଟ ତଥ୍ୟ ଅନୁସାରେ ଚଳିତ ମାସରେ ଆଣ୍ଟାର୍କଟିକା ତାପମାତ୍ରା ୮.୭° ସେଲ୍‌ସିୟସ୍ ବଢ଼ିଛି। ଜୁଲାଇରେ ସର୍ବାଧିକ ତାତି ଅନୁଭୂତ ହେବାକୁ ଥିବାବେଳେ ଚଳିତ ବର୍ଷ ଏହା ସବୁଠୁ ଉତ୍ତପ୍ତ ମାସ ହୋଇପାରେ ବୋଲି ୟୁନିଭର୍ସିଟି ଅଫ୍ ଲେଇପଜିଙ୍ଗର ପ୍ରଫେସର କାରଷ୍ଟେନ୍ ହାଉଷ୍ଟେନ୍ ମତ ରଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜିର ଦଶମସ୍ଥ ଚନ୍ଦ୍ର ଉଚ୍ଚତର ଶିକ୍ଷା, ସନ୍ତାନଙ୍କ ସ୍ୱାସ୍ଥ୍ୟ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ପାରିବାରିକ କ୍ଷେତ୍ରରେ ସନ୍ଦେହଜନିତ ଅଶାନ୍ତି ସୃଷ୍ଟି ଆଶଙ୍କାକୁ ଏଡ଼ି ହେବନାହିଁ। କାମଗୁଡ଼ିକ ଯଥା ସମୟରେ ହେଉ ନ ଥିବାରୁ ମନ ବିରକ୍ତ ରହିବ। ବହୁ କଷ୍ଟରେ ଆବଶ୍ୟକ ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ।

**ବୃଷ:** ଆଜି ବୁଧାଦିତ୍ୟ ଯୋଗ ପ୍ରଭାବରୁ ଅପ୍ରିୟ ସତ୍ୟ କହି କଳହକୁ ନିମନ୍ତ୍ରଣ କରିପାରନ୍ତି। ସଙ୍ଗଠନ, ରାଜନୀତି, ପ୍ରଶାସନ କ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦର ସୁଅ ଛୁଟିଲେ ସୁଦ୍ଧା ସେଥିରେ ଭାଗ ନେଇପାରିବେ ନାହିଁ। ଆର୍ଥିକ ସମସ୍ୟାରେ ଚିନ୍ତିତ ରହିବା ସୂଚନା ଥିଲେ ମଧ୍ୟ କିଛି କରିପାରିବେ ନାହିଁ।

**ମିଥୁନ:** ନବମସ୍ଥ ଶନି ହେତୁ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ପରିବାରର ଖର୍ଚ୍ଚ କମାଇବା ପାଇଁ ଚେଷ୍ଟାକରି ଅସଫଳ ହେବେ। ଆଦୌ ପଡୁ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ପରପାଖରେ ନେହୁରା ହେବାକୁ ପଡ଼ିବ।

**କର୍କଟ:** ରବି ଏକାଦଶରେ ଥିବାରୁ ଆର୍ଥିକ ଦିଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଖଳଲୋକମାନେ ଅପପ୍ରଚାର କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଖୋଜୁଥିବା ଜିନିଷଟିର ସନ୍ଧାନ ଆଜି ସନ୍ଧ୍ୟା ସମୟରେ ପାଇବେ।

**ସିଂହ:** ଭୁଲ୍ ବୁଝାମଣା ହେତୁ ନିଜର କୌଣସି ବ୍ୟକ୍ତିଙ୍କ ସହ ଆକସ୍ମିକ କଳହ ମଧ୍ୟ ଲାଗିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ।

**କନ୍ୟା:** ପରିବାରରେ ପାତରଅନ୍ତର ନୀତିକୁ କେନ୍ଦ୍ରକରି ଅଶାନ୍ତି ସୃଷ୍ଟି ହେବ। କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ପଡ଼ି ବ୍ୟୟ ଅଧିକ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ମାଲି ମକଦ୍ଦମାରେ ସନ୍ତୋଷଜନକ ଫଳ ପାଇବେ। ମହିଳାମାନେ ଅସନ୍ତୁଷ୍ଟ ରହିବେ।

**ତୁଳା:** ଗୁରୁଚଣ୍ଡାଳ ଯୋଗଜନିତ ସମସ୍ୟା ଲାଗିରହୁଥିବାରୁ ମାନସିକ ସ୍ଥିରତା ରହି ନ ପାରେ। ପିଲାଙ୍କ କୌଣସି ବ୍ୟତିକ୍ରମ ମନକୁ ବାରମ୍ବାର ଆଲୋଡ଼ିତ କରିବ। ପୂର୍ବ ସ୍ଥିରୀକୃତ ଦୂରଯାତ୍ରା ପାଇଁ ପ୍ରସ୍ତୁତି ଅନିବାର୍ଯ୍ୟ କାରଣବଶତଃ ବାତିଲ ହୋଇଯାଇପାରେ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଓ ସ୍ଥଗିତ କାମ ତ୍ୱରାନ୍ୱିତ ହେବ।

**ବିଛା:** ସାମାଜିକ ଜୀବନରେ ଆଦର ଓ ସମ୍ମାନ ଲାଭକରି ଖୁସି ଅନୁଭବ କରିବେ। ଆନୁଷ୍ଠାନିକ କାମ, ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ଆଜିର ଆଲୋଚନା ଅସମାପ୍ତ ରହିପାରେ। ପାରିବାରିକ ତିକ୍ତତାର ସମାପ୍ତି ସକାଶେ ଚେଷ୍ଟା କରିପାରନ୍ତି। ବିବାଦୀୟ ଘଟଣାରେ ଆଶଙ୍କା କରୁଥିବା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ ନାହିଁ।

**ଧନୁ:** ଦୁରବସ୍ଥା ବଦଳିଯିବା କାରଣରୁ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ଘରୋଇ କ୍ଷେତ୍ରରେ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବ୍ୟବସାୟ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ।

**ମକର:** ଉପର ମନରେ ମିଠାକଥା କହି କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ଧନିଷ୍ଠା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କିଛି ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରିପାରେ। ନିଜ ନିଜର ସ୍ୱାର୍ଥସାଧନ ନିମିତ୍ତ ଅନ୍ତରଙ୍ଗ ବନ୍ଧୁମାନେ ମଧ୍ୟ ଆଜି ଦୂରେଇ ରହିବେ। ମତାନ୍ତର ଜନିତ ପରିବାରରେ ମତ ପାର୍ଥକ୍ୟ ଦେଖାଦେବା ସମ୍ଭାବନା ରହିଛି।

**କୁମ୍ଭ:** ତୃତୀୟସ୍ଥ ପାପଗ୍ରହ ହେତୁ ଯାହାକୁ ବିଶ୍ୱସ୍ତ ଭଳି ଚିନ୍ତା କରୁଥିବେ ତାହାର କାର୍ଯ୍ୟକଳାପ ସନ୍ଦେହଜନକ ରହିବ। ପ୍ରତି କ୍ଷେତ୍ରରେ ଦେଖି, ଚିହ୍ନି, ପରଖି ଆଗକୁ ବଢ଼ିବା ଠିକ୍ ହେବ। ଆଜିର ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, କଳା, ସଙ୍ଗୀତ ଓ ଏଜେନ୍ସିରେ ପ୍ରଶଂସିତ ହେବେ।

**ମୀନ:** ପାପଗ୍ରହ ମଧ୍ୟସ୍ଥ ରାଶିହେତୁ ବିଭିନ୍ନ ନକାରାତ୍ମକ ଭାବନା ମନକୁ ବିଚଳିତ କରିବ। ଅଦୁଆ ସୂତାକୁ ସଜାଡୁ ସଜାଡୁ ଲକ୍ଷ୍ୟପ୍ରାପ୍ତିର ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ହୋଇଯାଇପାରେ। ଆପୋସ ଆଲୋଚନାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଏତଦ୍‌ବ୍ୟତୀତ ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଥୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଜୁଲାଇ ୬ ତାରିଖ। ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୬ ଗତେ, ଘ.୦୬।୦୯ ମଧ୍ୟେ, ଘ.୦୯।୩୯ ଗତେ, ଘ.୧୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୩୦ ଗତେ, ଘ.୦୩।୦୮ ମଧ୍ୟେ ରାହୁକାଳ।

# ‘ଗଣତାନ୍ତ୍ରିକ ମୂଲ୍ୟବୋଧର ବାହକ ହୁଅନ୍ତୁ ଯୁବପିଢ଼ି’





ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟଠାରେ ବୁଧବାର ଆୟୋଜିତ ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର।

## ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

**ବଲାଙ୍ଗୀର, ୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବବୃହତ୍ ଯୁବଶକ୍ତିସମ୍ପନ୍ନ ଦେଶ ହେବା ସତ୍ତ୍ୱେ ଭାରତ ଏବେ ବି ବିକାଶଶୀଳ ରାଷ୍ଟ୍ର ଭାବେ ପରିଗଣିତ ହେଉଛି। ଯୁବବର୍ଗଙ୍କ ଏଇ ବୃହତ୍ ଜନସଂଖ୍ୟାର ଦେଶ ବେକାରି, ବେରୋଜଗାରି, ଅଶିକ୍ଷା ଏବଂ ନିଶା ସମସ୍ୟାରେ ଜର୍ଜରିତ ହେଉଛି। ଏଭଳି ସମୟରେ ଦେଶର କେତେକ ଗଣମାଧ୍ୟମ ଅସଲ ସମସ୍ୟାକୁ ଲୋକଲୋଚନକୁ ଆଣିବା ପରିବର୍ତ୍ତେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ମିଥ୍ୟା ପ୍ରଚାରରେ ମାତିଛନ୍ତି। ଦେଶର ଜନସାଧାରଣଙ୍କୁ ଭୁଲ୍ ତଥ୍ୟ ଦେଇ ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରୁଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଯୁବପିଢ଼ି ଭିତରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଜାଗର କରାଯାଇପାରିବ ନାହିଁ ସେତେଦିନ ଯାଏ ଗଣତନ୍ତ୍ର ସଫଳ ହେବ ନାହିଁ ବୋଲି ବୁଧବାର ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତଗଣମାଧ୍ୟମ,ଗଣତନ୍ତ୍ରଓଯୁବପିଢ଼ିଶୀର୍ଷକବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଥିଲେ।

ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ନାତକ ଶ୍ରେଣୀ ଦର୍ଶନ ସମ୍ମାନ ଛାତ୍ର ସାଇ ବିନାୟକ ମିଶ୍ର ପ୍ରଥମ, ଇଂରାଜୀ ସମ୍ମାନ ଛାତ୍ର ପୁନମ କୁମାର ଦିଶ୍ରୀ ଦ୍ୱିତୀୟ ଏବଂ ଇଂରାଜୀ ସମ୍ମାନ ଛାତ୍ରୀ ଦୀପ୍ତିମୟୀ ତାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଚାରକଭାବେ ବଲାଙ୍ଗୀର ଯୁବୋଦୟ କଲେଜ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଏବଂ ଟିଟିଲାଗଡ଼ ଡିଏଭି ସ୍ୱୟଂଶାସିତ କଲେଜ ଅଧ୍ୟାପକ ଜୟଦେବ କର ଯୋଗଦାନ କରିଥିଲେ। ଅତିଥିଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡ. ପ୍ରତାପ କୁମାର ଦାଶ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପକ ଡ. ସୁଶାନ୍ତ କୁମାର ପଣ୍ଡା ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ଧରିତ୍ରୀର ଜିଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ଗଣମାଧ୍ୟମ, ଗଣତନ୍ତ୍ର ଏବଂ ଯୁବପିଢ଼ି ଶୀର୍ଷକ ବିଷୟରେ ବକ୍ତବ୍ୟ ରଖି ପ୍ରତିଯୋଗୀମାନେ କହିଥିଲେ, ଗଣତନ୍ତ୍ର ଶାସନ ବ୍ୟବସ୍ଥା ଲୋକଙ୍କର, ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କ ଦ୍ୱାରା ଶାସନ ବୋଲି କୁହାଯାଉଥିଲେ ମଧ୍ୟ ଏବେ ଗଣତନ୍ତ୍ର କହିଲେ ଭୋଟ ଓ ନୋଟ୍‌ର ଶାସନ ବୋଲି ବୁଝାପଡୁଛି। ଗଣତନ୍ତ୍ରକୁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା କୁହାଯାଉଥିଲେ ମଧ୍ୟ ଏବେ ଏହା ଦୁର୍ନୀତିଗ୍ରସ୍ତଙ୍କ ଶାସନ ବୋଲି ବୁଝାପଡୁଛି। ଗଣତନ୍ତ୍ରରେ ଯୁବପିଢ଼ି ଓ ଗଣମାଧ୍ୟମର ବଡ଼ ଭୂମିକା ରହିଆସିଛି। ମାତ୍ର ଆଜିର ଯୁବପିଢ଼ି ଗଣତନ୍ତ୍ର ପ୍ରତି ବୀତସ୍ପୃହ ଏବଂ କେତେକ ଗଣମାଧ୍ୟମ ଦୁର୍ନୀତିଖୋର ଶାସକବର୍ଗଙ୍କ ଚାଟୁକାର ସାଜିଛନ୍ତି। ଏଭଳି ଚାଲିଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭୁଶୁଡ଼ିବାକୁ ବେଶି ସମୟ ଲାଗିବ ନାହିଁ। ଏଣୁ ନିରପେକ୍ଷ ଗଣମାଧ୍ୟମ ଏବଂ ସୁଦକ୍ଷ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରତିଯୋଗୀମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରତିନିଧି ଝାଙ୍କର ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ନିଆଯାଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ। ବିଚାରକ ଅଧ୍ୟାପକ କର ସାମ୍ପ୍ରତିକ ବିଶ୍ୱରେ ଭାରତ, ଗଣତନ୍ତ୍ର ଓ ଗଣମାଧ୍ୟମ ଉପରେ କହିଥିଲେ। ଯୁବପିଢ଼ିଙ୍କ ସମ୍ମୁଖରେ ଅସଲ ଆହ୍ୱାନ କ'ଣ ସେ ଉପରେ ଆଲୋଚନା କରିଥିଲେ। ଅତିଥିଭାବେ ଯୋଗଦେଇଥିବା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପ୍ରାଧ୍ୟାପକ ଦାଶ ଧରିତ୍ରୀର ୫୦ ବର୍ଷ ପଦାର୍ପଣ ଅବସରରେ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ଏଭଳି ଏକ ବିଷୟରେ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନାର ମଞ୍ଚ ପ୍ରଦାନ କରିଥିବାରୁ ଧରିତ୍ରୀ ପରିବାରକୁ ସାଧୁବାଦ ଜଣାଇଥିଲେ। ଏଭଳି ପଦକ୍ଷେପ ଦ୍ୱାରା ଛାତ୍ରୀଛାତ୍ର ଗଣତନ୍ତ୍ର ଓ ଗଣମାଧ୍ୟମ ବିଷୟରେ ଅଧିକ ସଚେତନ ହେବେ ବୋଲି କହିଥିଲେ। ଅନ୍ୟତମ ଅତିଥି ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପଣ୍ଡା ଯୁବକଙ୍କୁ ପ୍ରତିସ୍ପର୍ଦ୍ଧି କରିବା ସହ ସାମ୍ପ୍ରତିକ ସମାଜ ଓ ଶାସନ ବ୍ୟବସ୍ଥା ପ୍ରତି ସଜାଗ ରଖିବା ଦିଗରେ ଧରିତ୍ରୀ ପ୍ରୟାସ କରିଥିବାରୁ ସାଧୁବାଦ ଜଣାଇଥିଲେ। ଶେଷରେ ଧରିତ୍ରୀ ଫଟୋ ଖବରଦାତା ସୁନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସରକାର ଯାହା ଲୁଚେଇବାକୁ ଚେଷ୍ଟା କରନ୍ତି ତାହାହିଁ ଖବର। ତାହା ଲୋକଲୋଚନକୁ ଅଣାଯିବା ହିଁ ସାମ୍ବାଦିକତା। କିନ୍ତୁ ଆଜିର ସମୟରେ କେତେକ ଗଣମାଧ୍ୟମ ସରକାରଙ୍କ ଗୁଣଗାନକୁ ଖବର ବୋଲି ପରିବେଷଣ କରିବାରେ ବ୍ୟସ୍ତ ଅଛନ୍ତି। ସ୍ୱଚ୍ଛ ଓ ମୁକ୍ତ ଗଣମାଧ୍ୟମ ସୂଚକାଙ୍କରେ ଭାରତର ସ୍ଥିତି ନିରାଶାଜନକ ରହିଛି।

**- ପୁନମ କୁମାର ଦିଶ୍ରୀ**



ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବାକୁ ହେଲେ ଗଣମାଧ୍ୟମ ପ୍ରଥମେ ଶିକ୍ଷା ସଚେତନତାର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ଉଚିତ। ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଜନମତ ସୃଷ୍ଟି କରିବା ଗଣମାଧ୍ୟମର ପ୍ରାଥମିକତା ହେବା ଉଚିତ।

**- ସାଇ ବିନାୟକ ମିଶ୍ର**



ଯୁବପିଢ଼ି ଓ ଗଣମାଧ୍ୟମ ଗଣତନ୍ତ୍ରର ଦୁଇଟି ପାର୍ଶ୍ୱ। ଯେତେବେଳେ ବି କୌଣସି ଜଟିଳ ପରିସ୍ଥିତି ଆସିଛି ଗଣମାଧ୍ୟମ ଓ ଯୁବପିଢ଼ି ସବୁଠୁ ଅଧିକ ସକ୍ରିୟ ହୋଇଛନ୍ତି। ନକାରାତ୍ମକତା ଛାଡି ସକାରାତ୍ମକ ଚିନ୍ତନ ଯୁବପିଢ଼ିକୁ ଆଗୁଆ ଓ ଦକ୍ଷତାସମ୍ପନ୍ନ କରିପାରିବ।

**- ସୁମନ କୁମାର ନନ୍ଦ**



ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଗଣମାଧ୍ୟମ ଉପନିବେଶବାଦ୍ ବିରୋଧରେ କାର୍ଯ୍ୟ କରୁଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ଭୂମିକା ଅନସ୍ୱୀକାର୍ଯ୍ୟ। ହେଲେ ଆଜି କିଛି ଗଣମାଧ୍ୟମ ଗୋଟିଏ ଖବରକୁ ବାରମ୍ବାର ପ୍ରଚାରକରି କ'ଣ ଉଦ୍ଦେଶ୍ୟ ସାଧନ କରୁଛନ୍ତି ତାହା ତାଙ୍କୁ ଜଣା। ଯୁବପିଢ଼ି ସଚେତନ ହେବା ଜରୁରୀ।

**- ବିକାଶ ତ୍ରିପାଠୀ**



ଗଣମାଧ୍ୟମକୁ ଛାଡ଼ି ଗଣତନ୍ତ୍ର ଅପୂର୍ଣ୍ଣ। ହେଲେ ଆଜି କେତେକ ଗଣମାଧ୍ୟମ ନିଃସ୍ୱାର୍ଥପର ହୋଇ କାମ କରୁନାହାନ୍ତି। ଅନେକ ସମୟରେ ସମାଜରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହେଉଛି। ଏପର୍ଯ୍ୟନ୍ତ ଆମେ ସଫଳ ଗଣତନ୍ତ୍ରର ସ୍ୱାଦ ଚାଖି ପାରିନାହୁଁ। ଏ ଦିଗରେ ଆମର ଯୁବପିଢ଼ି ଓ ଗଣମାଧ୍ୟମ ସଚେତନ ରହିବା ଜରୁରୀ।

**- ସଞ୍ଜୁକ୍ତା ବେହେରା**



ଗଣତନ୍ତ୍ରର ସମସ୍ତ ବିଷୟ ଗଣମାଧ୍ୟମ ଜରିଆରେ ଲୋକେ ଜାଣିବାକୁ ପାଇଥାନ୍ତି। ଗଣମାଧ୍ୟମର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ହୋଇରହିଆସିଛି। ଯୁବପିଢ଼ି ଗଣତନ୍ତ୍ର ପ୍ରତି ଆସ୍ଥାଭାଜନ ହେବା ବିଧେୟ। ଲୋକଙ୍କ କଥାକୁ ସରକାର ପାଖରେ ପହଞ୍ଚାଇବା ଗଣମାଧ୍ୟମର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାମ।

**- ପ୍ରୀତିପ୍ରଜ୍ଞା ଦେହୁରୀ**



ନିରପେକ୍ଷ ଗଣମାଧ୍ୟମ ସାର୍ବଜନୀନ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଦରିଦ୍ର ଲୋକଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିଲେ ତା'ର ସମସ୍ୟା ସମାଧାନ ହେଉଥିଲା। ମାତ୍ର ଆଜିର କିଛି ଗଣମାଧ୍ୟମ କେବଳ ଶାସକ ଦଳର ପ୍ରଚାରକ ସାଜିଛି।

**- ହରିବୋଲ ସୁନା**



ସାମାଜିକ ଗଣମାଧ୍ୟମ ଆଜିର ଯୁବପିଢ଼ିକୁ ପଙ୍ଗୁ କରିଦେଲାଣି। ସେମାନେ ସାମାଜିକ ଗଣମାଧ୍ୟମରେ ଏଭଳି ବ୍ୟସ୍ତ ରହୁଛନ୍ତି ଯେ, ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ କଥାରେ ସୁଚିନ୍ତିତ ମତାମତ ଦେଇପାରିବେ ସନ୍ଦେହ ସୃଷ୍ଟି ହୋଇଛି। ଗଣମାଧ୍ୟମ ଓ ଯୁବପିଢ଼ି ନିଜର ଶକ୍ତି ଓ ଦମ୍ଭରେ ସରକାରଙ୍କୁ ଅସଲ ସମସ୍ୟା ଜଣାଇ ସମାଧାନ କରିପାରିବେ।

**- ମାନସ କୁମାର ପଟେଲ**



ଭାରତ ଏକ ସାର୍ବଭୌମ ରାଷ୍ଟ୍ର। ଭାରତରେ ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକ ବାସ କରନ୍ତି। ସେମାନେ ଯଦି ଭଲ ଭାବରେ ବସବାସ କରିବେ ନାହିଁ ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ। ସମାଜରେ ଶାନ୍ତି ପ୍ରତିଷ୍ଠା ଏବଂ ପରସ୍ପରର ଧର୍ମ ଓ ଜାତିକୁ ସମ୍ମାନ ଦେଖାଇବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଦିଗରେ ଯୁବପିଢ଼ି ସଚେତନ ହେଲେ ଗଣତନ୍ତ୍ର ସଫଳ ହେବ।

**- ଦୀପ୍ତିମୟୀ ତାଣ୍ଡି**



ସ୍ୱାଧୀନତା କାଳରେ ସେତେବେଳର ଗଣମାଧ୍ୟମ ଗୁରୁଦାୟିତ୍ୱ ବହନ କରିଥିଲେ। ଲୋକଙ୍କ ପାଖକୁ ଠିକ୍ ଓ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଉଥିଲେ। ହେଲେ ଆଜି ଅନେକ ଗଣମାଧ୍ୟମ ଟିଆର୍‌ପି ବୃଦ୍ଧିରେ ଲାଗିଛନ୍ତି। ଟିଆର୍‌ପି ବୃଦ୍ଧିରେ ଦେଶ ପ୍ରଗତି ହୁଏ ନାହିଁ।

**- ପୂଜା ସାହୁ**

# ଧବଳେଶ୍ୱରଙ୍କ ଦର୍ଶନ ପାଇଁ କଂକ୍ରିଟ୍ ସେତୁ ଖୋଲିଲା

**ଖୁଣ୍ଟୁଣୀ,୫।୭(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠକୁ ଯିବା ପାଇଁ ନିର୍ମାଣ ହୋଇଥିବା କଂକ୍ରିଟ୍ ସେତୁ ବୁଧବାରଠାରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଛି। ଧବଳେଶ୍ୱର ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ ଓ ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ପୂଜକମାନେ ସକାଳ ପ୍ରାୟ ୮ଟାରେ ଉକ୍ତ ସେତୁ ଉପରେ ପୂଜାର୍ଚ୍ଚନା ଓ ହୋମ କରିଥିଲେ। ପରେ ନଡ଼ିଆ ବାଢ଼େଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ଓ ଆଠଗଡ଼ ବ୍ଲକର କେତେଜଣ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଧବଳେଶ୍ୱର ପୀଠକୁ ଯିବା ପାଇଁ ଡଙ୍ଗା ଏକମାତ୍ର ମାଧ୍ୟମ ଥିଲା। ହେଲେ ପଞ୍ଚକ ଓ ବର୍ଷାଋତୁ ସମୟରେ ବାରମ୍ବାର ଅଘଟଣ ଘଟି ଜୀବନହାନି ଘଟୁଥିଲା। ଏହାକୁ ଦୃଷ୍ଟିରେ ରଖି ୨୦୦୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ଉପରେ ଝୁଲାପୋଲ ନିର୍ମାଣ କରାଯାଇଥିଲା। ମାତ୍ର ଯାତ୍ରା ସମୟରେ ମାତ୍ରାଧିକ ଜନସମାଗମ ଓ ଆବଶ୍ୟକ ରକ୍ଷଣାବେକ୍ଷଣା ଅଭାବରୁ ପୋଲଟି ଦୁର୍ବଳ ହୋଇ ଯାଇଥିଲା। ଗୁଜରାଟର ମୋର୍ବିସ୍ଥିତ ମାଚ୍ଛୁନଦୀରେ ଗତବର୍ଷ ଅକ୍ଟୋବରରେ ଏକ ଝୁଲାପୋଲ ଭୁଶୁଡ଼ି ପଡ଼ିବାରୁ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ରାଜ୍ୟ ସରକାର ଧବଳେଶ୍ୱର ପୀଠକୁ ସଂଯୋଗ ହୋଇଥିବା ଝୁଲାପୋଲ ଅସୁରକ୍ଷିତ ଦର୍ଶାଇଥିଲେ। ଫଳରେ ମରାମତି ପାଇଁ ଗତ ନଭେମ୍ବର ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଝୁଲାପୋଲରେ ଯିବାକୁ ବାରଣ କରାଯାଇଛି।



ନବନିର୍ମିତ ଧବଳେଶ୍ୱର ସେତୁ।

ଅପରପକ୍ଷରେ ଝୁଲାପୋଲର ଭବିଷ୍ୟତକୁ ଦୃଷ୍ଟିରେ ରଖି ମହାନଦୀ ଉପରେ କଂକ୍ରିଟ୍ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ନାଗରିକ, ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିମାନେ ଦାବି କରିଆସୁଥିଲେ। ଫଳରେ ବିଜୁସେତୁ ଯୋଜନାରେ ୨୩ କୋଟି ଟଙ୍କା ବ୍ୟୟରେ ୨୦୨୨ ମେ' ମାସରୁ କଂକ୍ରିଟ୍ ସେତୁ ଆରମ୍ଭ ହୋଇଥିଲା। ହେଲେ ନିର୍ମାଣ କାମ ବିଳମ୍ବ ହେବାରୁ ମହାନଦୀରେ ଏକ ଅସ୍ଥାୟୀ ନିର୍ମାଣ କରାଯାଇଥିଲା। ଗତ ଜୁନ୍ ୨୯ ତାରିଖ ରାତିରେ ମହାନଦୀରେ ପାଣି ଆସିବାରୁ ଉକ୍ତ ଅସ୍ଥାୟୀ ରାସ୍ତା ଧୋଇଯାଇଥିଲା। ଫଳରେ ୩୦ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉକ୍ତ ପୀଠକୁ ଭକ୍ତମାନେ ଯିବା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ କଂକ୍ରିଟ୍ ସେତୁ କାମ ସମ୍ପୂର୍ଣ୍ଣ କରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯିବାକୁ ଦାବି କରାଯାଇଥିଲା। ତେଣୁ ସେତୁ କାମ ଶେଷ କରାଯାଇ ବୁଧବାର ପୂଜାର୍ଚ୍ଚନା ପରେ ଲୋକମାନେ ଏହା ଉପରେ ଯାତାୟାତ କରିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ

**ବରଯାତ୍ରୀ ଉପରେ ଟ୍ରକ୍ ଚଢ଼ିଯିବା ଘଟଣା**

**କେନ୍ଦୁଝର, ୫।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ଷଠିଘର ନିକଟରେ ଏକ ବରଯାତ୍ରୀ ଶୋଭାଯାତ୍ରା ଉପରେ ଗତ ୨୮ ତାରିଖ ରାତିରେ ୧୨ ଚକିଆ ଟ୍ରକ ଚଢ଼ିଯିବାରୁ ୫ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ବିଲ ପୌରପାଳିକା ଅନ୍ତର୍ଗତ ୪ ନଂ. ୱାର୍ଡ ଉପରବସ୍ତିର ବିଭୂତି ପାତ୍ର(୨୮)। ମୃତକଙ୍କ ସଂଖ୍ୟା ୬ରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ଦୁର୍ଘଟଣାରେ ବିଭୂତିଙ୍କ ସମେତ ୮ ଜଣ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଅବସ୍ଥାରେ ସମସ୍ତେ ଆଇସିୟୁରେ ଚିକିତ୍ସାଧୀନ ଥିଲେ। ୬ ଜଣ ସୁସ୍ଥ ହୋଇ ଫେରିଥିବାବେଳେ ୨ଜଣ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ବିଭୂତିଙ୍କ ମୃତ୍ୟୁ ହୋଇଛି। ହରିଚନ୍ଦନପୁର ଥାନା ଜାମୁଯୋଡ଼ି ପଞ୍ଚାୟତ ମାନପୁର ଗ୍ରାମର ମଧୁ ମୁଣ୍ଡା ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ଥିବା ଟାଉନ ଥାନାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଗୌରାଙ୍ଗ ଚରଣ ବେହେରା ସୂଚନା ଦେଇଛନ୍ତି।

# ଚନ୍ଦକାରୁ ଅପହରଣ, ଟିଟିଲାଗଡ଼ରେ ଠାବ

**ବାରଙ୍ଗ(ଲିଙ୍ଗରାଜ ରାଉତ)/ ଟିଟିଲାଗଡ଼,୫।୭(ଶରତ ମିଶ୍ର)**

- **ଟ୍ୟୁଶନ ଯାଇ ଘରକୁ ଫେରି ନ ଥିଲେ ୨ ଛାତ୍ର**
- **ଆଣିବା ପାଇଁ ପରିବାରକୁ ନେଇ ଗଲା ପୋଲିସ**

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅଧୀନ ସୁନ୍ଦରପୁର ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲର ଦଶମ ଶ୍ରେଣୀର ୨ଜଣ ଛାତ୍ର ନିଖୋଜ ହୋଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ କରୁଥିବାବେଳେ ବୁଧବାର ଛାତ୍ରଦ୍ୱୟ ଅପହରଣର ଶିକାର ହୋଇଥିବା ନେଇ ନିଜ ଆଡୁ ପରିବାର ଲୋକଙ୍କୁ ଜଣାଇବା ସହ ଟିଟିଲାଗଡ଼ରେ ଥିବା ନେଇ କହିଛନ୍ତି। ପିଲା ୨ଜଣଙ୍କ ପତ୍ତା ଜଣାପଡ଼ିବା ପରେ ପରିବାର ଲୋକେ ପୋଲିସକୁ କହିଥିଲେ। ପରେ ସେମାନଙ୍କୁ ଆଣିବା ପାଇଁ ପୋଲିସ ସହ ପରିବାର ଲୋକେ ଟିଟିଲାଗଡ଼ ଗସ୍ତ କରିଛନ୍ତି।

ପ୍ରକାଶ ଯେ, ସବୁଦିନ ଭଳି କୁଜିମହଲ ଗ୍ରାମର ପୃଥ୍ୱୀରାଜ ପ୍ରଧାନ ଓ ଭରତପୁର ଅଞ୍ଚଳର ସୋନୁ କୁମାର ମଙ୍ଗଳବାର ସକାଳେ ସାଙ୍ଗ ହୋଇ ଏକ ଅଟୋରେ ସ୍କୁଲ ପାଖକୁ ଟ୍ୟୁଶନ ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ପିଲାମାନେ ଘରକୁ ନ ଫେରିବାରୁ ୨ ଛାତ୍ରଙ୍କ ପରିବାର ଲୋକେ ଅଟୋ ଚାଳକ ଓ ଟ୍ୟୁଶନ ସାର୍‌ଙ୍କୁ ଭେଟି ପଚାରିବାରୁ ଟ୍ୟୁଶନ ଆସିଥିବା ଓ ଅଧାରୁ ଛାତ୍ରଦ୍ୱୟ ଚାଲିଯାଇଥିବା କହିଥିଲେ। ପରେ ସମ୍ପର୍କୀୟଙ୍କ ସହ କଥାହୋଇ ପିଲାଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଶେଷରେ ବିଳମ୍ବିତ ରାତିରେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ସକାଳେ ଟ୍ୟୁଶନକୁ ଯାଇଥିବା ସ୍ଥାନ ଓ ରାସ୍ତାରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ ମଧ୍ୟ କିଛି ସୁରାକ ପାଇ ନ ଥିଲା। ଅନ୍ୟପଟେ ଘଟଣାର ପ୍ରାୟ ୨୦ଘଣ୍ଟା ପରେ ୨ଜଣ ଛାତ୍ର ସେମାନଙ୍କ ପରିବାର ସହ କଥା ହୋଇ ଅପହରଣ କରାଯାଇଥିବା କହିଛନ୍ତି। ପରିବାର ଲୋକଙ୍କ ସୂଚନା ମୁତାବକ, ଟ୍ୟୁଶନକୁ ଦୁହେଁ ଯାଇଥିବାବେଳେ ପାଖରେ ଥିବା ଦୋକାନକୁ ଆସି ବିସ୍କୁଟ ଖାଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଆସି ହଠାତ ୨ଜଣଙ୍କ ମୁହଁରେ କିଛି ପକାଇଦେବାରୁ ସେମାନେ ଅଚେତ ହୋଇଯାଇଥିଲେ। ଚେତା ଆସିବାବେଳକୁ ଘରଠାରୁ ବହୁ ଦୂରରେ ଥିବାବେଳେ ଏକ ଟ୍ରକ୍‌ରେ ସେମାନେ ଥିଲେ। ଟ୍ରକ୍‌ଟି ଏକ ରେଳଫାଟକ ପାଖରେ ରହିଥିବାରୁ କୌଶଳକ୍ରମେ ସେମାନେ ଓହ୍ଲାଇପଡ଼ିଥିଲେ। ପରେ ରେଳଫାଟକରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ କହିବା ସହ ତାଙ୍କ ଫୋନ୍‌ରୁ ପରିବାର ଲୋକଙ୍କୁ ଟିଟିଲାଗଡ଼ରେ ଥିବା କହିଥିଲେ। ଏପରିକି ମହିଳା କର୍ମଚାରୀ ଜଣକ ଏ ବିଷୟରେ ଟିଟିଲାଗଡ଼ ପୋଲିସକୁ ଅବଗତ କରାଇବା ପରେ ପୋଲିସ ପହଞ୍ଚି ୨ ଛାତ୍ରଙ୍କୁ ଉଦ୍ଧାରକରି ନିଜ ହେପାଜତରେ ରଖିଥିବା ଆଇଆଇସି ମନୋଜ ପ୍ରଧାନ କହିଛନ୍ତି।

# ୪ ସନ୍ତାନଙ୍କ ବୋଝ ଉଠାଉଛନ୍ତି ବିଧବା ବାସନ୍ତୀ

**କର୍ଲାମୁଣ୍ଡା,୫।୭(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ଗାଁର ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ୪ ସନ୍ତାନ ବୋଝ ସାମ୍ଭାଳିବା ମୁସ୍କିଲ ହୋଇପଡିଥିବା ଜଣାପଡିଛି। ଏହି ଗାଁର ସ୍ୱର୍ଗତ ବିଶ୍ୱ ସୁନା (୪୦)ଙ୍କ ସ୍ତ୍ରୀ ବାସନ୍ତୀ ସୁନା, ବଡ଼ ଝିଅ ନମିତା (୧୬) ଯୁକ୍ତ ଦୁଇ ଛାତ୍ରୀ, ନମ୍ରତା (୧୩) ଅଷ୍ଟମ ଶ୍ରେଣୀ ଛାତ୍ରୀ, ନିବେଦିତାସୁନା (୮), ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଓ ସାନ ପୁଅ କୃପାନିଧିସୁନା (୬)ଙ୍କୁ ନେଇ ହସ ଖୁସିରେ ପରିବାର ଚଳୁଥିଲେ। ୨୦୨୧ରେ ବିଶ୍ୱ ସୁନା କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ପରେ ବିଧବା ସ୍ତ୍ରୀ ବାସନ୍ତୀଙ୍କ ମୁଣ୍ଡ ଉପରେ ପରିବାର ବୋଝ ଲଦି ହୋଇଥିଲା। ୪ ଛୋଟ ସନ୍ତାନଙ୍କୁ ପାଠପଢା ସହିତ ଖାଇବାକୁ ଦିମୁଠା ଦେବା ଏବେ ମୁସ୍କିଲ ହୋଇପଡିଛି। ସରକାରୀ ସହାୟତା କହିଲେ ବିଧବା ଭତ୍ତା ଓ ରାଶନ କାର୍ଡ ହିଁ ଏ ପରିବାର ପାଇଁ ସାହା ଭରସା।



ବସନ୍ତିଙ୍କ ସହ ୪ ସନ୍ତାନ।

ପରିବାର ସମସ୍ୟା ବିଷୟରେ ଖବର ପାଇ ସ୍ଥାନୀୟ ସମାଜସେବୀ ତଥା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ସୋମବାର ବାସନ୍ତୀଙ୍କ ପରିବାରକୁ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ସରକାରଙ୍କ ଆର୍ଶୀବାଦ ଯୋଜନାରେ ସାମିଲ କରିବାକୁ ଅନୁରୋଧ କରିଥିଲେ। ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ସମିତି ପରିବାର ସ୍ଥିତି ଅନୁଧ୍ୟାନ କରି ଆଶୀର୍ବାଦ ଯୋଜନାରେ ସାମିଲ କରାଯାଇଥିବା ସୂଚନା ମିଳିଛି।

"ଆଗରୁ ଯାହାସବୁ ଦେଖାଯାଇଛି - ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି- ଆଗରୁ ଯାହାସବୁ ଗଠନ କରାଯାଇଛି, ସେସବୁକୁ ପଛରେ ପକାଇଦିଅ । ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ- ଏତିକି। **-ଶ୍ରୀମା**

# ବୈଦିକ ଯୁଗର ସିରିଏଲ୍ କିଲର



ଦେବଦତ୍ତ ପଟ୍ଟନାୟକ

ଚାରିବେଦ ମଧ୍ୟରେ ସାମ ବେଦ ଅନ୍ୟତମ। ଏହି ବେଦର ଗଦ୍ୟ ବିଭାଗ ହେଉଛି ଜୈମିନୀୟ ବ୍ରାହ୍ମଣ। ଆଜକୁ ୨୮୦୦ ବର୍ଷ ପୂର୍ବେ ଏହା ରଚନା କରାଯାଇଥିଲା। ଏଥିରେ ଯବକ୍ରିର କାହାଣୀ ଦେଖିବାକୁ ମିଳେ। ଯବକ୍ରି ହେଉଛି ହିନ୍ଦୁ ପୁରାଣଶାସ୍ତ୍ରରେ ବର୍ଣ୍ଣିତ ପ୍ରଥମ ସିରିଏଲ୍ କିଲର ଓ ବଳାତ୍କାରୀ।

ଜୈମିନୀୟ ବ୍ରାହ୍ମଣ ଅନୁଯାୟୀ, ଯବକ୍ରିର ଏକ ଭିନ୍ନ କଳା ରହିଥିଲା। ସେ ଯେକୌଣସି ମହିଳାଙ୍କୁ ତା' ପ୍ରତି ଆକର୍ଷିତ କରିବା ସହ ସେମାନଙ୍କ ସହିତ ଯୌନ ସମ୍ପର୍କ ରଖେ। ପରେ ସେହି ମହିଳାମାନଙ୍କର ମୃତ୍ୟୁ ଘଟୁଥିଲା। ଯଦି ମହିଳାମାନେ ଯବକ୍ରିର କଥା ନ ରଖନ୍ତି, ତେବେ ସେମାନଙ୍କର ବି ମୃତ୍ୟୁ ଘଟେ। ଅନ୍ୟ ଅର୍ଥରେ କହିବାକୁ ଗଲେ, ସେ ଯେକୌଣସି ମହିଳାଙ୍କୁ ଆକର୍ଷିତ କରେ ସେମାନେ ତା' ସହିତ ଯୌନ ସମ୍ପର୍କ ରଖନ୍ତୁ କିମ୍ବା ନ ରଖନ୍ତୁ, ସମସ୍ତେ ମୃତ୍ୟୁମୁଖରେ ପଡ଼ିଥା'ନ୍ତି। ଏହି କ୍ରମରେ ଯବକ୍ରି ତା' ଜୀବନ ବିତାଉଥାଏ। ଦିନେ ସେ ଜଣେ ବ୍ରାହ୍ମଣ ମହିଳାଙ୍କୁ ଯୌନ ସମ୍ପର୍କ ରଖିବାକୁ ପାଖକୁ ଡାକିଲା। ସେହି ମହିଳା ଜଣଙ୍କ ବି ତା' ପାଖକୁ ଯିବା ଲାଗି ରାଜି ହୋଇଗଲା। ଯେତେବେଳେ ସେହି ମହିଳାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଜାଣିପାରିଲେ, ସେତେବେଳେ ସେ ଏକ ଯଜ୍ଞ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଯଜ୍ଞର ଉଦ୍ଦେଶ୍ୟ ଥିଲା ଯବକ୍ରିକୁ ମାରିବା ପାଇଁ ମାୟାବୀ ଜୀବ ସୃଷ୍ଟି କରିବା। ଏହି ମାୟାବୀ ଜୀବ ମଧ୍ୟରେ ଥିଲେ ଜଣେ ରାକ୍ଷସୀ ଓ ରାକ୍ଷସ। ଯଜ୍ଞରୁ ସୃଷ୍ଟି ହେବା ପରେ ମାୟାବୀ ରାକ୍ଷସୀ ଜଣକ ଯବକ୍ରିକୁ ମୋହିତ କରି ତା'ସହ ଯୌନ ସମ୍ପର୍କ ରଖିବା ପରେ କହିଛି ଯେ, ସେ ଜଣେ ସାଧାରଣ ମହିଳା ନୁହେଁ। ସେ ତା' ପାଦ ତଳର କେଶକୁ ଦେଖାଇ ଯବକ୍ରି ସମ୍ମୁଖରେ ପ୍ରମାଣ କରିଛି। ଯବକ୍ରି ସହ ସମ୍ପର୍କ ବଢ଼ିବା ପରେ ରାକ୍ଷସୀର ସ୍ୱାମୀ ତାହା ଜାଣିପାରିଛି ଓ ଶେଷରେ ଯବକ୍ରି ଧରାପଡ଼ିଯାଇଛି। ରାକ୍ଷସୀର ସ୍ୱାମୀ ଧରି ତା'କୁ ମାରିଦେବାକୁ ନିଷ୍ପତ୍ତି ନେଇଛି। ଅନ୍ୟ କୌଣସି ଉପାୟ ନ ପାଇ ଶେଷରେ ଯବକ୍ରି ତା' ପାଖରେ ନିଜ ଜୀବନ ଭିକ୍ଷା କରିଛି। ପରେ ରାକ୍ଷସୀର ସ୍ୱାମୀ ତାକୁ ପାଗଳ କରି ଗାଁର ସମସ୍ତ ପ୍ରାଣୀମାନଙ୍କୁ ମାରିଦେବା ଲାଗି ବାଧ୍ୟ କରିଛି। ପାଗଳ ହୋଇ ଯବକ୍ରି ଗାଁର ସବୁ ପ୍ରାଣୀଙ୍କୁ ମାରିଦେବାରେ ଲାଗିପଡ଼ିଲା। ଏହା ଦେଖି ଗ୍ରାମବାସୀ ତାଙ୍କୁ ଧରି ବାନ୍ଧି ମାରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଯବକ୍ରିର ପିତା ତାକୁ ରକ୍ଷା କରିବାକୁ କିଛି ଯାଦୁକରୀ କଥା କହିଛନ୍ତି, ଯଦ୍ୱାରା ତାଙ୍କ ପୁତ୍ରକୁ ଆଉ ଯେମିତି କେହି ମାରିପାରିବେ ନାହିଁ। ଦୁର୍ଭାଗ୍ୟବଶତଃ, ଜଣେ ବଧିର କାଠୁରିଆ ତାଙ୍କର ଏହି କଥା ଶୁଣିପାରିଲା ନାହିଁ।



ଯବକ୍ରି ଅତି ନିର୍ଦ୍ଦୟ ଭାବେ ଗାଁର ପ୍ରାଣୀମାନଙ୍କୁ ମାରିଦେବା ଦୃଶ୍ୟ ଦେଖିଥିବାରୁ ସେ ଯବକ୍ରିର ମୁଣ୍ଡକୁ ଆଘାତ କଲା ଓ ସେଠାରେ ତାହାର ମୃତ୍ୟୁ ଘଟିଲା।

ଏକ ସମାନ ପ୍ରକାର ଯବକ୍ରି କାହାଣୀ ବି ମହାଭାରତରେ ଦେଖିବାକୁ ମିଳେ। ରୈଭ୍ୟ ନାମକ ଜଣେ ଋଷି ତାଙ୍କ ଘର ଭିତରେ ପ୍ରବେଶ କରିବା ପରେ ଯବକ୍ରି ତାଙ୍କ ବୋହୂ ଉପରେ ବଳପ୍ରୟୋଗ କରୁଥିବା ଦେଖିବାକୁ ପାଇଛନ୍ତି। ଏହାଦେଖି ସେ ଭୟଭୀତ ହୋଇ ଯାଇଛନ୍ତି। ଯବକ୍ରିକୁ ମାରିବା ଲାଗି ଯଜ୍ଞ ବଳରେ ଭୟଙ୍କର ରାକ୍ଷସୀ ଓ ରାକ୍ଷସ ସୃଷ୍ଟି କରିଛନ୍ତି। ରାକ୍ଷସୀ ଯବକ୍ରିକୁ ମୋହିତ କରି ତା' ସହ ଯୌନ ସମ୍ପର୍କ ସ୍ଥାପନ କରିଛି। ଏହା ଫଳରେ ରାକ୍ଷସୀ ତାକୁ ଅପବିତ୍ର କରିଦେବାରୁ ତା'ସ୍ୱାମୀ ଯବକ୍ରିକୁ ହତ୍ୟା କରିବା ଲାଗି ଶକ୍ତି ପାଇଛି। ଯବକ୍ରି ତା' ଜୀବନକୁ ଭୟ କରି ତା' ପିତାଙ୍କ ବଳିବେଦି ଆଡ଼କୁ ଦୌଡ଼ିବାରେ ଲାଗିଲା। କିନ୍ତୁ ଜଣେ ଦୃଷ୍ଟିବାଧିତ ସେବକ ତାକୁ ସେହି ପବିତ୍ର ପରିସରକୁ ପ୍ରବେଶ କରିବାକୁ ଦେଲାନାହିଁ, ଯାହାଫଳରେ ସେ ଭିତରକୁ ଯିବା ଲାଗି ସକ୍ଷମ ହୋଇପାରିଲା ନାହିଁ। ଏଣୁ ଖସିଯିବାର ସବୁ ବାଟ ବନ୍ଦ ହୋଇଗଲା। ସେ ରାକ୍ଷସ ଦ୍ୱାରା ଧରାପଡ଼ିଗଲା ଓ ସେ ତାକୁ ପିଟିପିଟି ମାରିଦେଲା।

ଉଭୟ କାହାଣୀରେ ଯବକ୍ରି ମହିଳାଙ୍କ ସହ ଯୌନ ସମ୍ପର୍କ ରଖିଥିବା ଦେଖିବାକୁ ମିଳେ। ସେ ଯେକୌଣସି ମହିଳାଙ୍କୁ ଆକର୍ଷଣ କରି ତା' ସହ ଯୌନ ସମ୍ପର୍କ ରକ୍ଷାକରିପାରେ ବୋଲି ବୈଦିକ କାହାଣୀରେ ବର୍ଣ୍ଣନା ରହିଛି। କିନ୍ତୁ ଏହି ସବିଶେଷ କାହାଣୀ ମହାଭାରତରେ ଦେଖାଯାଏ ନାହିଁ। ବୈଦିକ କାହାଣୀରେ ରାକ୍ଷସୀର ସ୍ୱାମୀ ଅନ୍ୟ ଦାନବମାନଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ଯବକ୍ରିକୁ ହତ୍ୟା କରିଛନ୍ତି। ଅପରପକ୍ଷେ ମହାଭାରତରେ ଶ୍ୱଶୁର ଉକ୍ତ କାର୍ଯ୍ୟ ତୁଲାଇଛନ୍ତି। ବୈଦିକ କାହାଣୀରେ ପିତା ପୁତ୍ରକୁ ରକ୍ଷା କରିବା ଲାଗି ଚେଷ୍ଟା କରିଥିବାବେଳେ ଜଣେ ବଧିର କାଠୁରିଆ ହାତରେ ତାହାର ମୃତ୍ୟୁ ଘଟିଛି। ମହାଭାରତର କାହାଣୀରେ ପିତାଙ୍କ ସୁରକ୍ଷାକୁ ଜଣେ ଦୃଷ୍ଟିବାଧିତ ଅସ୍ୱୀକାର କରିଥିଲା। ଏଣୁ ପୁତ୍ରକୁ ଭଲପାଉଥିବା ପିତାଙ୍କ ସୁରକ୍ଷା ବଳୟରେ ଜଣେ ମହିଳାଙ୍କ ବଳାତ୍କାରୀ ଓ ହତ୍ୟାକାରୀ ରହିଥିଲେ ବି ରକ୍ଷା ପାଇପାରି ନାହିଁ। ସେ ତା' କୃତକର୍ମର ପରିଣାମ ଭୋଗ କରିଛି। ଏସବୁ କ୍ଷେତ୍ରରେ ଦଣ୍ଡବିଧାନ ମାୟାବୀ ତଥା ଯାଦୁକରୀ ଜୀବଙ୍କ ଦ୍ୱାରା କରାଯାଇଛି, ଯେଉଁଥିରେ ମହିଳା (ରାକ୍ଷସୀ) ତା'ସହ ଯୌନ ସମ୍ପର୍କ ରଖିଛି ଓ ତାକୁ ଅପବିତ୍ର କରିଛି, ଯେମିତିକୁ ରାକ୍ଷସ ତାକୁ ମାରିପାରିବ।

ଏହି କାହାଣୀ ନାରୀ ବିରୋଧରେ ହିଂସାର କଥା କହେ। ଆଧୁନିକ ବିଚାରଧାରାକୁ ବାଦ୍ ଦେଇ ଆମେ ଯେତେବେଳେ ବୈଦିକ ଯୁଗର କାହାଣୀ ବିଷୟକୁ ବିଚାର କରୁ, ସେତେବେଳେ ଏହା ମଧ୍ୟ ଜଣେ ସିରିଏଲ କିଲ୍‌ର ଓ ହତ୍ୟାକାରୀ ସମ୍ପର୍କରେ ସୂଚିତ କରେ। ଜୈନ ସାହିତ୍ୟରେ ବି ସିରିଏଲ ହତ୍ୟାକାରୀ ଅର୍ଜୁନ -ମାଲିର କଥା ବର୍ଣ୍ଣନା କରାଯାଇଛି। ତା' ସ୍ତ୍ରୀ ଗଣବଳାତ୍କାରର ଶିକାର ହେଉଥିବା ଦେଖି ସେ ପାଗଳ ହୋଇଯାଇଥିଲା ଓ ସମସ୍ତଙ୍କୁ ହତ୍ୟା କରିଥିଲା। ପରେ ମହାବୀର ତାକୁ ଭଲ କରିବା ସହ ପବିତ୍ର କରିଥିଲେ। ବୌଦ୍ଧ ଧର୍ମରେ ଅଙ୍ଗୁଲିଂ-ମାଳା କାହାଣୀ ଉଲ୍ଲେଖ କରାଯାଇଛି। ଗୁରୁପତ୍ନୀଙ୍କୁ ବଳାତ୍କାର ଅଭିଯୋଗରେ ତାଙ୍କୁ ଭୁଲବଶତଃ ଦୋଷାରୋପ କରାଯାଇଥିଲା। ପରେ ସେ ଜଣେ ସିରିଏଲ କିଲର ପାଲଟି ଯାଇଥିଲେ। ସେ ଯେଉଁମାନଙ୍କୁ ହତ୍ୟା କରୁଥିଲା, ସେମାନଙ୍କ ବୃଦ୍ଧାଙ୍ଗୁଳିକୁ ସଂଗ୍ରହ କରୁଥିଲା। ସେ ବୁଦ୍ଧଙ୍କୁ ହତ୍ୟା କରିବାକୁ ମଧ୍ୟ ସବୁମତେ ଉଦ୍ୟମ କରିଥିଲା, କିନ୍ତୁ ବୁଦ୍ଧଙ୍କୁ ଧରିବା ଲାଗି ସକ୍ଷମ ହୋଇ ପାରି ନଥିଲା। ଶେଷରେ ସେ ତା' ଭୟଙ୍କର ଅପରାଧ ପାଇଁ ଅନୁତାପ କରିଥିଲା।

-devduttofficial@gmail.com

## ଏଇ ଭାରତରେ

ଦିଲ୍ଲୀର ଏକ ବସ୍ତିରେ ରହି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଥାନ୍ ସିଂ। ଚାକିରିର ଦାୟିତ୍ୱ ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ପଢାଉଛନ୍ତି। ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କିଂ ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ସେ ଏକ ପାଠଶାଳା ଖୋଲି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି। ଥାନ୍‌ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ । କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା। ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ। ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ। ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ। ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା। ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଜୁଟୁ ତାହା ବିଚାର କରି ୨୦୧୫ରେ ସେ ୩ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏବେ ବିଭିନ୍ନ ବସ୍ତିରୁ ୮୦ ଜଣ ପିଲା ପାଠଶାଳାକୁ ଆସୁଛନ୍ତି। ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି। ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି। ଏହାଦ୍ୱାରା ସେମାନେ ନିଶା ଓ ଅପରାଧ ଦୁନିଆରୁ ଦୂରେଇ ରହୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁଲାଇ ୧୯୯୮

- ଜମ୍ମୁ-କଶ୍ମୀରର ଆର୍ଥିକ ସଙ୍କଟକୁ ଟାଳିଦେବା ତଥା ସନ୍ତ୍ରାସବାଦର ମୁକାବିଲା ପାଇଁ କରାଯାଉଥିବା ଖର୍ଚ୍ଚକୁ ଭରଣା କରିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୫୦ କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅବଦୁଲ ଘନି ଖାଁ ଚୌଧୁରୀଙ୍କୁ ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତି ପ୍ରଦାନ।
- ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ସଫଳତାର ସହ ନୂତନ ସମ୍ବଲପୁର-ତାଳଚେର ଚଉଡ଼ା ଗେଜରେ ପ୍ରଥମ ରେଳ ଚଳାଚଳ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | 3 | | |
| 5 | | | | | | | | |
| | | 4 | | 7 | 3 | | | |
| | 1 | | 9 | | | 8 | 5 | |
| | | 2 | | | 4 | | | |
| | 8 | | | | | | 1 | 6 |
| | | | | 4 | 2 | 7 | | |
| | | | | | 7 | | 3 | |
| | | | 6 | 9 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 4 | 5 | 8 | 6 | 1 | 9 | 7 |
| 5 | 7 | 6 | 1 | 9 | 4 | 8 | 2 | 3 |
| 1 | 9 | 8 | 2 | 7 | 3 | 6 | 4 | 5 |
| 9 | 2 | 5 | 7 | 3 | 8 | 4 | 1 | 6 |
| 8 | 6 | 3 | 9 | 4 | 1 | 5 | 7 | 2 |
| 7 | 4 | 1 | 6 | 5 | 2 | 3 | 8 | 9 |
| 6 | 1 | 9 | 4 | 2 | 5 | 7 | 3 | 8 |
| 4 | 8 | 2 | 3 | 6 | 7 | 9 | 5 | 1 |
| 3 | 5 | 7 | 8 | 1 | 9 | 2 | 6 | 4 |

ଗତକାଲିର ଉତ୍ତର

# ମଣିପୁର ଭାରତରେ ଅଛି ତ



ବିଚିତ୍ର ବିଶ୍ୱାଳ

ମଣିପୁର ହିଂସାରେ ପ୍ରତିଦିନ ଲୋକ ମରୁଛନ୍ତି। ଗତ ଦୁଇମାସରୁ ଊର୍ଦ୍ଧ୍ୱହେବ ମଣିପୁର ଜଳୁଛି। ସ୍ୱାଧୀନତା ପରେ ଅଶୀ ଦଶକରେ ହୋଇଥିବା ହିନ୍ଦୁ-ଶିଖ୍ ଦଙ୍ଗା ପରେ ସଂପ୍ରତି ମଣିପୁରର ଦଙ୍ଗା ଦେଶ ଭିତରେ ସବୁଠୁ ବଡ଼ ହିଂସା ଘଟଣା। ସେଠାକାର ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ସୀମା ଟପିଯାଇଛି। ହିଂସାକାରୀମାନେ ଆମ୍ବୁଲାନ୍‌ସକୁ ମଧ୍ୟ ଜାଳି ଦେଉଥିବାର ଖବର ମିଳୁଛି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଘର ମଧ୍ୟ ନିଆଁର ଶିକାର ହୋଇଛି। ତା'ହେଲେ ପ୍ରଶ୍ନଉଠୁଛି, ଆମ ଦେଶରେ ସରକାର ଅଛି ତ ? ମଣିପୁର ଭାରତର ଅଂଶ ତ ? ମଣିପୁର ହିଂସାକୁ ଶାନ୍ତ କରିବା ପାଇଁ ସରକାର ଯଥେଷ୍ଟ ପଦକ୍ଷେପ ନେଉଛନ୍ତି କି?

ମଣିପୁର ହିଂସା ପ୍ରତି ସରକାର ଠିକ୍ ଟିଭି ବନ୍ଦ କରିଦେବା ପରି ବ୍ୟବହାର ଦେଖାଉଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସବୁବେଳେ ଭାଷଣ ଦେବା ପାଇଁ ଓ ମନ୍‌କୀ ବାତ୍ ମାଧ୍ୟମରେ ଲୋକଙ୍କୁ ଉପଦେଶ ଦେବା ଲାଗି ଭଲ ପାଉଥିବା ଆମ ପ୍ରଧାନମନ୍ତ୍ରୀ ଏପର୍ଯ୍ୟନ୍ତ ମଣିପୁର ବିଷୟରେ ପଦୁଟିଏ ବି କହିଥିବାର ଶୁଣାଯାଇନାହିଁ। ଗୃହମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ ଥରେ ଅଧେ ମଣିପୁର ଯାଇ ନିଜ ଦାୟିତ୍ୱ ସାରିଦେଇଛନ୍ତି। ଦୁର୍ଭାଗ୍ୟର ବିଷୟ , ଗୃହମନ୍ତ୍ରୀଙ୍କ ମଣିପୁରଗ୍ରସ୍ତ ପରେ ହିଂସା ଆହୁରି ବଢ଼ିଛି। କେନ୍ଦ୍ର ସରକାରଙ୍କ ମଣିପୁର ପ୍ରତି ଏପରି ସାବତ ପୁଅ ମନୋଭାବ କାହିଁକି? ଅବଶ୍ୟ ଏହାସତ ଯେ, ମଣିପୁର ଏକ ଛୋଟ ରାଜ୍ୟ। ସେଠାରୁ ଅଧିକ ସଂଖ୍ୟକ ସାଂସଦ ସଂସଦ ଭବନକୁ ଆସିବାର ନାହିଁ। ତେଣୁ ଶାସକ ଦଳକୁ ୨୦୨୪ ନିର୍ବାଚନରେ ମଣିପୁରରୁ କିଛି ଲାଭ ଦେଖାଯାଉ ନାହିଁ। କେବଳ କ'ଣ ସେଇଥିପାଇଁ ମଣିପୁରକୁ ଜଳିବାକୁ ଛାଡ଼ିଦେଇ ହେବ! ପ୍ରଧାନମନ୍ତ୍ରୀ ଓ ଶାସକ ଦଳର ବହୁଳ ପ୍ରଚାରିତ ସ୍ଲୋଗାନ୍ ଡବଲ୍‌ଇଞ୍ଜିନ୍ ସରକାର ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ମଣିପୁରରେ ସ୍ଥାପିତ ଅଛି। ତା'ହେଲେ ଅସୁବିଧା ହେଉଛି କେଉଁଠି? ମଣିପୁର ଜଳିବାବେଳେ ସରକାର ଜଡ଼ ଅବସ୍ଥାକୁ ଆଦରି ନେଉଛନ୍ତି କାହିଁକି? ଭାରତବାସୀ ହିସାବରେ ଆମର ଏ ପ୍ରକାର ଜଡ଼ତାକୁ ଇତିହାସ କେବେ ବି କ୍ଷମାକରିବ ନାହିଁ। ଆମ ଗଣମାଧ୍ୟମମାନେ ଯେତିକି ଆଗ୍ରହର ସହିତ ଦି କେରଳା ଷ୍ଟୋରି, କର୍ଣ୍ଣାଟକ ନିର୍ବାଚନ ଓ ମନ୍ଦିର, ମସ୍‌ଜିଦ୍ ଘଟଣାକୁ ପ୍ରଚାର କରୁଛନ୍ତି, ସେତିକି ଆଗ୍ରହ ମଣିପୁର ପ୍ରତି ଦେଖିବାକୁ ମିଳୁନାହିଁ। ମଣିପୁର ଜଳୁଥିବା ବେଳେ, ଆମ ପ୍ରଧାନମନ୍ତ୍ରୀ କର୍ଣ୍ଣାଟକରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିଲେ। ଆମେରିକା ଗ୍ରସ୍ତରେ ଗଲେ। କିନ୍ତୁ ଥରୁଟିଏ ବି ମଣିପୁର ଯାଇ ଲୋକଙ୍କୁ ହିଂସା ନ କରିବା ପାଇଁ ଆହ୍ୱାନ ଦେବାର ଆମେ ଦେଖିପାରିନାହୁଁ।

ମଣିପୁରର ଦଙ୍ଗା ଶକ୍ତିଶାଳୀ ଓ କ୍ଷମତାବାନ ମୈତେୟୀ ସଂପ୍ରଦାୟ ଓ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଦୀର୍ଘଦିନରୁ ଥିବା ବିରୋଧର ପରିଣାମ। ମଣିପୁରରେ ପାରମ୍ପରିକ ଭାବେ ମୈତେୟୀ ରାଜା ଶାସନ କରିଆସୁଥିଲେ। ସ୍ୱାଧୀନ ଭାରତରେ ମିଶ୍ରଣ ପରେ କ୍ଷମତା ମଧ୍ୟ ସେଇ ମୈତେୟୀମାନଙ୍କ ହାତରେ ରହିଲା। ସମଗ୍ର ରାଜ୍ୟରେ ମୈତେୟୀ ସଂପ୍ରଦାୟର ସଂଖ୍ୟା ୫୩% ହୋଇଥିବା ବେଳେ ଆଦିବାସୀ ୪୫% ଅଛନ୍ତି। ଆଦିବାସୀମାନେ ମୁଖ୍ୟତଃ ଦୁଇଟି ଗୋଷ୍ଠୀରେ ବିଭାଜିତ। କୁକି, ଚୀନ୍, ଜୋମି, ମିଜୋ, ହମାର୍‌ଙ୍କୁ ନେଇ କୁକିଗୋଷ୍ଠୀ ଓ ଟାଙ୍ଗଖୁଲ, ମାଓ ଓ ଅନ୍ୟକିଛି ସଂପ୍ରଦାୟକୁ ନେଇ ନାଗା ଗୋଷ୍ଠୀ। ସ୍ୱାଧୀନତା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶ ସମୟ ମଣିପୁରରେ କେବଳ ମୈତେୟୀ ଗୋଷ୍ଠୀର ଲୋକ ମୁଖ୍ୟମନ୍ତ୍ରୀ ଆସନରେ ବସିଛନ୍ତି। ମାତ୍ର ୨ଜଣ ଆଦିବାସୀ ସଂପ୍ରଦାୟରୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଉଭୟ ଉଖ୍ରୁଲ୍ ଜିଲାରୁ ଓ ନାଗାଗୋଷ୍ଠୀରୁ । କୁକି ଗୋଷ୍ଠୀ ଦୀର୍ଘଦିନ ହେବ ଅବହେଳାର ଶିକାର ହୋଇ ଆସୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ଏବେର ଭାଜପା ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂହ ମଧ୍ୟ ମୈତେୟୀ ସଂପ୍ରଦାୟର। ହିଂସା ଉଗ୍ରରୂପ ନେବା ପରେ ଦିଲ୍ଲୀରୁ ମଣିପୁର ମୁଖ୍ୟମନ୍ତ୍ରୀ ସମେତ ଚାରିଜଣ କ୍ୟାବିନେଟ ମନ୍ତ୍ରୀଙ୍କୁ ଡାକରା ଆସିଥିଲା। ସୂଚନାଯୋଗ୍ୟ ଯେ, ଉକ୍ତ ଚାରିଜଣ ଯାକ ମୈତେୟୀ ସଂପ୍ରଦାୟର। ପାଖାପାଖି ୩୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମଣିପୁର ଏକ ଛୋଟ ଓ ବିବିଧତାପୂର୍ଣ୍ଣ ରାଜ୍ୟ। ଆଜି ଦେଶର ବିଭିନ୍ନ କ୍ଷେତ୍ରରେ ମଣିପୁରର ଲୋକମାନେ ନିଜର ପରିଚୟ ତିଆରି କରିପାରିଛନ୍ତି। ଭାରତୀୟ ପ୍ରଶାସନିକ ସେବା, କ୍ରୀଡ଼ା, ସେନାବାହିନୀ, କଳା, ସଂସ୍କୃତି ଆଦି ସବୁକ୍ଷେତ୍ରରେ ମଣିପୁରର ଲୋକମାନେ ଆଗରେ ଅଛନ୍ତି। ଆଜି ମଣିପୁରରେ ଯେଉଁମାନେ ଲଢୁଛନ୍ତି, ମରୁଛନ୍ତି କିମ୍ବା ଶରଣାର୍ଥୀ ପାଲଟୁଛନ୍ତି ସମସ୍ତେ ଭାରତୀୟ। ସେମାନଙ୍କ ମୃତ୍ୟୁରେ ଓ ସେମାନଙ୍କ ଘର ଜଳୁଥିବାବେଳେ ଆମେ ଚୁପ୍ ବସିପାରୁଛେ କିପରି ? ଏହି ପ୍ରବନ୍ଧର ଉଦ୍ଦେଶ୍ୟ ମଣିପୁରର ହିଂସାକୁ ବ୍ୟବଚ୍ଛେଦ କରିବା ନୁହେଁ, ଅସଲ ଉଦ୍ଦେଶ୍ୟ ହେଉଛି ମଣିପୁର ଜଳୁଥିବାବେଳେ କେନ୍ଦ୍ର ସରକାର ଓ ସମଗ୍ର ଭାରତ ଏତେ ଜଡ଼ ବ୍ୟବହାର କରିପାରୁଛି କିପରି ? ମଣିପୁରର ଦୁର୍ଦ୍ଦଶା ସମୟରେ ଆମେ କିପରି ଏତେ ସମ୍ବେଦନଶୂନ୍ୟ ଓ ବିବେକ ଶୂନ୍ୟ ହୋଇପାରୁଛେ। ମଣିପୁର ପାକିସ୍ତାନ କି ଚୀନରେ ନାହିଁ। ମଣିପୁର ଭାରତର ଅଂଶ ବିଶେଷ। ଆମର କର୍ତ୍ତବ୍ୟକୁ ଆମେ ଏଡ଼ାଇ ଯାଇପାରୁଛେ କିପରି ?

ମଣିପୁରର ଭାଜପା ବିଧାୟକମାନଙ୍କର ଦୁଇଟି ଗୋଷ୍ଠୀ ଓ ରାଜ୍ୟ କଂଗ୍ରେସ୍‌ର ଗୋଟିଏ ଗୋଷ୍ଠୀ ପ୍ରଧାନମନ୍ତ୍ରୀଙ୍କୁ ଦେଖାକରି ମଣିପୁର ହିଂସା ବିଷୟରେ କଥାବାର୍ତ୍ତା କରିବା ପାଇଁ ଗତ ୧୫ ଜୁନ୍‌ଠାରୁ ଦିଲ୍ଲୀରେ ଡେରା ପକାଇଥିଲେ। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ପ୍ରଧାନମନ୍ତ୍ରୀ ଜୁନ୍ ୨୦ରେ ଆମେରିକା ଗସ୍ତ କରିବା ପୂର୍ବରୁ ତାଙ୍କୁ ଦେଖାକରିବାକୁ ସମୟ ଦେଲେ ନାହିଁ। ଏଥିରୁ ବୁଝାପଡୁଛି ମଣିପୁରର ହିଂସା ଓ ଦଙ୍ଗା ପ୍ରଧାନମନ୍ତ୍ରୀଙ୍କ ବିବେକକୁ ଆଦୌ ବି ଚହଲେଇ ପାରିନାହିଁ। ମଣିପୁରର ଚିତ୍କାର ପ୍ରଧାନମନ୍ତ୍ରୀଙ୍କ କର୍ଣ୍ଣପଟଳକୁ ସ୍ପର୍ଶ କରିପାରିନାହିଁ। ମଣିପୁରରେ ଶତାଧିକ ଲୋକ ମୃତ୍ୟୁବରଣ କଲେଣି। ଦଶ ହଜାରରୁ ଅଧିକ ଲୋକ ଶରଣାର୍ଥୀ ଶିବିରରେ ଅଛନ୍ତି। ହଜାର ହଜାର ଘର ଜଳିପୋଡ଼ି ପାଉଁଶ ହୋଇଯାଇଛି। ରାଜରାସ୍ତା ସଶସ୍ତ୍ର ଲୋକଙ୍କ ଅକ୍ତିଆରରେ। ମାସାଧିକ କାଳ ମଣିପୁରରେ ଇଣ୍ଟରନେଟ୍ ବନ୍ଦ ରହିବା ଯୋଗୁ ସାଧାରଣ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଲୋକମାନେ ହଜାର ହଜାର ସଂଖ୍ୟାରେ ମଣିପୁର ଛାଡୁଛନ୍ତି। ଗୋଟିଏ ଗୋଟିଏ ଫ୍ଲାଇଟ୍ ଟିକେଟ୍‌ର ମୂଲ୍ୟ ତିରିଶ ହଜାରରୁ ଟପିଯାଉଛି। ଏଟିଏମ୍ କେନ୍ଦ୍ର ଆଗରେ ରାତି ତିନିଟାରୁ ଲମ୍ବା ଧାଡ଼ିଲାଗୁଛି। ଏ ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଜଡ଼ତା ଆଦୌ ବି ଗ୍ରହଣୀୟ ନୁହେଁ। ଗଣମାଧ୍ୟମର ନୀରବତା ମଧ୍ୟ ତତୋଧିକ ଦୁର୍ଭାଗ୍ୟଜନକ। କେନ୍ଦ୍ରରେ କ୍ଷମତାରେ ଥିବା ଭାଜପା ମଣିପୁରରେ ବି କ୍ଷମତାରେ ଅଛି। ତଥାପି ହିଂସାକୁ ଆୟତ୍ତ କରିବାରେ ସରକାରଙ୍କ ସକ୍ରିୟତା ଆଦୌ ଦେଖାଯାଇନାହିଁ। ମଣିପୁରର ଭାଜପା ବିଧାୟକମାନେ ବି ଅଭିଯୋଗ କରୁଛନ୍ତି ମୁଖ୍ୟମନ୍ତ୍ରୀ ଆଇନ୍ ଶୃଙ୍ଖଳା ରକ୍ଷାକରିବାରେ ବିଫଳ ହୋଇଛନ୍ତି। ତଥାପି କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ମଣିପୁରରେ ପ୍ରଧାନମନ୍ତ୍ରୀଙ୍କ ନାମରେ ମିସିଙ୍ଗ୍‌ର ପୋଷ୍ଟର ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର, ଗଣମାଧ୍ୟମ ପ୍ରତିନିଧି ଓ ସମଗ୍ର ଭାରତବାସୀଙ୍କଠାରୁ ମଣିପୁର ପ୍ରତି ସମବେଦନା ସହିତ ହିଂସାକୁ ବନ୍ଦ କରିବା ପାଇଁ ଦୃଢ଼ ପଦକ୍ଷେପ ଆଶା କରାଯାଉଛି।



**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ଥମୁନି ରାଜନୈତିକ ଝଡ଼

ମହାଶୟ,

ଏନ୍‌ସିପି ନେତା ଅଜିତ ପାୱାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ରୂପେ ଯୋଗଦାନ କରି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱକୁ ମଧ୍ୟ ସମ୍ମାନ ଜଣାଇଛନ୍ତି । ଅଜିତ ହେଉଛନ୍ତି ଶରଦ ପାୱାରଙ୍କ ପୁତୁରା । ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ପରେ କଂଗ୍ରେସର ସର୍ବେସର୍ବା ରୂପେ ସୋନିଆ ଗାନ୍ଧୀଙ୍କୁ ଚୟନ କରାଯିବାକୁ ବିରୋଧକରି ଦଳର କେତେଜଣ ନେତା ଶରଦଙ୍କ ନେତୃତ୍ୱରେ ଏନ୍‌ସିପି ଗଠନ କରିଥିଲେ । ଏନ୍‌ସିପିର ମୁଖ୍ୟ ଶରଦ ମହାରାଷ୍ଟ୍ରରେ ନିଜର ଜନାଧାର ବଜାଇ ରଖିପାରିଥିଲେ । ଅଜିତ ପାୱାର ତାଙ୍କ ସପକ୍ଷବାଦୀ ଏମ୍‌ଏଲ୍‌ଏ ଓ ଏମ୍‌ପିଙ୍କୁ ନେଇ ନୂଆ ଏନ୍‌ସିପି ଗଠନ କରିବାକୁ ଯାଉଥିବାବେଳେ ଏନ୍‌ସିପିର ଭବିଷ୍ୟତ ଭିନ୍ନ ଦିଗକୁ ଗତିକରିଛି। ଏହି ରାଜନୈତିକ ଝଡ଼ କେବେ ଥମିବ ତାହା କହିବା କଷ୍ଟକର।

**-କାଳି ଦାସ, କଳିଙ୍ଗନଗର, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଗଣାରେ କିଛି ମିଳେନି



ସତ୍ୟବ୍ରତ ପାଣିଗ୍ରାହୀ

ଦୈନିକ ଇଂରାଜୀ ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ 'ମାଗଣା ବଣ୍ଟନର ଅର୍ଥନୀତି'କୁ ନେଇ ଏକ ଆଲେଖ୍ୟ ପ୍ରକାଶିତ ହୋଇଥିଲା। ସେଥିରେ ଗୋଟିଏ ଗଳ୍ପ ସାହାଯ୍ୟରେ ବୁଝାଯାଇଛି ଯେ, ମାଗଣାରେ କିଛି ବି ମିଳେନି। ପ୍ରତ୍ୟେକ ଜିନିଷର କିଛି ମୂଲ୍ୟ ରହିଛି। ଜଣକୁ ମାଗଣାରେ ମିଳୁଥିବା ଜିନିଷର ମୂଲ୍ୟ ଆଉ ଜଣକୁ ଦେବାକୁ ପଡ଼େ। ବିଭିନ୍ନ ସମୟରେ ସରକାର ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ମାଗଣା ଗ୍ୟାସ୍,ମାଗଣା ଆହାର ବଣ୍ଟନ କରନ୍ତି। କିନ୍ତୁ ଏଥିପାଇଁ ଅନ୍ୟ ଶ୍ରେଣୀର ଲୋକଙ୍କୁ ସରକାରୀ ଟିକସ ଆକାରରେ ତାହାର ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ। ଅର୍ଥନୀତି କ୍ଷେତ୍ରରେ ଏହି ତତ୍ତ୍ୱର ଆଲୋଚନା ଅଧିକ। ତେବେ ଏହି 'ମାଗଣାରେ କିଛି ମିଳେନି' ଧାରଣା କେବଳ ଅର୍ଥନୀତିରେ ସୀମିତ ନ ହୋଇ ବିଜ୍ଞାନ,ପରିବେଶ,ଧର୍ମ,ଦର୍ଶନ ଭଳି ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଷ୍ଠା କରିଛି।

ଅର୍ଥନୀତିରେ ଯାହା ଖାଦ୍ୟ,ବସ୍ତ୍ର,ବାସଗୃହ ; ବିଜ୍ଞାନ ଭାଷାରେ ସେସବୁ ଶକ୍ତିର ପରିପ୍ରକାଶ ମାତ୍ର। ଆମେ ଚତୁଃପାର୍ଶ୍ୱରେ ଦେଖୁଥିବା ସବୁକିଛିର ମୂଳ ହେଉଛି ଶକ୍ତି ବା ଏନର୍ଜି। ବିଜ୍ଞାନର ଗୋଟିଏ ମୌଳିକ ନିୟମ ହେଉଛି ଶକ୍ତିର ସୃଷ୍ଟି ନାହିଁ କି ବିନାଶ ନାହିଁ। ଶକ୍ତି କେବଳ ଗୋଟିଏ ରୂପରୁ ଅନ୍ୟ ରୂପକୁ ରୂପାନ୍ତରିତ ହୋଇଥାଏ। ଶୂନ୍ୟରୁ କିଛି ସୃଷ୍ଟି ହୁଏ ନାହିଁ। ମାଗଣାରେ ଶକ୍ତି ଉତ୍ପନ୍ନ ହୁଏ ନାହିଁ। ଶୂନ୍ୟରୁ ତାପ,ଆଲୋକ କିମ୍ବା ବିଦ୍ୟୁତ୍ ଶକ୍ତି ବାହାରେ ନାହିଁ। ପୂର୍ବରୁ ଉପଲବ୍ଧ ପଦାର୍ଥରୁ ହିଁ ଏହି ଶକ୍ତି ମିଳେ। ଆଲୋକଶକ୍ତି ଉତ୍ପନ୍ନ କରିବା ପାଇଁ ସୂର୍ଯ୍ୟକୁ ନିଜେ ଜଳିବାକୁ ହେବ। କିଛି ଶକ୍ତି ତ୍ୟାଗକଲେ ହିଁ ସେତିକି ପରିମାଣର ନୂତନ ଶକ୍ତି ନିର୍ଗତ ହୁଏ। ବେଦାନ୍ତ ଦର୍ଶନ ଶୂନ୍ୟରୁ ବ୍ରହ୍ମାଣ୍ଡକୁ ମାନ୍ୟତା ଦିଏନି। ପୂର୍ବରୁ ଗୋଟିଏ ମହାଶକ୍ତି ବା ବ୍ରହ୍ମ ଥିଲେ, ଯାହାର ବିବର୍ତ୍ତନରେ ସାରା ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି।

ସାରା ସୃଷ୍ଟି ଏକ ଯଜ୍ଞବେଦିରୁ ଜାତ। ତେଣୁ ସେ ଯାଜ୍ଞସେନୀ, ଯଜ୍ଞ ସମ୍ଭୂତା। ପ୍ରାଚୀନ ବେଦ ଘୋଷଣା କରନ୍ତି ଯେ ଯଜ୍ଞ ହେଉଛି ସାରା ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର। ବ୍ରହ୍ମାଣ୍ଡର କେନ୍ଦ୍ରରେ ଏକ ବିରାଟ ଯଜ୍ଞବେଦି ରହିଛି, ଯେଉଁଠାରେ ଅହରହ ଯଜ୍ଞ ସମ୍ପାଦିତ ହେଉଛି। ପ୍ରତ୍ୟେକ ଗ୍ୟାଲାକ୍ସିର କେନ୍ଦ୍ରରେ ଏକ ବ୍ଲାକ୍‌ହୋଲ୍ ବା କୃଷ୍ଣଗର୍ତ୍ତ ଥାଏ, ଯାହାର ଅନ୍ତସ୍ଥ ସିଙ୍ଗୁଲାରିଟି ବିନ୍ଦୁରେ ବିଗ୍‌ବ୍ୟାଙ୍ଗ୍‌ରୁ ବିଶ୍ୱର ଆରମ୍ଭ। ଟିକିଏ କଳ୍ପନାରୁ ଏହା ଅନୁମାନ କରିହେବ ଯେ, ବିଗ୍‌ବ୍ୟାଙ୍ଗ୍ ସମୟର ଅବସ୍ଥା ମଧ୍ୟ ଏକ ବିରାଟ ଯଜ୍ଞରୁ ନିର୍ଗତ ଅଗ୍ନିଶିଖା ସଦୃଶ ଉତ୍ତପ୍ତ। ଯଜ୍ଞର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି 'ତ୍ୟାଗ ବା ଉତ୍ସର୍ଗ '। ସୃଷ୍ଟି ପୂର୍ବରୁ ହୋଇଥିବା ଏକ ବିରାଟ ଯଜ୍ଞରୁ ନିର୍ଗତ ତାପଶକ୍ତି ଦ୍ୱାରା ବ୍ରହ୍ମାଣ୍ଡର ବିସ୍ଫୋରଣରୁ ଏହି ବିଶ୍ୱର ଉତ୍ପତ୍ତି। ତେଣୁ ଆଦ୍ୟାବସ୍ଥାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଶକ୍ତିର ପ୍ରବାହ ଚାଲିଆସିଛି। କିଛି ନୂଆ ପାଇବା ପାଇଁ କିଛି ତ୍ୟାଗ ଜରୁରୀ। କିଛି ଶକ୍ତି ତ୍ୟାଗକଲେ ହିଁ ସେତିକି ପରିମାଣର ନୂତନ ଶକ୍ତି ନିର୍ଗତ ହୁଏ। ଏହା ସୃଷ୍ଟିଯଜ୍ଞର ନିୟମ। ଅତ୍ୟଧିକ ଲାଳସାକୁ ତ୍ୟାଗକରି ପରିବେଶ ଉପରେ ଅତ୍ୟାଚାରକୁ କମାଇଲେ ହିଁ ଆମ ପରିବେଶ ସୁସ୍ଥ ରହିପାରିବ। ଦେଇଥିଲେ ପାଇ। ପ୍ରକୃତିରୁ ଆମେ ସବୁ କିଛି ଗ୍ରହଣ କରି ଜୀବନଧାରଣ କରୁ, ପ୍ରତିଦାନ ସ୍ୱରୂପ ଆମେ ମଧ୍ୟ ପ୍ରକୃତିର ଯତ୍ନ ନ ନେଲେ ସମନ୍ୱୟ ରହିବନାହିଁ।

ଆମେରିକୀୟ ବୈଜ୍ଞାନିକ ବ୍ୟାରି କମନର 'କ୍ଲୋଜିଂ ସର୍କଲ' ପୁସ୍ତକରେ ପରିସଂସ୍ଥାର ଚାରୋଟି ନିୟମର ଅବଧାରଣା କରିଥିଲେ। ଶେଷ ନିୟମରେ ସେ ମାଗଣାରେ କିଛି ମିଳେନି ତତ୍ତ୍ୱକୁ ଉଲ୍ଲେଖ କରିଛନ୍ତି। ନିଜର ସ୍ୱାର୍ଥସାଧନ ପାଇଁ ମଣିଷ ଅକଥନୀୟ ଭାବେ ପରିବେଶ ଉପରେ ଅତ୍ୟାଚାର କରିଚାଲିଛି। ପରିବେଶରୁ ମିଳୁଥିବା ସମ୍ବଳଗୁଡ଼ିକୁ ଦରକାରଠାରୁ ଅଧିକ ମାତ୍ରାରେ ଉପଯୋଗ କରୁଛି। କିନ୍ତୁ ପ୍ରକୃତିରେ ସୀମିତ ମାତ୍ରାରେ ସମ୍ବଳ ଉପଲବ୍ଧ। ମୃତ୍ତିକା,ଜଳ,ଖଣିଜ ସମ୍ପଦ,ବୃକ୍ଷଲତା ଭଳି ପ୍ରାକୃତିକ ସମ୍ପଦ ଶୂନ୍ୟରୁ ଉତ୍ପନ୍ନ ହୁଏ ନାହିଁ। କିନ୍ତୁ ମଣିଷ ଚିନ୍ତାକରେ ଯେ ଏସବୁ ମାଗଣାରେ ଉପଲବ୍ଧ। ଅନାୟାସରେ ପ୍ରାକୃତିକ ସମ୍ବଳର ବ୍ୟବହାର କରିବା ବଦଳରେ ଆମକୁ ଅନେକ କିଛି ହରାଇବାକୁ ପଡୁଛି। କିଛି ପାଇଛେ ମାନେ କିଛି ହରାଇବା ସୁନିଶ୍ଚିତ। ଖଣିଜ ତୈଳର ବ୍ୟବହାର କରିବା ଦ୍ୱାରା ସେଥିରୁ ନିର୍ଗତ ଅଙ୍ଗାରକାମ୍ଳ ଯୋଗୁ ତାପମାତ୍ରା ବୃଦ୍ଧି ଘଟିବା ସହ ପୃଥିବୀ ପାଇଁ ବିପଦ ସାଜିଛି। ପରବର୍ତ୍ତୀ ପିଢ଼ି ପାଇଁ ସ୍ୱଚ୍ଛ ବାୟୁ ମଧ୍ୟ ଉପଲବ୍ଧ ହେବ ନାହିଁ। ସାରା ବିଶ୍ୱରେ ଜଳ ସଙ୍କଟ ଦେଖାଯାଇଛି। ଜଳବାୟୁ ପରିବର୍ତ୍ତନ ସମସ୍ୟା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି। ଫଳରେ ଅର୍ଥହାନି ,ଜୀବନହାନି ହେଉଛି। ତେଣୁ କୌଣସି ପ୍ରାକୃତିକ ସମ୍ବଳ ମାଗଣାରେ ମିଳେନାହିଁ। ସେଥିପାଇଁ ମଣିଷକୁ କିଛି ଦେବାକୁ ପଡ଼ିବ।

**ଗୁଣପୁର, ରାୟଗଡ଼ା**
**ମୋ- ୬୩୭୧୬୮୪୬୯୯**

## ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ !
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଦରଦାମ୍ ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସରକାରୀ ବାସଭବନକୁ ଧସେଇ ପଶୁଥିବାବେଳେ ପୋଲିସ ଅଟକାଉଛି।

# ମହାନଦୀ ସମସ୍ୟାର ସମାଧାନ ସମ୍ଭବ: ଟି.ଏସ୍. ସିଂଦେଓ

ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ଲାଗି ରହିଛି। ମହାନଦୀ ଉପରେ ଛତିଶଗଡ଼ ସରକାର ନିର୍ମାଣ କରିଥିବା ବେଆଇନ ବ୍ୟାରେଜକୁ ନେଇ ଏବେ ଦୁଇ ରାଜ୍ୟ ମଧ୍ୟରେ ଆଇନଗତ ଲଢେଇ ଚାଲିଛି। ଏଭଳି ସ୍ଥିତିରେ ମହାନଦୀ ବିବାଦର ସମାଧାନ ସମ୍ଭବ। ଉଭୟ ରାଜ୍ୟ ଚାହିଁଲେ ଆପୋସ ବୁଝାମଣା ମାଧ୍ୟମରେ ଜଳ ବିବାଦର ସମାଧାନ ହୋଇପାରିବ। ସମନ୍ୱୟ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି, ଫଳରେ ମାମଲା ଟ୍ରିବ୍ୟୁନାଲକୁ ଯାଇଛି। ତେବେ ଉଭୟ ରାଜ୍ୟ ବସି ଆଲୋଚନା ମାଧ୍ୟମରେ ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ବୁଧବାର ଛତିଶଗଡ଼ ଉପ ମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ କହିଛନ୍ତି। ଏହାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି।

ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସିଂଦେଓ ବୁଧବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଳମ୍ବିତ ସନ୍ଧ୍ୟାରେ ଦିଲ୍ଲୀ ଫେରିଯାଇଛନ୍ତି। ସେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ରାଜ୍ୟ କଂଗ୍ରେସ ନେତାମାନେ ତାଙ୍କୁ ସେଠାରେ ସ୍ୱାଗତ କରିଥିଲେ। ଏହାପରେ ତାଙ୍କୁ କଂଗ୍ରେସ ଭବନରେ ଦଳୀୟ ନେତାମାନେ ସ୍ୱାଗତ କରିବା ସହ ଏକ ଛୋଟିଆ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ଏହି ଅବସରରେ ସିଂଦେଓ କହିଛନ୍ତି, ଛତିଶଗଡରୁ ପାଣି ଆସୁଛି ଓଡିଶା ମଧ୍ୟରେ ପ୍ରବାହିତ ହେଉଛି। ତେଣୁ ଉଭୟ ରାଜ୍ୟର ପାଣି ଉପରେ ଅଧିକାର ଅଛି। ଖୋଲା ମନରେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆଲୋଚନା କଲେ ସମାଧାନ ହେଇପାରିବ। ଆପୋସ ବୁଝାମଣା କିପରି ହେବ ସେନେଇ ରାଜ୍ୟର ଅଧିକାରୀମାନେ ବସି ଆଲୋଚନା କରିବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଏହି ସଭାରେ ଅଧ୍ୟକ୍ଷତା କରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସିଂହଦେଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନିଜ ବକ୍ତବ୍ୟରେ ଶରତ କହିଛନ୍ତି ଯେ, ଛତିଶଗଡ଼ରେ କଂଗ୍ରେସ ସରକାର ଗଢ଼ିବା ପରେ ନିର୍ବାଚନ ଇସ୍ତାହାରକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶାରେ ବିଜେଡି ସରକାର ସମୟରେ ରାଜ୍ୟର ବହୁ ଲୋକ ପେଟ ପାଇଁ ଅନ୍ୟ ରାଜ୍ୟକୁ ଯାଇ କାମ କରୁଛନ୍ତି। ଏହା ବିଜେଡି ସରକାରର ଅପାରଗତା ବୋଲି ଶରତ କହିଛନ୍ତି। ଅପରପକ୍ଷରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ କରିବା ପାଇଁ ତାଙ୍କୁ ଅନୁରୋଧ କରିଛନ୍ତି।

# ମନ୍ତ୍ରୀଙ୍କ ବାସଭବନକୁ ଟମାଟୋ ମାଡ଼କଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)

ପନିପରିବା ଦର ଏବେ ରାଜ୍ୟରେ ଆକାଶଛୁଆଁ ହେଲାଣି। ହେଲେ ସରକାର ଏନେଇ କିଛି ପଦକ୍ଷେପ ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ସାଧାରଣ ଖାଉଟିଙ୍କ ଲାଗି ଏହା ବର୍ତ୍ତମାନ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ତେବେ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବୁଧବାର ରାସ୍ତାକୁ ଓହ୍ଲାଇଛି ଛାତ୍ର କଂଗ୍ରେସ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଦରଦାମ୍ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଭବନରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଖାଉଟିବିଭାଗ ମନ୍ତ୍ରୀ ଅତନୁସବ୍ୟସାଚୀଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଘେରାଉ କରିଛନ୍ତି। ଛାତ୍ର କଂଗ୍ରେସ କର୍ମୀମାନେ ଲଙ୍କା, ଭେଣ୍ଡି, ଟମାଟୋ, ଜହ୍ନି ପ୍ରଭୃତି ପନିପରିବାରେ ହାର ତିଆରି କରି ନିଜ ବେକରେ ପିନ୍ଧି ମନ୍ତ୍ରୀଙ୍କ ବାସଭବନ ଆଗରେ ଆସି ପହଞ୍ଚିଥିଲେ। ଏହାପରେ ମନ୍ତ୍ରୀଙ୍କ ବାସଭବନକୁ ଟମାଟୋ,

## ଦରଦାମ୍ ବୃଦ୍ଧି ପ୍ରତିବାଦ

ଭେଣ୍ଡି ଆଦି ପରିବା ଫୋପାଡ଼ିଥିଲେ। ଏହାପରେ ସେମାନେ ମନ୍ତ୍ରୀଙ୍କ ବାସଭବନ ଭିତରକୁ ଧସେଇ ପଶିବା ସମୟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ର କଂଗ୍ରେସ ସଭାପତି ଏହି ଅବସରରେ କିଛି ସ୍ଲୋଗାନ ଦେଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ବଜାର ଦର ଉପରେ ମନ୍ତ୍ରୀ ନୀରବ କାହିଁକି ଅଛନ୍ତି। ଖାଉଟି ପରିବା ହାଟରେ ଲୁହ ଗଡ଼ାଉଥିବା ବେଳେ ନବୀନ ସରକାର ନିଘୋଡ଼ ନିଦରେ ଶୋଇଛନ୍ତି।

ଏହି ଅବସରରେ ୟାସିର କହିଛନ୍ତି, ଟମାଟୋ କିଲୋ ୧୫୦ ଏବଂ ଅନ୍ୟ ସମସ୍ତ ପରିବା ୧୦୦ ଟଙ୍କା ଦର ହୋଇପଡ଼ିଥିବା ବେଳେ ଜଣେ ସାଧାରଣ ଖାଉଟି ପରିବା ହାଟକୁ ଯିବାକୁ ଭୟ କରୁଛି। ଓଡ଼ିଶାରେ ପରିବା ଦର ବଢ଼ିବା ପାଇଁ ରାଜ୍ୟ ସରକାର ଦାୟୀ। ୨୩ ବର୍ଷ ଭିତରେ ଆବଶ୍ୟକ ଶୀତଳ ଭଣ୍ଡାର କରିବା ପାଇଁ ସରକାର ବ୍ୟବସ୍ଥା କରିନାହାନ୍ତି। ଏବେ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୧୩୧ଟି ଶୀତଳ ଭଣ୍ଡାରରୁ ୮୨ଟି ଅଚଳ ହୋଇପଡିଛି। ୧୩ଟି ଜିଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ ବୋଲି ସେ କହିଛନ୍ତି। ସେହିପରି ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପରିବହନ ଉପରେ ଏପରି ପ୍ରଭାବ ପକାଉଛି ଯେ, ଯାହାଦ୍ୱାରା ଅଟା, ଡାଲି, ତେଲ ଓ ଜିରା ପ୍ରଭୃତିର ମୂଲ୍ୟ ଆକାଶଛୁଆଁ ହୋଇପଡ଼ିଛି। ସାଧାରଣ ଚୁଡ଼ା, ମୁଢ଼ି, ଖଇ ଓ ଉଖୁଡ଼ା ମଧ୍ୟ ମୋଦି ଟ୍ୟାକ୍ସ ବା ଜିଏସ୍‌ଟି ଟ୍ୟାକ୍ସରୁ ମୁକ୍ତ ନୁହେଁ। ୨୦୧୪ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଦରଦାମ ବୃଦ୍ଧିକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ। ଏବେ ଦରଦାମ୍ ବୃଦ୍ଧିକୁ ନେଇ ମୋଦି ସରକାର ପାଟି ଫିଟାଉନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପଟେ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

# ୭୦ରୁ ୮୦ ଆସନ ଜିତିବା ଲକ୍ଷ୍ୟ ରଖିଛୁ: ଭାଜପା

ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)

## ଓଡ଼ିଶା ଭାଜପା ନେତାଙ୍କୁ ନେଇ ଆଜି ଗୁଆହାଟୀରେ ବସିବ ବୈଠକ

- ଘରର ଚାରି କାନ୍ଥ ଭିତରେ ବସି ରାଜନୀତିର ଗଣିତ କଷାଯାଏ ନାହିଁ: ବିଜେଡି
- ଓଡ଼ିଶାରେ ଭାଜପା ସରକାର ଗଢ଼ିବାର କୌଣସି ପ୍ରୟାସ ନାହିଁ: କଂଗ୍ରେସ

ଓଡ଼ିଶାରେ ଭାଜପାର ସଙ୍ଗଠନ ବୃଦ୍ଧି ଲାଗି ଗୁଆହାଟୀରେ ଗୁରୁବାର ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଦଳର ରାଜ୍ୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ପ୍ରସ୍ତୁତ ହେବ ବ୍ଲୁପ୍ରିଣ୍ଟ। ଦେଶର ସବୁ ରାଜ୍ୟକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଥିବା ବେଳେ ଗୁରୁବାର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବୈଠକ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟତଃ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟପାଲ୍ ସିଂ ତୋମାର୍, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ଦଳର ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ ବୋଲି ଜଣାପଡ଼ିଛି। ସମ୍ବିତ ପାତ୍ର ଏବଂ ବୈଜୟନ୍ତ ପଣ୍ଡା ମଧ୍ୟ ଏଥିରେ ଯୋଗଦେବେ। ଏହିନେତାଙ୍କଠାରୁରାଜ୍ୟରେ ସଙ୍ଗଠନ ବୃଦ୍ଧିସମ୍ପର୍କରେ ଆବଶ୍ୟକ ମତାମତ ନିଆଯିବ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ତେବେ ଗତଥରର ୧୨୦ମିଶନ୍ ଫେଲ୍ ହେଲା ଭଳି ଏଥର ବି ଭାଜପାକୁ ସୁଫଳ ମିଳିବ ନାହିଁ ବୋଲି ବିଜେଡି, କଂଗ୍ରେସ ପକ୍ଷରୁ କୁହାଯାଇଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ନିର୍ବାଚନରେ ବିଜୟୀ ହେବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ନିଶ୍ଚିତ ଭାବେ ଚାଲିଛି। ଏଥର ପାସ୍ ଲାଗି ଯୋଜନା ଆହୁରି ତୀକ୍ଷ୍ଣ ଭାବେ ହେଉଛି ବୋଲି ସେ କହିଛନ୍ତି। ଭାଜପା ବିଧାୟକ ବୁଢ଼ାନ ମୁର୍ମୁ କହିଛନ୍ତି, ୨୦୨୪ରେ ରାଜ୍ୟ ଦଳର ଟାର୍ଗେଟ ୧୨୦ ନୁହେଁ ବରଂ ୭୦ରୁ ୮୦ଟି ଆସନ ଦଖଲ କରିବାର ଅଛି। ଲୋକ ସଭାରେ ୧୮ଟି ଆସନ ଜିତିବାକୁ ଲକ୍ଷ୍ୟ ରଖିଛୁ ବୋଲି ମୁର୍ମୁ କହିଛନ୍ତି।

ବିଜେଡି ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ଘରର ଚାରି କାନ୍ଥ ଭିତରେ ବସି ରାଜନୀତିର ଗଣିତ କଷାଯାଏ ନାହିଁ। ଗୋଟିଏ ସମୟ ଥିଲା ସେମାନେ ମିଶନ ୧୨୦ ପୁଣି ଆଉ କେତେ କ'ଣ କହିଥିଲେ। କିନ୍ତୁ ଓଡ଼ିଶାରେ ବିଜେଡି ସରକାର ଆସିବାରେ କୌଣସି ଦ୍ୱିମତ ନାହିଁ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ୨୦୧୯ ନିର୍ବାଚନ ସମୟରେ ସେମାନେ କହିଥିଲେ ୧୨୦+ ହେଲେ କେତେ ଆସିଲେ। ଏବେ ସେମାନେ ୭୦ରୁ ୮୦ ଆସନ ନେବେ ବୋଲି କହିଲେଣି। କହିବାକୁ ଟ୍ୟାକ୍ସ ପଡେ ନାହିଁ, ୨୪ରେ କିଏ ପାସ କରିବ ଏବଂ କିଏ ଫେଲ ହେବ ସେ ବିଚାର ସାଧାରଣ ଜନତା କରିବେ। ହେଲେ ଓଡ଼ିଶାରେ ଭାଜପା ସରକାର ଗଢ଼ିବାର କୌଣସି ପ୍ରୟାସ ନାହିଁ ବୋଲି ତାରା କହିଛନ୍ତି।

# ନୂଆ ରୂପରେ ଫେରିଛି ଚିଟ୍‌ଫଣ୍ଡ କମ୍ପାନୀ: ଭାଜପା

ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)

ଓଡ଼ିଶାରେ ଚିଟ୍‌ଫଣ୍ଡ ସଂସ୍ଥା ନୂଆ ରୂପରେଖରେ ଲୋକଙ୍କ ପାଖକୁ ଫେରିଛି। ଲୋକେ ଝାଳବୁହା ଧନକୁ ଘରୋଇ କମ୍ପାନୀଙ୍କଠାରେ ରଖିଥିଲେ। ସେହି ଟଙ୍କାକୁ ଚିଟଫଣ୍ଡ କମ୍ପାନୀମାନେ ଲୁଟ୍ କଲାବେଳେ ରାଜ୍ୟ ସରକାର ଓ ଶାସକ ଦଳର ବିଚିତ୍ର ଭୂମିକା ଥିଲା। ରାଜ୍ୟ ସରକାର ଚିଟ୍‌ଫଣ୍ଡ କମ୍ପାନୀର ବ୍ରାଣ୍ଡ୍ ଆମ୍ବାସାଡର ହୋଇ ଲୋକଙ୍କୁ ଭୁଆଁ ବୁଲାଇଲେ। ପରବର୍ତ୍ତୀ କାଳରେ ଚିଟ୍‌ଫଣ୍ଡ କମ୍ପାନୀ ନାଁରେ ଆନ୍ଦୋଳନ, ମାମଲା ହେଲା ଓ କମିଶନ ବସିଲା। ଜମାକାରୀମାନଙ୍କୁ ତାଙ୍କ ଅର୍ଥ ଫେରାଇବା ପାଇଁ ସରକାର ୩ ଶହ କୋଟି ଟଙ୍କାର କର୍ପସ ଫଣ୍ଡ କଲେ। ସବୁ ନାଟକ ପରେ ବି ଜମାକାରୀ ଟଙ୍କାଟିଏ ପାଇଲେ ନାହିଁ କି ରାଜ୍ୟ ସରକାର ଶିକ୍ଷାଲାଭ କଲେ ନାହିଁ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ଭୁବନେଶ୍ୱରରେ ଡେଙ୍ଗୁ ଯେମିତି ବ୍ୟାପିଛି ବେସରକାରୀ ଅନିୟନ୍ତ୍ରିତ ଫାଇନାନ୍ସ କମ୍ପାନୀଗୁଡିକ ଠିକ୍ ସେମିତି ରାଜ୍ୟସାରା ମାତିଛନ୍ତି। ଏବେବି ଓଡ଼ିଶାରେ ମହାଜନି କାରବାର ଚାଲିଛି, ଯାହାକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।


## झारखण्ड सरकार, कार्यपालक अभियंता का कार्यालय
## ग्रामीण विकास विशेष प्रमण्डल, पाकुड़

ई–अल्पकालिन निविदा आमंत्रण सूचना

ई–निविदा सूचना संख्या – RDD/SD/PAKUR/09/2023-24

1. कार्य की विस्तृत विवरणी :–

| 0 | कार्य का नाम | प्रखण्ड का नाम | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य(रु0 में) | कार्य पूर्ण करने की अवधि |
|---|---|---|---|---|---|---|
| | पाकुड़ जिला के प्रखण्ड महेशपुर में पंचायत–शहरग्राम, ग्राम खैरीबाड़ी में पुल निर्माण। | महेशपुर | 280.94100 | 5.62000 | 10,000.00 | 18 माह |
| | पाकुड़ जिला के प्रखण्ड पाकुड़िया अन्तर्गत बालीडीह से खजुरडंगाल के बीच नाला में मातकोम घाट पर पुल निर्माण। | पाकुड़िया | 353.08000 | 7,01000 | 10,000.00 | 18 माह |

2. वेबसाइट में निविदा प्रकाशन की तिथि :– 18.07.2023
3. ई–निविदा प्राप्ति की तिथि एवं समय :– दिनांक– 18.07.2023 से दिनांक–24.07.2023 अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 25.07.2023 अपराहन् 05:00 बजे तक।
5. **निविदा शुल्क एवं अग्रधन की राशि जमा करने का स्थान:–**
i) जिला नियंत्रण कक्ष पाकुड़।
ii) जिला नियंत्रण कक्ष दुमका।
iii) e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा राँची।
6. निविदा शुल्क, अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान :– e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची।
8. निविदा खोलने की तिथि एवं समय :– 26.07.2023 अपराह्न 2:00 बजे।
9. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण विकास विशेष प्रमण्डल, पाकुड़।
10. ई–निविदा प्रकोष्ठ का दूरभाश सं0 :– 7991153157 (संबंधित कार्यपालक अभियंता का दूरभाष नम्बर)
11. निविदा शुल्क राश्ट्रीयकृत बैंक द्वारा निर्गत ड्राफ्ट या बैंकर्स चेक जो कार्यपालक अभियंता, ग्रामीण विकास विशेष प्रमण्डल, पाकुड के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तद्नुसार अग्रधन की राशि देय होगी।
विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता, ग्रामीण विकास विशेष प्रमण्डल, पाकुड़।

PR.NO.301416 Rural Work Department(23-24):D



## ସାର୍ବଜନିକ ସୂଚନା

ଏହା ସାଧାରଣ ଜନତାଙ୍କ ସୂଚନା ପାଇଁ ଯେ, ଆଶା ଭରସା ପାର୍ଟି ନାମରେ ଏକ ରାଜନୈତିକ ଦଳକୁ ପଞ୍ଜୀକୃତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ପାର୍ଟିର କାର୍ଯ୍ୟାଳୟ ଭଗବାନପୁର, ପୋଷ୍ଟ: ଗୌଡ଼ରମା, ଥାନା ଓ ବ୍ଲକ: କୁଳିଅଣା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757030। ଜନ ପ୍ରତିନିଧି ଆଇନ ୧୯୫୧ର ଧାରା ୨୯(କ) ଅନୁଯାୟୀ ରାଜନୈତିକ ଦଳ ଭାବେ ପଞ୍ଜୀକରଣ ପାଇଁ ଦଳ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ କରାଯାଇଛି। ଦଳର ପଦାଧିକାରୀଙ୍କ ନାମ/ଠିକଣା ନିମ୍ନରେ ଦିଆଗଲା।

**ରାଷ୍ଟ୍ରୀୟ ସଭାପତି:** ସୁରେନ୍ଦ୍ର ନାଥ ହାଁସଦାଃ, ଗ୍ରାମ: ଭଗବାନପୁର, ପୋଷ୍ଟ: ଗୌଡ଼ରମା, ବ୍ଲକ: କୁଳିଅଣା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757030।
**ରାଷ୍ଟ୍ରୀୟ ଉପାଧ୍ୟକ୍ଷ:** ଜଗେନ୍ଦ୍ର ହେମ୍ବ୍ରମ, ଗ୍ରାମ: ଖଡ଼ିଶୋଳଯମୁନା, ପୋଷ୍ଟ: ଦେଉଳିଆ, ବ୍ଲକ: ବଡ଼ସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757026।
**ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ:** ଜ୍ୟୋତି ପ୍ରକାଶ, ଟାଙ୍କି ସାହି, ପୋଷ୍ଟ: ଭଞ୍ଜପୁର, ବ୍ଲକ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757002।
**ରାଷ୍ଟ୍ରୀୟ କୋଷାଧ୍ୟକ୍ଷ:** ଚନ୍ଦ୍ର ମୋହନ ମୁର୍ମୁ, ଗ୍ରାମ: ଦେଉଳିଆ, ପୋଷ୍ଟ: ଦେଉଳିଆ, ବ୍ଲକ: ବଡ଼ସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757026।

ଆଶା ଭରସା ପାର୍ଟିର ପଞ୍ଜୀକରଣକୁ ନେଇ ଯଦି କାହାର ଆପତ୍ତି ରହିଛି, ସେମାନେ କାରଣ ଦର୍ଶାଇ ସେମାନଙ୍କ ଆପତ୍ତି ପତ୍ର ସଚିବ (ରାଜନୈତିକ ଦଳ), ଭାରତ ନିର୍ବାଚନ ଆୟୋଗ, ନିର୍ବାଚନ ସଦନ, ଅଶୋକ ରୋଡ୍, ନୂଆଦିଲ୍ଲୀ – 110001ଙ୍କ ନିକଟକୁ ଏହି ନୋଟିସ୍ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ପଠାଇପାରିବେ।



## ODISHA COOPERATIVE TASAR & SILK FEDERATION LTD. (SERIFED)

Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-38(06)/SERIFED/2023-24/1433 Dt.: 04.07.2023

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the **02 (Two) nos. of works (1 no. Godown and 1 no. CFC)** at different places of Sonepur Dist. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 06.07.2023 to 17.00 hours up to dt. 13.07.2023**. Online bids shall be received **till 17.00 hours dt. 13.07.2023** & shall be opened **at 11.30 AM on Dt. 14.07.2023**. Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR



## Government of Odisha
## Higher Education Department

**Important notice for admission into Integrated M.A. Ph.D Program at Odia University, Satyabadi for the academic session 2023-24**

**No.N-30:**It is for information of all concerned that admission into Integrated M.A. Ph. D Program of Odia University, Satyabadi shall be done through a separate Entrance examination. Accordingly, the candidates are hereby instructed to fill-up a Common Application Form in the SAMS P.G. portal in three nos. of subjects namely i) Odia Language & Literature, ii) Linguistics & Natural Language Processing, iii) Regional, Tribal Language & Heritage Studies as per the below mentioned timeline.

**Timeline for Entrance Test & e-Admission into Integrated M.A. Ph.D Program**

Timeline for Entrance Test & PG e-Admission for the session 2023-24 for Odia University under the project 'Student Academic Management System (SAMS)' is given below.

1. The CAP fees will be Rs. 500.00 for General applicants and Rs.300.00 for SC/ST applicants for all the 3 subjects and the Fees will be collected in online mode only.
2. No fees shall be collected from the applicants coming under PwD category, Transgender, Orphan, Child Care Institutes & green passage scheme.
3. The Admission fees shall be collected at the time the admission at the level of University.
4. The applicants must have passed +3 with Odia Honours to participate for admission into this **Integrated M.A. Ph. D Program at Odia University.**

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | **8-July-2023 (02:00 PM) (Saturday)** |
| 2 | Last date for applying online CAF through www.samsodisha.gov.in | **15-July-2023(11:45 PM) (Saturday)** |
| 3 | Submission of applicant's data to the State Selection Board (SSB) | **18-July-2023 (Tuesday)** |
| 4 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | **7-Aug-2023 (02:00 PM onwards) (Monday)** |
| 5 | Conduct of Entrance Examination | **13-Aug-2023 (Sunday)** |
| 6 | Handing over the entrance marks to OCAC by SSB, Odisha | **18-Aug-2023 (Friday)** |
| 7 | Publication of Subject wise merit list | **23-Aug-2023 (02:00 PM) (Wednesday)** |
| 8 | Publication of Provisional Allotment of Seats / Waitlisted seats | **26-Aug-2023 (02:00 PM) (Saturday)** |
| 9 | Reporting of applicants for taking admission (Venue will be notified in due course) | **28-Aug-2023 (09:00 AM) (Monday)** |
| 10 | Data updation of admitted students in the e-space by the University | **28-Aug-2023 (till 05:00 PM) (Monday)** |

**For More details Please Contact:e-Admission Helpline (Toll Free) Number 155335/1800-345-6770**

**N.B. The Zone of the Entrance Examination Centers will be at 1.Bhubaneswar 2. Berhampur 3.Balasore & 4.Sambalpur**

OIPR-11001/11/0011/2324 Sd./- Deputy Director, PTC Section



## ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର

**ବ୍ଲକସ୍ତରୀୟ ସମୀକ୍ଷା ଜନଶୁଣାଣି**

ଏତଦ୍ୱାରା ଗଞ୍ଜାମ ଜିଲ୍ଲାର ୨୨ (ବାଇଶି)ଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ପାଇଁ ନିମ୍ନଲିଖିତ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି। ଏହି ଦିନ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମଜୀବୀଙ୍କର ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିପାରିବେ। ଏହି ଜନଶୁଣାଣି ଉପରୋକ୍ତ ଯୋଜନାରେ ୦୧।୧୦।୨୦୨୨ଠାରୁ ୩୧।୦୩।୨୦୨୩ (MGNREGS) ଓ ୨୦୨୦–୨୧ଠାରୁ ୨୦୨୨–୨୩ (ପଞ୍ଚଦଶ ଅର୍ଥ କମିଶନ) ଆର୍ଥିକ ବର୍ଷର କାର୍ଯ୍ୟକାରୀ ହୋଇଥିବା ସମୁଦାୟ ପ୍ରକଳ୍ପର ସଂଖ୍ୟା, କାମ ଶେଷ ହୋଇଥିବା ପ୍ରକଳ୍ପର ସଂଖ୍ୟା, ପାଇଥିବା ଅର୍ଥର ପରିମାଣ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ପଞ୍ଜିକୃତ ହୋଇଥିବା ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାର ସଂଖ୍ୟା, ୧୦୦ଦିନ କାର୍ଯ୍ୟ ସମାପ୍ତ କରିଥିବା ପରିବାରର ସଂଖ୍ୟା, ଶ୍ରମ ଯୋଗାଣ ସୃଷ୍ଟି ହୋଇଥିବା ଦିନର ସଂଖ୍ୟା, ବେକାରି ଭତ୍ତା ଦିଆଯିବା ସମ୍ପର୍କେ ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗର ସଂଖ୍ୟା ଏବଂ ଫଇସଲା ହୋଇଥିବା ଅଭିଯୋଗ ଇତ୍ୟାଦିର ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଦ୍ୱାରା କରାଯିବ।

ଏଣୁ ଆପଣଙ୍କୁ ଅନୁରୋଧ, ଆପଣମାନେ ଏହି ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ବହୁସଂଖ୍ୟାରେ ଯୋଗଦେଇ ଉପରୋକ୍ତ କାର୍ଯ୍ୟକାରିଣୀକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ।

| କ୍ରମିକ ନଂ. | ବ୍ଲକର ନାମ | ତାରିଖ | ସମୟ | ସ୍ଥାନ | କ୍ରମିକ ନଂ. | ବ୍ଲକର ନାମ | ତାରିଖ |
|---|---|---|---|---|---|---|---|
| ୧ | ଆସ୍କା | ୧୦।୦୭।୨୦୨୩ | ୧୧.୦୦ ଦିବା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ୧୨ | ଜଗନ୍ନାଥପ୍ରସାଦ | ୨୪।୦୭।୨୦୨୩ |
| ୨ | ବେଗୁନିଆପଡ଼ା | ୧୧।୦୭।୨୦୨୩ | | | ୧୩ | କବିସୂର୍ଯ୍ୟନଗର | ୨୫।୦୭।୨୦୨୩ |
| ୩ | ବେଲଗୁଣ୍ଠା | ୧୨।୦୭।୨୦୨୩ | | | ୧୪ | ଖଲ୍ଲିକୋଟ | ୨୬।୦୭।୨୦୨୩ |
| ୪ | ଭଞ୍ଜନଗର | ୧୩।୦୭।୨୦୨୩ | | | ୧୫ | କୁକୁଡ଼ାଖଣ୍ଡି | ୨୭।୦୭।୨୦୨୩ |
| ୫ | ବୁଗୁଡ଼ା | ୧୪।୦୭।୨୦୨୩ | | | ୧୬ | ପାତ୍ରପୁର | ୨୯।୦୭।୨୦୨୩ |
| ୬ | ଛତ୍ରପୁର | ୧୫।୦୭।୨୦୨୩ | | | ୧୭ | ପୋଲସରା | ୩୧।୦୭।୨୦୨୩ |
| ୭ | ଚିକିଟି | ୧୭।୦୭।୨୦୨୩ | | | ୧୮ | ପୁରୁଷୋତ୍ତମପୁର | ୦୧।୦୮।୨୦୨୩ |
| ୮ | ଧରାକୋଟ | ୧୮।୦୭।୨୦୨୩ | | | ୧୯ | ରଙ୍ଗେଇଲୁଣ୍ଡା | ୦୨।୦୮।୨୦୨୩ |
| ୯ | ଦିଗପହଣ୍ଡି | ୧୯।୦୭।୨୦୨୩ | | | ୨୦ | ସାନଖେମୁଣ୍ଡି | ୦୩।୦୮।୨୦୨୩ |
| ୧୦ | ଗଞ୍ଜାମ | ୨୦।୦୭।୨୦୨୩ | | | ୨୧ | ଶେରଗଡ଼ | ୦୪।୦୮।୨୦୨୩ |
| ୧୧ | ହିଞ୍ଜିଳିକାଟୁ | ୨୧।୦୭।୨୦୨୩ | | | ୨୨ | ସୋରଡ଼ା | ୦୫।୦୮।୨୦୨୩ |

ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର



## DISTRICT PROJECT OFFICE
## SAMAGRA SHIKSHA, MAYURBHANJ

No. 2216/GE Date: 04.07.2023

**NOTICE**

This is for information of the applicants who had submitted application for the post of Warden, Accountant, Part Time Teacher Science & Mathematics, Part Time Teacher English, Part Time Teacher Sanskrit/Hindi and Watchman-cum-Sweeper in different Kasturba Gandhi Balika Vidyalayas (KGBV Type - II) of Mayurbhanj district that the advertisement published vide No. 4226, Dtd.14.09.2021 inviting applications to fill up the vacancies of the aforesaid posts in KGBVs hereby stands cancelled due to administrative reasons.

By order of the Collector-cum-Chairman
Samagra Shiksha, Mayurbhanj
**Sd./- District Education Officer & DPC**
**Samagra Shiksha, Mayurbhanj**



## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

अति अल्पकालीन ई–निविदा आमंत्रण सूचना

ई– निविदा सूचना संख्या – RDD/SD/CHAIBASA/20/2023-24(2nd Call)

1.कार्य की विस्तृत विवरणीः

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के आनन्दपुर प्रखण्ड अन्तर्गत कमाय एवं रेंगोल्डा के बीच कोयल नदी पर पुल निर्माण। | 137612800.00 | 27,55,000.00 | 10000.00 | 24 माह |

2. वेबसाइट में निविदा प्रकाशन की तिथि – 08.07.2023
3. ई–निविदा प्राप्ति की तिथि एवं समय दिनांक 08.07.2023 से दिनांक 15.07.2023 अपराह्न 5:00 बजे तक
4. निविदा शुल्क, अग्रधन की राशि , Affidavit एवं Bank Certificate for Credit Facility जमा करने की तिथि एवं समय 17.07.2023 से 19.07.2023 अपराह्न 05:00 बजे तक
निविदा शुल्क एवं अग्रधन की राशि जमा करने का स्थान :–
(1) सदर अनुमण्डल का "नियंत्रण कक्ष, चाईबासा
(2) जिला नियंत्रण कक्ष, राँची।
(3) e-procurment cell, मुख्य अभियंता कार्यालय, ग्रामीण विकास विशेश प्रक्षेत्र, एफ०एफ०पी०भवन धुर्वा राँची।
5. निविदा खोलने का स्थान – कार्यपालक अभियंता कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा
6. निविदा खोलने की तिथि एवं समय – 20.07.2023 अपराह्न 2:00 बजे
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेश प्रमंडल, पश्चिमी सिंहभूम, चाईबासा।
8. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
9. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकंर्स चेक जो कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा के पदनाम से देय हो, देना होगा।
10. प्राक्कलित राशि घट बढ़ सकती है तदनुसार अग्रधन की राशि देय होगी।
11. विशेष परिस्थिति में बिना कारण बताए निविदा रद्द करने अथवा स्थगित करने का अधिकार अधोहस्ताक्षरी को सुरक्षित रहेगा।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह०/–कार्यपालक अभियंता ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR301458 (West Singhbhum)23-24*D

## ପଲମ ଉଚ୍ଚ ପ୍ରାଥମିକ ସ୍କୁଲରେ ବନ ମହୋତ୍ସବ

ପଲମ,(ଭିକାରି ଗଉଡ): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବୃକ୍ଷ ଛାଇ ଯୋଗାଇବା ସହ ମୃତ୍ତିକା କ୍ଷୟକୁ ରୋକିବ ଏବଂ ମରୁଡି ପରିସ୍ଥିତି ହ୍ରାସ କରାଇବା, ଅଧିକ ବିକଳ୍ପ ଇନ୍ଧନ ଉତ୍ସ ଯୋଗାଇବା, ପରିବେଶ ସନ୍ତୁଳନ ଆଣିବା ଖାଦ୍ୟ ଉତ୍ପାଦନ ବୃଦ୍ଧି ପ୍ରଭୃତି ଅଗଣିତ ହିତ ସାଧନ କରିଥାଏ। ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁବରାଜ ଜାନୀ ତଥା ସହ ଶିକ୍ଷକମାନଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ କେସିଙ୍ଗା କଶ୍ୟପଡା ବନ ଅଧିକାରୀ ବିଶିକେଶନ କରୁଆଁ ଏବଂ ସହକର୍ମୀମାନଙ୍କ ସହ ବୃକ୍ଷରୋପଣ କରିଥିଲେ।

## ସଂକ୍ଷେପରେ

### ବିକାଶ କଲେଜର ୨ ଛାତ୍ରୀଛାତ୍ର କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଟପ୍ପର




ଭବାନୀପାଟଣା,୫।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ପ୍ରଥମ ସ୍ନାତକ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଏଥିରେ ଭବାନୀପାଟଣା ବିକାଶ କଲେଜର ଛାତ୍ରୀଛାତ୍ରମାନେ କୃତିତ୍ୱ ଅର୍ଜନ କରିଛନ୍ତି। ବିବିଏ,ବିସିଏ ପାସ କରିଥିବା ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କଲେଜ ପାଇଁ ଗୌରବ ଆଣିଛନ୍ତି। କଲେଜ ଛାତ୍ର ଆରିୟନ ଯୋଷୀ ଓ ଛାତ୍ରୀ ସ୍ନିଗଧାରାଣୀ ପଟ୍ଟନାୟକ ବିସିଏ ବିଭାଗରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଯୁଗ୍ମ ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିକାଶ ଅନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି.ନାଗେଶ୍ୱର ରାଓ, କଲେଜ ଅଧକ୍ଷ ଡ.ସୁଦୀପ୍ତ କୁମାର ଜେନା, ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମକୁମାର, ଏକାଡେମିକ ଇନଚାର୍ଜ ଡି.ବିଜୟା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ବିଇଓଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଳ,୫।୭(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକଙ୍କୁ ଖଡ଼ିଆଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଖଡ଼ିଆଳ ବ୍ଲକର ଶୈକ୍ଷିକ ଦିଗର ଅଭିବୃଦ୍ଧି ସାଙ୍ଗକୁ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ବିଇଓ ନାୟକଙ୍କ ସାଙ୍ଗରେ ସଂଘ କର୍ମକର୍ତ୍ତା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଧନୁ ବାଗ, ଖଡ଼ିଆଳ ବ୍ଲକ ସଭାପତି ଚନ୍ଦ୍ର କୈବର୍ତ୍ତ, ସମ୍ପାଦକ ଭରତ ଭୂଷଣ ଖମାରି, ଉପସଭାପତି ମମତା ପାଢ଼ୀ, ଯୁଗ୍ମସମ୍ପାଦକ ନିରୁପମା ନନ୍ଦ, ଧର୍ମବୀର୍ ରାଉତ, ସଙ୍ଗଠକ ସମ୍ପାଦକ ଜଗଦୀପ ଦାସ, ଜୋନାଲ ସମ୍ପାଦକ ଯଜ୍ଞସ ପ୍ରସାଦ ମହାଉତି ତଥା କୋଷାଧକ୍ଷ ରୂପା ବାଗ ଉପସ୍ଥିତ ଥିଲେ।

### ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ରୁପ୍ରାରୋଡ୍,୫।୭(ସଞ୍ଜୀବ ଦାସ): କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଆନୁକୂଲ୍ୟରେ ଭବାନୀପାଟଣା ବନାଞ୍ଚଳ ଅଧୀନ ସାନ୍ତପୁର ସେକ୍ସନର ଚଳିତବର୍ଷ 'ପ୍ରକୃତି ମିତ୍ର' ପୁରସ୍କାରପ୍ରାପ୍ତ ସରଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନ ମହୋତ୍ସବରେ ଏକ ସଭାର ଆୟୋଜନ ସହିତ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରିଆଁ ସରପଞ୍ଚ ଓଁପ୍ରକାଶ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଭାସ୍କର ଭୋଇ, ସାନ୍ତପୁର ସେକ୍ସନର ବନପାଳ ଭବାନୀ ଶଙ୍କର ପରିଚ୍ଛା, ଭଟାଙ୍ଗପଦର ବନପାଳ ଲୋକାଚନ୍ଦ୍ର ପୋଡ଼, ବନରକ୍ଷୀ ଇନ୍ଦ୍ରଭୂଷଣ ଧ.ମାଝି, ବନରକ୍ଷୀ ତୁଳସୀ ସ୍ୱାଇଁ, ସ୍କୁଲ ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ପ୍ରମୁଖ ଜଙ୍ଗଲ ସୁରକ୍ଷା ଦିଗରେ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନାର କର୍ମକର୍ତ୍ତା ତଥା ସମସ୍ତ ଶିକ୍ଷକ ଓ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ରହିଥିଲେ।

# ଦୁର୍ନୀତି ରୋକିବାକୁ ପ୍ରତିବାଦ ସଭା

ଲାଞ୍ଜିଗଡ଼,୫।୭(ରମେଶ ଚନ୍ଦ୍ର ନାୟକ)

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି**

**■ପଦକ୍ଷେପ ନ ନେଲେ ହାଇକୋର୍ଟ ଦ୍ୱାରସ୍ଥ ଚେତାବନୀ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଲାଞ୍ଜି ପଞ୍ଚାୟତରେ ପୁଣି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ରୋକିବା ନେଇ ଯୁବଗୋଷ୍ଠୀଙ୍କ ବାଇକ୍ ରାଲି ମାଧ୍ୟମରେ ଲାଞ୍ଜି ପଞ୍ଚାୟତର ବିଭିନ୍ନ ଗାଁରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିବାଦ ସଭାରେ ବ୍ଲକ ପ୍ରଶାସନ, ଜିଆରଏସ ଏବଂ ଗାଁ ସାଥିଙ୍କ ମଧୁଚନ୍ଦ୍ରିକା ଯୋଗୁ ଏବେ ଯାଏଁ ବ୍ଲକ ବା ଜିଲା ପ୍ରଶାସନ ଦୁର୍ନୀତିଗ୍ରସ୍ତ ଜିଆରଏସ ଓ ଗାଁ ସାଥିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରୁନାହିଁ। ଫଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଥିବା ଶ୍ରମିକଙ୍କୁ ପାରିଶ୍ରମିକ ଅର୍ଥ ରାଶି ମିଳିନି ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉକ୍ତ ଯୋଜନାରେ ହେଉଥିବା ଦୁର୍ନୀତି ଓ ଅନେକ ସ୍ଥାନରେ ଅଧାପନ୍ତରିଆ ଭାବେ କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିବା ଓ ଶ୍ରମିକଙ୍କୁ ନିୟମିତ ପାରିଶ୍ରମିକ ଅର୍ଥରାଶି ନ ମିଳିବା ଏବଂ ଶ୍ରମିକଙ୍କୁ ଉଚିତ



ଆୟୋଜିତ ପ୍ରତିବାଦ ସଭାରେ ଆଲୋଚନା କରାଯାଉଛି।

ପରିମାଣରେ ମଜୁରୀ ନ ଦେବା ଭଳି ଅନେକ ଅଭିଯୋଗ ସତ୍ତ୍ୱେ ମଧ୍ୟ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେବା ବଡ଼ଦୁର୍ଭାଗ୍ୟ ବିଷୟ ବୋଲି ଆଲୋଚନା କରିଥିଲେ। ସୂଚନା ଥାଉକି ଗତ ମେ ୨୯ରେ ଶ୍ରମିକଙ୍କ ପ୍ରତିବାଦ ସଭା କରିବା ପରେ ଜୁନ ୧୦ ତାରିଖ ମଧ୍ୟରେ ସମାଧାନ ନ ହେଲେ କୋର୍ଟରେ ଦ୍ୱାରସ୍ଥ ହେବୁ ବୋଲି ଚେତାବନୀ ଦେଇଥିଲେ ମଧ୍ୟ ବ୍ଲକ କିମ୍ବା ଜିଲା ପ୍ରଶାସନ ଏବେ ଯାଏଁ କୌଣସି ପଦେକ୍ଷପ ନ ନେବାରୁ ବୁଧବାର ପୁଣି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତ ରୋକିବା ପାଇଁ ବାଇକ୍ ରାଲି ମାଧ୍ୟମରେ ଲାଞ୍ଜି ପଞ୍ଚାୟତ ପ୍ରତେକ ଗାଁ ଯାଇ ଅଞ୍ଚଳର ଯୁବ ଗୋଷ୍ଠୀ ସଚେତନ ବାର୍ତ୍ତା ଦେଇଥିଲେ। ଲାଞ୍ଜି ପଞ୍ଚାୟତ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଯୋଗଦେଇ ଜିଆରଏସ ଓ ଗାଁ ସାଥିଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରିବା ସହିତ ବ୍ଲକ ପ୍ରଶାସନ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଏ ତାହା ହେଲେ ଆମେ ବ୍ଲକ ଘେରାଉ କରିବା ସହିତ ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନ ନାମରେ ହାଇକୋର୍ଟର ଦ୍ୱାରସ୍ଥ ହୋଇ ମାମଲା ରୁଜୁ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ବାଇକ୍ ରାଲି ଓ ପ୍ରତିବାଦ ସଭାରେ ବ୍ରିଟିଶ କୁମାର, ଗୌତମ ଦୋରା, ପୂର୍ଣ୍ଣ ମାଝି, କୁଞ୍ଜ ମାଝି, ବନ ମାଝି ଏବଂ ଲାଞ୍ଜି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ପ୍ରମୁଖ ଯୋଗଦେଇଥିଲେ।

# ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଜନ ସମାବେଶ



ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

କର୍ଲାମୁଣ୍ଡା,୫।୭(ପ୍ରଦୀପ ସାହୁ)

**୨୦୦ ୟୁନିଟ ଦେୟ ମୁକ୍ତ ବିଜୁଳି ଦାବି**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଉଦ୍ୟାନ ବଗିଚାଠାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ବୁଧବାର ୨୦୦ ୟୁନିଟ ଦେୟ ମୁକ୍ତ ବିଜୁଳି ଦାବିରେ ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସତ୍ୟ ମାହାରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଏଏପି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାୟଗଡା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ, ରାଜ୍ୟ ସମ୍ପାଦକ ଅମୀୟ ଶର୍ମା, ବଲାଙ୍ଗୀର ଜିଲା ସଭାପତି ଆଶିଷ ପାଣ୍ଡେ, କଳାହାଣ୍ଡି ଜିଲା ଲୋକସଭା ଇନଚାର୍ଜ କୃତିବାସ ମୁଣ୍ଡ, କଳାହାଣ୍ଡି ଜିଲା ସାଧାରଣ ସମ୍ପାଦକ ତୀର୍ଥ ବୁଦ୍ଧିଆ, ନର୍ଲା ନିର୍ବାଚନ ମଣ୍ଡଳୀ ସଭାପତି ପି. ଶଙ୍କର ରେଡ୍ଡୀ, ଜିଲା ଉପସଭାପତି ମୋହନ ସାହୁ, ନାରୀନେତ୍ରୀ ମମତା ନାଏକ ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କର୍ଲାମୁଣ୍ଡା ବ୍ଲକ ସଭାପତି ଦଶରଥ ସାହୁ, ଧରଣୀ ସାହୁ, ଭକ୍ତ ସାହୁ, ଭୂପିନ୍ଦର ଦୀପ ଉମାକାନ୍ତି ସାହୁ, ରୀତା ରାଣୀ ସାହୁ, ଶମ୍ଭୁ ପାଣି ସାହୁ, ଯଶୋଦା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ମ. ରାମପୁର ଥାନାଧିକାରୀ ସଚିନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ମୁତୟନ ହୋଇଥିଲେ।

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚସୀନ ଅତିଥି ବୃନ୍ଦ।

ନୂଆପଡ଼ା,୫।୭(ମକାରୁ ବେମାଲ)

**ଶ୍ରେଷ୍ଠ ପ୍ରତିଯୋଗୀ ରାଜ୍ୟସ୍ତରରେ ପ୍ରତିନିଧିତ୍ୱ କରିବେ**

ସ୍ଥାନୀୟ ନ୍ୟାଶନାଲ ମହାବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ନୂଆପଡା ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ ଶିବ ପ୍ରସାଦ ବେହେରା, ନ୍ୟାଶନାଲ ମହିବିଦ୍ୟାଳୟ ଅଧ୍ୟକ୍ଷ ନୃସିହ ଚରଣ ସାହୁ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଦେଶ ନିର୍ମାଣରେ ଯୁବକମାନଙ୍କ ମୁଖ୍ୟ ଭୂମିକା ରହିଛି। ଯୁବକମାନେ ନିଜକୁ ଦେଶ ସେବାରେ ସମର୍ପିତ କରନ୍ତୁ ବୋଲି ଏମପି ପଣ୍ଡା ଆହ୍ୱାନ ଦେଇଥିଲେ। ଯୁବ ମହୋତ୍ସବରେ କବିତା ପାଠ, ଫଟୋଗ୍ରାଫି, ସୋଲିଡ୍ୟାନ୍ସ, ଗ୍ରୁପଡ୍ୟାନ୍ସ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଯବତୀଯୁବକମାନେ ରାଜ୍ୟସ୍ତରରେ ପ୍ରତିନିଧିତ୍ୱ କରିବେ ବୋଲି ଯୁବ ଅଧିକାରୀ ମେହେର ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ସମାରୋହରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ସିଆରପିଏଫ ୨୧୬ ବାଟାଲିଆନ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ନୂଆପଡା ଅଗସ୍ତି ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଦୁତୀୟା ବନଛୋର ମଞ୍ଚ ପରିଚାଳନା କରିଥିବା ବେଳେ କିଶୋର କୁମାର ପରିଡା ଓ ନେହେରୁ ଯୁବ କେନ୍ଦ୍ର ଏସଏମଟି ମୁକେଶ ପାଣ୍ଡେ, ସେଚ୍ଛାସେବୀ ସଂଗ୍ରାମ କେଶରୀ ସିଂ, ଭଞ୍ଜ କିଶୋର ନାଏକ, ଭାରତୀ ଭୋଇ, ବିଶାଖା ହରିଜନ, ପୁସ୍ତମ ସାବର, କବିତା ଶବର, ଜନକ ରାମ ପାଣ୍ଡେ, ଅଞ୍ଜଳି ଶବର ପ୍ରମୁଖ ସହଯୋଗ କରିଥିଲେ।

# ସହରାଞ୍ଚଳ ଜନଆରୋଗ୍ୟ କେନ୍ଦ୍ରର ବୈଠକ, ସମିତି ଗଠନ

ଧର୍ମଗଡ଼,୫।୭(ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା ଧର୍ମଗଡ ଇନ୍ଦ୍ରାବତୀ କଲୋନୀଠାରେ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଜିଲା ସ୍ୱାସ୍ଥ୍ୟ ସମିତି ଓ କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନୂତନ ସମିତି ଗଠନ ହୋଇଛି। ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାକେଶ ସାହୁ, ଧର୍ମଗଡ ମେଡ଼ିକାଲ ଅଧିକାରୀ ଡ଼ାକ୍ତର ସଦାନନ୍ଦ ପାଣିଗ୍ରାହୀ, ଜନଆରୋଗ୍ୟ କେନ୍ଦ୍ର ମେଡ଼ିକାଲ ଅଧିକାରୀ ଡାକ୍ତର ବାବାଜି ଚରଣ ଦାସ, ସହକାରୀ ପ୍ରୋଗ୍ରାମ ମ୍ୟାନେଜର ଆଲୋକ ରଞ୍ଜନ ମୁଣ୍ଡ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ମୁଣ୍ଡ, ସମ୍ପାଦକ ଅକ୍ଷୟ କୁମାର ଦାସ, ବରିଷ୍ଠ ଖବରଦାତା ବିଦ୍ୟାଧର ସାହୁ, ଧର୍ମଗଡ ହସ୍ପିଟାଲ ମ୍ୟାନେଜର ସୁମେଶ୍ୱର୍ ନାଏକ, ଏବିଓ ସାରଙ୍ଗ ମୁଣ୍ଡ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ତଥା ଏନଏସି ପ୍ରତିନିଧି, ଆଶା କର୍ମୀ ଯୋଗଦେଇଥିଲେ। ଜନ ଆରୋଗ୍ୟ କେନ୍ଦ୍ର ସମିତି ଅଧକ୍ଷ ଭାବେ କାଉନସିଲର ପ୍ରବୀଣ କୁମାର ପଣ୍ଡାଙ୍କୁ ଚୟନ କରାଯାଇଥିବା ବେଳେ ସହ ଅଧକ୍ଷ ଭାବେ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ, ମେମ୍ବର ସେକ୍ରେଟାରୀ ଭାବେ ଡାକ୍ତର ବାବାଜୀ ଚରଣ ଦାସ ଓ ସିଭିଲ ସୋସାଇଟୀରୁ ବିଦ୍ୟାଧର ସାହୁ ଓ ବିରଞ୍ଚି ନାରାୟଣ ଜାଲଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଗତ ଡିସେମ୍ବର ୨୮ରେ ଧର୍ମଗଡ ଇନ୍ଦ୍ରାବତୀ କଲୋନୀଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଆରମ୍ଭ ହୋଇଛ। ଏହାକୁ କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପରିଚାଳନା କରୁଛି। ସୂଚନାଯୋଗ୍ୟ ଯେ, ଭବାନୀପାଟଣାସ୍ଥିତ ଅର୍ବାନ ଉପସ୍ୱାସ୍ଥ୍ୟ ପ୍ରାଥମିକ କେନ୍ଦ୍ରକୁ ମଧ ୯ ବର୍ଷ ହେଲା କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପରିଚାଳନା କରୁଛି। ଏହି କେନ୍ଦ୍ର ୨ଥର କାୟାକଳ୍ପ ପ୍ରଥମ ପୁରସ୍କାର ପାଇଥିବା ବେଳେ ଜାତୀୟସ୍ତରରେ ଥରେ ପୁରସ୍କୃତ ହୋଇଛି। ଫଟୋ–ସହରାଞ୍ଚଳ ଜନଆରୋଗ୍ୟ କେନ୍ଦ୍ରର ବୈଠକ।

# ଡମ୍ବ ଗଣ୍ଡା ସମାଜ ପକ୍ଷରୁ ଦାବିପତ୍ର



ଥାନାଧିକାରୀଙ୍କୁ ଏତଲା ଦିଆଯାଉଛି।

ଖଡ଼ିଆଳ,୫।୭(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଡ଼ମ୍ବ ଗଣ୍ଡା ସମାଜ କଲ୍ୟାଣ ସମିତି ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ର ଏକ ସଂଳାପରେ ହରିଜନ ଶବ୍ଦ ବ୍ୟବହାରକୁ ନିନ୍ଦା କରାଯାଇଛି। ଏହିକ୍ରମରେ ସିନେମା ବିରୋଧରେ ଡମ୍ବ ଗଣ୍ଡା ସମାଜ ସଭାପତି ହେମନ୍ତ ତାଣ୍ଡିଙ୍କ ନେତୃତ୍ୱରେ ଥାନାରେ ଏତଲା ଦିଆଯାଇଛି। ସିନେମାରେ ହରିଜନ ଶବ୍ଦ ବ୍ୟବହାର କରି ସମସ୍ତ ଡ଼ମ୍ବ ଓ ଗଣ୍ଡା ସମାଜକୁ ଅପମାନିତ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଫିଲ୍ମ ନିର୍ମାତା, ପ୍ରଯୋଜିକା ଓ ମୁଖ୍ୟ ନାୟିକାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କୌଣସିଠାରେ ହରିଜନ ଶବ୍ଦ ଉପଯୋଗ କରାଯାଇ ପାରିବ ନାହିଁ। ମାତ୍ର ଏହି ସିନେମାର ସଂଳାପରେ ହରିଜନ ଶବ୍ଦ ବ୍ୟବହାର କରି ସମଗ୍ର ସମାଜର ମର୍ଯ୍ୟାଦାହିନ କରୁଛି। ଦାବିପତ୍ର ପ୍ରଦାନ ସମୟରେ ସମାଜ ସେବିକା ସରସ୍ୱତୀ ବାଗ, ଜିଲା ଉପଦେଷ୍ଟା ମଣ୍ଡଳୀ ଠାକୁର ଦାସ ମହାନନ୍ଦ, ପୂର୍ଣ୍ଣଚନ୍ଦ ନେତାମ, ଖଡ଼ିଆଳ ବ୍ଲକ ସଭାପତି ଉମାକାନ୍ତ ସଗରିଆ, ପ୍ରେମ ତାଣ୍ଡି, ଲବ ମହାନନ୍ଦ, ଶୁଭମ ତାଣ୍ଡି, କପିଳ ଦୁରିଆ, ସମାଜର ବହୁ ବ୍ୟକ୍ତି ଯୋଗଦେଇଥିଲେ।

# ଗଣ୍ଡାହାଲିରେ ଐତିହାସିକ କ୍ଷେତ୍ର ରାମଗଡ଼ ମନ୍ଦିର ଭୂମି ପୂଜନ

ସିନାପାଲି,୫।୭(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାହାଲିଠାରେ ରାମଗଡ଼ ମନ୍ଦିର ନିର୍ମାଣର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଭୂମି ପୂଜନରେ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ। ରାମଗଡ଼ ବିକାଶ ସମିତି ସଭାପତି ରାହାସ ବିହାରି ମେହେରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଯୁବରାଜ ଦେବଦେବ ପ୍ରସାଦ ସିଂ ମନ୍ଦିର ଭୂମି ପୂଜନ ଶୁଭ ଦେଇଥିଲେ। ଏହି ଅବସରରେରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଅଡିଓ ବାର୍ତ୍ତା ଯୋଗେ ମନ୍ଦିର ନିର୍ମାଣ ପାଇଁବିଧାୟକ ପାଣ୍ଠିରୁ ଅର୍ଥ ମଞ୍ଜୁର କରି ଏହାକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ଉଦ୍ୟମ ଜାରି ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଏନ୍ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ବ୍ଲକ ଉପାଧକ୍ଷା ମୀନା ଘିଭେଲା, ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ଜିଲା ପରିଷଦ ସଭ୍ୟା ଯାଜ୍ଞସେନୀ କଟା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ଘେଲ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଗଣ୍ଡାହାଲି ସରପଞ୍ଚ କୌଶଲ୍ୟା ମେହେର, ସୁନରୀସିକୁଆ ସରପଞ୍ଚ ଭୋଲେଶରୀ ଦାସ, ଲର୍କା ସରପଞ୍ଚ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ଜିଲା ବିଜେଡ଼ି ଛାତ୍ର ସଭାପତି ଅମିତ ସିଂଦେଓ, ରାମଗଡ଼ ବିକାଶ ସମିତି ଉପସଭାପତି ପଙ୍କଜ ମେହେର, ବନମାଳୀ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ରାମଗଡ଼ ବିକାଶ ସମିତି ସମ୍ପାଦକ ଗୁପ୍ତେଶ୍ୱର ମେହେର ସ୍ୱାଗତ କରିଥିଲେ। ରାମଗଡ଼ ବିକାଶ ସମିତି ବରିଷ୍ଠ ଉପଦେଷ୍ଟା ଦିବାକର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଏନ୍‌ସିସିର ନାଭାଲ ବିଭାଗ ଉଦ୍‌ଘାଟିତ



ଏନ୍‌ସିସିର ନାଭାଲ ବିଭାଗ ଉଦ୍‌ଘାଟିତ।

ଜୁନାଗଡ଼,୫।୭(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କେନ୍ଦୁପାଟି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏନସିସିର ନାଭାଲ ବିଭାଗ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋଜ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅତିଥି ଭାବେ ଜିଲା ଏନ୍‌ସିସି ସିଓ ସୁନୀଲ କୁମାର ବେହେରା, ସିଆଇ ହିମାଂଶୁ ଗଡନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅତିଥି ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟକାନ୍ତ ଭୋଇ, କଳା ଶିକ୍ଷକ ଜଗବନ୍ଧୁ ସାହୁ, କଳା ଶିକ୍ଷୟିତ୍ରୀ ମାନସ୍ୱାତୀ ଲେଙ୍କା, କ୍ରୀଡା ଶିକ୍ଷକ ବଳରାମ ଲେଙ୍କା, ଯାଜ୍ଞସିନୀ ମହାନନ୍ଦ, ହିନ୍ଦୀ ଶିକ୍ଷକ ଗଣେଶ୍ୱର ଛତ୍ରିଆ, ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଗତୀ କହଁର, ଯଶୋଦା ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ସଭା ସଂସ୍କୃତ ଶିକ୍ଷକ ସାରଦା ସାଗର ମହାନ୍ତି ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ତପନ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଗାଁ ରାସ୍ତା ଡିମାର୍କେଶନ ପାଇଁ ଦାବିପତ୍ର

ଭବାନୀପାଟଣା,୫।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ ସହର ନିକଟ ଚିଲିଚିଲା ଗ୍ରାମର ଚତୁର୍ପାଶ୍ୱ ରାସ୍ତା ଡିମାର୍କେଶନ ପାଇଁ ବୁଧବାର ସ୍ଥାନୀୟ ଗ୍ରାମବାସୀ ଧର୍ମଗଡ ଉପଜିଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଚିଲିଚିଲା ଗାଁ ରାସ୍ତାରେ ଦିନକୁ ଦିନ ଲୋକେ ଘର, ବାଡ଼, ପିଣ୍ଡା ସବୁ ନିମାଣ କରୁଛନ୍ତି। ଫଳରେ ଗାଁ ରାସ୍ତା ଦିନକୁ ଦିନ ସଂକୀର୍ଣ୍ଣ ହୋଇଯାଉଛି। ଏହା ଯୋଗୁ ଗାଁ ଭିତରକୁ ଦମକଳ ଗାଡି, ଆମ୍ବୁଲାନ୍ସ ଯାଇପାରୁନାହିଁ। ରୋଗୀଙ୍କୁ କାନ୍ଧରେ ବୋହି ମୁଖ୍ୟ ରାସ୍ତାରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣି ନିକଟସ୍ଥ ଡାକ୍ତରଖାନାକୁ



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନେଇ ଚିକିତ୍ସିତ କରିବାକୁ ପଡୁଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସାମାଜିକ କର୍ମୀ ଢଗ ନାଏକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ସୁବାସଚନ୍ଦ୍ର ଧଙ୍ଗ କୁଳମଣି ସାଗର, ଧର୍ମପଦ ସୁନାନୀ, ପ୍ରଶାନ୍ତ ନାଏକ, ଜୀବନ୍ତ ମାଝି, ଦୁଷ୍ଟ କୁମାର ଧଙ୍ଗ ନାଏକ, ଭୁଜବଳ ହଂସ, ଚମ୍ପକ ସେଠି, ଗୋପୀ ଶବର, କିରଣ ସୁନାନୀ, ଅଙ୍କିତ ସେଠି, ମହେନ୍ଦ୍ର ଧଙ୍ଗ ଭକ୍ତ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ବେହେରା,୫।୭ (ଭୁପେଶ ତିୱାରୀ)

**ପର୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ**



ଉନ୍ନତମାନର ଶିକ୍ଷାଦାନ ପାଇଁ ସରକାର ପ୍ରତି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ହେଲେ ଅନେକ ବିଦ୍ୟାଳୟରେ ଶିକ୍ଷ୍ୟାର୍ଥୀ ଅନୁପାତରେ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଭିତରେ। କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ଆଦର୍ଶ ବିଦ୍ୟାଳୟରେ ଏପରି ଚିତ୍ର ଦେଖିବାକୁ ମିଳିଛି। ଷଷ୍ଠ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୬୧୬ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ବିଦ୍ୟାଳୟରେ ଅଛନ୍ତି ମାତ୍ର ୧୫ଜଣ ଶିକ୍ଷକ। ସେଥି ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗଣିତ ଓ ଫିଜିକ୍ସରେ କୌଣସି ଶିକ୍ଷକ ନାହାନ୍ତି। ସିବିଏସଇ ଭଳି ପାଠ୍ୟରେ ଗଣିତ ଶିକ୍ଷକ ନ ଥାଇ ଛାତ୍ରୀଛାତ୍ରମାନେ ଗଣିତ ବିଷୟ ନେଇ ପାଠ ପଢୁଥିବା ବେଳେ ବର୍ତ୍ତମାନ ଉକ୍ତ ବିଷୟ ପରିବର୍ତ୍ତନ ମଧ୍ୟ କରିପାରୁ ନାହାନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲିହୋଇଛି। ଗତବର୍ଷଠାରୁ ଶିକ୍ଷକ ଅଭାବ ଥିବା ଯୋଗୁ ଉଭୟ ଦ୍ୱାଦଶ ଓ ଦଶମ ବୋର୍ଡ ପରୀକ୍ଷାରେ ଅନେକ ଛାତ୍ର ଗଣିତରେ କମ ମାର୍କ ରଖିଥିବା ଜଣାପଡ଼ିଛି। ଏପରିକି ଦ୍ୱାଦଶ ଶ୍ରେଣୀର ୩୫ ଜଣଛାତ୍ର ମଧ୍ୟରୁ କେବଳ ୧୦ଜଣ ଛାତ୍ର ପାସ କରିଥିଲେ। ଏହାକୁ ନେଇ ଅଭିଭାବକ ଓ ଅଞ୍ଚଳବାସୀ ଶିକ୍ଷା ବିଭାଗ ତଥା ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବିଦ୍ୟାଳୟ ଅଧକ୍ଷ ଜଗଦୀଶ ଜାଲ ଶିକ୍ଷକ ଅଭାବଜନିତ ପାଠ ପଢ଼ାରେ ବ୍ୟାଘାତକୁ ସ୍ୱୀକାର କରିବା ସହ ନିଜ ଉଦ୍ୟମରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷାର୍ଥୀଙ୍କ ପାଇଁ ଏକ୍ସଟ୍ରା କ୍ଲାସ ବ୍ୟବସ୍ଥା କରାଇଥିଲେ ହେଁ ସୁଫଳ ମିଳି ନ ଥିବା ପ୍ରକାଶ କରିଥିଲେ। ଏ ବିଷୟରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଓ ଧର୍ମଗଡ଼ ବିଧାୟକ ମୌସୁଧି ବାଗଙ୍କୁ ପଚାରିବାରୁ ଯଥାଶୀଘ୍ର ଶିକ୍ଷକ ପୂରଣ କରାଯିବ ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ କୌଣସି ମତେ ଖେଳ ଖେଳା ଯାଇପାରିବ ନାହିଁ ବୋଲି ମତ ରଖିଥିଲେ।

**ସମ୍ବଲପୁରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ**

ପଦ୍ମପୁର (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ସମ୍ବଲପୁରୀ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଦ୍ୱାରା ବନ ମହୋତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ମହୀପାଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫରେଷ୍ଟର ଝରଣା ସାହୁ ମୁଖ୍ୟ ଅତିଥି, ପ୍ରେମାନନ୍ଦ ବାରିକ ମୁଖ୍ୟବକ୍ତା, ସରପଞ୍ଚ ଉପେନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ ଓ ବନ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ବିନୋଦ ବିହାରୀ ସାହୁ, ଧର୍ମକୁମାର

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଗାଈ ମୃତ, ଉତ୍ତେଜନା

ଭେଡ଼େନ, ୫।୭ (ସୁଦନ ମହାକୁର): ବରଗଡ଼ ଜିଲା ଭେଡ଼େନ ଥାନା ଅର୍ନ୍ତଗତ ବୁର୍ଦା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ଗାଈର ମୃତ୍ୟୁ ଘଟିଛି। ଏହାପରେ ଘଟଣାସ୍ଥଳରେ ନେଇ ଉତ୍ତେଜନା ଦେଖାଯାଇଛି । ସେଠାକୁ ଯାଇଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ଲୋକେ ଘେରିଯାଇ ପାଟିତୁଣ୍ଡ କରିବା ସହ କ୍ଷତିପୂରଣ ଦାବି କରିଥିଲେ । ଖବରପାଇ ଭେଡ଼େନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ବୁର୍ଦା ଗ୍ରାମର ହିମାଂଶୁ ଭୋସାଗରଙ୍କ ଏକ ଦୁଧିଆଳୀ ଗାଈ ଚରୁଥିବା ବେଳେ ପୂର୍ବରୁ ଚାର୍ଜ ହୋଇ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ମରି ଯାଇଥିଲା। ପୂର୍ବରୁ ମଧ ଏହି ଖୁଣ୍ଟ ଚାର୍ଜ ହୋଇ ଯାଉଥିବା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ବିଭାଗ ତରଫରୁ କୌଣସି ପ୍ରତିକାର କରାଯାଇ ନ ଥିଲା । ବିଭାଗର ଅବହେଳା ଯୋଗୁ ଗାଈର ମୃତ୍ୟୁ ଘଟିଥିବା ଅଭିଯୋଗ କରି ଗ୍ରାମବାସୀ ଉତ୍ତେଜିତ ହୋଇଥିଲେ ।

### ନୂତନ ସେବା ସମବାୟ ସମିତି ଉଦ୍‌ଘାଟିତ

ଝାରବନ୍ଧ,୫।୭(ଦେବେନ୍ଦ୍ର ସାହୁ): ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଭଣ୍ଡାର ପୁରୀଠାରେ ନୂତନ କୃଷି ସମବାୟ ସମିତି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଓ ଡଭା ସମବାୟ ସମିତି ସଭାପତି ବିଜୟ କେତନ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ହୃଷୀକେଶ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଅଞ୍ଚଳର ଚାଷୀଙ୍କୁ ଡଭା ସମବାୟ ସମିତି ଯିବାକୁ ପଡୁଥିଲା। ଏଣିକି ନିଜ ଘର ପାଖରେ ସମବାୟ ସମିତି ଉଦ୍‌ଘାଟିତ ହୋଇଥିବାରୁ ସେମାନେ ଉପକୃତ ହୋଇପାରିବେ ବୋଲି ବିଧାୟିକା ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ହାତୀ, ସମିତ ସଭ୍ୟା ଚନ୍ଦ୍ରମା ଭୋଇ, ଡଭା ସମବାୟ ସମିତି ସମ୍ପାଦକ ଲମ୍ବୋଦର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁରୋଗ ବିଶେଷଜ୍ଞଙ୍କ ପରଲୋକ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ର ଶିଶୁରୋଗ ବିଶେଷଜ୍ଞ ଡା. ଗୋବିନ୍ଦ ସାହୁଙ୍କ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୭ବର୍ଷ ହେଉଥିଲା। ସେ ବରଗଡ଼ର ପ୍ରଥମ



ଶିଶୁରୋଗ ବିଶେଷଜ୍ଞ ଥିଲେ। ୨୦୦୫ ମସିହାରେ ତାଙ୍କୁ ଇଣ୍ଡିଆନ ଏକାଡ଼େମୀ ଅଫ୍ ପେଡ଼ିଆଟ୍ରିକ୍ସ ପକ୍ଷରୁ ଶିଶୁ ସଖା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୦୬ ମସିହାରେ ସେ ସିଡ଼ିଏମଓଭାବେ ସରକାରୀ ଚାକିରିରୁ ଅବସରଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ବଡ଼ପୁଅ ବିଜୟ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଡା. ସାହୁ ତାଙ୍କ ପଛରେ ୨ପୁଅ ବିଜୟ, ସୁନିଲ, ୨ଝିଅ ପିଙ୍କି, ରୋଜି, ଜ୍ୱାଇଁ ସୁଶାନ୍ତ, ଦୀପେଶ ଏବଂ ଅନ୍ୟ ଆତ୍ମୀୟଙ୍କୁ ଛାଡ଼ି ଚାଲି ଯାଇଛନ୍ତି।

### ବନ ମହୋତ୍ସବରେ ବୃକ୍ଷରୋପଣ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ବଗେଇବିରା ଖେଳ ପଡ଼ିଆ ରାସ୍ତାକଡ଼ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡ଼େମୀ ଏବଂ ତୋରା ଆଇଏଏସ ଏକାଡ଼େମୀ ମିଳିତ ଆନୁକୂଲ୍ୟରେ ରାସ୍ତାପାର୍ଶ୍ୱରେ ନିମ୍ବ ଚାରାରୋପଣ କରାଯିବା ସହିତ ପୂର୍ବରୁ ଲଗାଯାଇଥିବା ଚାରାଗୁଡ଼ିକର ଯତ୍ନ ନିଆଯାଇଥିଲା। ସ୍ୱେଚ୍ଛାସେବୀ ପୁରନ୍ଦର ଭୋସାଗରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, କୃଷକ ନେତା ରମେଶ ମହାପାତ୍ର, ଆଇଏଏସ ଏକାଡ଼େମୀର ପ୍ରତିଷ୍ଠାତା ସଞ୍ଜୀବ ସୁନା, ଅବିନାଶ ବାଗ, ବାଙ୍କା ବିହାରୀ ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ନୂଆ ସରସରା ଗ୍ରାମର ପୁରୁଣା ବନ୍ଧ(ଜଳାଶୟ) ସଫେଇ ସହିତ ସେଠାରେ ଚାରା ରୋପଣ କରାଯାଇଥିଲା। ଶ୍ରୀ ସତ୍ୟସାଇ ଭଗବତ ଭଜନ ମଣ୍ଡଳୀ ଆବାହକ ସୁଶାନ୍ତ ପଣ୍ଡା, ବିଶ୍ୱଜିତ ଭୋଇ, ପ୍ରବୀର ପ୍ରଧାନ, ରବି ଭୋଇ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଚିନ୍ତା ବଢ଼ାଇଲା ସ୍ୱଳ୍ପ ବୃଷ୍ଟିପାତ

- ସପ୍ତାହେ ହେଲା ବର୍ଷାର ଦେଖା ନାହିଁ
- ହଳ କରାଯାଇଥିବା ଜମି ଶୁଖିଲାଣି
- ବିଳମ୍ବିତ ହେଉଛି ଖରିଫ ଚାଷକାର୍ଯ୍ୟ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଆରମ୍ଭରୁ ଖରିଫ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗୋଟିଏ ପଟେ ବିଳମ୍ବରେ କେନାଲ ପାଣି ଛଡ଼ାଯିବା ଏବଂ ଅନ୍ୟପଟେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀମାନେ ଚାଷକାର୍ଯ୍ୟକୁ ଆଗେଇ ପାରୁନାହାନ୍ତି। ଅନେକ ଚାଷୀ ଜମିରେ ହଳ ସୁଦ୍ଧା କରି ପାରି ନାହାନ୍ତି। ଯେଉଁ ଚାଷୀମାନେ ଜମିକୁ ହଳ କରିଛନ୍ତି ତାହା ମଧ୍ୟ ବର୍ଷାଭାବରୁ ଶୁଖି ଗଲାଣି। ସେହିପରି ଯେଉଁ ଚାଷୀ ତଳିପକା ସହିତ ବିହନ ବୁଣାବୁଣି କରିଥିଲେ ତାହା ମଧ୍ୟ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି। ଖରିଫ ଚାଷକାର୍ଯ୍ୟ ଆରମ୍ଭରୁ ସ୍ୱଳ୍ପ ବୃଷ୍ଟିପାତ ଚାଷୀଙ୍କ ପାଇଁ ଏଭଳି ଚିନ୍ତା ବଢ଼ାଇ ଦେଇଛି।

ଜିଲାରେ ସର୍ବାଧିକ ଧାନଚାଷ ହୋଇଥାଏ । ତେବେ ରବିଋତୁରେ ମୁଖ୍ୟତଃ ଜିଲାର କେନାଲ ଜଳସେଚିତ ଅଞ୍ଚଳରେ ଧାନଚାଷ କରାଯାଉ ଥିବାବେଳେ ସେତେବେଳେ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ଧାନଚାଷ ଉଠା ଜଳସେଚନ ଉପରେ ନିର୍ଭର କରିଥାଏ । କିନ୍ତୁ ଖରିଫରେ ଜିଲାର ଉଭୟ କେନାଲ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ



ଗୋବିନ୍ଦପାଲି ଗ୍ରାମର ଜଣେ ଚାଷୀ ଜମି ହଳ କରୁଛନ୍ତି ।

ସେମାନଙ୍କ ଜମିରେ ଧାନଚାଷ କରିଥାନ୍ତି। ଏହିକ୍ରମରେ ଖରିଫରେ ଜିଲାର ସମୁଦାୟ ୩ଲକ୍ଷ ୪୮ହଜାର ୭୪୭ହେକ୍ଟର ଚାଷୋପଯୋଗୀ ଜମିରୁ ପ୍ରାୟ ୨ଲକ୍ଷ ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ତେବେ ଅନୁକୂଳ ବୃଷ୍ଟିପାତ ହେଲେ ଧାନ ଫସଲ ଭଲ ହୋଇଥାଏ । ନଚେତ୍ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଥାଏ।

ଏଥର ଯେଭଳି ସ୍ୱଳ୍ପ ବୃଷ୍ଟିପାତ ହେଉଛି ଖରିଫ ଚାଷକାର୍ଯ୍ୟ ଆରମ୍ଭରୁ ଚାଷୀଙ୍କୁ ମରୁଡ଼ି ଚିନ୍ତା ଘାରିଲାଣି। ଜୁନ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରମାଣ ୨୦୫.୬ମି.ମି। ତେବେ ଗତ ଜୁନ ମାସରେ ସ୍ୱାଭାବିକ ବୃଷ୍ଟିପାତଠାରୁ ଅଧିକ ଅର୍ଥାତ୍ ୨୫୨.୮୮ ମି.ମି ବୃଷ୍ଟିପାତ ରେକର୍ଡ଼ କରାଯାଇ ଥିଲେ ସୁଦ୍ଧା ଯେଭଳିଭାବେ ବର୍ଷା ହୋଇଛି, ତାହା ଏବେ ଚାଷୀଙ୍କୁ ଅଡୁଆରେ ପକାଇଛି। ଗତ ଜୁନ ମାସ ଶେଷ ସପ୍ତାହର ୨୫ରୁ ୨୮ତାରିଖ ପର୍ଯ୍ୟନ୍ତ ୪ଦିନକୁ ଛାଡ଼ି ଦେଲେ ଏପର୍ଯ୍ୟନ୍ତ ଆଉ ସେଭଳି ବର୍ଷାର ଦେଖାନାହିଁ। ଜୁନ ମାସ ୨୫ତାରିଖ ୪୪୨, ୨୬ତାରିଖ ୮୨୮.୪, ୨୭ତାରିଖ ୭୬୩.୩ ଏବଂ ୨୮ତାରିଖ ୫୯୪ ମି.ମି ବୃଷ୍ଟିପାତ ରେକର୍ଡ଼ କରାଯାଇ ଥିବାବେଳେ ବାକି ଦିନଗୁଡ଼ିକରେ ସେଭଳି ଆଶାନୁରୂପ ବୃଷ୍ଟିପାତ ହୋଇ ନାହିଁ। ସେହିପରି ଅନ୍ୟବର୍ଷ ଜୁନ ମାସ ୧୫ତାରିଖରୁ ୨୦ତାରିଖ ମଧ୍ୟରେ କେନାଲ ପାଣି ଛଡ଼ାଯାଉଥିଲା। ମାତ୍ର ଏଥର ଜୁଲାଇ ମାସ ୧ତାରିଖରୁ କେନାଲ ପାଣି ଛଡ଼ା ଯାଇଛି ଏବଂ ତାହା ମଧ୍ୟ ଏପର୍ଯ୍ୟନ୍ତ ତଳମୁଣ୍ଡ ଜମିକୁ ଠିକ୍‌ଭାବେ ପହଞ୍ଚି ନଥିବା ଚାଷୀମାନେ କହିଛନ୍ତି।

ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀ ଏକାଦଶିଆ ସାହୁ କହିଛନ୍ତି, ବର୍ଷା ହେବା ପରେ ସେ ଜମିକୁ ହଳ କରି କାଦୁଅ କରି ଦେଇଥିଲେ। କିନ୍ତୁ କେନାଲ ପାଣି ବିଳମ୍ବରେ ଆସିଥିବାବେଳେ ବର୍ଷା ମଧ୍ୟ ଆଉ ହୋଇ ନଥିଲା। ଫଳରେ କାଦୁଅ ଶୁଖି ଗଲାଣି ଏବଂ ପୁଣି ଜମିରେ ପାଣି ମଡ଼ାଇ ଜମିକୁ ହଳ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେହିପରି ଆଉଜଣେ ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ଜୁନ ମାସର ଶେଷବେଳକୁ ଭଲ ବର୍ଷା ହୋଇଥିଲା । ଚାଷୀମାନେ ଖରିଫ ଚାଷକାର୍ଯ୍ୟକୁ ଆଗେଇ ନେଇ ଜମି ହଳ କରିବା ସହିତ ଧାନ ବୁଣାବୁଣି ଆରମ୍ଭ କରି ଦେଇଥିଲେ। କିନ୍ତୁ ଆଉ ବର୍ଷା ହେଉନାହିଁ। ଫଳରେ ଚାଷକାର୍ଯ୍ୟ ଅଟକି ରହିଛି। ପଦ୍ମପୁର ଉପଖଣ୍ଡ ଝାରବନ୍ଧର ଚାଷୀ ସଦାଶିବ ସାହୁ କହିଛନ୍ତି, ବର୍ଷା ନ ହେବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତାଙ୍କର ଗଭୀର ନଳକୂପ ଅଛି, ଫଳରେ ସେ ଚାଷକାର୍ଯ୍ୟକୁ ଆଗେଇ ନେବେ । କିନ୍ତୁ ଯାହାର ସେଭଳି ବ୍ୟବସ୍ଥା ନାହିଁ, ବର୍ଷା ନହେଲେ ସେଭଳି ଚାଷୀ ଚାଷକାର୍ଯ୍ୟ ଆଗେଇ ନେଇ ପାରିବେ ନାହିଁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତଙ୍କ ପଚାରିବାରୁ କହିଛନ୍ତି, ଜୁନ ମାସରେ କମ୍ ଦିନ ବୃଷ୍ଟିପାତ ହୋଇଛି। କିନ୍ତୁ ସ୍ୱାଭାବିକ ବୃଷ୍ଟିପାତ ପରିମାଣରୁ ଅଧିକ ବର୍ଷା ହୋଇଛି। ଫଳରେ ଖରିଫ ଚାଷକାର୍ଯ୍ୟ ସେଭଳି ପ୍ରଭାବିତ ହେବ ନାହିଁ ବୋଲି ଆଶା କରାଯାଉଛି ବୋଲି ସେ କହିଥିଲେ।

## ଶ୍ରାବଣରେ ଗ୍ରୀଷ୍ମର ତାତି, ସକାଳୁଆ ସ୍କୁଲ ଦାବି

ଭେଡ଼େନ, ୫।୭ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଶ୍ରାବଣରେ ପ୍ରଚଣ୍ଡ ତାତିର ଅନୁଭୂତ ହେଉଛି । ଗତ ୨୯ ତାରିଖରୁ ଦିନବେଳା ତାପମାତ୍ରା ୩୮ରୁ ୪୦ ଡ଼ିଗ୍ରି ପର୍ଯ୍ୟନ୍ତ ରହୁଛି। ଏଥିସହ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ବିଶେଷ କରି ସ୍କୁଲ ଯାଉଥିବା କୋମଳମତି ଛାତ୍ରୀଛାତ୍ରମାନେ ଆଉଟପାଉଛନ୍ତି। ବ୍ଲକର ଅନେକ ସରକାରୀ ସ୍କୁଲରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତକରଣ ହୋଇ ପାରିନାହିଁ । ଯେଉଁଠି ବିଦ୍ୟୁତ୍ ସଂଯୋଗ ଅଛି ସେଠାରେ ପଙ୍ଖା ଲଗାଯାଇ ନାହିଁ। ଏପରି କ୍ଷେତ୍ରରେ ଛାତ୍ରୀଛାତମାନେ ଶ୍ରେଣୀକୋଠରୀରେ ଝାଳନାଳ ହୋଇ ପାଠ ପଢୁଥିବା ଦେଖିବାକୁ ମିଳୁଛି । ତେଣୁ ସକାଳୁଆ ସ୍କୁଲ କରାଯିବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଏବେ ତ ପ୍ରବଳ ଖରା ହେଉଛି। ଯଦି ଅଭିଭାବକମନେ ସକାଳୁଆ ସ୍କୁଲ କରାଯିବାକୁ ଦାବି କରୁଛନ୍ତି ତାହେଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି।

## ବିଦ୍ୟୁତ୍ ବିଭ୍ରାଟ: ଅଫିସ ଘେରିଲା ଭାଜପା




ଶୋଭାଯାତ୍ରାରେ ଭାଜପା କର୍ମକର୍ତ୍ତା ।

ବରପାଲି,୫।୭ (ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକରେ ଅଘୋଷିତ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଅନ୍ୟପକ୍ଷରେ ଲୋଭୋଲ୍‌ଟେଜ ଯୋଗୁ ଉଠାଜଳସେଚନ ଉପରେ ନିର୍ଭର କରୁଥିବା ଚାଷକାମ ବାଧାପ୍ରାପ୍ତ ହୋଇଛି। ଏହାର ପ୍ରତିବାଦରେ ବୁଧବାର ବରପାଲି ବ୍ଲକ ଭାଜପା ପକ୍ଷରୁ ଏକ ବାଇକ୍ ରାଲି କରାଯାଇ ସ୍ଥାନୀୟ ଟାଟା ପାୱାର ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଶୋଭାଯାତ୍ରାରେ ଭାଜପା ଜିଲା ସଭାପତି ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବରପାଲି ନଗର ମଣ୍ଡଳ ସଭାପତି ପଦ୍ମଲୋଚନ ସାହୁ, ବରିଷ୍ଠ ନେତା ସୁରେନ୍ଦ୍ର ପାତ୍ର, ଜିଲା ପରିଷଦ ସଭ୍ୟ ସଂଯୁକ୍ତା ସାହୁ, ଗୁଣନିଧି ମେହେର, ଦୟାଳୁ ସାହୁଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ।

## ନୃସିଂହନାଥ ବନାଞ୍ଚଳରେ ବନ ମହୋତ୍ସବ

ପାଇକମାଳ, ୫।୭ (ବଡ ଶତପଥି)

ପାଇକମାଳ ବ୍ଲକ ଶକ୍ତିନଗର ପରିସରରେ ଥିବା ନୃସିଂହନାଥ ବନାଞ୍ଚଳ ତରଫରୁ ୭୪ତମ ବନ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଠାରେ ଏକ ଔଷଧୀୟ ଉଦ୍ୟାନ ପାଇଁ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ ବନଖଣ୍ଡ ଏସିଏଫ୍ ରାଜେନ୍ଦ୍ର କୁମାର ଗୋଛାୟତ, ଆୟୁର୍ବେଦ ମହାବିଦ୍ୟାଳୟର ଡା. ଶିବ ପ୍ରସାଦ ମହାନ୍ତି, ପ୍ରକୃତିବନ୍ଧୁ ବିଭୂତି ଭୂଷଣ ମୁଣ୍ଡ, ବଡ ଶତପଥୀ, ଧିରେନ ମହାନ୍ତି, ଉମେଶ ଚନ୍ଦ୍ର ଝାଙ୍କର, ଡିଗ୍ରୀଧର ସାହୁଙ୍କ ସମେତ ନବୋଦୟ ବିଦ୍ୟାଳୟର ଛାତ୍ର ଯୋଗଦେଇ ଚାରା ରୋପଣ କରିଥିଲେ। ଏସିଏଫ୍ ଗୋଛାୟତ ସମସ୍ତ ବିଦ୍ୟାଳୟ, ୟୁକୋ କ୍ଲବ ଓ ସିଆର୍‌ପିଏଫ୍ ଯବାନ, ବିଭିନ୍ନ ଗୋଷ୍ଠୀକୁ ମାଗଣାରେ ବିଭାଗ ତରଫରୁ ଚାରା ଯୋଗାଇ ଦିଆଯିବ ବୋଲି କହିଥିଲେ। ଶକ୍ତି ନଗର ବନାଞ୍ଚଳ ପରିସରରେ ଏକ ହଜାର ଔଷଧୀୟ ବୃକ୍ଷ ରୋପଣ କରାଯିବ ବୋଲି ସେ କହିଥିଲେ। ଶେଷରେ ନୃସିଂହନାଥ ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣା ପରେ ରାସ୍ତାରୋକୋ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ହଳଦୀପାଲି ଛକରୁ ସୋହେଲା ରାସ୍ତା ଦୁର୍ଘଟଣାପ୍ରବଣ ହୋଇ ପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଭାରୀଯାନ ଦୀର୍ଘ ସମୟ ଧରି ଅଟକି ରହୁଥିବା ଯୋଗୁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେବା ସହିତ ମୃତାହତ ହେଉଥିବା ଅଭିଯୋଗ ହୋଇଛି। ବୁଧବାର ଏହି ରାସ୍ତାର ପଥର୍ଲା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଏକ ହାଇୱା ଗାଡ଼ି ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେବା ଯୋଗୁ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ଅନ୍ୟପଟେ ଦୁର୍ଘଟଣା ପରେ ସେଠାରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ଅଧଘଣ୍ଟା ଧରି ଗାଡ଼ି ଗୁଡ଼ିକ ଅଟକି ରହିଥିଲା ଏବଂ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳକୁ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଚିତ୍ରଶିଳ୍ପୀ ମୁରଲୀଧରଙ୍କୁ କୋଣାର୍କ ପ୍ରତିଭା ସମ୍ମାନ



ମୁରଲୀଧରଙ୍କୁ ସମ୍ମାନିତ କରାଯାଉଛି।

ବରପାଲି,୫।୭ (ଚିତ୍ତରଞ୍ଜନ ସାହୁ)

କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବରପାଲି ଅଞ୍ଚଳର ବିଶିଷ୍ଟ ଚିତ୍ରଶିଳ୍ପୀ ମୁରଲୀଧର ମହା ମଲ୍ଲିକଙ୍କୁ କୋଣାର୍କ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଗତ ୨ତାରିଖରେ କୋଣାର୍କଠାରେ ଅନୁଷ୍ଠିତ କୋଣାର୍କ ପ୍ରତିଭା ସମ୍ମାନ ସମାରୋହରେ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ବରପାଲି ବ୍ଲକ ତିନିକାନି ଗ୍ରାମର ମୂଳ ଅଧିବାସୀ ମୁରଲୀଧର ସମଗ୍ର ପଶ୍ଚିମ ଓଡ଼ିଶାର ଜଣେ ଜଣାଶୁଣା ଚିତ୍ରଶିଳ୍ପୀ। ୧୯୭୨ ମସିହାରୁ ସେ ବ୍ରଜେଶ୍ୱରୀ ନାଟ୍ୟ କଳା ସଂସଦ, ତିନିକାନୀ ପକ୍ଷରୁ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ। ପ୍ରଥମେ ସେ ବିଭିନ୍ନ ରଙ୍ଗମଞ୍ଚରେ ନୃତ୍ୟ ତଥା ନାଟ୍ୟ ଅଭିନୟ କରୁଥିବା ବେଳେ ୧୯୮୭ ମସିହା ପରେ ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲୋକନାଟ୍ୟ ପରିବେଷଣ କରୁଥିଲେ। ବର୍ତ୍ତମାନ ସେ ପଶ୍ଚିମ ଓଡ଼ିଶାରେ ତବଲା ବାଦକ ଭାବରେ ପରିଚିତ।

## ଯୁବଶକ୍ତି ରେଙ୍ଗାଲିପାଲି ପକ୍ଷରୁ ବନ ମହୋତ୍ସବ

ସରଣ୍ଡା,୫।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ଏନଏସି ଅଧିନ ୧୧ ନମ୍ବର ୱାର୍ଡ ରେଙ୍ଗାଲିପାଲି ଖେଳପଡ଼ିଆରେ ବୁଧବାର ଯୁବଶକ୍ତି ଅନୁଷ୍ଠାନ ତରଫରୁ ୭୪ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଅତାବିରା ଏନଏସି ଚେୟାରମ୍ୟାନ ବନମାଳୀ ବରିହା। ସମ୍ମାନୀତ ଅତିଥି ଅତାବିରା ଫରେଷ୍ଟର କୃଶେଶ୍ୱରୀ ପଧାନ, ଦେବାହାଲ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଗୋଲାପ ଭୋଇ, ପଶ୍ଚିମ ଓଡିଶା ବିଦ୍ୟୁତ୍ ଶ୍ରମିକ ନେତା ଉର୍କୁଲୁ ତାଣ୍ଡି, ପ୍ରକୃତିବନ୍ଧୁ ଡୋଲାମଣି



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ଓ ଯୁବଶକ୍ତି ଅନୁଷ୍ଠାନ କର୍ମକର୍ତ୍ତା।

ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଯୁବଶକ୍ତି ସମ୍ପାଦକ ଦିଲ୍ଲୀପ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଶିବୁ ପଧାନ, ସୁବାଷ ପଧାନ, ରାଜେଶ ପଧାନ, ଗୁରୁ ଭୋଇ ସହଯୋଗ କରିଥିଲେ। ଏହି ଅବସରରେ ଖେଳପଡ଼ିଆରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ଏଥିରେ ବୀର ସୁରେନ୍ଦ୍ର ସାଏ ଦେବାହାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଲାଦରପାଲି ଅରବିନ୍ଦ ସ୍କୁଲର ଶିକ୍ଷକ ଯୋଗଦେଇଥିଲେ।

## ଜଙ୍ଗଲ ଜମିପଟ୍ଟା ବଣ୍ଟନ

ପାଇକମାଳ,୫।୭ (ବଡ ଶତପଥି)

ପାଇକମାଳ ତହସିଲ କାର୍ଯ୍ୟାଳୟ ପରିସରରେ ବୁଧବାର ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତହସିଲ ଅନ୍ତର୍ଗତ କୁଆପାଲି, ଯୋଗେନ୍ଦ୍ରନାଥପୁର, ହରଡ଼ାତଲା ଓ ମାଣ୍ଡିଆଡ଼ିପା ଗ୍ରାମର ୨୨ଜଣ ଆଦିବାସୀ ସମ୍ପ୍ରଦାୟ ମହିଳା ଓ ପୁରୁଷଙ୍କୁ ମୋଟ ୪୭ ଏକର ୨୭ ଡ଼େସିମିଲ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ଏଥିରେ ତହସିଲଦାର ଅକ୍ଷୟ କୁମାର ବାଗ, ଡବ୍ଲ୍ୟୁଇଓ ସିନିଲ କୁମାର, ଅତିରିକ୍ତ ତହସିଲଦାର ପ୍ରତାପ ଚନ୍ଦ ପୂଜାରୀ, ସେକ୍ସନ ଅଫିସର ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏସିସି ବିକାଶରେ ସମ୍ଭାଗ ସ୍ଥାପନ କାର୍ଯ୍ୟକ୍ରମ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସମ୍ଭାଗ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ବାପୁନ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସନାତନ ମହାପାତ୍ର ସଭାପତିତ୍ୱ କରିଥିଲେ। ସିମେଣ୍ଟ କାରଖାନା ମୁଖ୍ୟ ସୁନିଲ କୁମାର ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନେତୃତ୍ୱ ବିକାଶ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗଙ୍ଗା, ଯମୁନା, ଗୋଦାବରୀ, ମହାନଦୀ ସମ୍ଭାଗର ଛାତ୍ରୀଛାତ୍ର ବର୍ଗର ନୂତନ ଅଧିନାୟକ ଏବଂ ଉପଅଧିନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଛାତ୍ରୀମୁଖ୍ୟ ଏବଂ ଛାତ୍ରମୁଖ୍ୟଙ୍କୁ ସ୍ୱାଗତ ସହିତ ଶପଥ ପାଠ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସଙ୍ଗୀତ, ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଦିଲ୍ଲିପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ଭାଗ ସ୍ଥାପନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରବୃନ୍ଦ ।

## ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁରରେ ମିଶନ ଶକ୍ତି କାଫେ ଉଦଘାଟିତ ହୋଇଯାଇଛି। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ବିଡ଼ିଓ ସରୋଜ ବିଶ୍ୱାଳ, ତହସିଲଦାର ଆର୍ତ୍ତତ୍ରାଣ ଥାଟି, ମେଡ଼ିକାଲ ଅଫିସର ଡା.ସୁଶାନ୍ତ ମେହେର ଏବଂ ଅନ୍ୟ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସେହିପରି କାର୍ଯ୍ୟକ୍ରମରେ ବ୍ଲକର ସଞ୍ଜୀବନୀ ମହାସଂଘ ତଥା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର କର୍ମକର୍ତ୍ତା, ସଭ୍ୟାବୃନ୍ଦ ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଏଠାରେ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଥିଲା।



ବିଜେପୁରରେ ମିଶନ ଶକ୍ତି କାଫେ ଉଦଘାଟନ କରାଯାଉଛି ।





## ଆଜି କ'ଣ କେଉଁଠି

ରାଉରକେଲା

- ମହିଳା ହକି ଚାମ୍ପିୟନଶିପ୍ ୯ମ ଦିବସ ସେମିଫାଇନାଲ ମ୍ୟାଚ୍‌ରେ ୪ଟି ଦଳ ହେବେ ମୁହାଁମୁହିଁ, ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସକାଳ ୭ଟା।
- ରାଉରକେଲା ନାଳାରୋଡରେ ୟୁସିସି ପରିପ୍ରେକ୍ଷୀରେ ଆଲୋଚନା ଚକ୍ର, ନାଳାରୋଡ, ସକାଳ ୧୦ଟା।

## ସଂକ୍ଷେପରେ

### ଓଡ଼ିଶା ଲେଖିକା ସଂସଦ ରାଉରକେଲା ଶାଖାର 'ମୌସୁମୀ ସାହିତ୍ୟ ଆସର'

**ରାଉରକେଲା, ୫।୭(ସଙ୍ଗୀତା ଜେନା):** ଓଡ଼ିଶା ଲେଖିକା ସଂସଦ ରାଉରକେଲା ଶାଖାର ମୌସୁମୀ ସାହିତ୍ୟ (କବିତା ଆସର) ମଙ୍ଗଳବାର ସଂସଦର ଆବାହିକା ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକା ଅଳକା ଚାନ୍ଦଙ୍କ ବାସନ୍ତୀକଲୋନୀସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ସଂସଦର କାର୍ଯ୍ୟକାରୀ ସଭ୍ୟା ଡକ୍ଟର କିଶୋରୀ ଦାଶ, ବବିତା ମହାପାତ୍ର, ସ୍ନେହଲତା ପଟ୍ଟନାୟକ, ରଶ୍ମିବାଳା ରାଉତରାୟ, ମୂଳା ରଥ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ତପସ୍ୱିନୀ ବହିଦାର, ନିନାରାଣୀ ଜେନା, ବିଜୟିନୀ ଜେନା, ରୀନା ଲେଙ୍କା ପ୍ରମୁଖ ସ୍ୱରଚିତ କବିତାମାନ ପାଠ କରିଥିଲେ। ଏହା ସହ ସାଧାରଣ ସମ୍ପାଦିକା ସ୍ନେହଲତା ନାୟକ ସ୍ୱରଚିତ ଗୀତିକବିତାକୁ ଗାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଋଣ ଟଙ୍କା ଆଦାୟ କରି ମହିଳା ଫେରାର: ଥାନାରେ ଅଭିଯୋଗ

**ରାଉରକେଲା,୫।୭(ଦିନେଶ ମିଶ୍ର):** ବିଭିନ୍ନ ମହିଳାଙ୍କଠାରୁ ଋଣ ଟଙ୍କା ଆଦାୟ କରି ଜଣେ ମହିଳା ଫେରାର ହୋଇଯିବାକୁ ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଦେଇଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ କୁମ୍ଭାରପଡା ଅଞ୍ଚଳରେ ଗୀତା ସିଂ ପରିବାର ସହ ବାସ କରନ୍ତି। ସେ କୁମ୍ଭାରପଡା ଅଙ୍ଗନବାଡି କେନ୍ଦ୍ରରେ ଶିକ୍ଷୟିତ୍ରୀ ଭାବେ ପାଠ ପଢ଼ାନ୍ତି। ଗୀତା କିଛି ମାସ ପୂର୍ବେ କୁମ୍ଭାରପଡାରେ ବାସ କରୁଥିବା ବିଭିନ୍ନ ମହିଳାମାନଙ୍କୁ ଗ୍ରୁପ ଲୋନ କରାଇଦେବାକୁ କହିଥିଲେ। ପ୍ରତିଲୋନରେ କିଛି କମିସନ ଟଙ୍କା ପାଇବା ଲୋଭରେ ଗୀତା ଏଚ୍‌ଡିଏଫ୍‌ସିବ୍ୟାଙ୍କ, ଏଲଣ୍ଟି ସ୍ମଲ ଫାଇନାସ୍, ଏସ୍‌କେଏସ ଓ ଉଜ୍ଜିଜୀବନ ବ୍ୟାଙ୍କର କିଛି ଫିଲ୍ଡ କର୍ମଚାରୀମାନଙ୍କ ସହ ମିଶି ସ୍ଥାନୀୟ ବସ୍ତିର ମହିଳାମାନଙ୍କୁ ଋଣ କରାଇଥିଲେ। ବସ୍ତିର ମହିଳାମାନେ ଋଣ ନେବାର କିଛି ମାସ ପରେ ଋଣ ଅର୍ଥ ପୈଠ କରିବା ପାଇଁ ଗୀତା ସେମାନଙ୍କଠାରୁ ଟଙ୍କା ଆଦାୟ କରି ଏହାକୁ ବିଭିନ୍ନ ଫାଇନାସ୍ କମ୍ପାନୀରେ ନବାନ୍ଧି ଲକ୍ଷାଧିକ ଟଙ୍କା ନେଇ କୁଆଡେ ଫେରାର ହୋଇଯାଇଥିଲେ। ପରେ କୁମ୍ଭାରପଡା ବସ୍ତିର ମହିଳାମାନେ ଋଣ ନବାନ୍ଧିବାରୁ ସେମାନଙ୍କ ପାଖକୁ ଚଳିତ ମାସ ଋଣର ସୁଧ ସହ ମିଶି ଅଧିକ ଟଙ୍କା ପୈଠ କରିବା ପାଇଁ ନୋଟିସ ଆସିବାରୁ ସେମାନେ ଗୀତା ଘରକୁ ଯାଇଥଲେ। ସେଠାରୁ ଗୀତା ଫେରାର ଥିବାରୁ ଶେଷରେ ମହିଳାମାନେ ବୁଧବାର ଉଦିତନଗର ଥାନାର ଦ୍ୱାରସ୍ଥ ହୋଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ କୁମ୍ଭାରପଡା ବସ୍ତିରେ ଶାନ୍ତି ସାହୁ, ରେନୁ ଗୋପ, ସୁମିତ୍ରା ବଡାଇକ, ଦେବକୀ ସାହୁ, ଜ୍ୟୋତି ଦାସ, ଲକ୍ଷ୍ମୀ ତନ୍ତୀ, ସୁନିତା ତନ୍ତୀ, ଅଞ୍ଜଳି ଦାସ, ସୁଲଚନା ସିଂ, ସୁନିତା କାଣ୍ଡୁଲନା, ଗୌରୀ ଦାସଙ୍କ ସହ ବହୁ ମହିଳା ଉପସ୍ଥିତ ରହି ଥାନାରେ ଅଭିଯୋଗ କରିଥଲେ।



ରାଉରକେଲା ମହାନଗର ନିଗମରେ ସାମିଲ କରା ନ ଯାଉ ଦାବିକରି ଆର୍‌ଏମ୍‌ସି ଆଗରେ ବରଟୋଲି ଗ୍ରାମବାସୀ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆର୍‌ଏମ୍‌ସି ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ

**ରାଉରକେଲା, ୫।୭(ସଙ୍ଗୀତା ଜେନା)**

ଜାମସେରା ପଞ୍ଚାୟତ ଅନ୍ତର୍ଗତ ବରଟୋଲି ଗ୍ରାମରେ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ କିଛି ଦିନ ପୂର୍ବେ ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା। ହେଲେ ଆଗାମୀ ଦିନରେ ଏହାର ବିଦ୍ୟୁତ୍ ବିଲ୍, ରକ୍ଷଣାବେକ୍ଷଣ ଖର୍ଚ୍ଚ ଆଦି ଗ୍ରାମବାସୀଙ୍କ ଉପରେ ଲଦି ନ ଦିଆଯାଉ ଓ ବରଟୋଲି ଗ୍ରାମକୁ ଆର୍‌ଏମ୍‌ସି ସହିତ ସାମିଲ କରା ନ ଯାଉ ବୋଲି ଦାବି କରି ବୁଧବାର ଆର୍‌ଏମ୍‌ସି ସମ୍ମୁଖରେ ବରଟୋଲି ଗ୍ରାମବାସୀ ବିକ୍ଷୋଭ କରିଥିଲେ। ଏହି ଅବସରରେ ଆରଏମ୍‌ସି କର୍ତ୍ତୃପକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜାମସେରା ପଞ୍ଚାୟତରେ ବରଟୋଲୀ ରହିଛି। କୌଣସି ପରିସ୍ଥିତିରେ ପ୍ରଶାସନ ଏହାକୁ ମହାନଗରନିଗମ ସହ ମିଶ୍ରଣ ନ କରୁ। ଏହା ଦ୍ୱାରା ବିରାଟ ଜନଆନ୍ଦୋଳନ ହେବ ବୋଲି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ବେଦନା ଓରାମ କହିଛନ୍ତି। ନାଏବ ସରପଞ୍ଚ ପ୍ରମୋଦ ଜେନାଙ୍କ କହିବା ଅନୁଯାୟୀ, ଆରଏମ୍‌ସି ସମସ୍ତ ସୁବିଧା ଦେଉଛି। ଏଥିରେ ମହାନଗରନିଗମରେ ଉକ୍ତ ଅଞ୍ଚଳଗୁଡ଼ିକ ମିଶ୍ରଣ କରାଯିବା ନେଇ ସନ୍ଦେହ ଦେଖାଯାଉଛି। ତେଣୁ ବାରମ୍ବାର ଆରଏମ୍‌ସି କର୍ତ୍ତୃପକ୍ଷଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ଦିନରେ ଉକ୍ତ ଲାଇଟଗୁଡ଼ିର ବିଲ୍ ଓ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ ଆରଏମ୍‌ସି ବହନ କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଲେ ଏହି ବିକ୍ଷୋଭ ପ୍ରତ୍ୟାହାର କରାଯିବ ବୋଲି ଜେନା କହିଥିଲେ। ଗ୍ରାମବାସୀ ମିଳିତ ଭାବେ ଆର୍‌ଏମ୍‌ସିରେ ଆମେ ମିଶିବାକୁ ଚାହୁଁନାହୁଁ ବୋଲି କହିଥିଲେ। ସରପଞ୍ଚଙ୍କ ସମେତ ବାସୁଦେବ ଖାଡ଼ିଆ, ସୁଶୀଲ ଲୁଗୁନ, ସମିତି ସଭ୍ୟ ପାଓଲିନା ଜାଟେ ଓ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମଙ୍ଗଳବାର ଆର୍‌ଏମ୍‌ସି କମିଶନରଙ୍କୁ ଏ ବାବଦରେ ଚିଠି ମଧ୍ୟ ଲେଖିଛନ୍ତି।

# ପିଡିଏସ୍ ଚାଉଳ ଓଜନରେ ଠକେଇ

**ରାଉରକେଲା, ୫।୭(ସଙ୍ଗୀତା ଜେନା)**




ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି (ଫଟୋ- ବିବେକ)

ପିଡିଏସ୍ ଚାଉଳ ଓଜନରେ ହେରଫେର କରାଯାଉଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। କେନ୍ଦ୍ର ସରକାର ଗରିବଙ୍କୁ ମାଗଣାରେ ଚାଉଳ ଯୋଗାଉଥିବା ବେଳେ ଏହାକୁ ରାଜ୍ୟ ସରକାର, ଯୋଗାଣ ଅଧିକାରୀ, ଚାଉଳ ଯୋଗାଣ ଠିକାଦାର, ପରିବହନ ଠିକାଦାର ଆଦି ମିଳିମିଶି ତୋଷରପାତ କରୁଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହୁଥିବା ବୁଧବାର ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବତଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେନାପତିଙ୍କ ସୂଚନା ଅନୁଯାୟୀ, ମିଲର୍ସମାନଙ୍କ ଠାରୁ ପିଡ଼ିଏସ୍ ଚାଉଳ ବୋଝେଇ କରି ୨-୩ ଟ୍ରକ ରାଉରକେଲାକୁ ଆସିଥିଲା ମଙ୍ଗଳବାର। ଉକ୍ତ ଟ୍ରକଗୁଡ଼ିକ ଇଣ୍ଡଷ୍ଟ୍ରିଆଲ ୱେ ବ୍ରିଜ ନାମକ ଏକ ଘରୋଇ ଓଜନ ସଂସ୍ଥାକୁ ଓଜନ ପାଇଁ ଆସିଥିଲା। ଏଥିରେ କେହି ସରକାରୀ ଲୋକ ଉପସ୍ଥିତ ନ ଥିଲେ। ଏ ଘଟଣାକୁ ଖୋଦ୍ ସେନାପତି ଦେଖିଥିଲେ। ମିଲର୍ସ, ଗାଡ଼ିଚାଳକ, ସ୍ଥାନୀୟ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ହୋଇ ହରିଲୁଟ ହେଉଥିବା ସୂଚନା ମିଳୁଛି ବୋଲି କହିଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖବରଦାତା ସମ୍ମିଳନୀରେ ଦାବି ହୋଇଥିଲା।

### ସେଲ ଉତ୍ପାଦନ ଏବଂ ବିକ୍ରୟ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ

**ରାଉରକେଲା,୫।୭(ବିପ୍ଳବ ରଞ୍ଜନ ଦାଶ)**

ସେଲ୍ ଉତ୍ପାଦନ ଓ ବିକ୍ରୟ ଦୃଷ୍ଟିରୁ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ରେକର୍ଡ ପ୍ରଦର୍ଶନ ହାସଲ କରିଛି। ୫.୦୩୭ ନିୟୁତ ଟନ୍ ଉତ୍ତପ୍ତ ଧାତୁ, ୪.୬୬୭ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଏବଂ ୪.୪୦୫ ନିୟୁତ ଟନ୍ ବିକ୍ରି ଯୋଗ୍ୟ ଇସ୍ପାତ ଉତ୍ପାଦନ ସହିତ କମ୍ପାନୀ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଥମ ତ୍ରୈମାସିକ ଫଳାଫଳ ହାସଲ କରିଛି। ଅନୁରୂପ ପୂର୍ବ ବର୍ଷ ତୁଳନାରେ ଏହି କ୍ଷେତ୍ରଗୁଡିକରେ ଯଥାକ୍ରମେ ୭ ପ୍ରତିଶତ, ୮ ପ୍ରତିଶତ ଓ ପୁଣି ୮ ପ୍ରତିଶତ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ ହୋଇପାରିଛି। କମ୍ପାନୀ ପ୍ରଥମ ତ୍ରୈମାସରେ ୩.୯ ନିୟୁତ ଟନ୍ ବିକ୍ରୟ ପରିମାଣ ହାସଲ କରି ଶ୍ରେଷ୍ଠ ବିକ୍ରି ପ୍ରଦର୍ଶନ ହାସଲ କରିଛି।

# ଶ୍ରାବଣୀ ମେଳା ନେଇ ଚାଲିଛି ଜୋରଦାର ପ୍ରସ୍ତୁତି

**ରାଉରକେଲା, ୫।୭(ବିପ୍ଳବ ରଞ୍ଜନ ଦାଶ)**



ଆସନ୍ତା ଜୁଲାଇ ୯ତାରିଖ ବେଦବ୍ୟାସ ପୀଠରେ ହେବ ଶ୍ରାବଣ ମେଳା-୨୦୨୩। ମେଳା ଆୟୋଜନ ନେଇ ଗତ ଶନିବାର ଆର୍‌ଏମସି ସଭାଗୃହଠାରେ ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କର ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇସାରଛି। ବୁଧବାରଠାରୁ ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ମେଳା ଆୟୋଜନ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଦେଇଛି। ମେଳା ଆସନ୍ତା ଜୁଲାଇ ୯ରୁ ପ୍ରତି ରବିବାର ଏବଂ ସୋମବାର ଆୟୋଜିତ ହେବା ପାଇଁ ସ୍ଥିରିକୃତ କରାଯାଇଛି। ବେଦବ୍ୟାସ ପୀଠରେ ବିଭିନ୍ନ ଦୋକାନ ବଜାର ଖୋଲିବା ନିମନ୍ତେ ଷ୍ଟଲ ପାଇଁ ଦୋକାନୀମାନଙ୍କର ପଞ୍ଜିକରଣ ପ୍ରକ୍ରିୟା ମଧ ଆରମ୍ଭ ହୋଇଯାଇଛି। ଶୈବଭକ୍ତ ଓ କାଉଡିଆମାନେ ମହାଦେବଙ୍କୁ ଶୃଙ୍ଖଳିତ ଭାବେ ଜଳାଭିଷେକ କରିପାରିବେ ସେ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମହିଳା ଓ ପୁରୁଷ ନିମନ୍ତେ ପୃଥକ ପୃଥକ ବ୍ୟାରିକଡ ବ୍ୟବସ୍ଥା କାର୍ଯ୍ୟ ଚାଲିଛି। ମେଳା ଭଲ୍ୟୁଣ୍ଟାରୀ ଦାୟିତ୍ୱରେ ସହକାରୀ-ଜିଲାପାଳ ଓ ସିଭିଲ ଡିଫେନ୍ସ ଅଧିକାରୀ ରହିବେ। ରାଉରକେଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ମେଳା ସମ୍ପର୍କିତ ସୂଚନା ନିର୍ଦ୍ଧାରିତ ରହିଛି। ଏନେଇ ବେଦବ୍ୟାସ ଟ୍ରଷ୍ଟବୋର୍ଡ ଅଧିକାରୀ ଗୋଲାପ କୌଶିକଙ୍କୁ ପଚାରିବାରୁ ସେ କହିଲେ, ମେଳା ନିମନ୍ତେ ଯୋରଦାର ପ୍ରସ୍ତୁତି ଚାଲିଛି। ମେଳା ଯେଉଁଭଳି ନିରାପତ୍ତର ଭାବରେ ଆୟୋଜିତ ହେବ ସେ ନେଇ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## ଆଦର୍ଶ ପାଠାଗାରରେ ଜିଲାସ୍ତରୀୟ କନ୍‌ଭେନସନ

**ରାଉରକେଲା, ୫।୭(ସଙ୍ଗୀତା ଜେନା)**

କେନ୍ଦ୍ର ସରକାରଙ୍କ ଦେଶ ବିରୋଧୀ, ଜନବିରୋଧୀ ଓ ଶ୍ରମିକ ବିରୋଧୀ ନୀତି ବିରୋଧରେ ମଙ୍ଗଳବାର ସନ୍ଧ୍ୟାରେ ସେକ୍ଟର-୫ ଆଦର୍ଶ ପାଠାଗାରରେ ଜିଲାସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ନୀତି, ୪୪ଟି ଶ୍ରମ ଆଇନକୁ ପରିବର୍ତ୍ତନ କରି ୪ ଟି କୋର୍ଡରେ କରିବା, ଦରଦାମ ବୃଦ୍ଧିକୁ ବିରୋଧ କରାଯାଇଛି। ଠିକା ଶ୍ରମିକ ଓ ସ୍କିମ ଶ୍ରମିକଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ, ଶ୍ରମିକ ମାନ୍ୟତା ଓ ସାମାଜିକ ସୁରକ୍ଷା ପ୍ରଦାନ, ଆରଏସ୍‌ପିର ସମ୍ପ୍ରସାରଣ ସହ ସ୍ଥାନୀୟ ତଥା ବିସ୍ଥାପିତଙ୍କୁ ନିଯୁକ୍ତି ପ୍ରଭୃତି ୧୪ ଦଫା ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ତଥା ଫେଡେରେସନମାନଙ୍କ ଆହ୍ୱାନରେ ଏହି କନଭେନସନ ହୋଇଥିଲା। ଏଥିରେ ସିଟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ବିମାନ ମାଇତି, ଆଇଏନ୍‌ଟିୟୁସିର ନେତା ନିହାର ଦାସ, ଏଚ୍‌ଏମ୍‌ଏସ୍‌ର ପ୍ରମୋଦ ଦାସ, ସିଟୁ ନେତା ବସନ୍ତ ନାୟକ, ଏଆଇଟିୟୁସି ନେତା ରମେଶ ସେଠୀ, ୟୁଟିୟୁସି ନେତା ସତ୍ୟପ୍ରିୟ ମହାନ୍ତି, ଆଇଏନ୍‌ଟିୟୁସି ନେତା ପ୍ରଶାନ୍ତ ବେହେରା, ଏଚ୍‌ଏମ୍‌ଏସ୍ କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ଏଆଇଟିୟୁସିର ସଦାନନ୍ଦ ସାହୁଙ୍କ ସମେତ ଅନ୍ୟ ଶ୍ରମିକ ନେତା ଉପସ୍ଥିତ ଥିଲେ। ଅଗଷ୍ଟ ୯ ଭାରତ ଛାଡ ଆନ୍ଦୋଳନର ସ୍ମାରକୀ ଦିବସରେ ଦେଶବ୍ୟାପୀ ବୃହତ୍ତର ଶ୍ରମିକ ଆନ୍ଦୋଳନ ସଙ୍ଗଠିତ ହେବ ବୋଲି ଆହ୍ୱାନ ଦିଆଯାଇଥିଲା। ନିହାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ବାଲିଘାଟ, ପଥର ଖାଦାନର ଦାୟିତ୍ୱ ନେବ ଖଣି ବିଭାଗ



ବ୍ରାହ୍ମଣୀ ନଦୀ ବାଲିଘାଟର ବାଲି ଉତ୍ତୋଳନ ପାଇଁ ଲାଗିଥିବା ଜେସିବି ମେସିନ।

**ରାଉରକେଲା, ୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ତହସିଲ ଅଧିନରେ ରହିଛି ୬ ବାଲିଘାଟ। ବାଲିଘାଟଗୁଡିକ ବ୍ରାହ୍ମଣୀ, କୋଏଲ ଓ ଶଙ୍ଖ ଆଦି ନଦୀ କୂଳବର୍ତ୍ତୀ। ୬ବାଲିଘାଟ ମଧ୍ୟରୁ ୪ଟି ବାଲିଘାଟ ଓ ଏକ ପଥର ଖାଦାନ କାର୍ଯ୍ୟକ୍ଷମ ରହିଛି। ୨ ବାଲିଘାଟ ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। କାର୍ଯ୍ୟକ୍ଷମ ୪ ବାଲିଘାଟ ଓ ପଥର ଖାଦାନରୁ ରାଉରକେଲା ତହସିଲ ବିଭାଗ ପକ୍ଷରୁ ରାଜସ୍ୱ ଆକାରରେ ପ୍ରତିବର୍ଷ ୪ କୋଟିରୁ ଊର୍ଦ୍ଧ୍ୱ ରାଶି ଆଦାୟ ହୋଇଥାଏ। କାର୍ଯ୍ୟକ୍ଷମ ବାଲିଘାଟଗୁଡିକ ହେଉଛି କୋଏଲ ନଗର ବାଲିଘାଟ, ପ୍ରଧାନପାଲି ବାଲିଘାଟ, ତରକେରା ବାଲିଘାଟ-୨, ତରକେରା ବାଲିଘାଟ-୩ ଏବଂ ଟାଙ୍ଗରପାଲି ପଥର ଖାଦାନ। ଅନ୍ୟପଟେ କାର୍ଯ୍ୟକ୍ଷମ ହୋଇ ନ ଥିବା ବାଲିଘାଟ ଏବଂ ପଥରଖାଦାନଗୁଡିକ ହେଲା ଡୁମକେଲା ବାଲିଘାଟ, ଲୁଆକେରା ବାଲିଘାଟ, ଝାରବନ୍ଧ ପଥର ଖାଦାନ-୧ ଏବଂ ୨। କାର୍ଯ୍ୟକ୍ଷମ ବାଲିଘାଟ ଓ ଖଣି ଖାଦାନ ଗୁଡିକ ଦୀର୍ଘକାଳୀନ ନିଲାମ ପ୍ରକ୍ରିୟାର ନିଲାମ ମାଧ୍ୟମରେ ଲିଜଦାରମାନଙ୍କୁ ତହସିଲ ବିଭାଗ ପକ୍ଷରୁ ପ୍ରଦାନ ହୋଇଥାଏ। ପ୍ରକାଶ ଥାଉକି ୨୦୧୬ ମସିହା ପୂର୍ବବର୍ତ୍ତୀ ସମୟରେ ନଦୀରୁ ବାଲି ଉତ୍ତୋଳନ ଅସ୍ଥାୟୀ ପରମିଟ୍‌ରେ ହେଉଥିଲା। ୨୦୧୬ ମସିହା ପରବର୍ତ୍ତୀ ସମୟରେ ସରକାର ଏହାକୁ ଅସ୍ଥାୟୀ ପରମିଟ ବ୍ୟବସ୍ଥାରେ ବ୍ୟାପକ ରାଜସ୍ୱହାନୀ ହେଉଥିବାର ଆକଳନ କରି ଏହାକୁ ଅକ୍ସନ ମାଧ୍ୟମରେ ନିଲାମ ଆକାରରେ ଦେବାର ପ୍ରାରମ୍ଭ କଲେ। ମାତ୍ର ସରକାରଙ୍କ ଏହି ଯୋଜନାବଦ୍ଧ ପ୍ରକ୍ରିୟା ବି ରାଉରକେଲା ବାଲିଘାଟମାନଙ୍କରେ ବେଆଇନ ବାଲିଚାଲାଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ରୋକିବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ସରକାର ଖଣି ଖାଦାନରୁ ରାଜସ୍ୱ ଆଦାୟ ପାଇଁ ଯେତିକି ନୂତନ କୌଶଳ ଆପଣାଉଛନ୍ତି ଖଣି ଖାଦାନ ମାଫିଆମାନେ ମଧ ଠିକ୍ ସେତେ ମାତ୍ରାରେ ଅଭିନବ କଳାକୌଶଳ ମାଧମରେ ଖଣି ଖାଦାନ ଲୁଟିଚାଲି ସରକାରଙ୍କ ବିପୁଳ ରାଜସ୍ୱ ହାନୀ ଘଟାଉଛନ୍ତି। ଉପରୋକ୍ତ ବାଲିଘାଟମାନଙ୍କରୁ ଦୈନିକ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବାର ମଧ ଅଭିଯୋଗ ହେଉଛି। ଏଥିସହ ବିଭିନ୍ନ ଲିଜଧାରୀଙ୍କର ନାଁରେ କୋଟି କୋଟି ଟଙ୍କା ରାଜସ୍ୱ ଖଜଣା ବକେୟା ଥିବାବେଳେ ବକେୟା ଆଦାୟ ହେଉନାହିଁ। ମାସମାସ ଧରି ବାଲିଘାଟ ଅକ୍ସନ ହେଉନାହିଁ। ଏସବୁ କାରଣରୁ ଖଣିଜ ସମ୍ପଦରେ ବ୍ୟାପକ ରାଜସ୍ୱହାନୀ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏହି ବେଆଇନ ଧାରାକୁ ରୋକିବା ନିମନ୍ତେ କାର୍ଯ୍ୟକ୍ଷମ ସବୁ ବାଲିଘାଟ ଏବଂ ପଥରଖାଦାନଗୁଡିକ ରାଜସ୍ୱ ବିଭାଗଠାରୁ ଜିଲା ଖଣିଜ ସମ୍ପଦ ବିଭାଗକୁ ହସ୍ତାନ୍ତର କରାଯିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ରାଉରକେଲା ତହସିଲ କାର୍ଯ୍ୟାଳୟର ଜନୈକ ଅଧିକାରୀ ନିଜ ନାଁକୁ ଗୁପ୍ତ ରଖି ଆଉ ୫ଦିନ ପରେ ସମସ୍ତ ବାଲିଘାଟ ଓ ପଥର ଖାଦାନ ହସ୍ତାନ୍ତର ହେବ। ଏଥିସହିତ କାର୍ଯ୍ୟକ୍ଷମ ହୋଇ ନ ଥିବା ବାଲିଘାଟ ଓ ପଥରଖାଦାନଗୁଡିକ ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟକ୍ଷମ କରାଯାଇ ଜିଲା ଖଣିଜ ବିଭାଗକୁ ହସ୍ତାନ୍ତର କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# କରାଟେ ପ୍ରଶିକ୍ଷଣ ଶିବିରରେ ରାଉରକେଲାରୁ ତିନି କରାଟେ

**ରାଉରକେଲା,୫।୭(ଦିନେଶ ମିଶ୍ର)**

ଓଡିଶା ରାଜ୍ୟ କରାଟେ ଡୋ ଆସୋସିଏସନ(ଓସ୍କା) ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଦୁଇଦିନିଆ ଆଡଭାନ୍ସ କରାଟେ କୁମିତେ ସେମିନାର ଗତ ୨ ତାରିଖରେ ଉଦ୍‌ଯାପିତ ହୋଇଥିଲା। ଏହି ସେମିନାରରେ ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ମୁଖ୍ୟ ପ୍ରଶିକ୍ଷକ ରାଜୀବ କୁମାର ସିଂ ସହ ଅଭିଷେକ ପଟ୍ଟନାୟକ ଓ ଉତ୍କଳ କରାଟେ ଟେନସା ଶାଖାର ପ୍ରଶିକ୍ଷକ ରଞ୍ଜନ ପାତ୍ର ଯୋଗ ଦେଇ ସଫଳତା ସହ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏଥିରେ ଓଡିଶା ସମେତ ରାଜ୍ୟ ବାହାରୁ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓସ୍କାର ସଭାପତି ହାଂଶୀ ଡ.ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଡ. ଗୌରୀ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି ଦୁଇ ଦିନିଆ ଶିବିରର ଉଦ୍‌ଯାପନି ଉତ୍ସବରେ ୪୨ ଜଣ କରାଟେଙ୍କୁ କରାଟେ ଇଣ୍ଡିଆ ଅର୍ଗାନାଇଜେସନ(କିଓ)ର ବିଭିନ୍ନ ଡାନ ଗ୍ରେଡ ପ୍ରଦନ କରାଯାଇଥିଲା। ଏଥିରେ ରାଉରକେଲା ରାଜୀବ କୁମାର ସିଂ ଓ ଅଭିଷେକ ପଟ୍ଟନାୟକ ଓ ରଞ୍ଜନ ପାତ୍ର କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍(କିଓ)ର ଡାନଗ୍ରେଡ ଗ୍ରହଣ କରି ବୁଧବାର ରାଉରକେଲା ପହଞ୍ଚିଛନ୍ତି।

# ଡିଲର୍ସ ଫେଡେରେଶନ ପକ୍ଷରୁ ଆର୍‌ଏମ୍‌ସି ଆଗରେ ବିକ୍ଷୋଭ

**ରାଉରକେଲା, ୫।୭ (ସଙ୍ଗୀତା ଜେନା)**




ଆରଏମ୍‌ସି ଆଗରେ ଡିଲରର୍ସ ଫେଡେରେସନ ପକ୍ଷରୁ ବିକ୍ଷୋଭ କରାଯାଉଛି। (ଫଟୋ ବିବେକ)

## ୫ ଦଫା ଦାବି ପୂରଣ କର

୫ ଦଫା ଦାବିନେଇ ଅଲ ଇଣ୍ଡିଆ ଫେୟାର ପ୍ରାଇସ ସପ୍ ଡିଲରର୍ସ ଫେଡେରେସନ ଓଡ଼ିଶା ୟୁନିଟ ରାଉରକେଲା ଶାଖା ପକ୍ଷରୁ ରାଉରକେଲା ମହାନଗରନିଗମ (ଆର୍‌ଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟର କାର୍ଯ୍ୟରତ ରିଟେଲରମାନଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନଯୋଜନା ବଣ୍ଟନ ବାବଦକୁ ବକେୟା ରଖିଥିବା ୨୮ମାସର ପାରିଶ୍ରମିକ, ଇ-ପୋସ ମେସିନର ବ୍ୟବହାରିକ ଖର୍ଚ୍ଚ, ସ୍କୁଲ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନ ବାବଦକୁ ଖର୍ଚ୍ଚ, ଫେରସ୍ତ ଅଖାର ମୂଲ୍ୟ ତତ୍କାଳୀନ ପ୍ରଦାନ କରାଯାଉ, ଆଗାମୀ ଦିନରେ ସାମଗ୍ରୀ ବଣ୍ଟନ ବାବଦକୁ ସମସ୍ତ ପାରିଶ୍ରମିକ ବକେୟା ନ ରଖି ସାମଗ୍ରୀ ବଣ୍ଟନ ସମାପ୍ତିର ୫ ଦିନ ମଧ୍ୟରେ ଏକକାଳୀନ ପାରିଶ୍ରମିକ ଅର୍ଥ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ଏହା ସହ ପାରିଶ୍ରମିକ ରାଶି ବୃଦ୍ଧି, ସାମଗ୍ରୀ ପହଞ୍ଚାଇବା ଠାରୁ ଆରମ୍ଭ କରି ବଣ୍ଟନ ପର୍ଯ୍ୟନ୍ତ ହେଉଥିବା ନିଅଣ୍ଟ ବାବଦକୁ କୁଇଣ୍ଟାଲ ପିଛା ୧ କିଗ୍ରା ଖାଉଟି ସାମଗ୍ରୀ ଭରଣା କରାଯାଉ, ମୃତ୍ୟୁବରଣ କରିଥିବା ରିଟେଲରମାନଙ୍କ ଉତ୍ତରାଧିକାରୀମାନଙ୍କୁ ପୁନଃ ନିଯୁକ୍ତି କରିବା ସଙ୍ଗେ ସଙ୍ଗେ ଖୁଚୁରା ବିକ୍ରେତାମାନଙ୍କୁ ଦୋକାନ ଗୃହ ଭଡ଼ା, ବିଦ୍ୟୁତ୍ ଖର୍ଚ୍ଚ, ବଣ୍ଟନ ସହଯୋଗ ସହାୟକ/ ସହାୟିକାମାନଙ୍କୁ ସହଯୋଗ ରାଶି ପ୍ରଦାନର ବ୍ୟବସ୍ଥା କରାଯାଉ, କାର୍ଯ୍ୟରତ ଖୁଚୁରା ବିକ୍ରେତାମାନଙ୍କ ଜୀବନର ସୁରକ୍ଷା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପ୍ରଦାନ କରିବା ସହ ୨୫ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଉ ଆଦି ଦାବି ରହିଛି। ସୁନ୍ଦରଗଡ଼ ଜିଲା ସଭାପତି କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜିତ ନାୟକ, ଉପସଭାପତି ଜିଲା ସମ୍ପାଦକ ଦତହରି ସାମଲ, ଗଙ୍ଗାଧର ନନ୍ଦୀ, ଅମାତ ସାମଲ, ଅନନ୍ଦା ପ୍ରସନ୍ନ ଜେନା, ସଞ୍ଜୟ ଜେନା, ଦିଲ୍ଲୀପ ଦାସ, ତାରା ଯାଦବ, ଅଜୟ ରାଉତ, ମରିୟମ ଲାକ୍ରା ସମେତ ଅନ୍ୟମାନେ ବିକ୍ଷୋଭରେ ଉପସ୍ଥିତ ଥିଲେ।

## ଗ୍ରାମୀଣ ଶିଳ୍ପ ଉଦ୍ୟାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସମ୍ବଲପୁର (ବି.ଶଙ୍କର): ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ କାର୍ଯ୍ୟାଳୟର ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ରେମେଶ ହାଁସଦା, ଓରମାସ ଡେପୁଟି ସିଇଓ ସିମନ୍ତ ହୋତା, ମିଶନ ଶକ୍ତି ଡିପିଏମ୍ ଭାରତି ବେସରା ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ ଉତ୍ପାଦକ ସଂଗଠନ ଓ ଉତ୍ପାଦକ ଗ୍ରୁପର ସଭ୍ୟମାନଙ୍କୁ ଗ୍ରାମୀଣ ଶିଳ୍ପ ଉଦ୍ୟାନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ଆଜି କ'ଣ କେଉଁଠି

ସମ୍ବଲପୁର

- ବୁଢ଼ାରଜା ବନ ସଂରକ୍ଷଣ ସମିତି ଆୟୋଜନରେ ଚାରା ରୋପଣ କାର୍ଯ୍ୟକ୍ରମ, ବୁଢ଼ାରଜା ପାହାଡ ୱାଚ୍‌ଟାୱାର, ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୫।୭(ବିରଞ୍ଚି ଦର୍ଜୀ): ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅନ୍ତର୍ଗତ ବଡମୁଣ୍ଡାଲୋଇ ଗ୍ରାମର ସଞ୍ଜୟ ବାଘ ଓରଫ ଘଁସିଆ (୪୦)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୫/୨୩) ରୁଜୁ କରି ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ସଞ୍ଜୟ ମଙ୍ଗଳବାର ସକାଳୁ ବିଲ ନିକଟ ନାଳକୁ ଶୌଚ ପାଇଁ ଯାଇଥିଲେ। ଅପରାହ୍ନ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବଡମୁଣ୍ଡାଲୋଇ ଗ୍ରାମରୁ ପ୍ରାୟ ୧କି.ମି. ଜଙ୍ଗଲ ନିକଟରେ ଅଶୋକ ପଟେଲ ନାମକ ବ୍ୟକ୍ତି ନିଜ ଚାଷ ଜମିରେ ଦେଇଥିବା ତାର ବାଡରେ ସଞ୍ଜୟ ମରି ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପଟେଲ ସେଠାରେ ବୋରୱେଲ ଦ୍ୱାରା ଖରାଦିନେ ଚାଷ କରିଥିଲେ ଓ ତାର ବାଡରେ କରେଣ୍ଟ ମଧ ସଂଯୋଗ କରିଥିଲେ। କୌଣସି କାରଣରୁ ସଞ୍ଜୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତକଙ୍କ ଭାଇ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

### ୩୪୦ ବୋତଲ କଫ୍ ସିରପ୍ ଜବତ

ସମ୍ବଲପୁର,୫।୭(ବି.ଶଙ୍କର): ସମ୍ବଲପୁର ଜିଲା ବରେଇପାଲି ନିକଟ ନିର୍ଗୁଣପଡାରେ ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୩୪୦ ବୋତଲ କଫ ସିରପ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ କାର୍ଯ୍ୟାଳୟର ଏକ ଟିମ୍ ଚଢାଉ କରିଥିଲା। ଏଥିସହ ପ୍ରକାଶ ପଧାନ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କଫ ସିରପ ଚୋରାଚାଲାଣ ବେଳେ ବ୍ୟବହୃତ ସ୍କୁଟିକୁ ଜବତ କରାଯାଇଥିବା ଅବକାରୀ କାର୍ଯ୍ୟାଳୟର ଅଧିକାରୀ ସୂଚନା ଦେଇଛନ୍ତି।

### ଫାଇଲେରିଆ: ରେଡ୍ ଜୋନ୍‌ରେ ସମ୍ବଲପୁର

ସମ୍ବଲପୁର,୫।୭ (ଶୁଭାଶିଷ ପାଢ଼ୀ): ଜିଲାରେ ସାମୂହିକ ଫାଇଲେରିଆ ଔଷଧ ସେବନ ପାଇଁ ହେବାକୁ ଥିବା କାର୍ଯ୍ୟକ୍ରମ ଯେଭଳି ସଫଳ ହେବ ସେଥିପାଇଁ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ସମନ୍ୱୟ ବୈଠକ ଆଲୋଚନା ହୋଇଛି। କମିଶନର ପ୍ରଦୀପ କୁମାର ସାହୁ ଅଧକ୍ଷତା କରି କହିଥିଲେ ଯେ, ଆମକୁ ଲୋକଙ୍କ ପାଖରେ ପହଞ୍ଚିବାକୁ ପଡିବ। ଫାଇଲେରିଆର ଭୟାବହତା ବିଷୟରେ ବୁଝାଇବା ସହ ଔଷଧ ସେବନ ସମ୍ପର୍କରେ ବିଶ୍ୱାସ ଜନ୍ମାଇବା ପାଇଁ ସମସ୍ତେ ମିଳିମିଶି କାମ କରବାକୁ ପଡିବ। ଫାଇଲେରିଆ ବିଷୟରେ ସମସ୍ତଙ୍କୁ ସଚେତନ କରିବା। ବର୍ତ୍ତମାନ ଫାଇଲେରିଆ ପାଇଁ ସମ୍ବଲପୁର ଜିଲା ରେଡ୍ ଜୋନରେ ରହିଛି। ସେଥିପାଇଁ ସମସ୍ତେ ଔଷଧ ନେବା ଅନିବାର୍ଯ୍ୟ। ସ୍କୁଲ, କଲେଜ, କାର୍ଯ୍ୟାଳୟ, ଶିଳ୍ପ ଅନୁଷ୍ଠାନ, ଆପାର୍ଟମେଣ୍ଟ ବାସିନ୍ଦା, ବସ୍ତି ବାସିନ୍ଦା, ବିଭିନ୍ନ ପଡା ଲୋକଙ୍କୁ ଏହି ଔଷଧ ସେବନ ପାଇଁ ସଚେତନ କରିବାକୁ ପଡିବ ବୋଲି ସେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧରେ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁଙ୍କ ସମେତ ଏସ୍‌ଏମ୍‌ସି ଅଞ୍ଚଳରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର, ଶିଳ୍ପ ଅନୁଷ୍ଠାନର ଜେନେରାଲ ମ୍ୟାନେଜର, ଶିକ୍ଷାନୁଷ୍ଠାନର ପ୍ରତିନିଧି, ଏନ୍‌ଜିଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ହରିଣର ମୃତ୍ୟୁ

ରେଢାଖୋଲ,୫।୭(ଅଚ୍ୟୁତାନନ୍ଦ ପୁରୋହିତ): ରେଢାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ ଅଧୀନ ୫୫ନଂ. ଜାତୀୟ ରାଜପଥ କଡରେ ଥିବା ବନ ବିଭାଗ ନର୍ସରୀଠାରେ ମଙ୍ଗଳବାର ରାତିରେ ରାସ୍ତା ପାର ହେଉଥିବା ବେଳେ ଗାଡି ଧକ୍କାରେ ଏକ ହରିଣର ମୃତ୍ୟୁ ହୋଇଛି। ରେଞ୍ଜର ଦର୍ଶନିଆ ଭୋଇ ହରିଣ ମୃତଦେହ ବ୍ୟବଚ୍ଛେଦ କରାଇ ପୋତି ଦେଇଥିବା ଜଣାପଡିଛି। ରେଢାଖୋଲ ବନଖଣ୍ଡରେ ବନ୍ୟଜନ୍ତୁ ଏବେ ଅସୁରକ୍ଷିତ ହୋଇପଡିଛନ୍ତି। ଗତ କିଛିମାସ ମଧରେ ଚାରମାଳ ରେଞ୍ଜର ରାଶିବେଡା, ବଡମାଳ ରେଞ୍ଜର ରେଙ୍ଗାଲି, ବଡମାଳ ଗ୍ରାମରେ ପ୍ରାୟ ୫ରୁ ଊର୍ଦ୍ଧ୍ୱ ହରିଣ କୁକୁର କାମୁଡା ଓ ଶିକାରୀ ହାବୁଡରେ ପଡି ମୃତ୍ୟୁମୁଖରେ ପଡିଛନ୍ତି। ଏହାକୁ ନେଇ ପରିବେଶବିତ୍ ଓ ବନ୍ୟପ୍ରାଣୀ ସୁରକ୍ଷା ସମିତି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।



ରେଢାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ ଅଧୀନ ୫୫ନଂ. ଜାତୀୟ ରାଜପଥ କଡରେ ଥିବା ବନ ବିଭାଗ ନର୍ସରୀଠାରେ ମଙ୍ଗଳବାର ରାତିରେ ରାସ୍ତା ପାର ହେଉଥିବା ବେଳେ ଗାଡି ଧକ୍କାରେ ମୃତ୍ୟୁ ବରଣ କରିଥିବା ହରିଣ।

# ଶେଷ ପର୍ଯ୍ୟାୟରେ ଏନ୍‌ଏଚ୍-୫୫ ନିର୍ମାଣ

## ୮୦ ପ୍ରତିଶତ ଶେଷ, ଅଣ୍ଡରପାସ୍ ବାକି

ସମ୍ବଲପୁର,୫।୭(ଶୁଭାଶିଷ ପାଢ଼ୀ)



ସମ୍ବଲପୁର-ଅନୁଗୋଳ ୫୫ ନଂ. ଜାତୀୟ ରାଜପଥ କାମ ଚାଲିଛି।

ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ପ୍ରମୁଖ ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ଦୀର୍ଘ ୮ବର୍ଷ ହେବ ଲୋକଙ୍କ ପାଇଁ ସମସ୍ୟା ପାଲଟିଥିଲା। ଅର୍ଦ୍ଧନିର୍ମିତ ରାସ୍ତା ଦୁର୍ଘଟଣାର ପ୍ରମୁଖ କାରଣ ସାଜିଥିଲା। ପୂର୍ବରୁ ଦାୟିତ୍ୱରେ ଥିବା ଠିକାସଂସ୍ଥା ଗାୟତ୍ରୀ କନ୍‌ଷ୍ଟ୍ରକଶନ ବିଭିନ୍ନ କାରଣରୁ କାମ କରିପାରି ନ ଥିଲା। ଲୋକଙ୍କ ଆପତ୍ତି ଅଭିଯୋଗ ଓ ଆନ୍ଦୋଳନ ପରେ ଅନ୍ୟ ଏକ ଠିକାସଂସ୍ଥା ଏଆଇପିଏଲ୍‌କୁ ୨୦୨୩ ଜାନୁୟାରୀରୁ ଦାୟିତ୍ୱ ଦିଆଯାଇଥିଲା। ଏବେ କାମ ସମ୍ପୂର୍ଣ୍ଣ ହେବା ସ୍ଥିତିରେ ପହଞ୍ଚିଛି। ପ୍ରକଳ୍ପର ୮୦ ପ୍ରତିଶତ କାମ ଶେଷ ହୋଇଥିବା ବେଳେ କେବଳ ଅଣ୍ଡରପାସ୍ (ହାତୀ ଚଲାପଥ), ଫୁଟ୍‌ପାଥ କାମ ବାକି ରହିଛି। ସେପ୍ଟେମ୍ବର ସୁଦ୍ଧା ରାସ୍ତା ଓ ଡିସେମ୍ବର ସୁଦ୍ଧା ହାତୀ ଚଲାପଥ କାମ ଶେଷ ହୋଇଯିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ଦିଆଯାଇଛି।

ଏନ୍‌ଏଚ୍‌ଏଆଇ ପିଡି ଏନ୍. ନାଗେଶ୍ୱର ରାଓ କହିଛନ୍ତି, ପ୍ରଥମ ଏଜେନ୍ସି କାମବନ୍ଦ କରିଦେବା ପରେ ଚିନ୍ତା ବଢ଼ିଯାଇଥିଲା। ପରେ ମୂଳ କମ୍ପାନୀକୁ ନୋଟିସ କରାଯାଇ ସବ୍‌କଣ୍ଟ୍ରାକ୍ଟରେ ନୂତନ କମ୍ପାନୀ ନିୟୋଜିତ କରାଗଲା। ନୂତନ କମ୍ପାନୀ କାମ ତ୍ୱରାନ୍ୱିତ କରିଥିଲା। ଜୁଲାଇ ସୁଦ୍ଧା ରାସ୍ତା କାମ ସାରି ଯାତାୟାତ ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ୨ମାସ ବିଳମ୍ବ ହୋଇଛି। ସେପ୍ଟେମ୍ବର ସୁଦ୍ଧା ରାସ୍ତା କାମ ହୋଇଯିବ। ଏବେ ଅଣ୍ଡରପାସ୍ କାମ ଆରମ୍ଭ ହୋଇଛି। ବର୍ଷାରେ ମଧ ବ୍ରିଜ୍ କାମ ଚାଲୁ ରହିବ। କାମ ବନ୍ଦ ନ ହେଲେ ଡିସେମ୍ବର ସୁଦ୍ଧା ପ୍ରକଳ୍ପ କାମ ଶେଷ ହେବା ଲକ୍ଷ୍ୟ ରହିଛି। କମ୍ପାନୀକୁ କଡ଼ା ତାଗିଦ କରାଯାଇଛି। ତଦାରଖ ଓ ସମୀକ୍ଷାକରି ବାରମ୍ବାର ଚାପ ପକାଯାଉଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୧୫ରେ ଜାତୀୟ ରାଜପଥ ୫୫ ସମ୍ବଲପୁର-ଅନୁଗୋଳ ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଥିଲା। ଜମି ଅଧିଗ୍ରହଣରେ ବିଳମ୍ବ, ଜଙ୍ଗଲଜମି ସମସ୍ୟା ଯୋଗୁ ପ୍ରକଳ୍ପ କାମ ଆଗେଇପାରି ନ ଥିଲା। ୧୮ ଶହ କୋଟି ବ୍ୟୟ ଅଟକଳ ରହିଥିବା ବେଳେ ଟେଣ୍ଡର ଆହ୍ୱାନରେ ଠିକା କମ୍ପାନୀ ପ୍ରାୟ ୩୦ପ୍ରତିଶତ ରିହାତିରେ ୧୨୫୫ କୋଟି ରହିଛି। ମୋଟ ୧୪୭ କି.ମି. ରାସ୍ତା ନିର୍ମାଣ ହେବ। ଗାୟତ୍ରୀ କମ୍ପାନୀ ୬ବର୍ଷ ଭିତରେ ଅନେକଥର କାମ ବନ୍ଦ କରିଥିବା ବେଳେ ୬୪ ପ୍ରତିଶତ ସାରି ପୂରା କାମ ବନ୍ଦ କରିଦେଇଥିଲା। ଜାନୁୟାରୀ ମାସରୁ ୫ମାସ ଭିତରେ ୧୬ ପ୍ରତିଶତ କାମ ଶେଷ ହୋଇଛି। କାମ ସମ୍ପୂର୍ଣ୍ଣ ହେବା ନେଇ ଲୋକଙ୍କ ମଧରେ ଉତ୍ସାହ ଦେଖାଦେଇଛି।

# ନିଃସ୍ୱାର୍ଥପର କାମ କରିବାକୁ ପରାମର୍ଶ



ଜିଲାପାଳଙ୍କ ଅଫିସରେ ଆର୍‌ଡିସି ଓ ଅନ୍ୟ ଅଧିକାରୀମାନେ।

ସମ୍ବଲପୁର,୫।୭(ଶୁଭାଶିଷ ପାଢ଼ୀ)

## ଆର୍‌ଡିସିଙ୍କ ଜିଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼. ସୁରେଶ ଚନ୍ଦ୍ର ଦଳେଇ ବୁଧବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସରୋଜ କୁମାର ସାହୁ, ଡେପୁଟି କଲେକ୍ଟର ଲୋପାମୁଦ୍ରା କାଲୋ, ମିତାଲି ମଧୁସ୍ମିତା ଦଳେଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ଡିସି ଦଳେଇ ସାଧାରଣ ଓ ବିବିଧ, ଏଷ୍ଟାବ୍ଲିସମେଣ୍ଟ, ରାଜସ୍ୱ, ଜୁଡ଼ିସିଆଲ, ନିଜାରତ, ଡେଭଲପମେଣ୍ଟ, ଆର୍‌ଟିଆଇ, ଜରୁରିକାଳୀନ, ଡିଡବ୍ଲ୍ୟୁଓ, ଡିଏସ୍‌ଡବ୍ଲ୍ୟୁ, ଯୋଗାଣ, ଅବକାରୀ, ସମଗ୍ର ଶିକ୍ଷା ଆଦି ବିଭାଗର କାର୍ଯ୍ୟକୁ ନିରୀକ୍ଷଣ କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ପଚାରିଥିଲେ। ଲୋକଙ୍କୁ ଉତ୍ତମ ସେବା ସହ, ସମୟାନୁବର୍ତ୍ତିତା, ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

# ହାଇସ୍କୁଲରେ ବନ ମହୋତ୍ସବ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଜମନକିରା,୫।୭(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଭାତପୁରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରୁଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା। ପ୍ରକୃତି ବନ୍ଧୁ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, କୃଷକ ନେତା ସରୋଜ କୁମାର ମହାନ୍ତି ମୁଖ୍ୟବକ୍ତା, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ବିଶିଷ୍ଟ ଅତିଥି, କବି ରଜନୀ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ରତନଲାଲ ସିଂହ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ସୁବ୍ରତ କୁମାର ପଣ୍ଡା, କୈଳାସ ଚନ୍ଦ୍ର ଗୌଡ଼, ସୁମନ୍ତ କୁମାର ମହାକୁଲ, ଖଗେଶ୍ୱର ନାଏକ, ମଧୁମିତା ବହିଦାର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ସିଂଙ୍କୁ ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ସାରସ୍ୱତ ସମ୍ମାନ ପ୍ରଦାନ ପୂର୍ବକ ମାନପତ୍ର ଓ ଟ୍ରଫି ଦିଆଯାଇଥିଲା। ସେହିପରି ପ୍ରକୃତି ବନ୍ଧୁ ମୁଖ୍ୟଅତିଥି ନାୟକଙ୍କୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ପରିଚାଳନାରେ ପ୍ରାୟ ଦୁଇ ଶହ ଫଳ ଚାରା ରୋପଣ କରାଯାଇଥିଲା। ଖେଳ ଶିକ୍ଷକ ପ୍ରଦୀପ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଫାଟକ ଉପରେ ଓଭରବ୍ରିଜ୍ ନିର୍ମାଣ ଦାବି

ରେଙ୍ଗାଲି,୫।୭(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ଷ୍ଟେସନ ସୁପିରିଣ୍ଟେଣ୍ଡେଣ୍ଟ କେ.ସି. କିଷାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ରେଙ୍ଗାଲି ବ୍ଲକ ରାସ୍ତାରେ ଥିବା ରେଳ ଫାଟକରେ ତୁରନ୍ତ ଓଭରବ୍ରିଜ ନିର୍ମାଣ କରିବାକୁ ଉଲ୍ଲେଖ ରହିଛି। ପରିଷଦ ସଭାପତି ଦୁର୍ଯ୍ୟୋଧନ ଗରଡିଆ, ସମ୍ପାଦକ ଅନ୍ତର୍ଯାମୀ ପାଣି, ସୁବାଞ୍ଛନ୍ଦ ସାହୁ, ବିହାରୀ କୁମାର, ରେଙ୍ଗାଲି ବ୍ଲକ ଉପାଧ୍ୟକ୍ଷ୍ୟା ସ୍ୱାତୀ ବେହେରା, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ନିଶାନଭାଙ୍ଗା ସରପଞ୍ଚ ସରୋଜ ମେହେର, ସାଲାଡ଼ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଆ, ରାମସେନାର ସଭାପତି ନୀତିଥ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ୧୫ ଦିନ ଭିତରେ ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତବାନୀ ଦିଆଯାଇଛି।

# ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ



ଚାରା ରୋପଣ କରୁଛନ୍ତି ଛାତ୍ରୀଛାତ୍ର।

କୁଚିଣ୍ଡା,୫।୭(ବିରଞ୍ଚି ଦର୍ଜୀ)

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଓ କୁଚିଣ୍ଡା ବନାଞ୍ଚଳ ମିଳିତ ଆନୁକୂଲ୍ୟରେ ବୁଧବାର କୁସୁମୀସ୍ଥିତ ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ରଶ୍ମିତା ତିଗାଙ୍କ ସଭାପତିତ୍ୱରେ ହୋଇଥିବା ସଚେତନତା ସଭାରେ ବନାଞ୍ଚଳ ଅଧିକାରୀ ଶରତ କୁମାର ପଣ୍ଡା ମୁଖ୍ୟ ଅତିଥି, ବିନୟ ପ୍ରକାଶ ବୁଢ଼, ଆମ ଜଙ୍ଗଲ ଯୋଜନା ସଂଯୋଜକ ପରିମଳ ପଣ୍ଡା, ସରପଞ୍ଚ ସଂକୀର୍ତ୍ତନ କିଷାନ, ବନପାଳ ଗୋକୁଳ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସଚେତନତାଧର୍ମୀ ପ୍ରାନ୍ତ ନାଟକ, ଗୀତ ଓ ନାଚ ପରିବେଷଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବନରକ୍ଷୀ ଅର୍ଚ୍ଚନା ମାକର, ବନ ବିଭାଗ କର୍ମକର୍ତ୍ତା ଏବଂ ରୋପ ଚାଇଲ୍ଡଲାଇନ କର୍ମୀ ନାମାନି ହେମ୍ବ୍ରମ, ମିଲି ବାଦୀ ସହଯୋଗ କରିଥିଲେ। ଶିକ୍ଷକ ସୁନିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରେଢ଼ାଖୋଲ ବିଧାୟକଙ୍କ ଯୁଯୁମୁରା ବ୍ଲକ ଗସ୍ତ

ସମ୍ବଲପୁର,୫।୭(ଶୁଭାଶିଷ ପାଢ଼ୀ)



ବିଧାୟକ ରୋହିତ ପୂଜାରୀ ଶିଳାନ୍ୟାସ କରୁଛନ୍ତି।

## ଲୋକଙ୍କ ସମସ୍ୟା ଶୁଣି ସମାଧାନ ପ୍ରତିଶ୍ରୁତି ଦେଲେ

ରେଢାଖୋଲ ବିଧାୟକ ରୋହିତ ପୂଜାରୀ ବୁଧବାର ଯୁଯୁମୁରା ବ୍ଲକ ଗସ୍ତରେ ଯାଇ କୟାକୁଦ ପଞ୍ଚାୟତର ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହ ବିଡିଓଙ୍କୁ ମଧ କହିଥିଲେ। ଏହା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହେବାକୁ ଥିବା କୟାକୁଦ ପଞ୍ଚାୟତ ଅନ୍ଧାରୀଠାରୁ ସତ୍ୟାନନ୍ଦପାଲିକୁ ସଂଯୋଗ କରୁଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରୁ ଗଇଲଗୁଡ଼ି ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଦେବଝରଣ ପର୍ଯ୍ୟଟନସ୍ଥଳୀର ବିକାଶ ତଥା ଅସମ୍ପୂର୍ଣ୍ଣ ରାସ୍ତାକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଲୋକେ ଦାବି କରିଥିବାବେଳେ ଏହା ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷା ମମତା ନାଏକ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ ମିର୍ଦ୍ଧା, ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ଶରତ ସାହୁ, ଝସକେତନ ଭୋଇ, ଜୋନ ସଭାପତି ଦେବାଶିଷ ପରିଡ଼ା, ବିଜୟ ବିଶ୍ୱାଳ, ଅବନୀ କୁମୁରା, ବିପିନ ସାହୁ, ଦିଲୀପ ରାଉତ, ବିପିନ ପ୍ରଧାନ, ବୀରେନ୍ଦ୍ର ବାରିକ, ଆଇନଜୀବୀ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଲଘୁବନଜାତ ଦ୍ରବ୍ୟର ସର୍ବନିମ୍ନ ମୂଲ୍ୟ ବୃଦ୍ଧି ଦାବି

ସମ୍ବଲପୁର,୫।୭(ବି.ଶଙ୍କର)

ରାଜ୍ୟରେ କେନ୍ଦୁପତ୍ର, ଶାଳମଞ୍ଜି, ମହୁଲ, ହରିଡା, ବାହାଡ଼ା ଭଳି ୬୯ ପ୍ରକାର ଲଘୁବନଜାତ ଦ୍ରବ୍ୟ ରହିଛି। କେନ୍ଦୁପତ୍ର ଉପରେ ସରକାର ସର୍ବନିମ୍ନ ମୂଲ୍ୟ ତଥା ଜଙ୍ଗଲ ବିଭାଗ ଦର ଧାର୍ଯ୍ୟ କରିଥାଏ। ତଦନୁଯାୟୀ କେନ୍ଦୁପତ୍ର ସଂଗ୍ରହକାରୀ ସର୍ବନିମ୍ନ ମୂଲ୍ୟରୁ ଅଧିକ ମଜୁରି ପାଇବା ସହ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ପାଇଥାଏ। ଏହି ଲଘୁ ବନଜାତ (କେନ୍ଦୁପତ୍ର ବ୍ୟତୀତ) ଦ୍ରବ୍ୟ ସଂଗ୍ରହ ପାଇଁ ଗ୍ରାମ ପଞ୍ଚାୟତଗୁଡ଼ିକୁ ସରକାର ଦାୟିତ୍ୱ ଦେଇଥିଲେ। ହେଲେ ଏହା ଉପରେ ସରକାର ସର୍ବନିମ୍ନ ମୂଲ୍ୟକୁ ଆଧାରିତ କରି ମୂଲ୍ୟ ବୃଦ୍ଧି କରିନାହାନ୍ତି। ଫଳରେ ଶ୍ରମିକମାନେ ଶୋଷଣର ଶିକାର ହୋଇ ବେପାରୀମାନଙ୍କୁ କମ୍ ମୂଲ୍ୟରେ ଦେବା ପାଇଁ ବାଧ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମୂଲ୍ୟ ହାର ବୃଦ୍ଧିକୁ ଦୃଷ୍ଟିରେ ରଖି ଦର ଧାର୍ଯ୍ୟ କରିବାକୁ ଓଡିଶା ହିନ୍ଦ୍ ମଜଦୂର ସଭା ଦାବି କରିଛି। ବୁଧବାର ଏ ନେଇ ସଭାର ଉପସାଧାରଣ ସମ୍ପାଦକ ଗୋକୁଲ ମେହେର ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# ଶିଅଳ ଭବନ ନିର୍ମାଣ କରିବାକୁ ଦାବି



ଶିଅଳ ସମାଜ କର୍ମକର୍ତ୍ତା ଆର୍‌ଡିସିଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

ସମ୍ବଲପୁର,୫।୭(ବି.ଶଙ୍କର)

## ଆର୍‌ଡିସିଙ୍କୁ ସ୍ମାରକପତ୍ର ଦେଲା ସଂଘ

ସମ୍ବଲପୁର ସହରରେ ଶିଅଳ ସମାଜର ଭବନ ନିର୍ମାଣ କରିବାକୁ ଶୁକ୍ରବାର ଦାବି କରାଯାଇଛି। ସମାଜ ପକ୍ଷରୁ ଏ ନେଇ ଜିଲାପାଳ ଓ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ସମ୍ବଲପୁର ସମେତ ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସୋନପୁର, ସୁନ୍ଦରଗଡ, ଦେବଗଡ, ବୌଦ୍ଧ ଜିଲାକୁ ନେଇ ଶିଅଳ ସମାଜ ଗଠିତ ହୋଇଛି। ପ୍ରାୟ ୩୦ ହଜାର ଶିଅଳ (ଖଜୁରିଆ) ପରିବାର ବସବାସ କରୁଛନ୍ତି। ଭବନ ନିର୍ମାଣ ହେଲେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ଖଜୁରିଆ ପରିବାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ନିଜର ଅଧିକାର ବିଷୟରେ ସଚେତନ କରାଯିବ। ଜିଲାପ୍ରଶାସନ ସମ୍ବଲପୁର ସହରରେ ଜମି ଯୋଗାଇଦେବା ସହ ଭବନ ନିର୍ମାଣ କରିବାକୁ ଦାବି କରିଛନ୍ତି। ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଉପସଭାପତି ଗୋକୁଳାନନ୍ଦ ବେହେରା, ସହ ସମ୍ପାଦକ ପରୀ ବେହେରା, ସଭ୍ୟ ଅଶୋକ ବେହେରା, ନନ୍ଦି ବେହେରା ସାମିଲ ଥିଲେ।

# ଖାଉଟି ଅଦାଲତରେ ଟିପିଡବ୍ଲ୍ୟୁଓଡିଏଲ୍ ଦଣ୍ଡିତ

ସମ୍ବଲପୁର,୫।୭(ଶୁଭାଶିଷ ପାଢ଼ୀ)

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ସମ୍ବଲପୁର ଖାଉଟି ଅଦାଲତରେ ଦଣ୍ଡିତ ହୋଇଛ। ଗ୍ରାହକଙ୍କୁ ଅଧିକ ଟଙ୍କା ବିଲ୍ ଦେଇଥିବାରୁ ୪୦ ହଜାର ଟଙ୍କା ସହିତ ଅତିରିକ୍ତ ୧୦ ହଜାର ଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଲଇଡାଠାରେ ଭାରତୀୟ ଅଗରିଆ ସମାଜ ଓଡିଶା ପରିଷଦ ଧାମ ପକ୍ଷରୁ ୩ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୨ ନଭେମ୍ବର ୧୧ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏହି ସମୟରେ ବିତରଣ କମ୍ପାନୀର ଏଷ୍ଟିମେଟ ଅନୁସାରେ ସମାଜ ପକ୍ଷରୁ ୪୦୫୭ ଟଙ୍କା ଠିକାଦାରଙ୍କୁ ଜମା ଦିଆଯାଇଥିଲା। ୩ ଦିନ ପରେ ବିତରଣ କମ୍ପାନୀ ବିଦ୍ୟୁତ ସଂଯୋଗ କାଟିଦେବା କଥା। ହେଲେ କମ୍ପାନୀ ସଂଯୋଗ ନ କାଟି ବିଦ୍ୟୁତ୍ ବିଲ ଦେଇ ଟଙ୍କା ମାଗିଥିଲେ। ଦୁଇଟି ବିଲରେ ମୋଟ ୧୬, ୭୦୮ ଟଙ୍କା ଦିଆଯାଇଥିଲା। ଏ ନେଇ ସମାଜ କର୍ମକର୍ତ୍ତା କମ୍ପାନୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ହେଲେ ସମାଧାନ ନ ହେବାରୁ ଶେଷରେ ଖାଉଟି ଅଦାଲତରେ ୨୩ ଫେବୃୟାରୀରେ ମାମଲା କରିଥିଲେ। ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ କମ୍ପାନୀକୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲେ। ପୂର୍ବରୁ କମ୍ପାନୀ ଜମା ରାଶିରେ ୪୩୭ ଟଙ୍କା ଅଧିକ ନେଇଥିବା ମଧ ପ୍ରମାଣିତ ହୋଇଥିଲା। ଅବହେଳା ଓ ଗ୍ରାହକଙ୍କୁ ହଇରାଣ କରିବାକୁ ନେଇ ମୋଟ ୫୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ୪୩୭ ଟଙ୍କା ସୁଧ ସହିତ ଫେରାଇବାକୁ ନିର୍ଦ୍ଦେଶ ରହିଛି। ବିନୟ କୁମାର ଚୌଧୁରୀ, ସୁଶାନ୍ତ କୁମାର ପଟେଲ, ଶେଷଦେବ ପଟେଲ, ସୁରେଶ ଚନ୍ଦ୍ର ପଟେଲ, ମଣିକିଶୋର ପଟେଲ ପ୍ରମୁଖ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ।

**ବାଲ୍ମୀକି ସମାଜ ପକ୍ଷରୁ ବୃକ୍ଷ ରୋପଣ**

କେସିଙ୍ଗା,(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ବାଲ୍ମୀକି ସମାଜ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇଛି। ସଙ୍ଗଠନର ମୁଖ୍ୟ ଟିକେରାମ ତାଣ୍ଡିଙ୍କ ନେତୃତ୍ୱରେ ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ଜାତୀୟର ବୃକ୍ଷ ରୋପଣ କରିଥିଲେ। ପରିବେଶକୁ ସନ୍ତୁଳନ ରଖିବା ପାଇଁ ସମସ୍ତ ଜନସାଧାରଣଙ୍କୁ ଗଛ ଲଗାଇବା ପାଇଁ ସମାଜ କର୍ମକର୍ତ୍ତାମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମୋହନ ମାତ ଖଣ୍ଡିଆ, ଗୌତମ ସୁନା, ବିଯେନ ସୁନା, କିଶନ ଦୀପ, ଚନ୍ଦନ ଦୀପ, ମହାଦେବ ସୁନା, ଶଙ୍କର ଦୀପ, ନରସିମା ସୁନା,ଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୨ ଫଡିଘର ମରାମତି ଟଙ୍କା ମିଳିନି

**ଲୋଇସିଂହା,୫।୭(ସୁଶାନ୍ତ ବାରିକ):** କେନ୍ଦୁପତ୍ର ସଂଗ୍ରହ ସରଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା କେନ୍ଦୁପତ୍ର ରେଞ୍ଜ ଅଧୀନ ଫଡିଘର ମରାମତି ଏବଂ ଶ୍ରମିକ ପାଉଣା ୩ ମାସ ବିତି ଯାଇଥିଲେ ବି ମିଳି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଲୋଇସିଂହା ରେଞ୍ଜ ଅଧୀନ ଆଗଲପୁର, ସାଲେଭଟା, ନୁନିଆପାଲି, ଆଡେନଡୁଙ୍ଗରୀ ଓ ଲୋଇସିଂହା ସେକ୍ସନ ଅନ୍ତର୍ଗତ ପ୍ରାୟ ୨୨ ଫଡି ଘର ଗତ ଏପ୍ରିଲ ମାସରେ ମରାମତି କରାଯାଇଥିଲା। ସଂଗୃହୀତ କେନ୍ଦୁପତ୍ର ଉକ୍ତ ଫଡି ଘରେ ସଂରକ୍ଷଣ କରି ରଖାଯାଇଛି। ମରାମତି ସମୟରେ ବାଉଁଶ, ନଡା କିଣିବା ସହ ଶ୍ରମିକ ନିୟୋଜିତ ହୋଇଥିଲେ। ଇତିମଧ୍ୟରେ ୩ ମାସ ବିତି ଯାଇଥିଲେ ବି ସାମଗ୍ରୀ ଏବଂ ଶ୍ରମିକ ପାଉଣା ମିଳିନାହିଁ। ଏଦିଗରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଖପ୍ରାଖୋଲରେ ଭାଜପାର ସାଙ୍ଗଠନିକ ବୈଠକ

**ଖପ୍ରାଖୋଲ,୫।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଛକ ନିକଟରେ ଭାଜପାର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଉପେନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ସହିତ ମୋଦି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବାକୁ ଆଲୋଚନା ହୋଇଥିବା ବେଳେ ଘର ଘର ଯାଇ ଜନସଂପର୍କ ରଖିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ବ୍ଲକ ସଭାପତି ଶଶି ପୂଝାରୀ, ଦେବକାନ୍ତ ପାଣିଗ୍ରାହୀ, ବାବାଜୀ ମେହେର, ବିନୋଦ ପ୍ରଧାନ, ଶିବା ସୁନା, ସତ୍ୟାନନ୍ଦ ସେନ୍ଦ୍ରୀଆ, କର୍ଣ୍ଣ ସିଂ ଠାକୁର, ସୁଦାମ ପ୍ରଧାନ, ବୁଲୁ ବେହେରା, ରୋହିତ ମେହେର, ପ୍ରହଲ୍ଲାଦ ଚାନ୍ଦ ସମେତ ସକ୍ରିୟ କର୍ମୀ ଉପସ୍ଥିତ ଥିଲେ।

### ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଦାବିପତ୍ର

**ନୂଆପଡ଼ା,୫।୭(ମକାରୁ ବେମାଲ):** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯାଇଛି। ଫଳରେ ଗ୍ରାମବାସୀ ଅସୁବିଧାରେ ରହୁଛନ୍ତି। ନୂଆପଡାଠାରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ହେମକାନ୍ତ ସାୟଙ୍କୁ ଗ୍ରାମବାସୀ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଦାବି କରିଛନ୍ତି। ପ୍ରାପ୍ତସୂଚନା ଅନୁସାରେ କାଳିମାଟି ଗାଁର ଆଠ ଜଣ ଚାଷୀ ନୂଆପଡା ଉଠା ଜଳସେଚନ ବିଭାଗରେ ସରକାରୀ ଧାର୍ଯ୍ୟ ଅନୁସାରେ ଟଙ୍କା ପୈଠ କରି ଗଭୀର ନଳକୂପ ଖନନ କରି ଧାନ ସହ ବିଭିନ୍ନ ପନିପରିବା ଚାଷ କରି ଆସୁଥିଲେ। ଗତ ଜୁନ ୯ରେ କୌଣସି କାରଣରୁ ଟ୍ରାନ୍ସଫର୍ମର ପୋଡିଯାଇଛି। ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଅନେକ ଥର ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ନ ମିଳବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାରେ କୌଣସି କାମଧନ୍ଦା ମିଳୁନାହିଁ। ବୋୱେଲ ସାହାଯ୍ୟରେ ଚାଷୀ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡି ଯିବାରୁ ସର୍ବହରା ହୋଇଯାଇଛନ୍ତି। ଶୀଘ୍ର ଟ୍ରାନ୍ସଫର୍ମର ଲଗାଯାଉ ବୋଲି ରଘୁନାଥ ହାତି, କୁମର ଚନ୍ଦ୍ର ହାତି, କୃଷ୍ଣ ହାତି, ପୁସ୍ତମ ହାତି, ଲୁକେଶ୍ୱର ହାତି ପ୍ରମୁଖ ଦାବି କରିଛନ୍ତି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ସିନାପାଲି,୫।୭(ମନଫୁଲ ମେହେର):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗମ୍ଭାରୀଗୁଡା କ୍ଲଷ୍ଟର ନୋଡାଲ ଉ.ପ୍ରା. ବିଦ୍ୟାଳୟଠାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜାମଗାଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଖମାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏବିଇଓ ଆଦିତ୍ୟ କୁମାର ବନ୍ଦୀଛୋର, ମୁଖ୍ୟବକ୍ତା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ କୁମାର ମାଝି ଓ ସମ୍ମାନିତ ଅତିଥି ଭାବେ ସିଆରସିସି ସୁଦର୍ଶନ ଭୋଇ, ରମାକାନ୍ତ ମେହେର, ତ୍ରିଲୋଚନ ମାଝି ପ୍ରମୁଖ ଯୋଗଦେଇଥିଲେ। କ୍ଲଷ୍ଟରର ୩ଜଣ ଅବସର ପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ କଟା, ବଣକୁ ମେହେର, ସାନ ମେହେରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ରମେଶ ଚନ୍ଦ୍ର ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଦେବି ପ୍ରସାଦ ମେହେର ଧନ୍ୟବାଦ ଦେଇଥିଲେ।

# ସମନ୍ୱୟ ଅଭାବ, କାର୍ଯ୍ୟକାରୀ ହୋଇପାରୁନି ଯୋଜନା

**ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ**

- ଅଧିକାରୀଙ୍କ ଅବହେଳାରୁ ଅନୁଦାନ ଫେରିଯାଉଛି
- ଯୋଜନା କାର୍ଯ୍ୟାନ୍ୱୟନ ଉପରେ ଜୋର୍ ଦେବାକୁ ପରାମର୍ଶ

**ବଲାଙ୍ଗୀର, ୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ କମିଟି ଅଧକ୍ଷା ତଥା ବଲାଙ୍ଗୀର ଲୋକ ସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପାଟଣାଗଡ ବିଧାୟକ ସରୋଜ ମେହେର, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ବିଭିନ୍ନ ପଞ୍ଚାୟତ ସମିତିର ଅଧକ୍ଷା, ଅଧକ୍ଷ, ଦିଶା କମିଟିର ମନୋନୀତ ସଦସ୍ୟ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ଜିଲାପାଳ ରାଣା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସିଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ। ଜିଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀମାନେ ଉତ୍ତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ର ଅନୁଦାନ ସତ୍ତ୍ୱେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ନହେବାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯୋଜନା ଗୁଡିକ ଯେପରି ତୃଣମୂଳସ୍ତରରେ ପହଞ୍ଚିପାରିବ ସେଥିପ୍ରତି ଯତ୍ନବାନ ହେବାକୁ ଅଧକ୍ଷା ସିଂଦେଓ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ମିଶ୍ର ଅନୁଦାନ ସତ୍ତ୍ୱେ ଅଧିକାରୀମାନଙ୍କ ଅପାରଗତା ତଥା ସମ୍ବେଦନଶୀଳହୀନତା ଯୋଗୁଁ ଅନୁଦାନ ଫେରିଯାଉଛି। ଯେପରିକି ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ସହର ମଧ୍ୟରେ ଥିବା ତିନୋଟି ଜଳାଶୟ ଅନେକ ପୂର୍ବରୁ ଅନୁଦାନ ଆସିଥିଲା। କିନ୍ତୁ ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗର ଅବହେଳା ଓ ଅପାରଗତା ଯୋଗୁ ମହାରାଣୀ ସାଗର, ଗେଟସରୋବର ଏବଂ ବେହେରାପାଲି ବନ୍ଧର କାମ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେବା ଯୋଗୁ ଅନୁଦାନ ଫେରିଯାଇଛି। ଏହା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ବିଧାୟକ ମିଶ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ହେଉଥିବା ରାସ୍ତା ଗୁଡିକ ଅତି ନିମ୍ନ ମାନର ବୋଲି କହିବା ସହ ଏହାର ଏକ ତଦନ୍ତ କମିଟି ଗଠନ ପାଇଁ ଗୃହ ସୁପାରିଶ କରୁ ବୋଲି କହିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଏବଂ ହିତାଧିକାରୀମାନେ ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏକ ସୂଚନା ପତ୍ର ପ୍ରସ୍ତୁତ କରି ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରିବାକୁ କମିଟି ଅଧକ୍ଷା ସିଂଦେଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅମୃତ ଯୋଜନାରେ ଅନ୍ତର୍ଗତ ମହାରାଣୀ ସାଗରରେ ଯଥାଶୀଘ୍ର କାମ ଶେଷ କରିବା ସହ ଅନ୍ୟ ବନ୍ଧଗୁଡିକର ଡିପିଆର ଶେଷ କରିବାକୁ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏମଜିଏନଆରଇଜିଏ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଞ୍ଚଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା ହୋଇଥିଲା। ତୁରେକେଲା, ଲାଠୋର ଅନ୍ତର୍ଗତ ଟାଟା ପାୱାରର ୩୩କେଭି ଲାଇନ ବିଛେଇବାକୁ ନେଇ ହେଉଥିବା ଅସୁବିଧାକୁ ଯଥାଶୀଘ୍ର ସମାଧାନ କରିବାକୁ ଟିପିଡବ୍ଲୁଓଡିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପ୍ରତିନିଧିମାନେ ମଧ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରି ଆଲୋଚନା କରିଥିଲେ। ବୈଠକ ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



ଦିଶା ବୈଠକରେ ଉପସ୍ଥିତ ସଦସ୍ୟ ଓ ଜିଲାସ୍ତରୀୟ ଅଧିକାରୀ।

# ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଜରୁରୀ



ମହିଳା କଲେଜ ପରିସରରେ ବୃକ୍ଷରୋପଣ କରାଯାଉଛି।

**କଣ୍ଟାବାଞ୍ଜି,୫।୭(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କରାଯାଇଛି। ଅଧାପକ ତଥା ଯୁବ ରେଡକ୍ରସ ସଂଯୋଜକ ଡକ୍ଟର ନେପାଳ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ସଚେତନତା ବାର୍ତ୍ତା ଦିଆଯାଇଥିଲା। ଛାତ୍ରୀ ଅରୁପା ମୁଗ୍ରୀ, ଦୁଲେଶ୍ୱରୀ ସତନାମୀ, ଦମୟନ୍ତି ମେହେର, ଲକ୍ଷ୍ମୀ ମେହେର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧାପକ ସୋମନାଥ ମେହେର, ରାଜୀବ ମେହେର, ଅଧାପିକା ସୁନନ୍ଦା ରଥ, ରଶ୍ମିତା ମେହେର, କଲ୍ୟାଣୀ ମେହେର, ନିରବତୀ ପଧାନ, ଲିପନିତା ପଧାନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# କମ୍ପ୍ୟୁଟର ଘରେ ଚିକିତ୍ସା ବ୍ୟବସ୍ଥା କଲା ପ୍ରଶାସନ

**କଂକ୍ରିଟ ଖସିବା ପରେ ଫାର୍ମାସିଷ୍ଟ ହେଲମେଟ ପିନ୍ଧିବା ଘଟଣା**

**ଖପ୍ରାଖୋଲ, ୫।୭( ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ମଙ୍ଗଳବାର ସିମେଣ୍ଟ ଅତଡା ଖସିଥିଲା। ଏଥିଯୋଗୁ ସୁରକ୍ଷା ଦୃଷ୍ଟିକୋଣରୁ ଫାର୍ମାସିଷ୍ଟ ହେଲମେଟ ପିନ୍ଧି ଚିକିତ୍ସା କରିଥିଲେ। ଘଟଣା ବିଷୟରେ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହୋଇଥିଲା। ଏହାପରେ ତତ୍ପରତା ଦେଖାଇ ବଲାଙ୍ଗୀର ସିଡିଏମଓ ଡ଼ା କୁବେର ମହନ୍ତ, ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ସୁରଜ ଦିପ, ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ହୋତା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଥିଲେ। ଏହା ପରେ ଡାକ୍ତରଖାନ କମ୍ପ୍ୟୁଟର ଘରେ ରୋଗୀ ଚିକିତ୍ସା ବ୍ୟବସ୍ଥା କରିଥିଲେ। ପରେ ଛାତରୁ ସିମେଣ୍ଟ ଅତଡା ଖସୁଥିବା ସ୍ଥାନକୁ ପ୍ରଶାସନ ତରଫରୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି।

# ଲକ୍ଷେଘର ଗଣ୍ଡା ସମାଜର ବିକ୍ଷୋଭ ସମାବେଶ



ଶୋଭାଯାତ୍ରାରେ ତହସିଲ ଅଫିସ ଅଭିମୁଖେ ଯାଉଛନ୍ତି।

**ଲୋଇସିଂହା, ୫।୭( ସୁଶାନ୍ତ ବାରିକ)**

କେଉଟ, କୈବର୍ତ୍ତ ଓ ଧୀବର ଜାତିକୁ ଅନୁସୂଚିତ ଜାତି ତାଲିକାରୁ ହଟାଇବା ପାଇଁ ବଲାଙ୍ଗୀର ଜିଲା ଲୋଇସିଂହାରେ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ଏକ ବିଶାଳ ରାଲି ଓ ବିକ୍ଷୋଭ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସଂଘମିତ୍ରା କାଲୋଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

ସ୍ଥାନୀୟ ଅଗ୍ରସେନ ଭବନରେ ଡିଙ୍ଗର କୁମ୍ଭାରଙ୍କ ତତ୍ତ୍ୱାବଧାନରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଜୟ ମହାନନ୍ଦ, ସୋନପୁର ପୂର୍ବତନ ବିଧାୟକ ବିନୋଦ ପାତ୍ର, ଲାଲମନ ନାଗ, ହେମସାଗର ନନ୍ଦ, ଲକ୍ଷ୍ମଣ ଭରାସାଗର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବିଧାୟକ ତାପସ ଦାସଙ୍କ ସୂଚନା ଅନୁଯାୟୀ ୧୯୫୦ରେ ଓଡିଶାରେ ୧୬ପ୍ରତଶତ ଅନୁସୂଚିତ ଜାତି ରହିଛନ୍ତି। ୧୯୮୦ ମସିହା ଠୁ କେଉଟ, କୈବର୍ତ୍ତ ଓ ଧୀବର ଜାଲିଆତି କରି ଅସ୍ପୃଶ୍ୟ ଜାତିର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାକୁ ହାସଲ କରୁଛନ୍ତି। ଏହା ବିରୋଧରେ ବହୁବାର ପ୍ରତିବାଦ ହୋଇଛି । ହେଲେ ସେମାନେ ତହସିଲରୁ ସାର୍ଟିଫିକେଟ ହାସଲ କରୁଛନ୍ତି। ଓଡିଶାରେ ଦେବାର ଜାତିର ଲୋକ ନାହାନ୍ତି। ୨୦୦୨ ମସିହାରୁ କେନ୍ଦ୍ର ସରକାର ସେମାନଙ୍କୁ ଓଡିଶା ତାଲିକାରୁ ବିଦା କରିଛନ୍ତି। ତେଣୁ ତହସିଲ ପକ୍ଷରୁ ଦିଆଯାଉଥିବା ସାର୍ଟିଫିକେଟ ଭୁଲ। ସେମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିବା ସେ କହିଥିଲେ। ପରେ ହେମସାଗର ନନ୍ଦଙ୍କ ନେତୃତ୍ୱରେ ଶତାଧିକ ଲୋକ ତହସିଲ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଦାବିପତ୍ର ଦେଇଥିଲେ।

# ବନ ମହୋତ୍ସବ, ଚାରା ବିକ୍ରୟ କେନ୍ଦ୍ର ଖୋଲିଲା

**ଦେଓଗାଁ, ୫।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ୭୪ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୟୁଥ ରେଡକ୍ରସ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରମୋଦ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଏହି ଅବସରରେ କଲେଜ ପରିସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ୨ଶହ ଚାରା ରୋପଣ କରିଥିଲେ। ୟୁଥ ରେଡକ୍ରସ କାଉନସେଲର ହେମନ୍ତ କୁମାର ସାହୁଙ୍କ ପରିଚାଳନାରେ ଅତିଥିଭାବେ ଅଧାପକ ବଳରାମ ପଧାନ, ବିଜୟ କୁମାର ଜାଲ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ମହତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ, ଗ୍ରନ୍ଥାଗାର ଗୌରାଙ୍ଗ ବେମାଲ ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଦେଓଗାଁ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ପାର୍ଶ୍ୱରେ ରେଞ୍ଜର ଆଲୋକ କୁମାର ମାଝିଙ୍କ ତତ୍ତ୍ୱାଧାନରେ ବୁଧବାର ଅସ୍ଥାୟୀ ଚାରା ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହାକୁ ରେଞ୍ଜର ମାଝି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।

# ଏକଜୁଟ ହେଇ କାମ କଲେ ବିଜୟ ନିଶ୍ଚିତ




ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

**ବିଜେଡିର ସାଙ୍ଗଠନିକ ସଭା**

**କଣ୍ଟାବାଞ୍ଜି, ୫।୭(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ବୁଧବାର କଣ୍ଟାବାଞ୍ଜିଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଏମ୍‌ପି ତଥା ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ କଣ୍ଟାବାଞ୍ଜି ବିଧାନ ସଭାରେ ଆଗାମୀ ବିଧାନ ସଭା ନିର୍ବାଚନରେ ବିଜୟ ସମ୍ଭାବନାକୁ ନିଶ୍ଚିତ କରିବା ପାଇଁ କର୍ମୀମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଦଳୀୟ କର୍ମୀମାନେ ଏକଜୁଟ ହୋଇ କାମ କରିବାକୁ ସେ ଅନୁରୋଧ କରିଥିଲେ। ବରିଷ୍ଠ ନେତା ତଥା ତଥା ଗତ ବିଧାନ ସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଅଜୟ ଦାସ, ପୂର୍ବତନ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ, ପୂର୍ବତନ ସମିତି ସଭ୍ୟ ଡମ୍ବରୁଧର ମେହେର, ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ଗୋପା ମହାନନ୍ଦ, ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଷୀ, ବରିଷ୍ଠ ନେତା ପ୍ରଫୁଲ୍ଲ ନାୟକ, ତୁରେକେଲା ବ୍ଲକ ଚାଉଲସୁଖା ପଞ୍ଚାୟତ ସମିତି ସଭ୍ୟ ଗିରିରାଜ ସିଂ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ।

# ଆଦର୍ଶ ଶିକ୍ଷକ ମଦନ ମୋହନ ରଥଙ୍କ ଅବସର ଗ୍ରହଣ

**ବଲାଙ୍ଗୀର,୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ସିନ୍‌ଖମନ ଗାଁ ସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମଦନ ମୋହନ ରଥଙ୍କୁ ସ୍କୁଲ ପରିସରରେ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହନ୍ତ ମହାରାଜ ବ୍ରଜ ମୋହନ ଶରଣଦେବ, ଶିକ୍ଷାବିତ୍ ଜଗଦାନନ୍ଦ ଛୁରିଆ, ଗେପାଲଜୀ ଚୌଧୁରୀ, ଉମାକାନ୍ତ ନାଏକ, ବସନ୍ତ ବୁଡେକ ମଞ୍ଚାସୀନ ଥିଲେ। ସ୍କୁଲର ସଂସ୍କୃତ ଶିକ୍ଷକ ଅନୀଲ କୁମାର ସାହୁଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ଲଲାଟ କେଶରୀ ପ୍ରଧାନ, ଗିରିଜା ଶଙ୍କର ରଥ, ଡା. ଅଶୋକ କୁମାର ସେଠୀ, ଜୟରାମ ମିଶ୍ର, ରତ୍ନମୟ ତ୍ରିପାଠୀ, ଅରୁଣ ଖୁଆସ ଓ ଛାତ୍ରୀଛାତ୍ର ଆଦର୍ଶ ଶିକ୍ଷକ ରଥଙ୍କ ବିଭିନ୍ନ ଗୁଣାବଳୀ, ସାଙ୍ଗଠନିକ କାର୍ଯ୍ୟ ଓ ଶିକ୍ଷାଦାନ ଉପରେ ଆଲୋଚନା କରିଥିଲେ। ସ୍କୁଲ ପ୍ରତିଷ୍ଠାତା ମହନ୍ତ ମହାରାଜ ତାଙ୍କ ବକ୍ତବ୍ୟରେ ରଥଙ୍କ ସ୍କୁଲ ପ୍ରତି ଥିବା ଅବଦାନ, ତ୍ୟାଗ ଓ ଛାତ୍ରୀଛାତ୍ରୀ ମାନଙ୍କ ପ୍ରତି ସ୍ନେହାଶୀର୍ବାଦ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ଓଡିଆ ଅଧାପକ ରତିକାନ୍ତ ନାଏକଙ୍କ ସମ୍ପାଦନାରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁରୁ ଗୌରବ ମଦନ ମୋହନଙ୍କୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ । ସ୍କୁଲର ସହକର୍ମୀ ସାଧନା ପଣ୍ଡା, ନୀଳାଞ୍ଚଳ କୁଅଁର, ମଚୋ ଦଲାଇ, ହରେରାମ ବାରିକ ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ରାଜେନ୍ଦ୍ର କୁଅଁର ଏବଂ ସାଥୀଙ୍କ କୀର୍ତ୍ତନ୍ୟ ମଣ୍ଡଳୀ ସ୍ୱୟଂ ସହାୟକ ଗୋଷ୍ଠୀର ମା', ଭଉଣୀ, ଛାତ୍ରୀଛାତ୍ର ସଙ୍କୀର୍ତ୍ତନ କରି ନଗର ପରିକ୍ରମାରେ ବିଦାୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ରମାକାନ୍ତ, ନୃପ, ସରୋଜ, ଅନନ୍ତ, କରୁଣାକର ପଧାନ, ପୁରାତନ ଛାତ୍ରୀଛାତ୍ର, ସିନଖମନ ଗ୍ରାମବାସୀ ସହଯାଗ କରିଥିଲେ। ଶେଷରେ ସ୍କୁଲର ବିଜ୍ଞାନ ଶିକ୍ଷକ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆଦର୍ଶ ଶିକ୍ଷକ ମଦନ ମୋହନ ରଥଙ୍କୁ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ୮ ଶ୍ରେଣୀକୁ ୨ କୋଠରି, ଶିକ୍ଷକ ଅଭାବ

**ଫୁଲଝର ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ବାରଣ୍ଡାରେ ପଢୁଛନ୍ତି ୩ଶ୍ରେଣୀର ପିଲା
- ୧୫ଦିନରେ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ

**ଲାଠୋର, ୫।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅଧୀନ ଫୁଲଝର ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ପିଲାମାନଙ୍କ ପାଇଁ ନାହିଁ ଆବଶ୍ୟକ ଶ୍ରେଣୀଗୃହ ଏବଂ ଶିକ୍ଷକ। ଏଥିଯୋଗୁ ପାଠପଢାରେ ସମସ୍ୟା ଦେଖାଦେଇଛି। ବିଭିନ୍ନ ସମୟରେ ଦାବି କରାଯାଉଥିଲେ ହେଁ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଏହି ପରିସ୍ଥିତିରେ ଆଗାମୀ ୧୫ଦିନ ଧରେ ଏହି ସମସ୍ୟାର ସମାଧାନ କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

୧୯୬୧ ମସିହାରେ ସ୍ଥାପିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ୨୦୧୩ ମସିହାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ ହୋଇଥିଲା। ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ପ୍ରଧାନଶିକ୍ଷକଙ୍କ ସହ ଆଉ ଦୁଇ ଜଣ ସହକାରୀ ଶିକ୍ଷକ ରହିଛନ୍ତି। ୮ ଗୋଟି ଶ୍ରେଣୀ ପାଇଁ ବିଦ୍ୟାଳୟରେ କେବଳ ୨ଟି ଶ୍ରେଣୀଗୃହ ରହିଛି। ଗୋଟିଏ ଗୃହରେ ଅଷ୍ଟମ ଶ୍ରେଣୀ ପିଲା ବସି ପାଠ ପଢୁଥିବା ବେଳେ ଆଉ ଏକ କୋଠରିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଷଷ୍ଠ ଶ୍ରେଣୀ ପିଲା ବସି ପଢୁଛନ୍ତି। ଚତୁର୍ଥ, ପଞ୍ଚମ ଏବଂ ସପ୍ତମ ଶ୍ରେଣୀ ପିଲା ବାରଣ୍ଡାରେ ବସି ପାଠ ପଢୁଛନ୍ତି। ସେହିପରି ବିଦ୍ୟାଳୟରେ ଶିକ୍ଷକଙ୍କ ଆବଶ୍ୟକତା ଥିବା ବେଳେ ତିନିଜଣ ଶିକ୍ଷକଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକଙ୍କୁ ପଦୋନ୍ନତି ଦେଇ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଉଛି। ଶ୍ରେଣୀ ଗୃହ ନିର୍ମାଣ ଏବଂ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପର୍ଯ୍ୟନ୍ତ ଦାବି କରି ଆସୁଥିଲେ ମଧ୍ୟ ତାଙ୍କ ଦାବିକୁ ଗୁରୁତ୍ୱ ଦିଆ ଯାଉନାହିଁ। ଏବେ ବର୍ଷା ଦିନ ଆସିଥିବା ହେତୁ ପିଲା ମାନେ ବାରଣ୍ଡାରେ ବସି କେମିତି ପାଠ ପଢିବେ ଅଭିଭାବକ ମହଲରେ ଚିନ୍ତାର ବିଷୟ ହୋଇଛି। ଏନେଇ ପ୍ରଧାନ ଶିକ୍ଷକ ନାରାୟଣ କିସାନଙ୍କୁ ପଚାରିବାରେ ତାଙ୍କର ଇତ୍ୟବସରେ ବଦଳି ହୋଇଛି। ତେବେ ଗତ ୨୦୨୧–୨୨ରେ ଆମ ବିଦ୍ୟାଳୟକୁ ନୂତନ ଶ୍ରେଣୀ ଗୃହ ପ୍ରଦାନ କରାଯାଇଥିବା ନେଇ ଅନଲାଇନରେ ଜଣା ପଡ଼ିଥିଲେ ମଧ ଅଦ୍ୟାବଧି କୌଣସି ସୁଫ ମିଳିନାହିଁ ବୋଲି କହିଥିଲେ। ତେବେ ପନ୍ଦର ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ସହ ନୂତନ ଶ୍ରେଣୀ ଗୃହ ଯୋଗାଇ ଦିଆ ନଗଲେ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ପିଲାମାନେ ବାରଣ୍ଡାରେ ପଢୁଛନ୍ତି।

**ଗ୍ରାମବାସୀ ଯାହା କୁହନ୍ତି...**

"ଆମ ବିଦ୍ୟାଳୟରେ ଶିକ୍ଷକଙ୍କ ଆବଶ୍ୟକତ ରହଛି। ଏପରିସ୍ଥଳେ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ଦୁର୍ଭାଗ୍ୟର ବିଷୟ।

**କମଳ ବିଭାର**

"ଶିକ୍ଷକ ଅଭାବ, ଶ୍ରେଣୀଗୃହ ଅଭାବ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଜଣାଇ ଆସୁଛି। ହେଲେ ଗୁରୁତ୍ୱ ଦିଆଯାଉନାହିଁ।

**ମାୟାଧର ଶବର**

"ଶିକ୍ଷକ ନିଯୁକ୍ତି ନଦେଇ ଏଠାରୁ ବଦଳି କରିବା ସମୀଚିନ ନୁହେଁ। ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ପଦକ୍ଷେପ ନିଆଯାଉ।

**ଅଶୋକ ପୁଟେଲ**

## ସଂକ୍ଷେପରେ

### କଫ ସିରପ ବିକ୍ରି ଅଭିଯୋଗରେ ଜଣେ ଗିରଫ

ପଦ୍ମପୁର ୫।୭ (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୁତି ଭଷଣ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଆଦର୍ଶ ଥାନା ଅଧିକାରୀ ମମତା ନାଏକ ଧୁମାଭଟା ଛକର ସୁନନ୍ଦ ସାହୁଙ୍କ ଘର ଉପରେ ଚଢାଉ କରିଥିଲେ। କଫ ସିରପ ବିକ୍ରି କରୁଥିବା ଅବସ୍ଥାରେ ତାଙ୍କୁ କାବୁ କରିଥିଲେ। ସୁନନ୍ଦଙ୍କ ପାଖରୁ ୧୨ ବୋତଲ କଫ ସିରପ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା(୧୭୮/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପଦ୍ମପୁର, ୫।୭ (ପ୍ରଦୀପ୍ତ ଦାଶ): ପଦ୍ମପୁର ଡିସିବି ବ୍ୟାଙ୍କ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ଶତାଧିକ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା.ଦେବାଶିଷ ଦାଶ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଡିସିବି ବ୍ୟାଙ୍କ ଶାଖା ପରିଚାଳକ ଏମ୍. ରାଜେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ଶିବିରରେ ସିବିଏଚ୍ ସୁରିୟା ସାହୁ, କ୍ଲଷ୍ଟର ମୁଖ୍ୟ ସୁଶାନ୍ତ ବିଶ୍ୱାଳ ସହଯୋଗ କରିଥିଲେ।

### ପୋଲିସ କର୍ମଚାରୀଙ୍କ ପରଲୋକ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ):



ବରଗଡ଼ ଜିଲା ପାଇକମାଲ ଥାନା ମାଣ୍ଡୋସିଲ ଗ୍ରାମର ପୋଲିସ କର୍ମଚାରୀ ନବକିଶୋର ବରିହାଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ବରିହା ଝାରସୁଗୁଡ଼ା ଜିଲାରେ ଏଏସଆଇଭାବେ କାର୍ଯ୍ୟରତ ଥିଲେ। ଏହା ବ୍ୟତୀତ ଅନ୍ୟ କେତେକ ଜିଲାରେ ମଧ୍ୟ ସେ ପୋଲିସ କର୍ମଚାରୀଭାବେ କାର୍ଯ୍ୟ କରିଥିଲେ । ତାଙ୍କ ପରଲୋକରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି ।

### ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବରଗଡ଼,୫।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ୨୨ ଫଡିଘର ମରାମତି ଟଙ୍କା ମିଳିନି

ଲୋଇସିଂହା,୫।୭(ସୁଶାନ୍ତ ବାରିକ): କେନ୍ଦୁପତ୍ର ସଂଗ୍ରହ ସରିଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା କେନ୍ଦୁପତ୍ର ରେଞ୍ଜ ଅଧୀନ ଫଡିଘର ମରାମତି ଏବଂ ଶ୍ରମିକ ପାଉଣା ୩ ମାସ ବିତି ଯାଇଥିଲେ ବି ମିଳି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହା ରେଞ୍ଜ ଅଧୀନ ଆଗଲପୁର, ସାଲେଭଟା, ନୁନିଆପାଲି, ଆଡେନଡୁଙ୍ଗରୀ ଓ ଲୋଇସିଂହା ସେକ୍ସନ ଅନ୍ତର୍ଗତ ପ୍ରାୟ ୨୨ ଫଡି ଘର ଗତ ଏପ୍ରିଲ ମାସରେ ମରାମତି କରାଯାଇଥିଲା। ସଂଗୃହୀତ କେନ୍ଦୁପତ୍ର ଉକ୍ତ ଫଡି ଘରେ ସଂରକ୍ଷଣ କରି ରଖାଯାଇଛି।

# ୩୦ ବର୍ଷ ପରେ ବି ନିଜସ୍ୱ କୋଠା ନାହିଁ

## ହରଡ଼ଖୋଲ ବିଟ୍

ସୋନପୁର,୫।୭(ମୃତ୍ୟୁଞ୍ଜୟ ଶତପଥୀ)

ଅପରାଧୀଙ୍କୁ ଧରିବା ସହ ଲୋକଙ୍କୁ ସୁରକ୍ଷା ଦେବା ପୋଲିସର କର୍ତ୍ତବ୍ୟ। କିନ୍ତୁ ଲୋକଙ୍କୁ ସୁରକ୍ଷା ଦେଉଥିବା ପୋଲିସ କର୍ମଚାରୀଙ୍କ ପାଇଁ ସର୍ବନିମ୍ନ ସୁବିଧା ନାହିଁ। ସୁବର୍ଣ୍ଣପୁର ଜିଲା ହରଡଖୋଲ ବିଟ୍‌ରେ ଏଭଳି ସ୍ଥିତ ଦେଖିବାକୁ ମିଳିଛି। ଏହି ବିଟ୍‌ରେ ଜଣେ ଏଏସଆଇ, ୪ ଜଣ କନଷ୍ଟେବଳ ନିଯୁକ୍ତ ଅଛନ୍ତି। ସୋନପୁର ଥାନା ଅନ୍ତର୍ଗତ ମୟୂରଉଡାନ, ହରଡଖୋଲ, ବିଶିମୁଣ୍ଡା, ମଲ୍ଲିକମୁଣ୍ଡା ଓ ଖରଜୁରା ପଞ୍ଚାୟତକୁ ନେଇ ହରଡଖୋଲ ବିଟ୍ ଗଠିତ। ପୋଲିସ ପାଟ୍ରୋଲିଂ ଓ ସୁରକ୍ଷା ଦୃଷ୍ଟିରୁ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଏହି ପୋଲିସ ବିଟ୍ ଖୁବ୍ ଗୁରୁତ୍ୱ ବହନ କରେ। କିନ୍ତୁ ଏହି ବିଟ୍ ହାଉସର ନିଜସ୍ୱ ଜମି ନାହିଁ। ଫଳରେ ଏପର୍ଯ୍ୟନ୍ତ କୋଠା ନିର୍ମାଣ ହୋଇପାରୁନି। ପୋଲିସ କର୍ମଚାରୀମାନେ ସରକାରୀ ଜମିରେ ନିର୍ମିତ ଏକ ଆଜବେଷ୍ଟସ ଘରେ ରହି ଅସୁରକ୍ଷିତ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି।

୧୯୯୩ରେ ଜିଲା ଗଠନ ହେବା ଦିନଠାରୁ ସ୍ଥାପିତ ହୋଇଥିବା ଏହି ବିଟ୍ ହାଉସ ୨୭ ବର୍ଷ ଧରି ଏକ ଭଡା ଘରେ ଚାଲିଥିଲା। ହରଡଖୋଲ ମାର୍କେଟ୍‌ରେ ଏକ ଭଙ୍ଗା ଟାଇଲ ଘରେ ଅଫିସ ଚାଲି ଆସିଥିଲା। ତେବେ ବର୍ଷା ଋତୁରେ ପାଣି ଗଳିବାରୁ ଅଫିସର କାଗଜପତ୍ର ଓଦା ହୋଇଥିଲା। ୩ ବର୍ଷ ପୂର୍ବରୁ ଏକ ସରକାରୀ ଜାଗାରେ ନିର୍ମିତ ଆଜବେଷ୍ଟସ୍ ଘରକୁ ବିଟ୍ ହାଉସ ସ୍ଥାନାନ୍ତର ହୋଇଛି। ଇତିମଧ୍ୟରେ ଦୀର୍ଘ ୩୦ ବର୍ଷ ବିତି ଯାଇଥିଲେ ମଧ୍ୟ ବିଟ୍ ହାଉସର ନିଜସ୍ୱ କୋଠା ନିର୍ମାଣ ହୋଇପାରିନି। ଆବଶ୍ୟକ ପାଚେରି ଅଭାବରୁ ଜବତ ହୋଇଥିବା ଗାଡି, ସାଇକେଲ ସବୁ ପଡିଛି ଖୋଲା ଆକାଶ ତଳେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ କୌଣସି ଶୌଚାଳୟ ବ୍ୟବସ୍ଥା ନ ଥିବାରୁ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଏଭଳି ପ୍ରତିକୂଳ ପରିସ୍ଥିତିରେ ବିଟ୍ ହାଉସ ମଧ୍ୟରେ ଥିବା ଅପରାଧୀମାନଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କେତେ ସୁରକ୍ଷିତ ସ୍ୱଷ୍ଟ ଅନୁମେୟ। ତେବେ ଏହି ସମସ୍ୟା ନେଇ ଅଞ୍ଚଳର ଜନସାଧାରଣ ଏକ ନୂତନ ବିଟ୍ ହାଉସ ନିର୍ମାଣ ପାଇଁ ବାରମ୍ବାର ଦାବି କରିବା ସହ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ମଧ୍ୟ ଦେଇ ସାରିଛନ୍ତି। ତଥାପି ଏହି ସମସ୍ୟାର ସମାଧାନ ହୋଇ ପାରିନାହିଁ। ସୂଚନା ଅନୁଯାୟୀ, ବିଟ୍ ହାଉସ ପାଇଁ ବହୁ ପୂର୍ବରୁ ସାହାଜପିଟା ମୌଜା ଗ୍ରୀଡ୍ ସମ୍ମୁଖରେ ଏକ ଏକର ଜମି ମୌଖିକ ଭାବରେ ଚିହ୍ନଟ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ତହସିଲଦାର ସେହି ଜମିକୁ ପୋଲିସ ବିଭାଗକୁ ହସ୍ତାନ୍ତର କରୁନାହାନ୍ତି। ଜମି ନ ଥିବାରୁ ନୂତନ କୋଠା ନିର୍ମାଣ ହୋଇପାରୁନି। ଅନ୍ୟପକ୍ଷରେ ବିଟ୍ ହାଉସ ପାଇଁ ଆବଶ୍ୟକ ଜମି ପାଇଁ ଆରକ୍ଷୀ ଅଧୀକ୍ଷକ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୫୯୫/୧୩.୧୨.୧୮ରେ ସୋନପୁର ତହସିଲଦାରଙ୍କ ସମେତ ରାଜସ୍ୱ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ତେବେ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିବା ପରେ ଶେଷରେ ବିଟ୍ ହାଉସର ଶୋଚନୀୟ ଅବସ୍ଥାକୁ ହୃଦୟଙ୍ଗମ କରି ପୁନର୍ବାର ଆରକ୍ଷୀ ଅଧୀକ୍ଷକ ତାଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୧୭୯୭/୨୪।୬।୧୯ ଅନୁସାରେ ହରଡଖୋଲ ପଞ୍ଚାୟତରେ ଥିବା ରାଜୀବ ଭବନ ଖାଲି ପଡିଥିବାରୁ ନୂତନ ବିଟ୍ ହାଉସ ନିର୍ମାଣ ପର୍ଯ୍ୟନ୍ତ ସେଠାରେ ବିଟ୍ ହାଉସ ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଇତିମଧ୍ୟରେ ଦୀର୍ଘ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ଏହାକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।




ଅସ୍ଥାୟୀ ଭାବେ ଆଜବେଷ୍ଟସ ଘରେ ଚାଲିଛି ବିଟ୍ ହାଉସ।

# ମାହେଶ୍ୱରୀ ସଂଗଠନର ବନ ମହୋତ୍ସବ ପାଳିତ




ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତାଙ୍କ ଗହଣରେ ଛାତ୍ରୀଛାତ୍ର।

ତରଭା,୫।୭(ମାନଭଞ୍ଜନ ମିଶ୍ର)

ବଲାଙ୍ଗୀର ମାହେଶ୍ୱରୀ ସଂଗଠନ ମହିଳା ଶାଖା ପକ୍ଷରୁ ସପ୍ତାହ ବ୍ୟାପୀ ବନ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ସଂଗଠନର କର୍ମକର୍ତ୍ତାମାନେ ସୋନପୁର ଜିଲା ତରଭା ସହର ନିକଟବର୍ତ୍ତୀ ଶିବତୁଲା ଦୃଷ୍ଟିହୀନ ଓ ମୁକ ବଧିର ବିଦ୍ୟାଳୟ ଯାଇ ଛାତ୍ରୀଛାତ୍ରମାନଙ୍କ ଗହଣରେ ବନ ମହୋତ୍ସବ ପାଳନ କରିଥିବା ଜଣାଯାଇଛି। ନାଚଗୀତ, ଖେଳ ଆଦି ମାଧ୍ୟମରେ ପ୍ରକୃତିର ଆବଶ୍ୟକତା ଓ ସନ୍ତୁଳନ ରଖାଯିବାର ଉପାୟମାନ ପିଲାମାନଙ୍କୁ ବୁଝାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପରିସରରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ମାହେଶ୍ୱରୀ ସଂଗଠନର କ୍ରୀତିକା ଅଗ୍ରୱାଲ, ବୈଶାଳୀ ବହିଦାର, ପଦ୍ମାଳୟା ବାରିକ, ବବିତା ନାଗ, କଳ୍ପନା ମେହେର, କାଞ୍ଚନ ବହିଦାର, ମନୀଷା ନାଏକ, ରିୟା କୁମ୍ଭାର, ଶିବ ପ୍ରସାଦ ମେହେର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାତଜ୍ୱର ପାଇଁ ସାମୂହିକ ଔଷଧ ସେବନ ସମ୍ପର୍କିତ ବୈଠକ

ତରଭା,୫।୭(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ସଭାକକ୍ଷରେ ବାତଜ୍ୱର ଉପରେ ସାମୁହିକ ଔଷଧ ସେବନ ସମ୍ପର୍କିତ ବ୍ଲକସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିଜୟ କୁମାର ନନ୍ଦ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ମହାପାତ୍ର, ସ୍ଥାନୀୟ ଏଇଏସ ମହାବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ମିନତୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଅଧୀକ୍ଷକ ଭାବେ ଡା. ଏ. ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଅଶୋକ ମିଶ୍ର ପରିଚାଳନା କରିଥିଲେ। ଜିଲାରୁ ଆସିଥିବା ଜିଲା ରୋଗବାହକ ପରାମର୍ଶଦାତା ଚନ୍ଦ୍ରଶେଖର ମିଶ୍ର ଏବଂ ଜେ. ପ୍ରଧାନ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ବାତଜ୍ୱର ଔଷଧ ସେବନ କରାଇବାକୁ ଆଶାକର୍ମୀମାନେ ଘର ଘର ବୁଲି ଖୁଆଇବେ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ସମସ୍ତ ସ୍ୱାସ୍ଥ୍ୟ ପରିଦର୍ଶକ, ପିଏଚଇଓ, ବିଜ୍ଞାପିତ ଅଞ୍ଚଳ ପରିଷଦର ହରିହର ଭୋଇ, ଡା. ତନୁଶ୍ରୀ ମଜୁମଦାର, ତାପସ ରଞ୍ଜନ ପଣ୍ଡା, ତିଳୋତ୍ତମା ବରିହା ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ରଖିଥିଲେ। ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର, ପ୍ରଶାନ୍ତ ଓ ଶ୍ରୀକାନ୍ତ ସହଯୋଗ କରିଥିଲେ।




ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

# ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଚିଠି ଲେଖିଲେ ସୋନପୁର ଜିଲାପାଳ

## ମକୁନ୍ଦପୁର ଆଶ୍ରମ ସ୍କୁଲ ଛାତ୍ରୀ ନିବାସ ନିର୍ମାଣରେ ଦୁର୍ନୀତି

ଭୁବନେଶ୍ୱର,୫।୭(ଅନିଲ ଦାସ)

ସୁବର୍ଣ୍ଣପୁର ଜିଲା ମକୁନ୍ଦପୁର ଆଶ୍ରମ ସ୍କୁଲ ପାଇଁ ନିର୍ମାଣ କରାଯାଇଥିବା ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜାତି ବାଳିକା ଛାତ୍ରୀନିବାସ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ନିମ୍ନମାନର ନିର୍ମାଣ ଏବଂ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭୁବନେଶ୍ୱରସ୍ଥିତ ହିନ୍ଦୁସ୍ଥାନ ଷ୍ଟିଲ୍ ୱାର୍କସ କନ୍‌ଷ୍ଟ୍ରକ୍ସନ ଲିମିଟେଡ ବିରୋଧରେ ଭିଜିଲାନ୍ସ ତଦନ୍ତ କରିବାକୁ ବୁଧବାର ସୋନପୁର ଜିଲାପାଳ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ଜିଲାପାଳ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଉକ୍ତ କମ୍ପାନୀ ୨୦୧୭–୧୮ରେ କେବିକେ ଜିଲା ପାଇଁ ଆର୍‌ଏଲ୍‌ଟିଏପି ଅଧୀନରେ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର ଯୋଜନାରେ ୮୦ କୋଟି ଟଙ୍କା ବ୍ୟୟରେ ମକୁନ୍ଦପୁର ଆଶ୍ରମ ସ୍କୁଲ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ପାଇଁ ଅନୁମତି ପାଇଥିଲା। ୨୦୨୦ ନଭେମ୍ବର ୬ ତାରିଖରେ କମ୍ପାନୀ ପକ୍ଷରୁ ନବନିର୍ମିତ ଛାତ୍ରୀ ନିବାସକୁ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଦେଖାଗଲା ଯେ ଏହାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ଏଥିପାଇଁ ହୋଇଥିବା ବ୍ୟୟବରାଦ ମୁତାବକ ହୋଇ ନାହିଁ। ନିମ୍ନମାନର ନିର୍ମାଣକୁ ନେଇ ଜନସାଧାରଣ ମଧ୍ୟ ଅଭିଯୋଗ କରିଛନ୍ତି । ଛାତ୍ରୀ ନିବାସର ଭିତରେ ଓ ବାହାରେ ଫାଟ ଚିହ୍ନ ଦେଖିବାକୁ ମିଳିଛି। ଛାତ୍ରୀ ନିବାସରେ ଲାଗିଥିବା ବିଭିନ୍ନ ସରଞ୍ଜାମ ମଧ୍ୟ ନିମ୍ନମାନର। ସରକାରୀ ଅର୍ଥକୁ ଆତ୍ମସାତ କରାଯିବାକୁ ଏଡାଯାଇ ନ ପାରେ। ଉକ୍ତ ସଂସ୍ଥା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରଙ୍କ ଅର୍ଥ ଆଦାୟ କରିବାକୁ ଜିଲାପାଳ ଭିଜିଲାନ୍ସ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।

# ୫–ଟି ସଚିବଙ୍କ ଗସ୍ତରେ ଏପାଖ ସେପାଖ

## ବହୁ ଆଡ଼ମ୍ବର ଲଘୁକ୍ରିୟା

ବୌଦ୍ଧ,୫।୭(ଅଜିତ କୁମାର ବାରିକ)

ବୁଧବାର ୫–ଟି ସଚିବ ଭି.କେ. ପାଣ୍ଡିଆନ ଦିନକିଆ ବୌଦ୍ଧ ଜିଲା ଗସ୍ତ କରିଥିଲେ। ସଚିବଙ୍କ ଗସ୍ତକୁ ସଫଳ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ସହରର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଗସ୍ତର ଦୁଇ ଦିନ ପୂର୍ବରୁ କରାଯାଇଥିଲା। ଏହି ବୈଠକରେ ସହରରେ ଥିବା ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଜିଲାର ବିକାଶ ନେଇ ବିଭିନ୍ନ ପ୍ରସ୍ତାବ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଥିଲା। ତଦନୁଯାୟୀ ଜିଲା ଓକିଲ ସଂଘ, ବ୍ରାହ୍ମଣ ସମାଜ ସଂଘ, ବ୍ୟବସାୟୀ ସଂଘ, ନାଗରିକ କମିଟି, ବରିଷ୍ଠ ନାଗରିକ ମଞ୍ଚ, ସାମ୍ବାଦିକ ସଂଘ, କଳାକାର ସଂଘ, ଟ୍ରକ ଓ ବସ୍ ମାଲିକ ସଂଘ, କ୍ରୀଡା ସଂଗଠନ, ମନ୍ଦିର ପରିଚାଳନା କମିଟି, ମାରୱାଡି ଯୁବାମଞ୍ଚ ସମେତ ବିଭିନ୍ନ ସଂଗଠନ ର କର୍ମକର୍ତ୍ତା ୫–ଟି ସଚିବଙ୍କୁ ଦାବିପତ୍ର ଦେବା ପାଇଁ ଜିଲା ସଂଗ୍ରହାଳୟ ପରିସରରେ ଅନୁଷ୍ଠିତ ସଭାକୁ ଆସିଥିଲେ । ଏପରିକି ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟର ନିର୍ଦ୍ଧାରିତ ସମୟ ପୂର୍ବରୁ ନିଜ ନିଜ ଅଭିଯୋଗ ପତ୍ର ଧରି ଆସିଥିଲେ । ତେବେ ଦିଆଯାଇଥିବା ସମୟଠାରୁ ବହୁ ବିଳମ୍ବରେ ୫–ଟି ସଚିବ ଆସିଥିଲେ। ମାତ୍ର ୨–୩ ମିନିଟରେ ଠିଆ ଠିଆ ଅଭିଯୋଗପତ୍ର ଅନୁଷ୍ଠାନଗୁଡିକ ପକ୍ଷରୁ ସଂଗ୍ରହ କରିଥିଲେ । ସେଠାରେ ମନ୍ଦିର, ଚର୍ଚ୍ଚ, ମସ୍‌ଜିଦ ସମ୍ପର୍କିତ ଆବେଦନର ଶୁଭ ଖବର ୭ ଦିନ ଭିତରେ ପାଇବେ ଓ ଅନ୍ୟ ଅଭିଯୋଗଗୁଡିକର ବିଚାର କରାଯିବ ବୋଲି କହି ଚାଲି ଯାଇଥିଲେ। ଜଗି ରହିଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ନିରାଶ ହୋଇଥିଲେ। ଫଳରେ ବହୁ ଆଡମ୍ବର ଲଘୁକ୍ରିୟା ବୋଲି ଆଲୋଚନା ହେଉଛି।

## ସଚିବଙ୍କ ଗସ୍ତ ନେଇ ଯାତ୍ରୀ ହନ୍ତସନ୍ତ

୫–ଟି ସଚିବଙ୍କ ଗସ୍ତକୁ ନେଇ ଜିଲାରେ ବସ୍ ସେବା ବ୍ୟାହତ ହୋଇଥିବା ବେଳେ ଯାତ୍ରୀ ଯିବା ଆସିବା ପାଇଁ ହନ୍ତସନ୍ତ ହୋଇଥିଲେ। ସଚିବଙ୍କ ସଭାକୁ ଲୋକ ନେବା ପାଇଁ ଜିଲାର ସମସ୍ତ ବେସରକାରୀ ଓ ଅନ୍ୟ ଜିଲାର ବେସରକାରୀ ଗାଡ଼ିକୁ ନିୟୋଜିତ କରାଯାଇଥିବାରୁ ଗାଡ଼ିଗୁଡିକ ନିଜ ରୁଟରେ ଯାଇ ନ ଥିଲା। ଫଳରେ ଯାତ୍ରୀ ଯିବା ଆସିବାରେ ବହୁ ହଇରାଣ ହୋଇଥିଲେ। ପୁରା ବସଷ୍ଟାଣ୍ଡ ଏକ ପ୍ରକାର ଖାଁ ଖାଁ ହୋଇପଡିଥିଲା। ଜିଲାରେ ଚାଲିଥିବା ହାତଗଣତି କିଛି ସରକାରୀ ଗାଡ଼ି ଚାଲିବା ଦ୍ୱାରା ଯାତ୍ରୀମାନେ ବହୁ କଷ୍ଟରେ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ଦେଖିବାକୁ ମିଳିଥିଲା ।

## ଅଣ୍ଡା ଦୋକାନ ବନ୍ଦ

ମଙ୍ଗଳବାର ସୁବର୍ଣ୍ଣପୁର ଜିଲାରେ ୫–ଟି ସଚିବଙ୍କ ଗସ୍ତ ବେଳେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ପକ୍ଷରୁ ଅଣ୍ଡାମାଡ଼ କରାଯିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ପକ୍ଷରୁ ସର୍ତକତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଗତକାଲି ସନ୍ଧ୍ୟାରୁ ବୌଦ୍ଧରେ ଅଣ୍ଡା ଦୋକାନ ବନ୍ଦ ହୋଇଯିବା ଦେଖିବାକୁ ମିଳିଥିଲା ।

## ମହିଳାଙ୍କ ମଧ୍ୟରେ ଅସନ୍ତୋଷ

୫–ଟି ସଚିବଙ୍କ ଗସ୍ତକୁ ସଫଳ କରିବାକୁ ବହୁ ମହିଳା ଗୋଷ୍ଠୀକୁ ସିଆରପିଙ୍କ ସହାୟତାରେ ଗାଡିଗୁଡିକରେ ବୁହା ହୋଇ ଅଣାଯାଇଥିଲା। କିନ୍ତୁ ବୌଦ୍ଧ ଷ୍ଟାଡିୟମ ପରିସର ସଭାରେ ଅବ୍ୟବସ୍ଥା ଦେଖା ଦେଇଥିଲା। ମହିଳାମାନେ ସକାଳ ୬ଟାରୁ ଘରୁ ଆସିଛୁ, କିଛି ଖାଇବାକୁ ମିଳିଲାନି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ବଖାଣିଥିଲେ।



ବୌଦ୍ଧ ଜିଲା ସଂଗ୍ରହାଳୟ ପରିସରରେ ୫–ଟି ସଚିବ ଉଦ୍‌ବୋଧନ ଦେଉଛନ୍ତି।

# ୨୫ ୟୁନିଟ ରକ୍ତ ସଂଗ୍ରହ

ସୋନପୁର,୫।୭(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ବୁରୋମୁଣ୍ଡା ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଓ ସାମୁହିକ ବୃକ୍ଷରୋପଣ କାର୍ଯକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶିମୁଣ୍ଡା ସରପଞ୍ଚ ବିନ୍ଦୁ କୁମ୍ଭକାର ପ୍ରଥମ ଥର ପାଇଁ ରକ୍ତଦାନ କରି ସମସ୍ତ ପଞ୍ଚାୟତବାସୀଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ। ରୂପକ ମହାନ୍ତି ଓ ଗଜପତି ସୁନା ଶିବିର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜିଲା କିଶାନ ସଂଘ ସଭାପତି ବିରଞ୍ଚି ମେହେର, ପ୍ରକୃତି ମିତ୍ର, ଜୟଶ୍ରୀ ମହାପାତ୍ର, ଜୟ ମାଧବ ମିଶ୍ର, ବନପାଳ ଭକ୍ତବଂଧୁ ମିଶ୍ର, ଜିଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପରେ ବୁରୋମୁଣ୍ଡା ଖେଳ ପଡିଆରେ ବୃକ୍ଷରୋପଣ କରାଯାଇଥିଲା। ମଣ୍ଟୁ ସାହୁ, ତ୍ରିନାଥ ପୁଟେଲ, ଚନ୍ଦନ ସାହୁ, ବିକାସ ନାଏକ, ବାସୁଦେବ ଖେତି, କାର୍ତ୍ତିକ ଥପା, ଦୁର୍ବାଦଳ ଚଉଳିଆ, ନୀଳାମ୍ବର ନାଏକ, ପବିତ୍ର ପୁଟେଲ, ଆଶିଷ ଶତପଥୀ ଓ ଜେମା ମଲିକ ପ୍ରମୁଖ ରକ୍ତଦାନ କରିଥିଲେ। ଜିଲା ରକ୍ତଭଣ୍ଡାରର ଡ. ସରୋଜ ପଟେଲ, ଟିଂଟୁ ଭୋଇ, ଜଗତ ଦରୁଅଣ ଓ ଯୁଧିଷ୍ଠିର ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଦୁଇ ଦମ୍ପତିଙ୍କ ସମେତ ମୋଟ ୨୫ ଜଣ ରକ୍ତଦାନ କରିଥିଲେ।

# ବନ ମହୋତ୍ସବରେ ବୃକ୍ଷରୋପଣ

ସୋନପୁର,୫।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ବନ ମହୋତ୍ସବ–୨୦୨୩ ସଦର ବିଚାର ବିଭାଗୀୟ କଲୋନୀରେ ବୁଧବାର ପାଳିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ରଶ୍ମି ମୋହନ ଆଚାର୍ଯ୍ୟ, ପରିବାର ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଜଜ୍ ପୂର୍ଣ୍ଣିମା ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରିୟ ରଞ୍ଜନ ବାରିକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ବୃକ୍ଷରୋପଣ କରିଥିଲେ। ଏହାଛଡା ବରିଷ୍ଠ ଦେୱାନୀ ଜଜ୍ ଅମିତାଭ ପଣ୍ଡା, ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏସ.ପଟ୍ଟନାୟକ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମନସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ସୋନପୁର ବିଚାର ବିଭାଗୀୟ କଲୋନୀରେ ସାମୁହିକ ବୃକ୍ଷରୋପଣ କରାଯାଉଛି ।

# ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୩ କଲେଜକୁ ଅନୁଦାନ

## ବୀରମହାରାଜପୁର ବ୍ଲକ

- ବୀରମହାରାଜପୁର କଲେଜକୁ ସର୍ବାଧିକ ୧କୋଟି ଟଙ୍କାର ଅନୁଦାନ
- ବଦଳିବ କଲେଜର ରୂପରେଖ

ଅମରପାଲି,୫।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଗସ୍ତରେ ମଙ୍ଗଳବାର ୫–ଟି ସଚିବ ଭି.କେ. ପାଣ୍ଡିଆନ ଆସିଥିବା ବେଳେ ଜିଲାର କଲେଜଗୁଡିକର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ଘୋଷଣା କରିଛନ୍ତି। ବୀରମହାରାଜପୁର ବ୍ଲକର ତିନୋଟି କଲେଜକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନୁଦାନ ଘୋଷଣା କରାଯାଇଛି। ବ୍ଲକ ସଦରରେ ଥିବା ବୀରମହାରାଜପୁର କଲେଜକୁ ୧କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଛି। ସମୁଦାୟ ୧ କୋଟି ଟଙ୍କାରୁ ଉକ୍ତ କଲେଜର ଯୁକ୍ତ ଦୁଇ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ୫୦ ଲକ୍ଷ ଓ ଡିଗ୍ରୀ କଲେଜ ପାଇଁ ୫୦ଲକ୍ଷ ଲେଖାଏ ଅନୁଦାନ ପ୍ରଦାନ କରାଯାଇଛି। ଉକ୍ତ ଅନୁଦାନରେ କଲେଜ ପାଇଁ ସ୍ମାର୍ଟ କ୍ଲାସରୁମ, ବିଜ୍ଞାନ ପରୀକ୍ଷାଗାର, ପାନୀୟ ଜଳ ସୁବିଧା, ଇ–ଲାଇବ୍ରେରୀ, ଟଏଲେଟ ଆଦି କାମ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। କଲେଜକୁ ଉକ୍ତ ଅନୁଦାନ ପ୍ରଦାନ ପରେ ବିଭିନ୍ନ ମହଲରୁ ମୁଖ୍ୟମନ୍ତ୍ରୀ ଓ ୫–ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବୀରମହାରାଜପୁର କଲେଜ ପରିଚାଳନା କମିଟିର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ସହିତ କଲେଜ ଅଧକ୍ଷ, ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର, କଲେଜର ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କ ସମେତ ୫–ଟି ସଚିବଙ୍କୁ କୃତଜ୍ଞତା ଜଣାଇଚନ୍ତି। ଏହାସହିତ ବ୍ଲକର ଭୁଡିଆପାଲିସ୍ଥିତ ପରମେଶ୍ୱରୀ ହାୟର ସେକେଣ୍ଡାରୀ ସ୍କୁଲକୁ ୫୦ ଲକ୍ଷ ଓ ସୁବଳୟା ହାୟର ସେକେଣ୍ଡାରୀ ସ୍କୁଲକୁ ୫୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି। ଅନୁଦାନ ପାଇଥିବା ଉକ୍ତ କଲେଜଗୁଡିକରେ ସ୍ମାର୍ଟକ୍ଲାସ ରୁମ, ଟଏଲେଟ୍, ଇ–ଲାଇବ୍ରେରୀ, ପାନୀୟ ଜଳ ସୁବିଧା ଆଦି କରାଯିବ।

## ସଂକ୍ଷେପରେ

### ଢାବାରେ ଚଢ଼ାଉ, ମଦ ଜବତ

ବଡ଼ଗାଁ,୫।୭(ଅଶୋକ ଷଡ଼ଙ୍ଗୀ)
ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ବସ୍‌ଷ୍ଟାଣ୍ଡ ନିକଟ ଅମିୟ ଢାବାରେ ମଙ୍ଗଳବାର ପୋଲିସ ଚଢ଼ାଉ କରି ବିଦେଶୀ ମଦ ଜବତ କରିଛି। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଢାବାରେ ମଦ ବିକ୍ରି ହେଉଥିବା ନେଇ ବଡଗାଁ ଥାନାର କ୍ୟାଡେଟ ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର ରଞ୍ଜନ କୁମାର ନାଏକ ଓ ଆନନ୍ଦ କୁମାର୍ ପୃଷେଟ ସୂଚନା ପାଇ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିପୁଳ ପରିମାଣର ମଦ ଜବତ କରିଥିଲେ। ମାଲିକ ଅମିୟ କୁମାର ମୁଦୁଲି ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ହାଇୱା କାର୍ ଧକ୍କା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଲହୁଣୀପଡ଼ା,୫।୭(ଦାଶରଥି ପଣ୍ଡା)
ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ୨୧୫ ନମ୍ବର ଜାତୀୟ ରାଜପଥ ଲମସିଠାରେ ବୁଧବାର ସନ୍ଧ୍ୟାରେ ହାଇୱା କାର୍ ଧକ୍କା ହୋଇଥିଲା। ଫଳରେ କାର ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଖବରପାଇ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳେଇଥିବା ଜଣାପଡ଼ିଛି।

### ଶୁଦ୍ଧ ପାନୀୟ ଜଳ ପାଇଁ ମିଳୁନି ବ୍ଲିଚିଂ ପାଉଡର

କୁତ୍ରା,୫।୭(ଦେବାଶିଷ ସାହୁ)
ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳରେ ଶୁଦ୍ଧ ପାନୀୟ ଜଳ ପାଇଁ ବ୍ଲିଚିଂ ପାଉଡର ମିଳୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅନେକ ଗ୍ରାମବାସୀ ବର୍ତ୍ତମାନ ସୁଦ୍ଧା ଶୁଦ୍ଧ ପାନୀୟ ଜଳ ପାଇପାରୁ ନାହାଁନ୍ତି। ସବୁ ଘରକୁ ପାଇପ ଯୋଗେ ଜଳ ଯୋଗାଣ ସୁବିଧା ଦେବାକୁ ସରକାର ପ୍ରଚେଷ୍ଟା କରୁଛନ୍ତି ସତ, ମାତ୍ର ନିର୍ଦ୍ଧାରିତ ସମୟରେ ବିଭାଗୀୟ କର୍ମଚାରୀଙ୍କ ମନଭାବ ଓ କାର୍ଯ୍ୟକଳାପରୁ ଏ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଜଣାପଡ଼ିଛି। ଫଳରେ ଗ୍ରାମବାସୀଙ୍କୁ ନଳ କୂଳପ, କୂଅ ଓ ସୋଲାର ଯୋଗେ ଜଳଯୋଗାଣ ଉପରେ ନିର୍ଭର କରିବାକୁ ପଡୁଛି। ବର୍ଷା ଯୋଗୁଁ ଅନେକ ନଳକୂପରେ ମଇଳା ପାଣି ବାହାରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କୌଣସି ଗୋଟିଏ ସ୍ଥାନରେ ବ୍ଲିଚିଂ ପାଉଡର ପକେଇ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି। ନଳକୂପ ପାଣି ବ୍ୟବହାରକାରୀଙ୍କୁ ଯଥାଶୀଘ୍ର ବ୍ଲିଚିଂ ପାଉଡର ଯୋଗେଇ ଦିଆଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ଏହାକୁ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକାରୀ ବୈଦୁର୍ଯ୍ୟ ବନ୍ଧୁକିଙ୍କୁ ପଚାରିବାରୁ, ଯଥାଶୀଘ୍ର ବ୍ଲିଚିଂ ପାଉଡର ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କୁଢ଼କୁଢ଼ ଆବର୍ଜନାରେ ଭର୍ତ୍ତି ସାପ୍ତାହିକ ହାଟ

କୁତ୍ରା,୫।୭(ଦେବାଶିଷ ସାହୁ)


ହାଟରେ ପଡ଼ିଥିବା ଅଳିଆ ଆବର୍ଜନା।

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥକୁ ଥିବା ସାପ୍ତାହିକ ହାଟରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଛି। ସାମାନ୍ୟ ପବନ ହେଲେ ଅଳିଆ ଏଣେତେଣେ ଉଡ଼ିବା ସହିତ ଦୁର୍ଗନ୍ଧରେ ଫାଟି ପଡୁଛି ହାଟ ଅଞ୍ଚଳ। ଫଳରେ ସ୍ଥାନୀୟ ଦୋକାନୀ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବର୍ଜନା ଗଦା ହେବା ସହ ସେଠାରେ ପାଣି ଜମି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏଥି ଯୋଗୁ ସ୍ଥାନୀୟ ଲୋକେ ଡେଙ୍ଗୁ, ହଇଜା ଭଳି ଅନେକ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବା ସୁନିଶ୍ଚିତ। ବର୍ଷା ଦିନରେ ଏହାର ସମସ୍ୟା ଆହୁରି ଦ୍ୱିଗୁଣିତ ହୋଇଯାଉଛି। ରାସ୍ତାରେ ପାଣି ଜମି କାଦୁଅ ପଚ ପଚ ହେଉଛି। ଫଳରେ ଯିବା ଆସିବାରେ ଅସୁବିଧା ହେଉଛି। ବ୍ୟବସାୟୀଙ୍କ ଅଭିଯୋଗ ହେଉଛି, ଆମଠାରୁ ପ୍ରତି ହାଟ ପାଳିରେ ଟଙ୍କା ନିଆଯାଉଛି ଅଥଚ ଏସବୁ ସ୍ଥାନ

**■ ଗନ୍ଧରେ ଫାଟିପଡୁଛି ଅଞ୍ଚଳ**
**■ ହନ୍ତସନ୍ତ ଦୋକାନୀ, ଜନସାଧାରଣ**

ସଫା କରାଯାଉନାହିଁ। ପ୍ରତି ହାଟ ପାଳିରେ ଗୋଟିଏ ବୋତଲ ଫିନାଇଲ ପକାଇ ଦୋକାନ ଖୋଲୁଥିଲୁ କିନ୍ତୁ ଆଜି ଫିନାଇଲ କାମ ଦେଉନାହିଁ ବୋଲି ସେମାନେ କହିଛନ୍ତି। ଏଦିଗରେ ସ୍ଥାନୀୟ ପ୍ରଶାସନ ଓ କୁତ୍ରା ସରପଞ୍ଚ ଦୃଷ୍ଟି ଦେଇ ଶୀଘ୍ର ସଫା କରିବାକୁ ଦୋକାନୀ ତଥା ଜନସାଧାରଣ ନିବେଦନ କରିଛନ୍ତି। ଏଥିସହ ହାଟ ରାସ୍ତାକୁ କଂକ୍ରିଟ କରିବା ପାଇଁ ଦାବି ହେଉଛି। ପ୍ରକାଶ ଥାଉକି, ଉକ୍ତ ସାପ୍ତାହିକ ହାଟ ଆଗରୁ ଆର୍‌ଏମ୍‌ସି ସୁନ୍ଦରଗଡ଼ ଅଧୀନରେ ରହିଥିଲା। କିଛି ବର୍ଷ ହେବ ଏହା ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ସରପଞ୍ଚ ଭୁବନ କୁଜୁରଙ୍କୁ ପଚାରିବାରୁ, ବଜାର ନିଲାମ ପାଇଥିବା ଠିକାଦାରଙ୍କୁ ତାଗିଦ କରିବା ସହିତ ଯଥାଶୀଘ୍ର ଏହା ସଫା କରାଯିବ ବୋଲି ସେ କହିଥିଲେ।

# ଏମ୍‌ପି ଜୁଏଲ ଓରାମଙ୍କ ପଦଯାତ୍ରା

ଲହୁଣୀପଡ଼ା,୫।୭(ଦାଶରଥି ପଣ୍ଡା)
ମୋଦୀ ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଲହୁଣୀପଡ଼ାରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଭାଜପା କର୍ମୀ ଓ ପଦାଧିକାରୀଙ୍କ ସହ ଘରକୁ ଘର ପଦଯାତ୍ରା କରିଥିବା ଜଣାପଡ଼ିଛି। ଏହି ସମୟରେ ଜନ ସାଧାରଣଙ୍କୁ ସାକ୍ଷାତ କରି ମୋଦୀ ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ସମ୍ବଳିତ ପତ୍ରିକା ବଣ୍ଟନ କରିବା ସହ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସେବତୀ ନାଏକ, ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଅଭିରାମ ମହାକୁଳ, ଜିଲା ଉପ ସଭାପତି ବାସୁଦେବ ସାହୁ, ମହେଶ ଶାହା, ଦିବ୍ୟ ମଞ୍ଜରୀ ଶେଖର ଦେଓ, ଉପେନ୍ଦ୍ର ବେହେରା, ଜିଲା ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ଶାନ୍ତାନୁ ଦାସ, ଜିଲା କୋଷାଧ୍ୟକ୍ଷ ଚେତନ ଦିପ୍ତ ନାୟକ,ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କୁଳମଣି ପାତ୍ର, ଜିଲା ଓବିସି ମୋର୍ଚ୍ଚା ସଭାପତି ଆହ୍ଲାଦ ବଢ଼େଇ, ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏମ୍.ଡି ମୋଇମ, ଜିଲା ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦିକା ଯମୁନା ମୁଣ୍ଡା, ଲହୁଣୀପଡ଼ା ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବିଜୟ ଠାକୁର, ଜିଲା ଯୁବମୋର୍ଚ୍ଚା ଉପ ସଭାପତି ସୁଜିତ ଜୈସ୍‌ୱାଲ, ମହିଳା ମୋର୍ଚ୍ଚା ଜିଲା ଉପ ସଭାନେତ୍ରୀ ଗୀତା ଜୈସ୍‌ୱାଲ, କୋଇଡା ମଣ୍ଡଳ ସଭାପତି ମେଲୋରି ବାରିକ, ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଡିଲେଶ୍ୱର ରଣା, ପ୍ରମୁଖ କାର୍ଯ୍ୟକର୍ତ୍ତା ବିମଳ ବୋଦ୍ରା, ରିନା ସାହୁ ଓ ଅନ୍ୟମାନେ ଯୋଗଦେଇଥିଲେ।


ମୋଦୀ ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ବାହାରିଥିବା ପଦଯାତ୍ରା।

# ହୋଟେଲରେ ଯାଞ୍ଚ ହେଉନି ଖାଦ୍ୟସାମଗ୍ରୀ

## ନିମ୍ନମାନର ଖାଦ୍ୟ ଖାଉଛନ୍ତି ଲୋକେ

କୁଆଁରମୁଣ୍ଡା,୫।୭(ମହେନ୍ଦ୍ର କୁମାର ସାହୁ)
କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ଥିବା ଅନେକ ଜଳଖିଆ, ଢାବା, ହୋଟେଲରେ ନିମ୍ନମାନର ଖାଦ୍ୟ ବର୍ଷ ବର୍ଷ ଧରି ବିକ୍ରି ହେଉଥିଲେ ମଧ୍ୟ ଏଗୁଡିକୁ ତଦାରଖ କରାଯାଉ ନାହିଁ। ଫଳରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଲାଭଖୋର ମନୋବୃତ୍ତି ରଖି ଦୋକାନୀମାନେ ନିମ୍ନମାନର ଏବଂ ବାସି ଖାଦ୍ୟ ଗ୍ରାହକଙ୍କୁ ଯୋଗାଉଛନ୍ତି। ଏଥିଯୋଗୁ ଅନେକ ଲୋକ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି। ଏପରିକି ଏହି ଅଞ୍ଚଳରେ ଫାଷ୍ଟଫୁଡ୍ ଦୋକାନରେ ଅପମିଶ୍ରିତ ସସ୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଭେଜାଲ ମସଲା ବ୍ୟବହାର ହେଉଛି। ହେଲେ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। କେବଳ ଏତିକି ନୁହେଁ କୁଆଁରମୁଣ୍ଡା ମଙ୍ଗଳବାର ବଜାର, ବୀରମିତ୍ରପୁର ରବିବାର ବଜାର ସହ ଅନ୍ୟାନ୍ୟ ସାପ୍ତାହିକ ବଜାରରେ ଖୋଲୁଥିବା ଉଠା ଜଳଖିଆ ଦୋକାନରେ ଖୁଲମଖୁଲା ଅପମିଶ୍ରିତ ବାସି ଖାଦ୍ୟ ବିକ୍ରି କରାଯାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢ଼ାଉ କଲେ ଅନେକ ଅସାଧୁ ବ୍ୟବସାୟୀ ଧରାପଡ଼ିବେ ବୋଲି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏନେଇ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ଖୁନ୍ଦନ କୁମାର ଲୁହାରଙ୍କୁ ପଚାରିବାରୁ, ଗତ ୩ ମାସ ତଳେ ଆମେ କ୍ୟାମ୍ପ ପକାଇଥିଲୁ। ସେଠାରେ ଦୋକାନୀଙ୍କୁ ଡାକି ଫୁଡ୍ ଲାଇସେନ୍ସ ପ୍ରଦାନ କରିଥିଲୁ। ଆହୁରି ଅନେକ ଦୋକାନୀ ଫୁଡ୍ ଲାଇସେନ୍ସ ପାଇନାହାଁନ୍ତି। ଖୁବ୍ ଶୀଘ୍ର ସେମାନଙ୍କୁ ଲାଇସେନ୍ସ ଦେବାର ବ୍ୟବସ୍ଥା କରିବୁ। ଏଥିସହ ଲାଇସେନ୍ସ ନେଇଥିଲେ ମଧ ଖାଦ୍ୟ ନିରାପତ୍ତା ନିୟମକୁ ଦୋକାନୀମାନେ ଠିକଭାବେ ପାଳନ କରୁଛନ୍ତି କି ନାହିଁ ତାହାକୁ ଯାଞ୍ଚ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।

# ବନ ମହୋତ୍ସବ ସପ୍ତାହରେ ଚାରା ରୋପଣ ଉପରେ ଗୁରୁତ୍ୱ



କୁଆଁରମୁଣ୍ଡା,୫।୭(ମହେନ୍ଦ୍ର କୁମାର ସାହୁ)
ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫରେଷ୍ଟ ରେଞ୍ଜ ଅଞ୍ଚଳରେ ୪ ଫରେଷ୍ଟ ସେକ୍ସନ କଚାରୁ, କୁଆଁରମୁଣ୍ଡା, କଲୁଙ୍ଗା, ବିର୍ଡାରେ ବନ ମହୋତ୍ସବ ଉପଲକ୍ଷେ ମାଗଣା ଚାରା ବଣ୍ଟନ କରାଯାଉଛି। ଲୋକମାନେ ଏହି ଚାରାଗୁଡ଼ିକ ନେଇ ନିଜ ବାଡ଼ି ବଗିଚାରେ ଲଗାଇ ପରିବେଶର ସୁରକ୍ଷାରେ ଭାଗୀଦାରି ହୁଅନ୍ତୁ ବୋଲି ନବନିଯୁକ୍ତ କୁଆଁରମୁଣ୍ଡା ବନ ରେଞ୍ଜର ପଞ୍ଚନାରାୟଣ ସରାଫ ସୂଚନା ଦେଇଛନ୍ତି। ଏଥିସହ ଯେଉଁ ଅଞ୍ଚଳରେ ଲୋକେ ଚାରା ନେଇଛନ୍ତି ତାହାକୁ ରୋପଣ କରିଛନ୍ତି କି ନାହିଁ ତାହାକୁ ତଦାରଖ କରିବାକୁ ରେଞ୍ଜର ସରାଫ ସୂଚନା ଦେଇଛନ୍ତି। ସେହିପରି ବ୍ୟାପକ ବନୀକରଣ ପାଇଁ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ମଧ ସରାପ କହିଛନ୍ତି।

# ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ବନ ମହୋତ୍ସବ

ସୁନ୍ଦରଗଡ଼,୫।୭(ଜୟନାରାୟଣ ମେଣ୍ଟୁଳି)
ସ୍ଥାନୀୟ ଏକତା ନଗରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ସଂସ୍ଥାର କେନ୍ଦ୍ର ସଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ଜ୍ୟୋତ୍ସ୍ନା ଯୋଗଦେଇ ଜଳବାୟୁ ପ୍ରଦୂଷଣକୁ ସୁସ୍ଥ ରଖିବା ପାଇଁ ସକରାତ୍ମକ ଚିନ୍ତନ ଓ ରାଜଯୋଗ ଆବଶ୍ୟକ ବୋଲି କହିଥିଲେ। ଅବସରପ୍ରାପ୍ତ ଜିଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ବ୍ରହ୍ମା କୁମାର ବାଣେଶ୍ୱର ସୁବୁଦ୍ଧି ଯୋଗଦେଇ ଆଧ୍ୟାତ୍ମିକ ଜ୍ଞାନ ଶ୍ରବଣ ଦ୍ୱାରା ମନରେ ସକରାତ୍ମକ ଚିନ୍ତନ ଆସିପାରିବ ବୋଲି କହିଥିଲେ। ପରେ ଆମ୍ବ, ଲେମ୍ବୁ, ଜାମ୍ବୁ, ନିମ୍ବ ଆଦି ଚାରା ରୋପଣ କରାଯାଇଥିଲା। ବ୍ରହ୍ମା କୁମାରୀ ନିରୁପମା,ବ୍ରହ୍ମା କୁମାର ଆନନ୍ଦ ଭାଇ, ଗଗନ ଭାଇ ଓ ଶୋଭାରାମ ଭାଇ ସହଯୋଗ କରିଥିଲେ।


ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବୃକ୍ଷରୋପଣ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମାକାରୀଙ୍କ ଗଣସତ୍ୟାଗ୍ରହ

ସୁନ୍ଦରଗଡ଼,୫।୭(ଜୟନାରାୟଣ ମେଣ୍ଟୁଳି)
ବିଭିନ୍ନ ଚିଟଫଣ୍ଡ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀ ଅବିଳମ୍ବେ ପରିପକ୍ୱ ଜମାରାଶି ଫେରସ୍ତ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣସତ୍ୟାଗ୍ରହ କରିଥିଲେ। ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ନେତୃତ୍ୱରେ ଅନୁଷ୍ଠିତ ସତ୍ୟାଗ୍ରହରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜମାକାରୀ ସାମିଲ ହୋଇଥିଲେ। ମଞ୍ଚର ଜିଲା ଆବାହକ ରମେଶ ମହାନନ୍ଦିଆ ଓ ସମ୍ପାଦକ ମଧୁସୂଦନ ବିଶ୍ୱାଳଙ୍କ ନେତୃତ୍ୱରେ ଜମାକାରୀମାନେ ସ୍ଥାନୀୟ ନାରୀକଲ୍ୟାଣ କେନ୍ଦ୍ରଠାରେ ଏକ ଶୋଭଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ଗଣ ସତ୍ୟାଗ୍ରହରେ ମିଳିତ




ମଞ୍ଚର ଆବାହକ ଜୟନ୍ତ ଦାସ,ମଧୁସୂଦନ ବିଶ୍ୱାଳ,ଯୁଗ୍ମ ଆବାହିକା ଅନୁରାଧା ସୁବୁଦ୍ଧି,ବିଜୟ ପାଢୀ, ରାଜେନ୍ଦ୍ର ନାଏକ, ସନ୍ତୋଷ ଆଚାର୍ଯ୍ୟ, ନରେଶ ମେହେର, ସନ୍ତୋଷିନୀ ପଣ୍ଡା ଯୋଗଦେଇ ଅସାଧୁ ଚିଟଫଣ୍ଡ କମ୍ପାନୀମାନଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା ପ୍ରଦର୍ଶନ ଯୋଗୁଁ ଅନେକ ଜମାକାରୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇପଡୁଛି ବୋଲି ସମାଲୋଚନା କରିଥିଲେ। ସରକାର ତୁରନ୍ତ ତହସିଲ ସ୍ତରରେ ଚିହ୍ନଟ କରି ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହା ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ପ୍ରଦାନ କରାଯାଇଥିଲା।

# ଇବ୍ ବ୍ରିଜକୁ ଲାଗି ନୂତନ ବ୍ରିଜ ନିର୍ମାଣ ହେବ

ସୁନ୍ଦରଗଡ଼,୫।୭(ଜୟନାରାୟଣ ମେଣ୍ଟୁଳି)
ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ନାରାୟଣ ପଟେଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ବୁଧବାର ସାକ୍ଷାତ କରି ବିଭିନ୍ନ ରାସ୍ତାର ଉନ୍ନତି ତଥା ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ଖତକୁରବାହାଲରୁ କୁତ୍ରା ରାସ୍ତା ଏବଂ ଏହି ନିର୍ବାଚନ ମଣ୍ଡଳୀର ସମସ୍ତ ଖରାପ ରାସ୍ତା ଗୁଡିକ ଶୀଘ୍ର ମରାମତି, ଅସମ୍ପୂର୍ଣ୍ଣରାସ୍ତା କାର୍ଯ୍ୟ ଶେଷ କରିବା, ଖତକୁରବାହାଲ ମହାଜନ ପଡାଠାରୁ ରାଏବାହାଲ ଯାଏ ରାସ୍ତା ନିର୍ମାଣ ଏବଂ କେତେ ଗୁଡିଏ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରି ଥିଲେ। ଏଥିସହ ସରକାରୀ କଲେଜ ପାଖରେ ଥିବା ଇବ୍‌ବ୍ରିଜ ନିକଟରେ ଆଉ ଏକ ନୂତନ ବ୍ରିଜ ନିର୍ମାଣ ପାଇଁ ନିର୍ବାହୀ ଯନ୍ତ୍ରୀ ପଟେଲ ସୂଚନା ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନଙ୍କ ସହିତ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର ଅନିଲ ମହାପାତ୍ର, ରିଣ୍ଟୁ ବହିଦାର,ଏମଡି ସାନୁଲ୍ଲାହ, ଏମଡି କଲିମ ଉପସ୍ଥିତ ଥିଲେ।



# ଲୋକେ ବିଜୁଳି ବିଭ୍ରାଟ: ଗରମରେ ସନ୍ତୁଳି ହେଉଛନ୍ତି

ସବ୍‌ଡେଗା,୫।୭( ଅନନ୍ତ ପଟେଲ)
ସୁନ୍ଦରଗଡ଼ ଜିଲା ସବ୍‌ଡେଗାରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ପ୍ରଚଣ୍ଡ ଖରାରେ ପ୍ରତିଦିନ ୪ରୁ ୫ ଘଣ୍ଟା ବିଦ୍ୟୁତ୍ କାଟ୍ କରାଯାଉଛି। ଫଳରେ ଲୋକେ ଗରମ ଗୁଳୁଗୁଳିରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିଦ୍ୟୁତ୍ ଯୋଗାଇବାରେ ବିତରଣ କମ୍ପାନୀ ଫେଲ



ମାରିଥିବା ଗ୍ରାମବସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଜେଇଙ୍କୁ ପଚାରିବାରୁ, ଆଗକୁ ବର୍ଷା ମାସ ଆସୁଛି, ତେଣୁ ବର୍ଷା ଦିନେ ଯେପରି ବିଦ୍ୟୁତ୍ କାଟ୍ ନ ହେବ, ସେଥିପାଇଁ କାମ ଚାଲିଛି ବୋଲି ସେ କହିଛନ୍ତି।

# କଳକାରଖାନାରେ ଶ୍ରମିକ ଛଟେଇ ନେଇ ଅନଶନ



ଛଟେଇ ପ୍ରତିବାଦରେ ଶ୍ରମିକମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି।

କୁଆଁରମୁଣ୍ଡା,୫।୭(ମହେନ୍ଦ୍ର କୁମାର ସାହୁ)
ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ କମିଟି ଆନୁକୂଲ୍ୟରେ ସ୍ଥାନୀୟ କାରଖାନାରୁ ଛଟେଇ ହୋଇଥିବା ଶ୍ରମିକମାନେ ଧାରଣାରେ ବସି ଅନଶନ ଜାରି ରଖିଛନ୍ତି। ଯେ ପର୍ଯ୍ୟନ୍ତ ଜିଲା ପ୍ରଶାସନ ଛଟେଇ ହୋଇଥିବା ଶ୍ରମିକଙ୍କୁ କାରଖାନାରେ ପୁନଃ ନିଯୁକ୍ତିର ବ୍ୟବସ୍ଥା ନ କରିଛି ସେ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଶ୍ରମିକଙ୍କୁ ସମର୍ଥନ ଜଣାଇ ନାଗରିକ କମିଟି ଆବାହକ ରାଜେଶ କେର୍କେଟ୍ଟା ଦାବି କରିଛନ୍ତି। ଏଥିସହ ଜୁନ୍ ୨୬ରେ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ କଳକାରଖାନାରେ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ ବୋଲି ଦାବି କରାଯାଇଥିଲା। ହେଲେ ଏହାର ୨ ଦିନ ପରେ ଆଉ ୮ ଶ୍ରମିକଙ୍କୁ କାରଖାନାରୁ ଛଟେଇ କରିବା ଘଟଣା ଆଶ୍ଚର୍ଯ୍ୟାନ୍ୱିତ କରିଛି ବୋଲି ରାଜେଶ କ୍ଷୋଭ ପ୍ରକାଶ କରିଛନ୍ତି।

# ନାରୀ ଶିକ୍ଷା, ନିଶା ନିବାରଣ ଉପରେ ଗୁରୁତ୍ୱ

## ଗୌଡ଼ ସମାଜ ସଭା

ବଡ଼ଗାଁ,୫।୭(ଅଶୋକ ଷଡ଼ଙ୍ଗୀ)
ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ଖରିକାମୁଣ୍ଡା ଗ୍ରାମରେ ଗୌଡ଼ ସମାଜ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲା ତିଲେଇମାଲ ପଞ୍ଚାୟତ ମଧୁପୁର ଗ୍ରାମର ଖେତ୍ରୁ ମାକର୍, ଗୋପୀନାଥ ଭଇସାଲ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ଧୁମାଗଡା, ଖରିକାମୁଣ୍ଡା, ରାଏଡିହି, ଚେମଠାପଡା ଓ ଗରିଆମାଲ ଗ୍ରାମର ଜାତି ସମାଜ ଲୋକେ ସାମିଲ ହୋଇଥିଲେ। ଭୋଇପାଲି ପଞ୍ଚାୟତର ଜାତି ସମାଜ ସଭାପତି ଚେମଠାପଡା ଗ୍ରାମର କଟକୀ ଗୌଡ, ଉପ ସଭାପତି ଧୁମାଗଡା ଗ୍ରାମର ମିଶ୍ର ଭଇସାଲ, ସମ୍ପାଦକ ପବିତ୍ର ଗୌଡ, କୋଷାଧ୍ୟକ୍ଷ ସରୋଜ ଗୌଡ, ଯୁଗ୍ମ ସମ୍ପାଦକ ରାଏଡିହି ଗ୍ରାମର ବିଶିକେଶନ୍ ଗୌଡ, ସଭ୍ୟ ବିରଞ୍ଚି ଖିଲେଇ, ଭବାନୀ ଶଙ୍କର ଗୌଡ, ରବି ଡିଲା, ଭାବଗ୍ରାହୀ ଭଇସାଲ, ଅଚ୍ୟୁତାନନ୍ଦ ଭଇସାଲଙ୍କ ଉପସ୍ଥିତିରେ ଅତିଥିମାନେ ଗୌଡ ସମାଜର ଇଷ୍ଟ ଦେବତା ଶ୍ରୀକୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ଓ ପୂଜାର୍ଚ୍ଚନା କଲାପରେ ସଭା ଆରମ୍ଭ ହୋଇଥିଲା। ଜାତି ସମାଜର ଉପ ସଭାପତି ମିଶ୍ର ଭଇସାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୌଡ ସମାଜର ଉନ୍ନତି ପାଇଁ କିପରି ପଦକ୍ଷେପ ନେବାକୁ ହେବ ସେ ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ଯୁଗରେ ଶିକ୍ଷାକୁ ପ୍ରାଥମିକତା ଦେବାର ଆବଶ୍ୟକତାକୁ ନେଇ ସମସ୍ତ ଅତିଥି ଓ ଜାତି ସମାଜ କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ନାରୀ ଶିକ୍ଷା ଉପରେ ପ୍ରତ୍ୟେକ ପରିବାର ସଚେତନ ହେବାକୁ କୁହାଯାଇଥିଲା। ଜାତି ସମାଜର ଲୋକେ ତାଙ୍କ ଘରେ ବିବାହ, ବ୍ରତ, ମୃତକଙ୍କ କ୍ରିୟାକର୍ମରେ ମଦ ବ୍ୟବହାର ନିଷେଧ କରିବାକୁ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ସମାଜର ଏକତା ବଜାୟ ରଖିବାକୁ ସମସ୍ତ ଅତିଥି ଓ ଜାତି ସମାଜ କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଭୋଇପାଲି ପଞ୍ଚାୟତ ସଭାପତି କଟକୀ ଗୌଡ ଧନ୍ୟବାଦ ଦେଇଥିଲେ।


ଗୌଡ଼ ସମାଜ ବୈଠକରେ ଉପସ୍ଥିତ ଅତିଥି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବୌଦ୍ଧର ସମସ୍ତ ମହାବିଦ୍ୟାଳୟ ରୂପାନ୍ତରିତ ହେବ

ବୌଦ୍ଧ/କନ୍ଧମାଳ/ଘଣ୍ଟାପଡ଼ା/ପୁରୁଣାକଟକ/ତଳଗାଁ,୫।୭(ଅଜିତ କୁମାର ବାରିକ/ଆଦିତେଶ୍ୱର ମିଶ୍ର/ପ୍ରଭାତ ସାହୁ, ସୁକାନ୍ତ ପଟ୍ଟନାୟକ, କୁନା ବେହେରା)



ଷ୍ଟାଡିୟମ ପରିସରରେ ମହିଳାମାନଙ୍କ ସହ ୫-ଟି ସଚିବ।

**୫-ଟି ସଚିବଙ୍କ ଦିନିକିଆ ବୌଦ୍ଧ ଜିଲା ଗସ୍ତ**

- ମନ୍ଦିର, କମ୍ୟୁନିଟି ସେଣ୍ଟର, ଚର୍ଚ୍ଚ, ମସ୍‌ଜିଦ ନେଇ ସମସ୍ୟା ସମାଧାନ ହେବ
- ୭ ଦିନ ଭିତରେ ମିଳିବ ଶୁଭ ଖବର

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ ବୁଧବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ସହ ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି।

ବୁଧବାର ସକାଳେ ୫-ଟି ସଚିବ ପାଣ୍ଡିଆନ ସୁବର୍ଣ୍ଣପୁର ଜିଲା ସର୍କିଟ ହାଉସଠାରୁ ବାହାରି ହେଲିକପ୍ଟର ଯୋଗେ ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନମଣ୍ଡଳୀର ଆମ୍ବଗାଁ ଜନତା ଉଚ୍ଚବିଦ୍ୟାଳୟ ପଡ଼ିଆଠାରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ଏକ ସଭାରେ ଯୋଗଦେଇ ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ପଠାଇଥିବା ସଚିବ କହିବା ସହ ୭ ଦିନ ଭିତରେ ମନ୍ଦିର, କମ୍ୟୁନିଟି ସେଣ୍ଟର, ଚର୍ଚ୍ଚ ଓ ମସ୍‌ଜିଦର ବିଭିନ୍ନ ସମସ୍ୟା ପୂରଣ ହେବ ବୋଲି କହିଥିଲେ। ମହିଳାମାନଙ୍କୁ ସଶକ୍ତ କରିବା ଆମର ଲକ୍ଷ୍ୟ ବୋଲି କହି ଗତବର୍ଷ ବୌଦ୍ଧ ଜିଲାର ୩ ଗୋଟି ବ୍ଲକ ପାଇଁ ୧୦୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିବା କହିଥିଲେ। ଏହାସହ ଜିଲାର ବିଭିନ୍ନ ସମସ୍ୟାର ସମାଧାନ କରାଯିବା ସହ ସମସ୍ତ ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ।

ଏହାପରେ ୫-ଟି ସଚିବ ଆମ୍ବଗାଁ ୫-ଟି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କ ସହ ମତ ବିନିମୟକରି ଶିକ୍ଷାର ବିକାଶ କିପରି ହେବ ସେ ନେଇ ଆଲୋଚନା କରିଥିଲେ। ତେବେ ଆମ୍ବଗାଁ ଗସ୍ତ ସମୟରେ ଆମ୍ବଗାଁଠାରେ କଂଗ୍ରେସ ଓ ଭାଜପା କର୍ମୀମାନେ କଳା ପତାକା ପ୍ରଦର୍ଶନ କରିଥିଲେ। ସେଠାରୁ ବୌଦ୍ଧ ଜିଲା ଷ୍ଟାଡିୟମ ଯାଇ ସେଠାରେ ମିଶନ ଶକ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନାକରି ସେମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ସଭାରେ କମ୍ୟୁନିଟି କର୍ମଚାରୀଙ୍କୁ ସରକାର ଦରମା ଦେବେ, ସେମାନଙ୍କୁ ପ୍ରସବକାଳୀନ ଛୁଟି ମିଳିବା ସହ ଗାଡି ଯୋଗାଇ ଦିଆଯିବ ବୋଲି କହିଥିଲେ। ସେଠାରୁ ଚନ୍ଦ୍ରଚୂଡ଼ ମନ୍ଦିର ନିକଟରେ ନିର୍ମାଣାଧୀନ ଆଳତି ଘାଟ ପରିଦର୍ଶନ କରିଥିଲେ। ପରେ ବିଜୁ ଆଦର୍ଶ କୃଷକ ବଜାରଠାରେ ମିଶନ ଶକ୍ତି କାଫେଠାରେ ପହଞ୍ଚି ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ସେମାନଙ୍କ ଜୀବନ ଜୀବିକା ନେଇ ଆଲୋଚନା କରିଥିଲେ। ସେଠାରେ ଆୟୋଜିତ ବୁଣାକାର ସମ୍ମିଳନୀରେ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମର୍ଜାକୁଦ ସେତୁ ବୁଲି ଦେଖିଥିଲେ। ସେଠାରୁ ଜିଲା ସଂଗ୍ରହାଳୟ ବୁଲି ଦେଖିବା ସହ ସେଠାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଠାରୁ ୫-ଟି ସଚିବ ସଡ଼କପଥରେ ହରଭଙ୍ଗା ବ୍ଲକକୁ ଗସ୍ତକରି ବାମଣ୍ଡା ନିକଟସ୍ଥ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହ ଏକ ସଭା କରିଥିଲେ। ସେଠାରେ ଜିଲାର ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଶିକ୍ଷା ନେଇ ଆଲୋଚନା କରିବା ସହ ଜିଲାର ମହାବିଦ୍ୟାଳୟଗୁଡ଼ିକ ୫-ଟିରେ ରୂପାନ୍ତରିତ ହେବ ବୋଲି କହିଥିଲେ। ସେଠାରୁ ୫-ଟି ସଚିବ ବଡ଼ବନ୍ଧ ଆବାସିକ କନ୍ୟାଶ୍ରମ ବୁଲି ଦେଖିବା ସହିତ ଛାତ୍ରୀମାନଙ୍କ ସହ ଶିକ୍ଷା ନେଇ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ସହ ସଚିବ ବସିଖାଇଥିଲେ। ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ଭୈରବୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ମନ୍ଦିର ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। ସେଠାରୁ ଭୈରବୀ ମିନିଷ୍ଟାଡିୟମଠାରେ ଏକ ସଭାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହ ମନ୍ଦିର, କମ୍ୟୁନିଟି ସେଣ୍ଟର,ଚର୍ଚ୍ଚ, ମସ୍‌ଜିଦର ସମସ୍ୟା ପୂରଣ ହେବା ନେଇ କଥାକୁ ଦୋହରାଇଥିଲେ। ସମସ୍ତ ସଭାସ୍ଥଳରେ ବହୁ ସଂଖ୍ୟାରେ ମହିଳା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ। ସଚିବଙ୍କ ଗସ୍ତ ସମୟରେ ପୂର୍ବତନ ଜିଲାପାଳ ସତ୍ୟରଞ୍ଜନ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମହେର, ସମସ୍ତ ବ୍ଲକର ବିଡିଓ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୋର୍ଡ ସାର୍ଟିଫିକେଟ ଦେବାକୁ ଟଙ୍କା ଆଦାୟ: ପ୍ରଧାନ ଶିକ୍ଷକ ନିଲମ୍ବିତ

ମାଲକାନଗିରି,୫।୭(ଦୁର୍ଯ୍ୟୋଧନ ପାତ୍ର)/ପଡିଆ,(ଭାସ୍କର ରାଓ)

ବୋର୍ଡ ସାର୍ଟିଫିକେଟ ଦେବା ପାଇଁ ଟଙ୍କା ମାଗୁଥିବା ଭିଡିଓ ଭାଇରାଲ ହେବା ପରେ ମାଲକାନଗିରି ଜିଲା ଗଠନପାଲି ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଜଳନ୍ଧର ବେହେରା ବୁଧବାର ନିଲମ୍ବିତ ହୋଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ଗଠନପାଲି ସ୍ଥିତ ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୨୨ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ଶନିବାର ଏହି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ସ୍କୁଲ ଲିଭିଂ ସାର୍ଟିଫିକେଟ, ମାଇଗ୍ରେସନ୍, କଣ୍ଡକ୍ଟ ଓ ବୋର୍ଡ ସାର୍ଟିଫିକେଟ ଆଦି ଦିଆଯାଉଥିଲା। ତେବେ ଏହାକୁ ଦେବା ପାଇଁ ପ୍ରଧାନ ଶିକ୍ଷକ ଜଳନ୍ଧର ୮ଜଣ ଗରିବ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କଠାରୁ ୧ ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ପ୍ରଧାନ ଶିକ୍ଷକ ଟଙ୍କା ନେଉଥିବା ସମୟର ଦୃଶ୍ୟ ଜଣେ ଛାତ୍ର ନିଜ ମୋବାଇଲରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ମୋ ସ୍କୁଲ ଅଭିଯାନ ପାଇଁ ୮ଜଣ ପିଲାଙ୍କଠାରୁ ୧ ହଜାର ଟଙ୍କା ଲେଖାଏ ଆଦାୟ କରାଯାଇଥିବା ନେଇ ପ୍ରଧାନ ଶିକ୍ଷକ କହିଥିଲେ। ପରେ ପିଲାଙ୍କ ବାକି ଥିବା ଟଙ୍କା ଆଦାୟ କରିଥିବା କହିବା ସହ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି କହିଛନ୍ତି। ଏନେଇ ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ଏ ବିଷୟରେ ସୂଚନା ପାଇଛି। ଘଟଣାର ତଦନ୍ତ କରାଯାଇ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ସେ କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
for Booking Contact: 0674-2580385, 8637260816, 7894447167, 9338226625

**ଲୋନ୍! ଲୋନ୍! ଲୋନ୍!**
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ
ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କୋଲାବ ବ୍ରିଜ୍ ଉପରେ ସ୍କୁଟି ରଖି ଡାକ କର୍ମଚାରୀ ନିଖୋଜ

**ଜଳଭଣ୍ଡାରରେ ୨୪ ଘଣ୍ଟା ଖୋଜି ପାଇଲେନି ଅଗ୍ନିଶମ କର୍ମଚାରୀ**

କୋରାପୁଟ/ସୁନାବେଡ଼ା ୫।୭
(ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଥାନା ଅନ୍ତର୍ଗତ ଘାଟଗୁଡ଼ା ବ୍ରିଜ୍ ଉପରେ ଗାଡ଼ି ରଖି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଉଛନ୍ତି କୋରାପୁଟ ଗାନ୍ଧିନଗରଠାରେ ରହୁଥିବା ପି.ସତ୍ୟନାରାୟଣଙ୍କ ପୁଅ ପି. ସନ୍ତୋଷ କୁମାର। ସେ ସେମିଳିଗୁଡ଼ାରେ ଡାକ କର୍ମଚାରୀ ରୂପେ କାର୍ଯ୍ୟ କରନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାବେଳେ ସନ୍ତୋଷ କୋଲାବ ଜଳଭଣ୍ଡାର ଉପର ବ୍ରିଜ୍ ଉପରେ ନିଜ ସ୍କୁଟି ରଖି କେଉଁଆଡ଼େ ଚାଲି ଯାଇଥିଲେ। ଏନେଇ ଖବର ପାଇ ସୁନାବେଡା ପୋଲିସ ଘଟଣାସ୍ଥଳକୁ ଯାଇ ସ୍କୁଟି ଜବତକରି ସେମିଳିଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି କୋଲାବ ଜଳଭଣ୍ଡାରରେ ଖୋଜାଖୋଜି କରିଥିଲେ। ଦୀର୍ଘ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଖୋଜିବା ପରେ ମଧ୍ୟ ସନ୍ତୋଷଙ୍କ କୌଣସି ପତ୍ତା ମିଳି ନ ଥିବା ଜଣାପଡିଛି। ତେବେ ଘରୋଇ କଳିରୁ ସନ୍ତୋଷ ବ୍ରିଜ୍ ଉପରେ ଗାଡି ରଖି କେଉଁଆଡେ ଚାଲିଯାଇଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ସେ ବ୍ୟବହାର କରୁଥିବା ମୋବାଇଲ ଫୋନ ବର୍ତ୍ତମାନ ବନ୍ଦ ରହିଛି। ବୁଧବାର ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ସୁନାବେଡ଼ା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

**Classified Everyday**
0674-2580101, 2549949





**SALE**

Litigation free plot for sale near KIIT University or near Ashok Leyland, Chandaka Road side. Anyone to purchase please Contact: 8249742867 or 9853821712. D-0732

**Kalinga stadium** ସାମ୍ନା **BDA Nico park** ରାସ୍ତାର ସୁନାଦେଇ ମନ୍ଦିର ନିକଟରେ **5500 sqft.** ର ଦୁଇ ମହଲା ଘର **(125 Decimil)** ବିକ୍ରି ହବ। ଯୋଗାଯୋଗ: **9937138533, 7978005735.** D-0737

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





04 BHK Four Flats Suitable Office Guestroom Hostel Residential Hi-tech Sundarpada- 8093199489. D-0749

Tolet at Patharagadia on Ganesh Vihar road side near to KIIMS, KIISS, DLF, Cybercity Infosys, Silicon Ground floor 1400 sqft. 2 BHK, 2 bathroom, pooja gruha, 2nd Floor- 1600 sqft. 3 BHK, 4 bathroom, pooja gruha and parking. Contact: 6371096067. D-0753





Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74700

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Salon /Spa with expert therapist (Health Benefits). 9090400507. D-75126

Herbal full body massage by smart/expert therapist. Contact: 9040171280. D-74699

Spa Kerala Body Massage only best Therapist @699/- Bhubaneswar, 9337672475. D-0750

Newly open Spa positively health benefits with expert therapist. 9040286886. D-75127

**AFFIDAVIT**

By an affidavit sworn before the Notary Public, Sambalpur, I Chandrika Ben Patel, R/o. Nayapara, Golebazar, At/P.O./Dist.- Sambalpur-768001 (Odisha) declare that my name has been wrongly mentioned as Money Patel instead of Chandrika Ben Patel in the share certificate. That both the name belongs to one and same person. D-0751

I, Satrughna Khilar (49 years), S/o- Late Murali Khilar, Village-Acharyanagar (Bonthchhak), P.S./Dist.- Bhadrak, Odisha. I affirm that my daughter's actual name spelling is Lipaksi Khilar according Aadhaar card and birth certificate. But in my Ex-Army service discharge book my daughter's name spelling has been mentioned as Lipakshi Khilar. That I am swearing this affidavit purpose of correction my daughter's name spelling as Lipaksi Khilar. D-0754

Your classified advertisement published in Dharitri will be listed free in Dharitri online edition: **dharitriepaper.in**

**ବିବାହ ବନ୍ଧନର ଶୁଭକାମନା**



**ଶ୍ରୀ ସତ୍ୟକାମ ପଟ୍ଟନାୟକ**
**ଶ୍ରୀମତୀ ପ୍ରଣତୀ ବିଶ୍ୱାଳ**

ବିଦ୍ୟା, ବୁଦ୍ଧି, ଚିନ୍ତା ଓ ଚେତନା ଊର୍ଦ୍ଧ୍ୱଗାମୀ ହେଲେ ଜ୍ଞାନ ଉଦୟ ହୁଏ। ଉତ୍କୃଷ୍ଟ ଜ୍ଞାନ ବିଜ୍ଞାନକୁ ସମ୍ଭବ କରାଏ। କିନ୍ତୁ ବିଜ୍ଞାନର ସାଧନା ପଥ ସହଜସାଧ୍ୟ ନୁହେଁ। ତୋ ପରି ଜଣେ ବିଜ୍ଞାନୀର ଏପରି ଜଟିଳ ପଥକୁ ସୁଗମ୍ୟ କରିବା ପାଇଁ ପ୍ରଣତୀର ଊର୍ଦ୍ଧ୍ୱଗାମୀ ଚେତନା ପରମାତ୍ମାଙ୍କଠାରେ ସଞ୍ଜ ସକାଳରେ ପ୍ରଣତି ଜାଙ୍କୁଛି। ଏପରି ପରାପ୍ରର ସମ୍ପର୍କ ଇହକାଳ ଓ ପରକାଳରେ ଚିରନ୍ତନ ହେବା ପାଇଁ ବୋଉ ବାପାଙ୍କର ଶ୍ରୀରଙ୍ଗା ଚରଣରେ ନିବେଦନ।
D-0746

**ବିବାହ ବନ୍ଧନର ଶୁଭକାମନା**



**ଶ୍ରୀ ରାଜୀବ ଦୁଗଲ**
**ଶ୍ରୀମତୀ ସମୀକ୍ଷା ଦୁଗଲ**

ଏକ ସଫଳ ଜୀବନ ପ୍ରାପ୍ତି ପାଇଁ ସତ୍‌ଚିନ୍ତା, ସତ୍‌କର୍ମ, କଠିନ ପରିଶ୍ରମ ସହିତ ପବିତ୍ର ଐଶ୍ୱରିକ ଚିନ୍ତା ଓ ଅନୁଭୂତି ପାଇଁ ବେଦ, ପୁରାଣ ପଠନ, ସତ୍‌ସଙ୍ଗ, ଧ୍ୟାନ, ପ୍ରାର୍ଥନା ଓ ସଦ୍‌ଗୁରୁ ସାନିଧ୍ୟ ଅତ୍ୟନ୍ତ ଜରୁରୀ। ତୁମ ଦୁହିଁଙ୍କ ଜୀବନ ଚର୍ଯ୍ୟାରେ ଏସବୁ ଅଭ୍ୟାସ ପ୍ରତିଫଳିତ ହେଉଛି। ଆମେ ଆନନ୍ଦିତ। ଏହା ଭଗବାନଙ୍କ ଆଶୀର୍ବାଦ। ଅଧିକ ମାତ୍ରାରେ ଓ ବ୍ୟାପକ ପରିପ୍ରେକ୍ଷୀରେ ଏହାର ପ୍ରୟୋଗକରି ସୁଖ, ଶାନ୍ତି ଓ ଖ୍ୟାତି ଅର୍ଜନ କରିବା ପାଇଁ ବୋଉ ଓ ବାପାଙ୍କର ରଙ୍ଗାଧରଙ୍କ ପଦ୍ମପୟରରେ ବିନୟ ପ୍ରାର୍ଥନା।
D-0747

**LEGAL NOTICE**

**ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର**
**ଆର୍.ପି. କେସ୍ ନଂ.-୮୭୯/୨୦୧୫**

ସାଧନା ରଥ ... ... ... ବାଦୀ
ବନାମ
ଗଣପତି ଇଷ୍ଟକୋନ୍ (ପି) ଏଲ୍.ଟି.ଡି. ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

**ନୋଟିସ ସି.ପି.ସି. ଅର୍ଡର -୫ ରୁଲ୍-୨୦ ମୁତାବକ**

୧. ଗଣତି ଇଷ୍ଟକୋନ (ପି) ଏଲ୍.ଟି.ଡି. ଉପସ୍ଥାପନ କରୁଛନ୍ତି ଏହାର ନିର୍ଦ୍ଦେଶକ ଜ୍ୟୋତିରମୟ ଦାସ, ପିତା ପ୍ରଫୁଲ୍ଲ କୁମାର ଦାସ, ସା./ପୋଷ୍ଟ- ବିଂଛୁଆ, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା
୨. ପ୍ରଶାନ୍ତ ବେହେରା, ପିତା ବାହୁଡ଼ି ବେହେରା, ସା. ରଙ୍ଗମାଟିଆ (ଉପର ସାହି), ପୋଷ୍ଟ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ଗାଡ଼କନ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୩. ଧଡ଼ିଆ ବେହେରା
୪. ଧନେଶ୍ୱର ବେହେରା,ପିତା ସ୍ୱର୍ଗତ ଜାତୁ ବେହେରା
୫. କୁନି ଦେବୀ, ସ୍ୱାମୀ- ନକୁଳ ପଣ୍ଡା, ସା./ପୋଷ୍ଟ- ହରିରାଜପୁର, ଥାନା- ବାଙ୍କୀ- ୭୫୪୦୦୭୮, ଜିଲ୍ଲା- କଟକ

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୧, ୨, ୩, ୪ ଏବଂ ୭ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୦।୮।୨୦୨୩ ଦିବା ୦୨.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ସମ୍ପତ୍ତିର ବିବରଣୀ**

ମୌଜା- ଗାଡ଼କନ, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

| ସାବକ ଖାତା ନଂ. | ସାବକ ପ୍ଲଟ୍ ନଂ. | ଏରିଆ | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. | ଏରିଆ |
|---|---|---|---|---|---|
| ୯୧୩ | ୨୯୩୪ | ଏ.୦.୦୪୫. ୯୧ଡ଼ି. | ୨୫୦୧ | ୬୪୬୮ | ଏ.୦.୦୪୫. ୯୧ଡ଼ି. |

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

**ଅତିରିକ୍ତ କମିଶନର ଅଦାଲତ ନଂ. ୩ଙ୍କ ଆଦେଶକ୍ରମେ**
**ସ୍ୱା./- (କୋର୍ଟ ଅଧିକାରୀ)**
ଧ-୦୭୫୨

# କଲରାପତରିଆ ବାଘ ଶିକାର: ୧୧ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବାଘଛାଲ(ଇନ୍‌ସେଟ୍)।

ରାଇକିଆ, ୫।୭(ପ୍ରଦୀପ ବେହେରା)

କଲରାପତରିଆ ବାଘ ଶିକାର ଅଭିଯୋଗରେ କନ୍ଧମାଳ ଜିଲା ରାଇକିଆ ବ୍ଲକ ବଡ଼ବାରବା ରେଞ୍ଜର ବାଦଗଡ ଗ୍ରାମର ୧୧ ଜଣଙ୍କୁ ବୁଧବାର ବନ ବିଭାଗ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦଗଡ ଗ୍ରାମର ଭୀଷ୍ମ ବିଷୋୟୀ, ପରୀ ବିଷୋୟୀ, ସୁନୀଲ ବିଷୋୟୀ, ଉତ୍ସ ଦଳବେହେରା, ପ୍ରଦୀପ ଦଳବେହେରା, ବାବୁ ଭୂୟାଁ, ଗରିବ ନାୟକ, ସୀମାଞ୍ଚଳ ନାୟକ, ଭଗବାନ ଦଳବେହେରା, ଚନ୍ଦ୍ରକେତୁ ନାୟକ ଓ ଭିକା ନାୟକ।

ପ୍ରକାଶ ଯେ, ବାଦଗଡ ଗ୍ରାମ ନିକଟ ଜଙ୍ଗଲରେ ଏକ କଲରାପତରିଆ ବାଘ ବୁଲୁଥିଲା। ସେ ଗାଁର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଆହତ କରିଥିବା ନେଇ ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଥିଲା। ଏହା ଶୁଣି ଅଭିଯୁକ୍ତମାନେ ଜଙ୍ଗଲକୁ ଯାଇ ମିଳିତ ଭାବେ ବାଘକୁ ଆକ୍ରମଣ କରିଥିଲେ। ସଂଘବଦ୍ଧ ଆକ୍ରମଣର ଶିକାର ହୋଇ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତମାନେ ବାଘର ଛାଲ ବାହାର କରିବା ସହ ଦାନ୍ତ ଓ ନଖ ଉପାଡ଼ି ଦେଇଥିଲେ। ଖବର ପାଇ ବନ ବିଭାଗ ତରଫରୁ ଗ୍ରାମରେ ଚଢ଼ାଉ କରାଯାଇ ବାଘଛାଲ, ମାଂସ, ନଖ, ଦାନ୍ତ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ସମସ୍ତ ୧୧ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଫୁଲବାଣୀ ଡିଏଫ୍‌ଓ ପ୍ରକାଶ ପଟେଲ କହିଛନ୍ତି। ଚଢ଼ାଉ ବେଳେ ଏସିଏଫ୍ ମଳୟ ରଞ୍ଜନ କାଲୋ, ବଡ଼ବାରବା ରେଞ୍ଜର ବିରଞ୍ଚି ନାରାୟଣ ପଣ୍ଡା, ରାଇକିଆ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, ଫରେଷ୍ଟର ଅଜିତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ଗଙ୍ଗାଧର ମିଶ୍ର**
ଶ୍ରୀଲୋକନାଥ ଲଜିଂ, ବଡ଼ଦାଣ୍ଡ, ପୁରୀ-୧
ଆବିର୍ଭାବ: ୦୬।୦୫।୧୯୪୩
(ବୈଶାଖ ଶୁକ୍ଳପକ୍ଷ ୨ୟା)
ତିରୋଧାନ: ୧୬।୦୭।୨୦୨୨
(ଶ୍ରାବଣ କୃଷ୍ଣପକ୍ଷ ୪ର୍ଥୀ)
"ତୁମେ ଆଜି ନାହଁ ଆମ ଗହଣରେ, ପାର୍ଥିବ ରୂପ ନେଇ ରହିଥିବ କିନ୍ତୁ ସ୍ମୃତିରେ ଆମର ଚିର ଅମଳିନ ହୋଇ।"
ଶ୍ରଦ୍ଧାଞ୍ଜଳି ସହ- ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୦୭୪୫

# ପଛୁଆ ବର୍ଗଙ୍କ ସଂରକ୍ଷଣ ଦାବିରେ ଓଡ଼ିଶା ପଛୁଆ ବର୍ଗ କମିଶନଙ୍କୁ ଭେଟିଲେ ୧୦ ଦଳର ସଦସ୍ୟ

ଭୁବନେଶ୍ୱର, ୫।୭(ସୁନିତ୍ ମିଶ୍ର)

ଓଡ଼ିଶା ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ପଛୁଆବର୍ଗର ଲୋକ। କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ, ଏହି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଆଦୌ ସ୍ଥାନ ସଂରକ୍ଷଣ ଦିଆଯାଇନାହିଁ। ୨୦୦୫ରୁ କେନ୍ଦ୍ର ସରକାର ଏହି ବର୍ଗର ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ଦେଇଥିବା ସ୍ଥଳେ ଓଡ଼ିଶାରେ ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା ଏହି ବର୍ଗଙ୍କ ପ୍ରତି ଚରମ ଅବହେଳା ଓ ଅନ୍ୟାୟ ବୋଲି ଓଡିଶା ପଛୁଆ ବର୍ଗ କମିଶନଙ୍କୁ ୧୦ଟି ଦଳର ସଦସ୍ୟମାନେ ଯାଇ ଭେଟିବା ସହ ଦାବି ରଖିଛନ୍ତି। ପଛୁଆବର୍ଗଙ୍କୁ ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ଦିଆଯାଉଛି, ଯାହା ଅତିକମରେ ୫୪% ହେବା କଥା। ପଛୁଆ ବର୍ଗଙ୍କୁ ଅତିକମରେ ୨୭% ସଂରକ୍ଷଣ ଦିଆଯାଉ। ଏହା ନ ହେବା ଯୋଗୁ ଏହି ବର୍ଗର ପ୍ରାୟ ୫ ଲକ୍ଷ ପିଲାମାନେ ସରକାରୀ ଚାକିରୀରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରୁ ନାମଲେଖା ଆରମ୍ଭ ହେବାକୁ ଥିବାରୁ ତୁରନ୍ତ ଏଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ରିହାତିରେ ତେଲ କିଣି ତୈଳ କମ୍ପାନୀ ଲାଭବାନ

## ରୁଷିଆରୁ ତେଲ ଆଣି ୭ ବିଲିୟନ ଡଲାର ସଞ୍ଚୟ



ନୂଆଦିଲ୍ଲୀ,୫।୭ (ଅଭୟ ଦାଶ)

ଗତ କିଛି ବର୍ଷ ହେବ ଭାରତୀୟ ତୈଳ କମ୍ପାନୀଗୁଡିକ ରୁଷିଆରୁ ତେଲ କିଣି ବ୍ୟାପକ ଲାଭବାନ ହୋଇଛନ୍ତି। ବିଶେଷ କରି ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ବିଭିନ୍ନ ରାଷ୍ଟ୍ର ରୁଷିଆ ଉପରେ କଟକଣା ଲାଗୁ କରିଥିଲେ। ଏପରିକି ବିଭିନ୍ନ ରାଷ୍ଟ୍ରର ଧମକ ଓ ଆର୍ଥିକ କଟକଣା ଯୋଗୁ ରୁଷିଆ ଭାରତକୁ ଶସ୍ତାରେ ତେଲ ଯୋଗାଇ ଦେଇଥିଲା। ଫଳରେ ଭାରତୀୟ ତୈଳକମ୍ପାନିଗୁଡ଼ିକ ବିଗତ ୩ ବର୍ଷ ମଧ୍ୟରେ ବିପୁଳ ପରିମାଣର ତୈଳ ଆମଦାନୀ କରି ବେଶ୍ ଲାଭ କମାଇଛନ୍ତି। ହେଲେ ଉକ୍ତ ଆମଦାନୀର ସୁଫଳ ସାଧାରଣ ଖାଉଟିଙ୍କ ନିକଟକୁ ଯାଇନାହିଁ। ଫଳରେ ଖାଉଟିଗତ ୨ ବର୍ଷ ହେବ ଉଚ୍ଚ ଦରରେ ଉଭୟ ପେଟ୍ରୋଲ ଓ ଡିଜେଲ ଏବଂ ପେଟ୍ରୋଲଜାତ ସାମଗ୍ରୀ ଆଦି କିଣୁଛନ୍ତି। ଅପରପକ୍ଷରେ ଜାତୀୟ ଗଣମାଧ୍ୟମର ଏକ ରିପୋର୍ଟ ଅନୁସାରେ ରୁଷିଆରୁ ଭାରତ ଶସ୍ତା ମୂଲ୍ୟରେ ଅଶୋଧିତ ତୈଳ ଆମଦାନୀ କରୁଥିବାରୁ ଭାରତୀୟ ତୈଳକମ୍ପାନିଗୁଡ଼ିକ ଗତ ୧୪ ମାସ ମଧ୍ୟରେ ପ୍ରାୟ ୭.୧୭ ବିଲିୟନ ଡଲାରର ଅର୍ଥ ସଞ୍ଚୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୨ ଏପ୍ରିଲରୁ ୨୦୨୩ ମେ ମଧ୍ୟରେ ଭାରତୀୟ ତୈଳ କମ୍ପାନୀଗୁଡିକ ପ୍ରାୟ ୫୭,୫୦୦ କୋଟି ଟଙ୍କାର ଅର୍ଥରାଶି ସଞ୍ଚୟ କରିଛନ୍ତି। ବିଶେଷ କରି ଭାରତ ବିଶ୍ୱର ୩ୟ ବୃହତ ତୈଳ ଆମଦାନୀକାରୀ ଦେଶ ହୋଇଥିବାବେଳେ ପ୍ରାୟ ୮୫% ଅଶୋଧିତ ତୈଳ ଆବଶ୍ୟକ କରିଥାଏ।

ଅପରପକ୍ଷରେ ୨୦୨୨ ଫେବୃୟାରୀ ଶେଷ ବେଳକୁ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ବଢିବାରୁ ରୁଷିଆ ଉପରେ ଅନେକ ଦେଶ କଟକଣା ଜାରି କରିଥିଲ କିନ୍ତୁ ଭାରତ ସେହି ସମୟରେ ରୁଷିଆଠାରୁ ସୁଲଭ ମୂଲ୍ୟରେ ତେଲ କିଣିବା ଆରମ୍ଭ କରିଥିଲା ହେଲେ ବର୍ତ୍ତମାନ ସୁଦ୍ଧା ମଧ୍ୟ ଭାରତୀୟ ଗ୍ରାହକ ଉକ୍ତ ତେଲର ସୁବିଧା ପାଇପାରିଲେ ନାହିଁ କି ଗ୍ରାହକଙ୍କ ନିକଟକୁ ଶସ୍ତା ତେଲର କୌଣସି ସୁଫଳ ପହଞ୍ଚୁନାହିଁ, ଏହାକୁ ନେଇ ସାରା ଦେଶରେ ଅସନ୍ତୋଷ ସୃଷ୍ଟି ହେଉଛି। ଉକ୍ତ ରିପୋର୍ଟ ଅନୁଯାୟୀ ୨୦୨୨ ଏପ୍ରିଲରୁ ୨୦୨୩ ମେ ମଧ୍ୟରେ ଭାରତର ମୋଟ ଅଶୋଧିତ ତୈଳ ଆମଦାନୀ ବିଲ୍ ୧୮୬.୪୫ ବିଲିୟନ ଡଲାର ରହିଥିଲା। ଏପରିକି ଯଦି ଭାରତ ସେହି ଅଶୋଧିତ ତୈଳକୁ ଅନ୍ୟ ଏକ ଯୋଗାଣକାରୀ ଦେଶରୁ ଆମଦାନୀ କରିଥାନ୍ତା, ତେବେ ଭାରତକୁ ୧୯୬.୬୨ ବିଲିୟନ ଡଲାର ଦେବାକୁ ପଡ଼ିଥାନ୍ତା।

ସୂଚନାଯୋଗ୍ୟ, ଗତ ୧୪ ମାସ ମଧ୍ୟରେ ରୁଷିଆରୁ ଭାରତ ପ୍ରାୟ ୪୦ବିଲିୟନ ଡଲାରର ଅଶୋଧିତ ତୈଳ ଆମଦାନୀ କରିଛି। ବିଶେଷ କରି ଭାରତ ଉପରୋକ୍ତ ପରିମାଣର ଅଶୋଧିତ ତୈଳ ବ୍ୟାରେଲ ପିଛା ୭୯.୭୫ ଡଲାର ମୂଲ୍ୟରେ କିଣିଥିଲା ଯାହା କି ଅନ୍ୟ ଦେଶର ହାରାହାରି ମୂଲ୍ୟ ତୁଳନାରେ ବ୍ୟାରେଲ ପିଛା ୧୪.୫ ଡଲାର ଶସ୍ତା ବୋଲି ରିର୍ପୋଟରେ ଉଲ୍ଲେଖ କରାଯାଇଛି।

# ଭି ପକ୍ଷରୁ ସୁପର ଡାଟା ପ୍ୟାକ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୫।୭

ଦେଶର ପ୍ରମୁଖ ଟେଲିକମ୍ ଅପରେଟର ଭି ପକ୍ଷରୁ ସୁପର ଡାଟା ପ୍ୟାକ୍‌ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକଙ୍କ ଡାଟାର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ଲାଗି ଘଣ୍ଟା ପିଛା ଓ ଦୈନିକ ବ୍ୟବହାର ପାଇଁ ସୁପର ଡାଟା ପ୍ୟାକ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାହକମାନେ ବ୍ୟବହାର କରୁଥିବା ଡାଟାର ପରିମାଣ ବଢ଼ିବାରେ ଲାଗିଛି। ତାହାକୁ ଦୃଷ୍ଟିରେ ରଖି ଭି ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ସାସେ ଡାଟା ପ୍ୟାକ୍ ସୁପର ଆୱାର ଓ ସୁପର ଡେ'ର ଶୁଭାରମ୍ଭ କରାଯାଇଛି। ଭିର ସୁପର ଆୱାର ଡାଟା ପ୍ୟାକ୍‌ର ମୂଲ୍ୟ ୨୪ ଟଙ୍କା ରହିଥିବା ବେଳେ ସେଥିରେ ୬୦ ମିନିଟ୍ ପାଇଁ ଅସୀମିତ ଡାଟା ମିଳିବ। ସେହିପରି ସୁପର ଡେ' ପ୍ୟାକ୍‌ର ମୂଲ୍ୟ ୪୯ଟଙ୍କା ଥିବା ବେଳେ ସେଥିରେ ୨୪ ଘଣ୍ଟା ପାଇଁ ୬ ଜିବି ଡାଟା ମିଳିବ। ଅଧିକ ଡାଟା ବ୍ୟବହାର କରୁଥିବା ଯୁବପିଢିଙ୍କୁ ଦୃଷ୍ଟିରେ ରଖି ଏହି ସାସେ ଡାଟା ପ୍ୟାକ୍‌ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି।

# ପ୍ରଥମ ତ୍ରୈମାସରେ ସୋନାଲିକାର ୪୦,୭୦୦ ଟ୍ରାକ୍ଟର ବିକ୍ରି

ଭୁବନେଶ୍ୱର,୫।୭



ରମଣ ମିତ୍ତଲ

ଦେଶର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ ୪୦,୭୦୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏପରିକି ଆର୍ଥିକ ବର୍ଷର ସର୍ବୋଚ୍ଚ ତ୍ରୈମାସିକ ବିକ୍ରି ରେକର୍ଡ ହାସଲ ସହ ଘରୋଇ ଶିଳ୍ପ ଅଭିବୃଦ୍ଧିକୁ ମଧ୍ୟ ପଛରେ ପକାଇଛି। ବିଶେଷକରି କୃଷକଙ୍କ ଆବଶ୍ୟକତା ପୂରଣ କରିବା ସହିତ ଉଦ୍ଭାବନ କ୍ଷେତ୍ରରେ କମ୍ପାନୀ ମଜଭୁତ ସାମ୍ରାଜ୍ୟ ବଜାୟ ରଖିଛି। ସେହିଭଳି ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟର ଓ ଅଞ୍ଚଳକୈନ୍ଦ୍ରିକ ଆଭିମୁଖ୍ୟ ଏହାର ଅଭିବୃଦ୍ଧି ବେଗକୁ ଆଗକୁ ବଢିବାରେ ସାହାଯ୍ୟ କରିଛି। ସେହିପରି କୃଷକମାନଙ୍କୁ ଶକ୍ତିଶାଳୀ କରିବା ସହିତ ସୋନାଲିକା ଟ୍ରାକ୍ଟରର ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜ ସହ ସେମାନଙ୍କୁ ସଶକ୍ତ କରିବା ପାଇଁ ଉତ୍ସାହିତ ରହିଛି, ଯାହା ଟେକ୍-ସକ୍ଷମ ଓ ସୁଲଭ କୃଷିକୁ ସୁନିଶ୍ଚିତ କରୁଛି, ବିଶ୍ୱର ଏକ ନମ୍ବର ଟ୍ରାକ୍ଟର ଉତ୍ପାଦନକାରୀ କାରଖାନାରେ ନିର୍ମିତ ସୋନାଲିକାର ୨୦-୧୨୦ ଏଚ୍‌ପି ମଧ୍ୟରେ ବିସ୍ତୃତ ଟ୍ରାକ୍ଟର ରେଞ୍ଜକୁ ୧୫୦ରୁ ଅଧିକ ଦେଶର ୧୪ ଲକ୍ଷରୁ ଅଧିକ କୃଷକ ବିଶ୍ୱାସ କରୁଛନ୍ତି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କମ୍ପାନୀ ୪୦,୭୦୦ ୟୁନିଟ ଟ୍ରାକ୍ଟର୍ ବିକ୍ରି କରିବା ସହ ଘରୋଇ ଶିଳ୍ପ ଅଭିବୃଦ୍ଧିକୁ ଅତିକ୍ରମ କରିବା ପାଇଁ ସକ୍ଷମ ହୋଇଛି।

# ଟ୍ରିମ୍‌ସ ପଲିଟେକ୍‌ନିକର ମେଗା କ୍ୟାମ୍ପସ ଚୟନ

ଭୁବନେଶ୍ୱର,୫।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଟ୍ରିମସ ଗ୍ରୁପର ସହଯୋଗୀ ଅନୁଷ୍ଠାନ ଟ୍ରିମ୍‌ସ ପଲିଟେକନିକ ପକ୍ଷରୁ ନିକଟରେ ଏକ ମେଗା କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କ୍ୟାମ୍ପସ ଚୟନରେ ଟ୍ରିମ୍‌ସ ପଲିଟେକ୍‌ନିକର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ବିଶେଷ କରି ୨୦୨୩ ବ୍ୟାଚ୍ ପାଇଁ ଏହି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ମେକାନିକାଲ, ଇଲେକ୍ଟ୍ରିକାଲ, ସିଭିଲ, କମ୍ପ୍ୟୁଟର ସାଇନ୍ସ ଏବଂ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ ଇଂଜିନିୟରିଂ ବିଭାଗର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେବା ସହ କ୍ୟାମ୍ପସ ଚୟନରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉକ୍ତ ସଫଳତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଟ୍ରିମସ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଂଜନ ମହାନ୍ତି, ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ, ସିଡିସିର ନିର୍ଦ୍ଦେଶକ ରମାକାନ୍ତ କାସ୍ତା, ସହ ନିର୍ଦ୍ଦେଶକ ପ୍ରାଧ୍ୟାପକ ଜିତେନ୍ଦୁ ଶତପଥୀ, ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କ୍ୟାମ୍ପସ ନିଯୁକ୍ତିଦାତା ଉଦ୍ୟୋଗ ମଧ୍ୟରେ ଟାଟା ପାୱାର, ଉଇଣ୍ଡ ୱାର୍ଲଡ, ଉଇପ୍ରୋ, ଟାଟା ଷ୍ଟିଲ, ଟାଟା କନସଲଟିଂ ଇଞ୍ଜିନିୟର୍ସ, କ୍ୟୁମିନ୍‌ସ ଇଣ୍ଡିଆ, ଏଲ୍ ଆଣ୍ଡ ଟି, ରିଜେନ୍, ବଜାଜ ଅଟୋ ଓ ଜେଏସ୍‌ପିଏଲ ଭଳି ପ୍ରମୁଖ କମ୍ପାନୀ ସାମିଲ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ।

# ଟାଟା ଷ୍ଟିଲ୍‌ର ୧୧୬ତମ ବାର୍ଷିକ ସାଧାରଣ ବୈଠକ




ଭୁବନେଶ୍ୱର,୫।୭

ଟାଟା ଷ୍ଟିଲ୍‌ର ୧୧୬ ତମ ବାର୍ଷିକ ସାଧାରଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍‌ର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ୍ ଅଂଶଧନକାରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଅଭିଭାଷଣ ଏବଂ କମ୍ପାନିର ଆର୍ଥିକ ପ୍ରଦର୍ଶନ ଓ ଭବିଷ୍ୟତ ଯୋଜନା ବିଷୟରେ ଚନ୍ଦ୍ରଶେଖରନ୍ ବିସ୍ତୃତ ଆଲୋକପାତ କରିଛନ୍ତି। ଏପରିକି ଏକ ସରଳ ଗଭର୍ନାସ ଢାଞ୍ଚା ଉପରେ କମ୍ପାନି ଗୁରୁତ୍ୱାରୋପ କରୁଛି। ଭାରତରେ ଉଭୟ ପୁଞ୍ଜି ସମ୍ପ୍ରସାରଣ ଓ ଅଧିଗ୍ରହଣ ଜରିଆରେ କମ୍ପାନି ତା'ର ବ୍ୟବସାୟକୁ ବଢ଼ାଇବା ଜାରି ରଖିବ ଏବଂ ୨୦୩୦ସୁଦ୍ଧା ଭାରତର କ୍ଷମତାକୁ ୪୦ନିୟୁତ ଟନ୍‌ରେ ପହଞ୍ଚାଇବା ଲକ୍ଷ୍ୟ ହାସଲ କରିବାକୁ କଂପାନି ଉଦ୍ୟମ କରିବ ବୋଲି ଚନ୍ଦ୍ରଶେଖରନ ମତପ୍ରକାଶ କରିଛନ୍ତି। ଯେଉଁଥିରେ କମ୍ପାନିର ବ୍ୟବସାୟ ଓ ମୂଲ୍ୟ ଶୃଙ୍ଖଳା ଡିକାର୍ବନାଇଜେସନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଭବିଷ୍ୟତରେ ଟାଟା ଷ୍ଟିଲ୍ ପାଇଁ ବିପୁଳ ସୁଯୋଗ ରହିଛି ଏବଂ ତାର ଲାଭ ହାସଲ କରିବା ଲାଗି କଂପାନି ବହୁତ ଭଲ ସ୍ଥିତିରେ ରହିଛି। ଆମର ଯାତ୍ରା ଜାରି ରହିଥିବା ବେଳେ ପରିଚାଳନା ଟିମ୍ ଗ୍ରାହକ କୈନ୍ଦ୍ରୀକତା, ପ୍ରଯୁକ୍ତି, ଡିଜିଟାଲ୍ ଓ ଦୀର୍ଘସ୍ଥାୟୀ ଅଭିଯାନ ଉପରେ ଗୁରୁତ୍ୱ ପ୍ରଦାନ କରି ବିଶ୍ୱ ଇସ୍ପାତ ଶିଳ୍ପରେ କଂପାନିର ପ୍ରତିଦ୍ୱନ୍ଦ୍ୱିତା ସ୍ଥିତିରେ ଉନ୍ନତି ଆଣୁଛନ୍ତି।

ଅପରପକ୍ଷରେ କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଅଧୀନରେ କମ୍ପାନି ୨୦୨୨-୨୩ ରେ ୪୮୧ କୋଟି ଟଙ୍କା ବ୍ୟୟ କରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍‌ର ରାଜସ୍ୱ ୧,୨୯,୦୦୭ କୋଟି ଟଙ୍କା ରହିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ ୧୫,୪୯୫ କୋଟି ଟଙ୍କା ରହିଛି। ବ୍ରିଟେନ କାରଖାନାର ୬ ବିଲିଅନ ବ୍ରିଟିଶ ପାଉଣ୍ଡ ଷ୍ଟିଲ ପେନ୍‌ସନ୍‌ସ୍କିମ୍‌ର ସମ୍ପୂର୍ଣ୍ଣ ବୀମା କରିବାରେ କମ୍ପାନି ସଫଳ ହୋଇଛି। ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଆର୍ଥିକ ବର୍ଷ ପାଇଁ କମ୍ପାନି ପକ୍ଷରୁ ଇକ୍ୱିଟି ସେୟାର ପିଛା ୩ ଟଙ୍କା ୬୦ ପଇସାର ଲାଭାଂଶ ଘୋଷଣା କରାଯାଇଛି।

# ୟୁନିୟନ୍ ବ୍ୟାଙ୍କ ପକ୍ଷରୁ ସୋଲାର ଟ୍ୟୁବ୍ ଲାଇଟ୍ ବଣ୍ଟନ

ଭୁବନେଶ୍ୱର,୫।୭

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ସାମାଜିକ କାର୍ଯ୍ୟକ୍ରମ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁପାଲି ଗ୍ରାମର ଆର୍ଥିକ ଅନଗ୍ରସର ମହିଳାମାନଙ୍କୁ ୨୦୦ ସୋଲାର ଟ୍ୟୁବ୍ ଲାଇଟ୍ ବଣ୍ଟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୟୁନିୟନ୍ ବ୍ୟାଙ୍କର ସୋସିଆଲ ଫାଉଣ୍ଡେଶନ୍ ଏବଂ ପରିଚୟ ଫାଉଣ୍ଡେଶନ୍‌ର ମିଳିତ ସହଯୋଗରେ ଉକ୍ତ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ସମ୍ବିତ ମିଶ୍ରଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମାଜର ପ୍ରତ୍ୟେକ ବର୍ଗ ପାଇଁ ବିଭିନ୍ନ ଆବଶ୍ୟକତା ଭିତ୍ତିକ ପ୍ରତିଯୋଗିତାମୂଳକ ଉତ୍ପାଦ ସହିତ ୧୪କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଉଛି ଏବଂ ସମାଜକୁ ସମର୍ଥନ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନାରେ ସକ୍ରିୟ ଅଂଶଗ୍ରହଣ କରୁଛି। ଏପରିକି ବ୍ୟାଙ୍କ କ୍ରମାଗତ ଭାବେ ସମଗ୍ର ଦେଶରେ ଏହିପରି ସିଏସ୍‌ଆର୍ କାର୍ଯ୍ୟକ୍ରମ ଆୟୋଜିତ କରି ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସାହାଯ୍ୟ କରିଆସୁଛି। ପରିଶେଷରେ ପରିଚୟ ଫାଉଣ୍ଡେଶନ୍‌ର ସଂସ୍ଥାପକ ଡ. ରୋଜାଲିନ୍ ପାଟଶାଣୀ ମିଶ୍ର ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏତାଦୃଶ କାର୍ଯ୍ୟ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଫୁରସତ୍



କଙ୍ଗନା ରଣାୱତ୍

# ୩ ମାସରେ ୩ ଫିଲ୍ମ

ମୁମ୍ବାଇ

ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବର ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ପାଇଁ ବହୁତ ଖାସ୍। କାରଣ ଏହି ୩ ମାସରେ ତାଙ୍କର ୩ ଫିଲ୍ମ ଆସିବାକୁ ଯାଉଛି। କଙ୍ଗନା ତାଙ୍କ ଆଗାମୀ ଫିଲ୍ମ 'ତେଜସ୍'ର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ସିନେମା ଅକ୍ଟୋବର ୨୦ରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ମୁଭିରେ କଙ୍ଗନା ଜଣେ ଏୟାରଫୋର୍ସ ପାଇଲଟ୍‌ର ଭୂମିକାରେ ଅଭିନୟ କରୁଛନ୍ତି। ଏଥିନେଇ ସେ ୨ ଫଟୋ ଶେୟାର କରିଛନ୍ତି। ଗୋଟିଏରେ ସେ ଏୟାରଫୋର୍ସ ପାଇଲଟ୍ ବେଶରେ ନଜରକୁ ଆସିଛନ୍ତି। ଅନ୍ୟଟିରେ ଏକ ଜଳନ୍ତା ଜିପ୍ ଆଗରେ ଆସୁଥିବା ଦେଖିବାକୁ ମିଳିଛି। କଙ୍ଗନା ତାଙ୍କର ଏହି ଫିଲ୍ମକୁ ଭାରତର ପ୍ରଥମ ଏରିୟଲ ଆକ୍ସନ ଫିଲ୍ମ ବୋଲି କହିଛନ୍ତି। ସର୍ବେସ ମିୱାରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୨୦ରେ ରିଲିଜ୍ ହେବାର ଥିଲା। ହେଲେ କରୋନା ପାଇଁ ଶୁଟିଂ ଡେରିରେ ସରିଲା। ତେବେ କଙ୍ଗନାଙ୍କ ପୋଷ୍ଟ ଦେଖି ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଏଥିସହ ତାଙ୍କର ଆଉ ଦୁଇ ସିନେମା ମଧ୍ୟରେ 'ଚନ୍ଦ୍ରମୁଖୀ' ସେପ୍ଟେମ୍ବର ୧୯ରେ ଏବଂ 'ଏମର୍ଜେନ୍ସି' ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଯାଉଛି। କଙ୍ଗନା ପ୍ରଥମ ଥର ପାଇଁ ୨୦୦୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଧାକଡ୍'ରେ ଦେଖିବାକୁ ମିଳିଥିଲା। ଏହାପରେ ଆମାଜନ ପ୍ରାଇମ ଭିଡିଓରେ ମୁଭି 'ଟିକୁ ୱେଡ୍‌ସ ସିରୁ'ରେ ନଜରକୁ ଆସିଥିଲେ। ଏଥିସହ ସେ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

# ପ୍ରାଣୀଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖିବା ଜରୁରୀ

## ବିଶ୍ୱ ଜୁନୋଜ ଦିବସ



ପ୍ରତିବର୍ଷ ଜୁଲାଇ ୬ରେ ବିଶ୍ୱ ଜୁନୋଜ ଦିବସ ପାଳନ କରାଯାଇଥାଏ। ୧୮୮୫ ମସିହାରେ ଏହିଦିନ ଫ୍ରାନ୍ସର ଜୈବବିଜ୍ଞାନୀ ଲୁଇ ପାଶ୍ଚର ଜଳାତଙ୍କ ଟିକା ବିକଶିତ କରିଥିଲେ। ତାଙ୍କ କାର୍ଯ୍ୟକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ବିଶ୍ୱ ଜୁନୋଜ ଦିବସ ପାଳନ କରାଯାଇଥାଏ। ଜୁନୋସିସ୍ ବା ଜୁନୋଟିକ୍ ରୋଗ ହେଉଛି ଏକ ସଂକ୍ରମଣ ଯାହା ପ୍ରାକୃତିକ ଭାବରେ ମେରୁଦଣ୍ଡୀ ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମିତ ହୁଏ। ପ୍ରାଣୀମାନେ ପ୍ରାୟତଃ କ୍ଷତିକାରକ ଜୀବାଣୁ ବହନ କରିପାରନ୍ତି, ଯାହା ମଣିଷଙ୍କୁ ବ୍ୟାପିଥାଏ ଏବଂ ରୋଗ ସୃଷ୍ଟି କରେ। ଏହାକୁ ଜୁନୋଜ କୁହାଯାଏ । ଏସବୁ ରୋଗ ସୃଷ୍ଟିକାରୀ ଅଣୁଜୀବଙ୍କ ମଧ୍ୟରେ ଜୀବାଣୁ, ଭୂତାଣୁ, ପରଜୀବୀ ଏବଂ କବକ ଆଦି ଜୁନୋଟିକ୍ ରୋଗ ସୃଷ୍ଟି କରିଥାନ୍ତି। ୨୦୦ରୁ ଅଧିକ ଜଣାଶୁଣା ପ୍ରକାର ଜୁନୋଜ ଅଛି, ଯାହା ମାନବଠାରେ ନୂତନ ଏବଂ ବିଦ୍ୟମାନ ରୋଗର ଏକ ବୃହତ୍ ଅଂଶକୁ ନେଇ ଗଠିତ। ଜଳାତଙ୍କ ହେଉଛି ଏକ ଜୁନୋଟିକ୍ ରୋଗ ଯାହାକୁ ଟିକାକରଣ ଏବଂ ଅନ୍ୟାନ୍ୟ ପଦ୍ଧତି ମାଧ୍ୟମରେ ଶତ ପ୍ରତିଶତ ରୋକାଯାଇପାରିଥାଏ। ଜୁନୋଟିକ୍ ପାଥୋଜେନ୍ ସିଧାସଳଖ ଯୋଗାଯୋଗ କିମ୍ବା ଖାଦ୍ୟ, ଜଳ କିମ୍ବା ପରିବେଶ ମାଧ୍ୟମରେ ମଣିଷକୁ ବ୍ୟାପିପାରେ ଏବଂ ସମଗ୍ର ବିଶ୍ୱରେ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ସଙ୍କଟ ସୃଷ୍ଟି କରିଥାଏ। କରୋନା ମହାମାରୀ ପରେ କିଭଳି ପରବର୍ତ୍ତୀ ମହାମାରୀକୁ ରୋକାଯିବ ସେ ନେଇ ଏହି ଦିବସ ପାଳନ ଅବସରରେ ଗୁରୁତ୍ୱାରୋପ କରାଯାଇଛି। ଜୁନୋଟିକ୍ ରୋଗ ମଣିଷକୁ କିପରି ନ ବ୍ୟାପିବ ସେ ନେଇ ବିଶ୍ୱର ବିଭିନ୍ନ ଦେଶ ପକ୍ଷରୁ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯାଇଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ପି) ଏବଂ ଅନ୍ତର୍ଜାତୀୟ ପ୍ରାଣୀ ସମ୍ପଦ ଅନୁସନ୍ଧାନ ପ୍ରତିଷ୍ଠାନ (ଆଇଏଲ୍‌ଆର୍‌ଆଇ)ର ମିଳିତ ପ୍ରୟାସରେ ଭବିଷ୍ୟତରେ ମହାମାରୀକୁ ରୋକିବା ପାଇଁ ୧୦ଟି ସୁପାରିସ ଉପସ୍ଥାପନ କରାଯାଇଛି। ଏହା ଜୁନୋଟିକ୍ ରୋଗର ବୃଦ୍ଧି ଘଟୁଥିବା ୭ଟି ଧାରାକୁ ଚିହ୍ନଟ କରିଛି। ଏହି ରିପୋର୍ଟ ଅନୁଯାୟୀ, ଇବୋଲା ଆକ୍ରାନ୍ତ ସମେତ ଅନେକ ଜୁନୋଟିକ୍ ମହାମାରୀକୁ ଅନୁଭବ କରିଥିବା ଏବଂ ପ୍ରତିକ୍ରିୟା ରଖିଥିବା ଆଫ୍ରିକା ଭବିଷ୍ୟତରେ ହେଉଥିବା ରୋଗକୁ ଦୂରକରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସମାଧାନର ଉତ୍ସ ହୋଇପାରେ। ଏହି ରିପୋର୍ଟରେ ୭ଟି ମାନବ-ମଧ୍ୟସ୍ଥି କାରକ ଚିହ୍ନଟ ହୋଇଛି ଯାହା ଜୁନୋଟିକ୍ ରୋଗର ଜାତର ଆଶଙ୍କା ରହିଛି ବୋଲି ଜୈବ ବିବିଧତା ସମ୍ମିଳନୀ ଏହାର ୱେବ୍‌ସାଇଟରେ କହିଛି। ସେଗୁଡ଼ିକ ହେଉଛି ପ୍ରାଣୀ ପ୍ରୋଟିନ ପାଇଁ ମାନବ ଚାହିଦା ବୃଦ୍ଧି, ଅସ୍ଥାୟୀ କୃଷି ତୀବ୍ରତା, ବନ୍ୟଜନ୍ତୁଙ୍କ ବ୍ୟବହାର ଏବଂ ଶୋଷଣ, ସହରୀକରଣ, ଜମି ବ୍ୟବହାର ପରିବର୍ତ୍ତନ ଏବଂ ଉତ୍ତୋଳନକାରୀ ଶିଳ୍ପ ଦ୍ୱାରା ତ୍ୱରାନ୍ୱିତ ହେଉଥିବା ପ୍ରାକୃତିକ ସମ୍ପଦର ସ୍ଥାୟୀ ବ୍ୟବହାର, ଭ୍ରମଣ ଏବଂ ପରିବହନ ବୃଦ୍ଧି, ଖାଦ୍ୟ ଯୋଗାଣରେ ପରିବର୍ତ୍ତନ ଏବଂ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି।

ରିପୋର୍ଟରେ ଦର୍ଶାଯାଇଛି ପ୍ରାଣୀମାନଙ୍କୁ ସଂକ୍ରମିତ କରୁଥିବା ପ୍ରାୟ ୮୦ ପ୍ରତିଶତ ରୋଗ ସୃଷ୍ଟିକାରୀ ଅଣୁଜୀବ 'ମଲ୍ଟି ହୋଷ୍ଟ' ଭାବେ କାର୍ଯ୍ୟ କରିଥାନ୍ତି। ଏହାର ଅର୍ଥ ହେଉଛି, ରୋଗ ସୃଷ୍ଟିକାରୀ ଅଣୁଜୀବ ମଣିଷ ସମେତ ବିଭିନ୍ନ ପ୍ରାଣୀ ହୋଷ୍ଟ ମଧ୍ୟରେ ଗତି କରିଥାନ୍ତି। ଜୈବ ବିବିଧତା ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ସୁସ୍ଥ ଏବଂ ସ୍ଥିର ଇକୋସିଷ୍ଟମ ବିପଦରେ ପଡ଼ିଛି। ପ୍ରତିବର୍ଷ ବିଶ୍ୱ ଜୁନୋଜ ଦିବସ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ (୨୦୨୩)ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ରହିଛି 'ପ୍ରାଣୀଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖିବା' (ମେଣ୍ଟେନ ଏ ସେଫ୍ ଡିଷ୍ଟାନ୍ସ ଫ୍ରମ୍ ଆନିମଲ)।

# ଚାଷ ପାଇଁ ହେଲିକପ୍ଟର କିଣିବେ ଛତିଶଗଡ଼ ଚାଷୀ

## ଦେଶରେ ପ୍ରଥମ



ରାଜାରାମ ତ୍ରିପାଠୀ

**ରାୟପୁର:** ଛତିଶଗଡ଼ର ଜଣେ ଚାଷୀ ତାଙ୍କ କ୍ଷେତର ଦେଖାଶୁଣା କରିବା ପାଇଁ ଏକ ହେଲିକପ୍ଟର କିଣିବାକୁ ଯାଉଛନ୍ତି, ଯାହାର ମୂଲ୍ୟ ୭ କୋଟି ଟଙ୍କା। କୋନ୍ଦାଗାଁଓ ଜିଲାର ବାସିନ୍ଦା ରାଜାରାମ ତ୍ରିପାଠୀ ଭାରତର ଏକମାତ୍ର ଚାଷୀ, ଯିଏ ତାଙ୍କ କ୍ଷେତ ପାଇଁ ହେଲିକପ୍ଟର କିଣୁଛନ୍ତି। ସେଥିପାଇଁ ସେ ହଲାଣ୍ଡର ରୋବିନସନ କମ୍ପାନୀ ସହ ତାଙ୍କ ଏଗ୍ରିମେଣ୍ଟ କରିସାରିଛନ୍ତି। ଆର୍-୪୪ ମଡେଲ ହେଲିକପ୍ଟରରେ ୪ ସିଟ୍ ରହିଛି। ସେ ମା' ଦନ୍ତେଶ୍ୱରୀ ହର୍ବାଲ ଗ୍ରୁପ୍‌ର ସିଇଓ ଅଛନ୍ତି। ଯେଉଁଥିରୁ ୩୫ କୋଟି ଟଙ୍କା ବାର୍ଷିକ ରାଜସ୍ୱ ଆଦାୟ ହେଉଛି। ସେ ୪୦୦ ଆଦିବାସୀ ପରିବାର ସହିତ ମିଶି ୧ହଜାର ଏକର ଜମିରେ ଗୋଲମରିଚ ଏବଂ ଧଳା ମୁସେଲି ଚାଷ କରୁଛନ୍ତି। ତାଙ୍କର ଏହି ସଂସ୍ଥା ଆମେରିକା ଏବଂ ୟୁରୋପକୁ ଗୋଲମରିଚ ରପ୍ତାନି ମଧ୍ୟ କରୁଛି। ପୂର୍ବରୁ ଜୈବିକ ପ୍ରଣାଳୀରେ ଚାଷ ପାଇଁ ରାଜାରାମ ଶ୍ରେଷ୍ଠ ଚାଷୀ ଭାବେ ୪ ଥର ପୁରସ୍କୃତ ହୋଇଛନ୍ତି। ସେ ଚାଷ ପାଇଁ ଗ୍ରୀନ୍‌ହାଉସ୍ ସହ ଅଷ୍ଟ୍ରେଲିୟାନ ପ୍ରଣାଳୀ ଆପଣେଇଛନ୍ତି। କୃଷି ମନ୍ତ୍ରଣାଳୟର ନ୍ୟାଶନାଲ ହର୍ଟିକଲ୍ଚର ବୋର୍ଡ ପକ୍ଷରୁ ତାଙ୍କୁ ଅନେକ ଥର ଏବଂ ଶ୍ରେଷ୍ଠ ଚାଷୀ ଓ ରପ୍ତାନିକାରୀ ଭାବେ ଭାରତୀୟ କୃଷି ଏବଂ ଖାଦ୍ୟ ପରିଷଦ ପକ୍ଷରୁ ୩ ଥର ସମ୍ମାନିତ ମଧ୍ୟ ହୋଇଛନ୍ତି। ତ୍ରିପାଠୀ କହିଛନ୍ତି, ଇଂଲଣ୍ଡ ଏବଂ ଜର୍ମାନୀରେ ରହିବା ସମୟରେ ସେଠାରେ ଚାଷରେ ଔଷଧ ଏବଂ ଫର୍ଟିଲାଇଜର ବ୍ୟବହାର ହେଉଥିବା ଦେଖିଥିଲେ। ସେ ଏହାକୁ ଧ୍ୟାନରେ ରଖି ତାଙ୍କ ୧ ହଜାର ଏକର କ୍ଷେତ ପାଇଁ ହେଲିକପ୍ଟର କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଉଜ୍ଜୈନର ଆଭିଏଶନ ଏକାଡେମୀ ତାଙ୍କ ପୁଅ ଏବଂ ବଡ଼ ଭାଇଙ୍କୁ ହେଲିକପ୍ଟର ଚଳାଇବା ଟ୍ରେନିଂ ଦେଉଛି। ୭୦ ବର୍ଷ ପୂର୍ବେ ରାଜାରାମଙ୍କ ଜେଜେବାପା ଶମ୍ଭୁନାଥ ତ୍ରିପାଠୀ ଉତ୍ତରପ୍ରଦେଶର ପ୍ରତାପଗଡ଼ରେ ରହୁଥିଲେ। ପରେ ସେ ସେଠାରୁ ଛତିଶଗଡ଼ ଆସିଥିଲେ। ଜଗଦଲପୁରରେ କଲେଜ ପଢା ପରେ ସେ ବ୍ୟାଙ୍କ ପିଓ ଭାବେ ନିଯୁକ୍ତି ପାଇଥିଲେ। ହେଲେ ୧୯୯୮ରେ ସେ ଚାକିରି ଛାଡ଼ି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ।

# ପଶ୍ଚିମାଞ୍ଚଳ ତାରକା ବ୍ୟାଟର ବିଫଳ

## ଦୁଲିପ ଟ୍ରଫି ସେମିଫାଇନାଲ

**ଅଲୁର, ୫।୭ (ପି.ଟି.)**

ଦୁଲିପ ଟ୍ରଫି କ୍ରିକେଟର ପ୍ରଥମ ସେମିଫାଇନାଲ ଏଠାରେ ବୁଧବାର ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଆରମ୍ଭ ହୋଇଛି। ତାରକା ବ୍ୟାଟରଙ୍କ ବିଫଳତା ଯୋଗୁ ପଶ୍ଚିମାଞ୍ଚଳ ପ୍ରଥମ ଦିବସ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ୨୧୬ ରନ ମଧ୍ୟରେ ୮ ଉଇକେଟ ହରାଇଛି। କେନ୍ଦ୍ରାଞ୍ଚଳର ଶିବମ୍ ମାଭି ୪୩ ରନ ମଧ୍ୟରେ ୪ ଉଇକେଟ ହାସଲ କରି ପଶ୍ଚିମାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ୭ ନମ୍ବର ବ୍ୟାଟର ଅତିତ ସେଠ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ୭୪ (୧୨୯ ବଲ୍) ରନ ଦଳର ସମ୍ମାନ ରଖିଛି।

ମ୍ୟାଚ ଆରମ୍ଭରୁ ପଶ୍ଚିମାଞ୍ଚଳ ଫେଭରାଇଟ ବିବେଚିତ ହେଉଥିଲା। ଦଳର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ମାତ୍ର ୧୬ତମ ଓଭରରେ ପୃଥ୍ୱୀ ଶ’ ଆଉଟ ହେବା ସହ ଦଳର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇ ଯାଇଥିଲା। ୨୬ ରନ କରିଥିବା ପୃଥ୍ୱୀଙ୍କୁ ଆଉଟ କରି କେନ୍ଦ୍ରାଞ୍ଚଳକୁ ବ୍ରେକ୍ ଥ୍ରୁ ଦେଇଥିଲେ ସୌରଭ କୁମାର। ଏହାପରେ ଅଧିନାୟକ ପ୍ରିୟଙ୍କ ପଞ୍ଚଲ ୧୩, ସୂର୍ଯ୍ୟକୁମାର ଯାଦବ ୭, ସର୍ଫରାଜ ଖାଁ ଖାତା ଖୋଲିବା ପୂର୍ବରୁ ଏବଂ ହିତ୍ ପଟେଲ ୫ ରନକରି ଆଉଟ ହେବାରୁ ପଶ୍ଚିମାଞ୍ଚଳ ସ୍କୋର ୩୨.୫ ଓଭର ବେଳକୁ ୬୫/୫ ହୋଇ ଯାଇଥିଲା। ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ମଧ୍ୟ ଅଧିକ ସମୟ ତିଷ୍ଠି ନ ପାରି ୨୮ ରନରେ ପ୍ୟାଭିଲିୟନ ଫେରିଥିଲେ। ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିବା ଅତିତ ୭୮ ଓ ଧର୍ମେନ୍ଦ୍ରସିନ୍ ଜାଡେଜା ୩୯ ରନ କରିବାରୁ ଦଳ ୨୦୦ ରନ ସ୍ପର୍ଶ କରି ପାରିଥିଲା। ଷ୍ଟମ୍ପ ପ୍ରତ୍ୟାହାର ହେବା ବେଳକୁ ଚିନ୍ତନ ଗାଜା ୧୩ ଓ ଅର୍ଜନ ନାଗ୍ୱାସ୍ୱାଲା ୫ ରନକରି ଅପରାଜିତ ରହିଥିଲେ। କେନ୍ଦ୍ରାଞ୍ଚଳ ବୋଲରଙ୍କ ମଧ୍ୟରେ ମାଭି ୪ଟି ଏବଂ ଆଭେଶ ଖାଁ, ଯଶ୍ ଠାକୁର, ସୌରଭ କୁମାର ଓ ସାରାଂଶ ଜୈନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଭରକାଷ୍ଟ କଣ୍ଡିଶନରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବା ମଧ୍ୟ ପଶ୍ଚିମାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟର ଅନ୍ୟତମ କାରଣ ବୋଲି ବିବେଚନା କରାଯାଉଛି।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୧୬/୮ (ଅତିତ ସେଠ୍-୭୪, ଧର୍ମେନ୍ଦ୍ରସିନ୍ ଜାଡେଜା-୩୯, ଶିବମ୍ ମାଭି-୪/୪୩, ଆଭେଶ ଖାଁ-୧/୨୬, ଯଶ୍ ଠାକୁର-୧/୫୦, ସୌରଭ କୁମାର-୧/୬୪, ସାରାଂଶ ଜୈନ-୧/୨୯)।



କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପେସ୍ ବୋଲର ପ୍ରତିଭା ଅନ୍ୱେଷଣ ଶିବିର।

# ଉତ୍ତରାଞ୍ଚଳ ୧୯୮ରେ ଅଲ୍‌ଆଉଟ


୫ ଉଇକେଟ ହାସଲ ପରେ ବଲ୍ ପ୍ରଦର୍ଶନ କରୁଛନ୍ତି ବିଦ୍ୱାଥ କଭେରପ୍ପା।

**ବେଙ୍ଗାଲୁରୁ, ୫।୭**

ଦୁଲିପ ଟ୍ରଫି କ୍ରିକେଟର ଏଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବୋଲରମାନେ ଚମତ୍କାର ବୋଲିଂ କରି ଉତ୍ତରାଞ୍ଚଳ ପ୍ରଥମ ଇନିଂସକୁ ୧୯୮ ରନରେ ସୀମିତ ରଖିଛନ୍ତି। ପଶ୍ଚିମାଞ୍ଚଳ ବୋଲିଂ ଆକ୍ରମଣର ନେତୃତ୍ୱ ନେଇଛନ୍ତି ବିଦ୍ୱାଥ କଭେରପ୍ପା। ଏହି ଡାହାଣହାତୀ ମିଡିୟମ ପେସର ୨୮ ରନ ବିନିମୟରେ ୫ ଉଇକେଟ ହାସଲ କରି ଉତ୍ତରାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ କେ.ଭି. ଶଶିକାନ୍ତ ୨ଟି ଏବଂ ବିଜୟ କୁମାର ବ୍ୟଶକ, ସାଇ କିଶୋର ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ପ୍ରଭସିମରନ ସିଂ ସର୍ବାଧିକ ୪୯, ଅଙ୍କିତ କୁମାର ୩୩ ଓ ହର୍ଷିତ ରାଣା ୩୧ ରନ କରିଥିଲେ। ପଶ୍ଚିମାଞ୍ଚଳ ମଧ୍ୟ ପ୍ରଥମ ଇନିଂସରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୬୩ ରନ ମଧ୍ୟରେ ୪ ଉଇକେଟ ହରାଇଛି। ମୟଙ୍କ ଅଗ୍ରୱାଲ ୩୭ ଓ ତିଳକ ବର୍ମା ୧୨ ରନରେ ଅପରାଜିତ ରହିଛନ୍ତି। ଆଉଟ ହୋଇଥିବା ୪ ଜଣ ଯାକ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ବାଲ୍‌ତେଜ୍ ସିଂ ଓ ହର୍ଷିତ ରାଣା ୨ଟି ଲେଖାଏ ଉଇକେଟ ନେଇଛନ୍ତି।

## ୱିଲିୟମସନ୍ ଏକ ନମ୍ବର

**ଦୁବାଇ, ୫।୭(ପି.ଟି.):** ବୁଧବାର ପ୍ରକାଶିତ ଆଇସିସି ଟେଷ୍ଟ ବ୍ୟାଟର ର୍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ୍। ପ୍ରଥମ ସ୍ଥାନରେ ଥିବା ଜୋ ରୁଟ୍‌ଙ୍କୁ ପଛରେ ପକାଇଛନ୍ତି ୱିଲିୟମସନ୍। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପରାଜିତ ହୋଇଥିଲେ ହେଁ ଭାରତ ବିଶ୍ୱର ଏକ ନମ୍ବର ଟେଷ୍ଟ ଦଳ ରହିଛି। ଅନ୍ୟ ପକ୍ଷରେ ଭାରତୀୟ ବୋଲର ରବି ଚନ୍ଦ୍ରନ ଅଶ୍ୱିନ ବୋଲରଙ୍କ ତାଲିକାରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଅଲରାଉଣ୍ଡରଙ୍କ ମଧ୍ୟରେ ଏକ ନମ୍ବର ସ୍ଥାନରେ ଥିବା ଆଉ ଜଣେ ଭାରତୀୟ ହେଉଛନ୍ତି ରବୀନ୍ଦ୍ର ଜାଡେଜା।

## ତିଳକ ବର୍ମା, ଜୟସ୍ୱାଲ ନୂଆ ମୁହଁ

**ନୂଆଦିଲ୍ଲୀ, ୫।୭ (ପି.ଟି.):** ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଅଧିନାୟକ ରହିଥିବା ବେଳେ ବାମହାତୀ ତିଳକ ବର୍ମା ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ରଥମ ଥର ଜାତୀୟ ଦଳକୁ ଡାକରା ମିଳିଛି। ଉଇକେଟ କିପର ସଞ୍ଜୁ ସାମ୍‌ସନଙ୍କ ସମେତ ଆଭେଶ ଖାଁ ଓ ରବି ବିଷ୍ଣୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବରିଷ୍ଠ ଖେଳାଳିଙ୍କ ମଧ୍ୟରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଏହି ଦଳରୁ ବାଦ ଦିଆଯାଇଛି। ଭାରତୀୟ ଦଳ: ଇଶାନ କିଶନ (ଉଇକେଟ କିପର), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଉପ ଅଧିନାୟକ), ସଞ୍ଜୁ ସାମସନ୍ (ଉଇକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଅକ୍ଷର ପଟେଲ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ଉମ୍ରାନ୍ ମଲିକ୍, ଆଭେଶ ଖାନ୍, ମୁକେଶ କୁମାର।

## ସୋବର୍ସଙ୍କୁ ଭେଟିଲେ ଭାରତୀୟ ଦଳ

**ବାର୍ବାଡୋସ, ୫।୭ (ପି.ଟି.):** ୱେଷ୍ଟଇଣ୍ଡିଜ୍ କ୍ରିକେଟ କିମ୍ବଦନ୍ତୀ ସାର୍ ଗାରଫିଲ୍ଡ ସୋବର୍ସଙ୍କୁ ଭେଟିଛି ଭାରତୀୟ କ୍ରିକେଟ ଦଳ। କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କୁ ଭାରତୀୟ ଦଳର ଖେଳାଳି ଭେଟିବା ସହତ ଅନେକ ସମୟ ଆଲୋଚନା ମଧ୍ୟ କରିଥିଲେ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦୁଇଟି ଟେଷ୍ଟ, ୩ ଦିନିକିଆ ଓ ୫ ଟି୨୦ ମ୍ୟାଚ୍ ଖେଳିବ। ଜୁଲାଇ ୧୨ରେ ପୋର୍ଟ ଅଫ୍ ସ୍ପେନ୍‌ରେ ଦଳ ଏହାର ପ୍ରଥମ ଟେଷ୍ଟ ଖେଳିବ। ଭାରତୀୟ ଖେଳାଳିମାନେ ସୋବର୍ସଙ୍କୁ ଭେଟୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛି ବିସିସିଆଇ। ଏହି ଭିଡିଓର କ୍ୟାପଶନ୍ ରହିଛି ‘ବାର୍ବାଡୋସରେ କିଛି ମହାନ୍ ବ୍ୟକ୍ତିତ୍ୱଙ୍କ ସହିତ’। ୮୬ ବର୍ଷୀୟ ସୋବର୍ସ ନିଜ ପତ୍ନୀଙ୍କ ସହିତ ସମସ୍ତ ଭାରତୀୟ ଖେଳାଳିଙ୍କୁ ଭେଟିଥିଲେ। ଭାରତୀୟ ଦଳର ମୁଖ୍ୟ କୋଚ୍ ରହିଥିବା ରାହୁଲ ଦ୍ରାବିଡ୍ ନିଜ ଖେଳାଳିମାନଙ୍କୁ ସୋବର୍ସଙ୍କ ସହିତ ପରିଚିତ କରାଇଥିଲେ। ଭାରତୀୟ ଖେଳାଳିଙ୍କ ମଧ୍ୟରେ ରୋହିତ ଶର୍ମା, ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରବିଚନ୍ଦ୍ରନ ଅଶ୍ୱିନ ଓ ଶୁବମନ ଗିଲ୍ ସୋବର୍ସଙ୍କୁ ଭେଟିଥିଲେ। ମଜାଦାର କଥା ହେଉଛି ଯେ ସୋବର୍ସଙ୍କ ନାମରେ ପ୍ରଦାନ କରାଯାଉଥିବା ସାର୍ ଗାରଫିଲ୍ଡ ସୋବର୍ସ ଆୱାର୍ଡରେ କୋହଲିଙ୍କୁ ସମ୍ମାନିତ କରାଯାଇଥିଲା। ଓପନର ଶୁବମନଙ୍କ ପରିଚୟ ଦେବାକୁ ଯାଇ ଦ୍ରାଭିଡ କହିଥିଲେ, ‘ଆମ ଦଳର ଚିତ୍ତାକର୍ଷକ ଯୁବ ଖେଳାଳି’।

# ପ୍ରଥମ ପର୍ଯ୍ୟାୟରେ ଭାଗନେଲେ ୩୫୮

## ଓସିଏର ପେସ୍ ବୋଲର ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର, ୫।୭**
**(ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ପେସ୍ ବୋଲର ପ୍ରତିଭା ଅନ୍ୱେଷଣ ଶିବିର (ପ୍ରଥମ ପର୍ଯ୍ୟାୟ) ବୁଧବାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ନୟାଗଡ଼ ଜିଲାରୁ ମୋଟ ୩୫୮ ପ୍ରତିଭା ସମ୍ପନ୍ନ ପେସ୍ ବୋଲର ଏହି ଶିବିରରେ ଯୋଗ ଦେଇଥିଲେ। ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ଏବଂ ଅମିୟ ରାୟ, ସୌରଜିତ ମହାପାତ୍ର, ସୁବ୍ରତ ବିଶ୍ୱାଳ ଓ ପ୍ରଭଞ୍ଜନ ମଲିକ ଆଦି ଓସିଏର ସିନିୟର ଓ ଜୁନିୟର କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ପେସ୍ ବୋଲର ପ୍ରତିଭା ଅନ୍ୱେଷଣର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଶିବିର ଯଥାକ୍ରମେ ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ଅନ୍ୟ ଜିଲା ଗୁଡ଼ିକରୁ ପେସ୍ ବୋଲର ପ୍ରତିଭାମାନେ ଅଂଶଗ୍ରହଣ କରିବେ।

# ୭ ଦୃଷ୍ଟିବାଧିତ ଖେଳାଳିଙ୍କୁ ସହାୟତା

**କଟକ, ୫।୭**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ୧୮ରୁ ୨୭ ତାରିଖ ପର୍ଯ୍ୟନ୍ତ ବର୍ମିଂହାମ୍‌ରେ ହେବ ଆଇବିଏସ୍‌ଏ ବିଶ୍ୱ କ୍ରୀଡ଼ା। ଏଥିପାଇଁ ପୁରୁଷ ଓ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳରେ ଓଡ଼ିଶାର ମୋଟ ୭ଜଣଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି। ଜାତୀୟ ଦୃଷ୍ଟିବାଧିତ ପୁରୁଷ ଦଳରେ ମହମ୍ମଦ ଜାଫର ଇକବାଲ, ପଙ୍କଜ ଭୁଏ, ନକୁଳ ବଡନାୟକ ଏବଂ ମହିଳା ଦଳରେ ଫୁଲ ସୋରେନ, ବାସନ୍ତି ହାଁସଦା, ଝିଲ୍ଲୀ ବିରୁଆ, ପଦ୍ମିନୀ ଟୁଡୁ ସାମିଲ ହୋଇଛନ୍ତି। ଏହି ୭ ଖେଳାଳିଙ୍କୁ ଆନନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହିତ ପ୍ରୋତ୍ସାହନ ସ୍ୱରୂପ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ସଭାପତି ଅନ୍ନପୂର୍ଣ୍ଣା ମହାନ୍ତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ଲୋଚନ ମହାନ୍ତି ନୂତନ ଖେଳ ସରଞ୍ଜାମ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଭଲ ଖେଳିବା ସହିତ ଚାମ୍ପିୟନ ହୋଇ ଫେରିବାକୁ ଟ୍ରଷ୍ଟ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ଜିକ୍ସନଙ୍କ ପତାକା ସେଲିବ୍ରେଶନକୁ ନେଇ ବିବାଦ

## ଫୁଟବଲ ପଡ଼ିଆରେ ମଣିପୁର ହିଂସା

**ବେଙ୍ଗାଲୁରୁ, ୫।୭(ପି.ଟି.)**

ଦୁଇ ମାସ ଧରି ମଣିପୁରରେ ଜାରି ରହିଥିବା ହିଂସାକାଣ୍ଡ ଶେଷରେ ଫୁଟବଲ ପଡିଆରେ ପହଞ୍ଚିଛି। ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ଭାରତୀୟ ଜାତୀୟ ଫୁଟବଲ ଦଳର ସଦସ୍ୟ ଜିକ୍‌ସନ ସିଂଙ୍କ ସେଲିବ୍ରେଶନକୁ ନେଇ ବିବାଦ ଦେଖାଦେଇଛି। ଫାଇନାଲରେ ଭାରତ ସଡନ୍‌ଡେଥ୍‌ରେ କୁଏଟ୍‌କୁ ପରାସ୍ତ କରିବା ପରେ ସମଗ୍ର ଦଳର ଖେଳାଳି ଜାତୀୟ ପତାକା ସହିତ ସେଲିବ୍ରେଶନ କରୁଥିବା ବେଳେ ଜିକ୍‌ସନ କିନ୍ତୁ ମେଇତେଇ ସମ୍ପ୍ରଦାୟର ପତାକାରେ ନଜର ଆସିଥିଲେ। ସାତ ରଙ୍ଗର ଏହି ପତାକାକୁ କାଙ୍ଗଲେଇପାକ୍ ବା ସାଲାଇ ଟାରେଟ ବୋଲି କୁହାଯାଏ। ପୁରାତନ ମଣିପୁରର ୭ ସମ୍ପ୍ରଦାୟକୁ ଏହି ୭ ରଙ୍ଗ ଦର୍ଶାଇଥାଏ। ଏହାକୁ ମେଇତେଇ ସମ୍ପ୍ରଦାୟ ବ୍ୟବହାର କରିଥାଏ। ତେବେ ଏହି ନର୍ଥ ଇଷ୍ଟ ରାଜ୍ୟରେ ଦୁଇ ମାସ ହେବ ହିଂସା ଲାଗି ରହିଛି। କୁକି ଓ ମେଇତେଇ କମ୍ୟୁନିଟି ମଧ୍ୟରେ ଏହି ଲଢେଇ ମେ ମାସରୁ ଲାଗି ରହିଥିବା ବେଳେ ରାଜ୍ୟ ଜଳୁଛି। କୁକି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରାଯାଇଥିବା ବେଳେ ମେଇତେଇ ମଧ୍ୟ ସାମନ ଦାବି କରୁଛି। ଏହାକୁ ନେଇ ରାଜ୍ୟରେ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ସାଲାଇ ଟାରେଟ ସହିତ ସେଲିବ୍ରେଟ୍ କରିଥିବା ଜିକ୍‌ସନ୍ ସମାନ ପତାକା ପକାଇ ପଦକ ଗ୍ରହଣ କରିବାକୁ ମଧ୍ୟ ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଭାରତୀୟ ଭାବରେ ଏକ ବିଶ୍ୱକପରେ ସ୍କୋର କରିଛନ୍ତି ଜିକ୍‌ସନ। ୨୨ ବର୍ଷୀୟ ଜିକ୍‌ସନ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପରେ ପ୍ରଥମେ ଭାରତ ପାଇଁ ଗୋଲ୍ ସ୍କୋର କରିଥିଲେ।

ଜିକ୍‌ସନଙ୍କ ସ୍ପଷ୍ଟୀକରଣ: ଜିକ୍‌ସନଙ୍କ ସେଲିବ୍ରେଶନ ପରେ ଏହାକୁ ନେଇ ସୋସିଆଲ ମିଡିଆରେ ବିବାଦ ଦେଖା ଦେଇଥିଲା। ଫଳରେ ଟୁଇଟରରେ ଜିକ୍‌ସନ ସ୍ପଷ୍ଟୀକରଣ ଦେଇଥିଲେ। ଏପରି ସେଲିବ୍ରେଶନ ଦ୍ୱାରା କାହାକୁ ଅପମାନିତ କରିବା ମୋର ଲକ୍ଷ୍ୟ ନ ଥିଲା ବୋଲି ସେ ସ୍ପଷ୍ଟ କରିଥିଲେ। ସାଫ୍ ଚାମ୍ପିୟନଶିପ୍‌ର ବିଜୟ ସମଗ୍ର ଭାରତୀୟଙ୍କ ପାଇଁ ଉତ୍ସର୍ଗୀକୃତ ବୋଲି ସେ କହିଥିଲେ। ମୋ ରାଜ୍ୟ ବିଗତ ଦୁଇ ମାସ ହେଲାଣି ଜଳୁଛି। ଶାନ୍ତିର ଅପିଲ୍ ପାଇଁ ମୁଁ ଏହି ସେଲିବ୍ରେଶନ କରିଥିଲି ବୋଲି ସେ କହିଛନ୍ତି। ମୋ ପରିବାର ସୁରକ୍ଷିତ ରହିଥିଲେ ମଧ୍ୟ ମୋ ରାଜ୍ୟର ଶହ ଶହ ଘର ଜଳୁଛି ତେଣୁ ଶାନ୍ତି ଫେରି ଆସିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ବ୍ରେଣ୍ଡନ କିଙ୍ଗ୍‌ଙ୍କ ଶତକ

**ହରାରେ, ୫।୭:** କ୍ରମାଗତ ୩ ପରାଜୟ ସହ ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନରେ ପ୍ରଥମଥର ପାଇଁ ବିଫଳ ହୋଇଥିବା ୱେଷ୍ଟଇଣ୍ଡିଜ କ୍ୱାଲିଫାୟର୍ସରେ ବୁଧବାର ପ୍ରଥମ ବିଜୟ ହାସଲ କରିଛି। ବ୍ରେଣ୍ଡନ କିଙ୍ଗ୍‌ଙ୍କ ଶତକ ସହାୟତାରେ ଏହି ଦଳ ଓମାନକୁ ୭ ଉଇକେଟରେ ପରାସ୍ତ କରିଛି। ଓମାନ ୫୦ ଓଭରରେ ୯ ଉଇକେଟ ହରାଇ ୨୨୧ ରନ କରିଥିଲା। ୨୨୨ ରନ ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୩୯.୪ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। କିଙ୍ଗ୍ ୧୦୪ ବଲ୍‌ରୁ ୧୦୦ ରନ ସ୍କୋର କରିଥିଲେ।

# ସୁପର କପ୍ ବିଜେତାକୁ ପୁରସ୍କାର ପ୍ରଦାନ

## ଫାଓ ଲିଗ୍ ଉଦ୍‌ଘାଟିତ

**କଟକ, ୫।୭**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଫୁଟବଲ ଲିଗ୍ ଉଦ୍‌ଘାଟିତ ହୋଇଛି। ଫାଓ ଲିଗ୍ ନାମରେ ପରିଚିତ ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଓଡ଼ିଶା ପୋଲିସ ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ୪-୪ ଗୋଲରେ ଡ୍ର ରହିଥିଲା। ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ରାଇସେନ ଟୁଡୁ ୧୩ ଓ ୨୮ତମ ମିନିଟରେ ୨ଟି ଏବଂ ଡି. ସଞ୍ଜୟ ୪୪ ଓ ରୋନିକ ମାଝି ୬୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ଦଳର ଭୋଲେଶଙ୍କର ମାଝି ୨୬ ଓ ୩୨ ଏବଂ ବିଜୟ ବେହେରା ୪୮ ଓ ୭୧ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ନିକଟରେ ଶେଷ ହୋଇଥିବା ଫାଓ ସୁପର କପ୍‌ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଚାମ୍ପିୟନ ରାଇଜିଂ ଷ୍ଟାର ଦଳକୁ ଟ୍ରଫି ସହ ୧,୦୦,୦୦୦ଟଙ୍କା ଏବଂ ରନରଅପ୍ ବିଡ଼ାନାସୀ ଦଳକୁ ୫୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। କଟକ ଜିଲାପାଳ ଭବାନୀ ଶଙ୍କର ଚୟନି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍, ବିଶ୍ୱ ରଞ୍ଜନ ଘଡ଼େଇ, ଫାଓ ମହିଳା କମିଟି ଚେୟାରମ୍ୟାନ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଫାଓ ସୁପର କପ୍ ଟ୍ରଫି ସହ ଅତିଥିଙ୍କ ଗହଣରେ ରାଇଜିଂ ଷ୍ଟାର ଦଳ।

# ଇଂଲଣ୍ଡ ଫୁଟ୍‌ବଲରେ ପ୍ରଥମ ମହିଳା କୋଚ୍

**ମାଞ୍ଚେଷ୍ଟର, ୫।୭(ପି.ଟି.)**

ଇଂଲଣ୍ଡରେ ଦିନକୁ ଦିନ ମହିଳା ଫୁଟବଲର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ତେବେ ପୁରୁଷ ଟିମ୍‌ରେ ମହିଳା କୋଚ୍ ବା ସପୋର୍ଟ ଷ୍ଟାଫ୍‌ଙ୍କ ଉପସ୍ଥିତି ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳି ଏକ ପରିସ୍ଥିତିରେ ଇତିହାସ ରଚିଛନ୍ତି ହାନ୍ନା ଡିଙ୍ଗଲି। ଫରେଷ୍ଟ ଗ୍ରୀନ୍ ପୁରୁଷ ଫୁଟବଲ କ୍ଲବ ଏହାର କୋଚ୍ ଭାବରେ ଡିଙ୍ଗଲିଙ୍କୁ ନିଯୁକ୍ତ ଦେଇଛି। ମଙ୍ଗଳବାର ଡନ୍‌କାନ ଫର୍ଗୁସନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଡିଙ୍ଗଲିଙ୍କୁ କେୟାରଟେକର କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ କ୍ଲବ୍‌ର ଚତୁର୍ଥ ଡିଭିଜନ ଟିମ୍‌ର ମୁଖ୍ୟ କୋଚ୍ ରହିଥିଲେ। ପ୍ରଥମ ଇଂଲିଶ କ୍ଲବ ଭାବରେ ଫରେଷ୍ଟ ଗ୍ରୀନ୍ ରୋଭର୍ସ ହାନ୍ନାଙ୍କୁ ନିଯୁକ୍ତି ଦେଇଥିବା ବେଳେ ମ୍ୟାନେଜର ଭାବରେ ନିଜ ଦକ୍ଷତା ପ୍ରମାଣିତ କରିବା ପାଇଁ ତାଙ୍କ ନିକଟରେ ସୁଯୋଗ ରହିଛି।

କ୍ଲବ ପକ୍ଷରୁ କୌଣସି ସମୟର କଟକଣା ନ ଥିବାରୁ ଦଳକୁ ଆଗେଇ ନେବା ପାଇଁ ହାନ୍ନାଙ୍କ ନିକଟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ମ୍ୟାନେଜର ତଥା ମୁଖ୍ୟ କୋଚ୍ ଭାବରେ ସୁଯୋଗ ପାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି ହାନ୍ନା ଡିଙ୍ଗଲି। ପ୍ରି ସିଜନ ବର୍ତ୍ତମାନ ଆରମ୍ଭ ହେଉଥିବା ବେଳେ ସମ୍ପୂର୍ଣ୍ଣ ସିଜନ ଆଗକୁ ରହିଛି। ଏହା ମୋ ପାଇଁ ଏବଂ ଇଂଲିଶ ଫୁଟବଲ ପାଇଁ ଏକ ଚମତ୍କାର ସମୟ। ଉନ୍ନତ ଏବଂ ପ୍ରଗତିଶୀଳ ଚିନ୍ତାଧାରା ରଖୁଥିବା ଏଭଳି କ୍ଲବ ସହିତ ଯୋଡି ହୋଇଥିବାରୁ ମୁଁ ଅତ୍ୟନ୍ତ ଉତ୍ସାହିତ ବୋଲି ସେ କହିଛନ୍ତି।

ଇଂଲଣ୍ଡରେ ମହିଳା ଫୁଟବଲର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଦଳ ୟୁରୋ କପ ବିଜୟୀ ହୋଇ ମହିଳା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମହିଳା ଏଫ୍‌ଏ କପ୍ ଫାଇନାଲକୁ ୭୭୩୯୦ ଦର୍ଶକ ଦେଖିଥିବା ବେଳେ ଏହା ଏକ ରେକର୍ଡ। ଚେଲ୍‌ସି ମହିଳା ଦଳର ମ୍ୟାନେଜର ଭାବରେ ଏମ୍ମା ହାୟେସ୍ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି। ଫରେଷ୍ଟ ଗ୍ରୀନ୍ କ୍ଲବ ସର୍ବଦା ଚିରାଚରିତ ଧାରାରୁ କିଛି ଭିନ୍ନ କରିବାକୁ ପ୍ରୟାସ କରିଥାଏ। ଗ୍ଲୁସେଷ୍ଟରଶାୟାରରେ ଅବସ୍ଥିତ ଏହି ଟିମ୍‌ଟି ସୌରଶକ୍ତିର ବ୍ୟବହାର କରୁଥିବା ବେଳେ ଇଲେକ୍ଟ୍ରିକ୍ ବସ୍‌ରେ ଟିମ୍ ଯାତାୟାତ କରିଥାଏ। ଦଳର ସମସ୍ତେ ଭେଗାନ ଖାଦ୍ୟ(ଆମିଷ ଓ ଦୁଗ୍ଧଜାତ ବର୍ଜିତ) ଗ୍ରହଣ କରିଥାନ୍ତି। ଏପରି କି ଏହାର ପଡିଆ ସମ୍ପୂର୍ଣ୍ଣ ଅର୍ଗାନିକ ଏବଂ ପୁନଃନବୀକରଣ ବର୍ଷା ଜଳରେ ଏହାର ଷ୍ଟାଡିୟମ ପ୍ରସ୍ତୁତ କରାଯାଏ।


ହାନ୍ନା ଡିଙ୍ଗଲି

## ଟେନ୍‌ସନ୍‌ରେ ପବନ

ସାଉଥ୍‌ଷ୍ଟାର ପବନକଲ୍ୟାଣ ଏବେ ଟେନ୍‌ସନ୍‌ରେ। କାରଣ କ'ଣ ଜାଣନ୍ତି? ଅସଲ କଥା ହେଲା– ତାଙ୍କର ବୈବାହିକ ଜୀବନରେ ପୁଣି ଥରେ ମୋଡ଼ ଆସିଛି। ବର୍ତ୍ତମାନ ସୁଦ୍ଧା ତିନିଥର ବିବାହ କରିସାରିଥିବା



ଏହି ଅଭିନେତା ପୁଣି ଥରେ ଡିଭୋର୍ସ ଦେବାକୁ ଯାଉଛନ୍ତି ବୋଲି ଶୁଣିବାକୁ ମିଳୁଛି। ବର୍ତ୍ତମାନ ତାଙ୍କର ତୃତୀୟ ସ୍ତ୍ରୀ ଓ ପିଲା ଦୁବାଇରେ ରହୁଛନ୍ତି। ଏହା ପୂର୍ବରୁ ତାଙ୍କର ପ୍ରଥମ ବିବାହ ୧୧ବର୍ଷ, ଦ୍ୱିତୀୟ ବିବାହ ୩ବର୍ଷ ଏବଂ ତୃତୀୟ ବିବାହ ୧୦ବର୍ଷ ଟିକିଛି। ଏଭଳି କଥାକୁ ନେଇ ଆଲୋଚନାର ଶିରୋନାମା ପାଲଟିଛନ୍ତି ଏହି ଅଭିନେତା। କିନ୍ତୁ ଏଭଳି କଥା ବିଷୟରେ ପବନ ଏବଂ ତାଙ୍କର ତୃତୀୟ ସ୍ତ୍ରୀ ଅନ୍ନା କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।



ଐଶ୍ୱର୍ଯ୍ୟା

## ନାହିଁ ନାହିଁରେ ଐଶ୍ୱର୍ଯ୍ୟା

ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାହାଠୁ ନିଜକୁ ଦୂରେଇ ରଖୁଥିଲେ। ଏକଥା ଜାଣିଲା ପରେ ମନରେ ତ ନିଶ୍ଚୟ ପ୍ରଶ୍ନ ଆସୁଥିବ, ହେଲେ ସେ ଆଉ କେହି ନୁହନ୍ତି ସେ ହେଲେ ମିଷ୍ଟର ପରଫେକ୍ଟନିଷ୍ଟ 'ଆମିର ଖାଁ'। ବଲିଉଡ୍‌ରେ ସବୁ ଅଭିନେତ୍ରୀ ଆମିରଙ୍କ ସହ ଅଭିନୟ କରିବାକୁ ସ୍ୱପ୍ନ ଦେଖୁଥିବା ବେଳେ କିନ୍ତୁ ଐଶ୍ୱର୍ଯ୍ୟା ସବୁବେଳେ ତାଙ୍କଠୁ ଦୂରେଇ ରହୁଥିଲେ। କାରଣ ଆମିରଙ୍କ ଗୋଟିଏ ଖରାପ ଅଭ୍ୟାସ ଥିଲା। ତାହା ଜାଣିବେନି, ସେ ଅଭ୍ୟାସଟି ହେଲା– ସେ ହିରୋଇନ୍‌ଙ୍କୁ ଥଟ୍ଟାମଜା କରନ୍ତି, ଯାହା ଐଶ୍ୱର୍ଯ୍ୟାଙ୍କୁ ବିଲ୍‌କୁଲ୍ ବି ପସନ୍ଦ ନ ଥିଲା। ମିଡିଆ ରିପୋର୍ଟ ଅନୁସାରେ – ଦିନେ ଆମିର, ଐଶ୍ୱର୍ଯ୍ୟା ଦୁହେଁ ମିଶି ଏକ ବିଜ୍ଞାପନ ଶୁଟ୍ କରୁଥିଲେ। ଏହି ଶୁଟିଂ ଶେଟ୍‌ରେ ଆମିର ମଧ୍ୟ ଅନ୍ୟ ହିରୋଇନ୍‌ଙ୍କ ପରି ତାଙ୍କୁ ଥଟ୍ଟା ପରିହାସ କରିଥିଲେ, ଯାହା ତାଙ୍କୁ ଜମା ବି ପସନ୍ଦ ନ ଥିଲା। ସେହିଦିନଠାରୁ ଐଶ୍ୱର୍ଯ୍ୟା ଡିସାଇଡ୍ କରି ଦେଇଥିଲେ ଯେ ସେ କେବେ ବି ଆମିରଙ୍କ ସହ ଅଭିନୟ କରିବେ ନାହିଁ। ଐଶ୍ୱର୍ଯ୍ୟାଙ୍କୁ ପୋନିୟନ୍ ସେଲ୍‌ଭାନ୍–୨ରେ ଦେଖିବାକୁ ମିଳିଥିଲା ଯାହା ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତି ଲାଭ କରିଛି।

## ଧୋକା ପାଇବା ପରେ...



ବିଦ୍ୟା ବଲାନ୍

କଥାରେ ଅଛି ମଣିଷ ଧୋକା ଖାଇଲେ ଶିଖେ। ଆଉ ବା ଏଥିରୁ ବିଦ୍ୟା ବଲାନ୍ ବାଦ୍ ବା କିପରି ପଡ଼ିବେ। ସେ କେବେ କଳ୍ପନା କରି ନ ଥିଲେ ଯେ ଏଭଳି ପରିସ୍ଥିତିକୁ ସାମ୍ନା କରିବେ। ସମୟ ଏମିତି ବଦଳିଗଲା ଯେ ଶେଷରେ ତାଙ୍କୁ ମିଳିଲା କେବଳ ଧୋକା। ହେଲେ ଏଭଳି ଘଟଣା ଘଟିଛି ବିଦ୍ୟାଙ୍କ ରିୟଲ ନୁହେଁ ରିଲ୍ ଲାଇଫ୍‌ରେ। ଏକ କ୍ରାଇମ୍ ଥ୍ରିଲର ସିନେମାରେ ଗୁପ୍ତଚର ଭୂମିକାରେ ଅଭିନୟ କରୁଛନ୍ତି। ବର୍ତ୍ତମାନ ସେ ଏହାର ପ୍ରଚାର ପ୍ରସାରରେ ଲାଗି ପଡ଼ିଛନ୍ତି। ଏହି ଫିଲ୍ମର ଟାଇଟଲ୍ ରହିଛି 'ନିୟତ' ଯାହା ଶୁକ୍ରବାର ରିଲିଜ୍ ହେବାକୁ ଯାଉଛି।



## ସୋନୁଙ୍କ କନ୍ୟା ଖୋଜା ନିଶା

କେବଳ ଅଭିନୟ ନୁହେଁ ସମାଜସେବା ପାଇଁ ସୋନୁ ସୁଦ୍ ଚାରିଆଡ଼େ ପରିଚିତ। ବିଶେଷ ଭାବରେ କରୋନା ସମୟରେ ସୋନୁଙ୍କ ସହାୟତାକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ଏବେ ସୋନୁ କନ୍ୟାପାତ୍ରୀଟିଏ ଖୋଜିବାରେ ବ୍ୟସ୍ତ ଅଛନ୍ତି। ହେଲେ ଅସଲ କଥା ହେଲା– ସେ ନିଜ ପାଇଁ ଖୋଜୁ ନାହାନ୍ତି ବରଂ ନିକଟରେ ହିମାଚଳ ପ୍ରଦେଶରେ ଭେଟ ହୋଇଥିବା ଜଣେ ଯୁବକ ପାଇଁ କନ୍ୟା ଖୋଜୁଛନ୍ତି। କଥା କ'ଣ କି ନିକଟରେ ସେଠାରେ ଦୁହିଁଙ୍କ ଭିତରେ ଭେଟ ହୋଇଥିଲା। ଏପରିକି ଦୋସା ପ୍ରସ୍ତୁତ କରୁଥିବା ପିଲା ସହ ମିଶି ସୋନୁ ଦୋସା ପ୍ରସ୍ତୁତ କରି କିଛି ଲୋକଙ୍କୁ ଖୁଆଇଥିଲେ। ଦୋସା ପ୍ରସ୍ତୁତ କରୁଥିବା ଯୁବକ ସହ ଆଲୋଚନା ସମୟରେ ସେ ଜାଣିବାକୁ ପାଇଲେ ଯେ ସେ ଅବିବାହିତ। ତେଣୁ ତାଙ୍କ ଲାଗି ଏକ ମନଲାଖି କନ୍ୟା ଖୋଜି ବୁଲୁଛନ୍ତି ସୋନୁ। ଏପରିକି ନିଜ ସୋସିଆଲ ମିଡିଆରେ ସେ ଯୁବକଙ୍କ ଫଟୋକୁ ଅପ୍‌ଲୋଡ୍ କରି ପାତ୍ରୀଟିଏ ଖୋଜିବା ଲାଗି ଅନୁରୋଧ କରିଛନ୍ତି। ଦେଖାଯାଉ ସୋନୁଙ୍କର ଏହି କନ୍ୟା ଖୋଜା ମିଶନ୍ କେତେଦୂର ସକ୍‌ସେସ୍ ହେଉଛି।



ଧର୍ମେନ୍ଦ୍ର

## ନାକ ଅଗରେ ରାଗ

ରାମ ମାହେଶ୍ୱରୀଙ୍କ ନିର୍ଦ୍ଦେଶନାରେ 'କାଜଲ' ନାମକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା ; ଯେଉଁଥିରେ ରାଜ କପୁର ଓ ଧର୍ମେନ୍ଦ୍ରଙ୍କୁ ଏକ ସଙ୍ଗରେ ଦେଖିବାକୁ ମିଳିଥିଲା। ସେ ସମୟରେ ଧର୍ମେନ୍ଦ୍ର ନିଜର ବଡି ପାଇଁ ବହୁ ଚର୍ଚ୍ଚାରେ ରହୁଥିଲେ। ଦିନେ ଏହି ବଡିକୁ ନେଇ ରାଜ କପୁର ଡାଇରେକ୍ଟରଙ୍କୁ ଯାଇ କହିଲେ, ଆପଣଙ୍କୁ ଫିଲ୍ମରେ ଅଭିନେତା ଦରକାର ନା ପହିଲ୍‌ବାନ୍। ପରେ ଏ କଥା ଶୁଣି ରାଗିଯାଇଥିଲେ ଧର୍ମେନ୍ଦ୍ର, ହେଲେ କିଛି କହି ନ ଥିଲେ। ପୁନର୍ବାର ରାଜ କପୁର ଧର୍ମେନ୍ଦ୍ରଙ୍କୁ ମାଙ୍କଡ଼ କହି ହସିବାକୁ ଲାଗିଲେ। ଏ କଥାରେ ଧର୍ମେନ୍ଦ୍ର ନିଜର ରାଗ ଉପରୁ କଣ୍ଟ୍ରୋଲ ହରାଇବସି ରାଜ କପୁରଙ୍କ ଶାର୍ଟ କଲର ଧରି ନେଇଥିଲେ। ଯଦି ସେ ସମୟରେ ଉପସ୍ଥିତ ଟିମ୍ ମେମ୍ବର ତାଙ୍କୁ ଅଟକାଇ ନ ଥାନ୍ତେ ତେବେ କଥା ଆଗକୁ ବଢ଼ିଯାଇଥାନ୍ତା।

## ଅତୀତରୁ...

■ ଆଇଡିଆଲ୍ ପ୍ରଡକ୍ସନ, ସମ୍ବଲପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମନ ଆକାଶ'। ରାସବିହାରୀ ମିଶ୍ରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଉପେନ୍ଦ୍ର କୁମାର। ଶାନ୍ତିସ୍ୱରୂପ, ଲାବଣ୍ୟବତୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

■ ସୋମନାଥ ସାହୁଙ୍କ ପ୍ରଯୋଜିତ ଏବଂ ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଘରବାହୁଡ଼ା। ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ, ସୁଜିତ, ନିରଞ୍ଜନ, ହିମାଂଶୁ, ମମତା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

■ ନିଉ ଲାଇଫ ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ପୌରାଣିକ ଓଡ଼ିଆ ଚଳଚ୍ଚିତ୍ର 'କୃଷ୍ଣ ସୁଦାମା'। ଗୋବିନ୍ଦ ତେଜ ଏହାର ପ୍ରଯୋଜନା କରିବା ସହ ଅଭିନୟ ମଧ୍ୟ କରିଥିଲେ। ତାଙ୍କ ବ୍ୟତୀତ ଅନୀତା ଦାସ, ଶାନ୍ତିସ୍ୱରୂପ ଏବଂ ତ୍ରିପୁରା ମିଶ୍ର ମଧ୍ୟ କାଷ୍ଟିଂରେ ଥିଲେ।

■ ଗଣେଶ ଲାଲ ଜୀଉଙ୍କ ପ୍ରଯୋଜିତ ଏବଂ



ଅନୀତା ଦାସ

ସାଧୁ ମେହେରଙ୍କ ନିର୍ଦ୍ଦେଶିତ 'ଅଭିମାନ'ର ନାୟକ ସାଜିଥିଲେ ଉତ୍ତମ ମହାନ୍ତି। ଏଥିରେ ରୀତା, ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ ପ୍ରମୁଖ କଳାକାର ମଧ୍ୟ ଅଭିନୟ କରିଥିଲେ।

■ ଓଡ଼ିଆ ସିନେମା 'ଏ ନୁହେଁ କାହାଣୀ'ର ନିର୍ଦ୍ଦେଶନା ଦେଇଥିଲେ କେ.ଏଚ୍.ଡି. ରାଓ। ଏହାର ବିଭିନ୍ନ ଭୂମିକାରେ ହୃଦୟାନନ୍ଦ, ମହାଶ୍ୱେତା ରାୟ, ବସନ୍ତ ଏବଂ ଜର୍ଜ ତିଆଡ଼ି ପ୍ରମୁଖ କଳାକାର ଅଭିନୟ କରିଥିଲେ।



ଆୟୁଷ୍ମାନ୍

## ନର୍ଭସ ଅଛନ୍ତି ଆୟୁଷ୍ମାନ୍

ଆୟୁଷ୍ମାନ୍ ଖୁରାନାଙ୍କୁ କିଏ ବା ନ ଜାଣେ। ସେ ଏକାଧାରରେ ଜଣେ ଅଭିନେତା ସହ ଗାୟକ ମଧ୍ୟ। ସେ ଏବେ ଗୋଟିଏ କଥାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। କଥା କ'ଣ କି ସେ ଲଣ୍ଡନର ପ୍ରତିଷ୍ଠିତ ବମ୍ବେଲୀ ଷ୍ଟାଡିୟମରେ ପ୍ରଥମଥର ପରଫର୍ମ କରିବାକୁ ଯାଉଛନ୍ତି, ଯାହାକୁ ନେଇ ସେ ବେଶ୍ ଉତ୍ସାହିତ। ଆୟୁଷ୍ମାନ୍ କଥା ପ୍ରସଙ୍ଗରେ କୁହନ୍ତି– ଏଥିଲାଗି ମୁଁ ନିଜକୁ ଗର୍ବ ଅନୁଭବ କରୁଛି। ମୁଁ ଜଣେ ଅଭିନେତା ହିସାବରେ ମୋତେ ଟିକେ ନର୍ଭସ ଲାଗୁଛି। କାରଣ ଲଣ୍ଡନର ବମ୍ବେଲୀ ଷ୍ଟାଡିୟମରେ ଅଭିନୟ କରିବା ମୋ ପାଇଁ ଏକ ଚ୍ୟାଲେଞ୍ଜ। ତଥାପି ମୁଁ ସେଠାରେ ମୋର ବେଷ୍ଟ ପରଫର୍ମାନ୍ସ ଦେବି ବୋଲି ନିହାତି ଚେଷ୍ଟା କରିବି। ସେଠାରେ ଆୟୁଷ୍ମାନ୍‌ଙ୍କ ସହ ହ୍ରିତିକ୍ ରୋଶନ ମଧ୍ୟ ପରଫର୍ମ କରିବାର ଯୋଜନା ରହିଛି। ଏହି ପରଫର୍ମଟି ଆୟୋଜିତ ହେବ ସେପ୍ଟେମ୍ବର ୨୦୨୩ରେ।

## ଏତେଦିନ ପରେ...

ସୁସ୍ମିତାଙ୍କ ଖୁସି କହିଲେ ନ ସରେ। କଥା କ'ଣ କି ସେ ଚାହୁଁଥିବା ମନଲାଖି ଭୂମିକାଟି ତାଙ୍କୁ ମିଳିଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ଏକ ୱେବ୍‌ସିରିଜରେ ଦେଖିବାକୁ ମିଳିବ। ଜାଣିଛନ୍ତି ସେ ଏଥିରେ ଜଣେ ଟ୍ରାନ୍ସଜେଣ୍ଡର ଭୂମିକାରେ ଅଭିନୟ କରିବେ। ଟ୍ରାନ୍ସଜେଣ୍ଡର ଗୌରୀ ସାବନ୍ତଙ୍କୁ ନେଇ ଏକ ୱେବ୍‌ସିରିଜ ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବା ଯୋଜନା ରହିଛି। ଏଥିରେ ସୁସ୍ମିତା ସେନ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହି ୱେବ୍ ସିରିଜଟି ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ। ଏହି ୱେବ୍‌ସିରିଜର ନାମ 'ତାଲି'। ସୋସିଆଲ ମିଡିଆରେ ତାଙ୍କର ଏକ ଫଟୋ ଘୂରି ବୁଲୁଛି, ଯେଉଁଥିରେ ତାଙ୍କୁ ଭିନ୍ନ ଗେଟ୍‌ଅପ୍‌ରେ ଦର୍ଶକ ଦେଖିବାକୁ ପାଇବେ। ସେ ଏଥିରେ ନିଜ ମଥାରେ ଏକ ଲାଲରଙ୍ଗର ବିନ୍ଦି ପିନ୍ଧିବେ। ଏହି ୱେବ୍‌ସିରିଜରେ ତାଙ୍କର ଏକ ଡାଇଲଗ୍ ରହିଛି– ''ତୁ ମୁଶ୍‌କିଲ୍ ଦେ ଭଗବାନ୍ ମେଁ ଆସାନ୍ କରୁ, ...ତୁ ଲାଖ ଗିରାଦେ ବିଜ୍‌ଲି ମୁଝ୍‌ପେ, ମେଁ ତୋ ସତରଙ୍ଗ ବନୁଁ, ମେଁ ତୋ ତାଲି ବଜାତି ନେହିଁ, ବଜୱାତୀ ହୁଁ''। ଏହି ସିରିଜର ମୋଶନ ପୋଷ୍ଟର ଦେଖିବା ପରେ ତାଙ୍କ ପ୍ରଶଂସକଙ୍କ ମନରେ ଉତ୍ସୁକତା ବଢ଼ିଯାଇଛି। ଦେଖାଯାଉ, ସେ ଏଥିରେ କେତେଦୂର ସକ୍‌ସେସ୍ ହେଉଛନ୍ତି ତାହା ରିଲିଜ୍ ହେଲା ପରେ ହିଁ ଜଣାପଡ଼ିବ।



ସୁସ୍ମିତା

## ମୃଣାଳଙ୍କ ଶାଢ଼ି ଗେଟ୍‌ଅପ୍

ଟିଭି ଇଣ୍ଡଷ୍ଟ୍ରିରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ମୃଣାଳ ଏବେ ଶାଢ଼ି ଗେଟ୍‌ଅପ୍‌ରେ ଘୂରି ବୁଲୁଛନ୍ତି। ସେ ନିଜ ଅଭିନୟ ଦମ୍ କେବଳ ବଲିଉଡ୍‌ରେ ନୁହେଁ ଦକ୍ଷିଣ ଭାରତୀୟ ଇଣ୍ଡଷ୍ଟ୍ରିରେ ମଧ୍ୟ ଦେଖାଇ ସାରିଛନ୍ତି। ତାଙ୍କର ୨୦୨୨ରେ 'ସୀତା ରାମମ୍' ନାମକ ତେଲୁଗୁ ଚଳଚ୍ଚିତ୍ରଟି ହିଟ୍ ସାବ୍ୟସ୍ତ ହେବା ପରେ ସେ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ର ସାଇନ୍ କରିବାରେ ଲାଗି ପଡ଼ିଛନ୍ତି। ନିକଟରେ ସେ ବିଜୟ ଦେବରକୋଣ୍ଡାଙ୍କ ସହ ଏକ ସିନେମା ସାଇନ୍ କରିଛନ୍ତି। ତାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ନାନୀ ୩୦'ରେ ନିଜର ଫାଷ୍ଟ ଲୁକ୍ ଫଟୋଟି ସେ ଫ୍ୟାନ୍‌ଙ୍କ ସହ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାକୁ ନେଇ ଚର୍ଚ୍ଚା ଏବେଠୁ ଆରମ୍ଭ ହୋଇଗଲାଣି। ଏଥିରେ ସେ ପାରମ୍ପରିକ ଦକ୍ଷିଣ ଭାରତୀୟ ଶାଢ଼ି ପିନ୍ଧିବା ସହ ବହୁ ସୁନ୍ଦର ଦେଖାଯାଉଥିଲେ। ସେ ଯେଉଁ ଶାଢ଼ି ପିନ୍ଧିଥିଲେ ତାହାର ରଙ୍ଗ ଥିଲା ପର୍ପଲ। ଏହି ଚଳଚ୍ଚିତ୍ରରେ ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ନାନୀ। ଚଳଚ୍ଚିତ୍ରଟିକୁ ନିର୍ଦ୍ଦେଶନା ଦେଇଛନ୍ତି ସୌରଭ। ଏହି ଚଳଚ୍ଚିତ୍ରଟି ଇମୋଶନ ସହ ଫ୍ୟାମିଲି ଡ୍ରାମାରେ ଭରପୂର ହୋଇରହିଛି।



ମୃଣାଳ

# ତୃତୀୟ ରାଉଣ୍ଡରେ କାସାଟକିନା

ୱିମ୍ବେଲଡନ, ୫।୭



ରିଟର୍ନ ଶଟ୍ ଖେଳିବା ଅବସରରେ ଡାରିଆ କାସାଟକିନା।

ବର୍ଷା ଯୋଗୁ କ୍ରମାଗତ ତୃତୀୟ ଦିବସରେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ଅନେକ ମ୍ୟାଚ ବାଧାପ୍ରାପ୍ତ ହୋଇଛି। କେବଳ ଇନ୍‌ଡୋରରେ ଖେଳଗୁଡ଼ିକ ସମ୍ଭବ ହୋଇପାରିଛି। ଅଲ୍ ଇଂଲଣ୍ଡ କ୍ଲବର କେବଳ ସେଣ୍ଟର କୋର୍ଟ ଓ କୋର୍ଟ ନଂ-୧ରେ ଛାତ ଅଛି। ତେଣୁ ସେଠାରେ ଥିବା ଗ୍ରାସ୍‌କୋର୍ଟରେ ମ୍ୟାଚ ଖେଳାଯାଉଛି। ବୁଧବାର ମହିଳା ସିଙ୍ଗଲ୍ସର ଦ୍ୱିତୀୟ

**ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ**

ରାଉଣ୍ଡରେ ଡାରିଆ କାସାଟକିନା ବିଜୟ ହାସଲ କରିଛନ୍ତି। ସେହିପରି ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି ସ୍ଲୋଆନେ ଷ୍ଟିଫେନ୍ସ। କାସାଟକିନା ୬-୦, ୬-୨ରେ ଜୋଡି ଆନା ବୁରାଗେଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଷ୍ଟିଫେନ୍ସ ୬-୨, ୬-୩ ସେଟ୍‌ରେ ରିବେକା ପିଟରସନଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ମଧ୍ୟରେ ସୋରାନା ସିର୍ଷ୍ଟିଆ ୬-୧, ୨-୬, ୬-୩ରେ ଟାଟ୍‌ଜାନା ମାରିଆଙ୍କୁ ହରାଇଥିବାବେଳେ ଇଲିସାବେଟା କୋକିଆରେଟୋ ୬-୩, ୬-୪ରେ କାମିଲା ଓସୋରିଓଙ୍କୁ, ଆନେଟ କୋଣ୍ଟାଭେଟ ୬-୪, ୬-୪ରେ ଲୁକ୍ରେଜିଆ ଷ୍ଟିଫାନିନିଙ୍କୁ, ଜ୍ୟାକଲିନ କ୍ରିଷ୍ଟିଆନ ୬-୩, ୬-୪ରେ ଲୁସିଆ ବ୍ରୋଞ୍ଜେଟିଙ୍କୁ, ଡୋନା ଭେକିକ୍ ୬-୨, ୬-୩ରେ ଝାଙ୍ଗ୍ ଶୁଇଙ୍କୁ ପରାସ୍ତ କରିଛନ୍ତି।

**ଡିମିଟ୍ରୋଭଙ୍କ ସହଜ ବିଜୟ**

ପୁରୁଷ ସିଙ୍ଗଲ୍ସରେ ଗ୍ରିଗୋର ଡିମିଟ୍ରୋଭ୍ ସହଜ ବିଜୟ ସହ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ବୁଧବାର ସେ ଶୋ ଶିମାବୁକୁରୋଙ୍କୁ ୬-୧, ୬-୨, ୬-୧ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ପ୍ରବୀଣ କୁମାର

**ମୀରଟ, ୫।୭ (ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ପ୍ରବୀଣ କୁମାର ଓ ତାଙ୍କ ପୁଅ ଏକ କାର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରବୀଣଙ୍କ ଏସ୍‌ୟୁଭି କାର୍ ମଙ୍ଗଳବାର ରାତିରେ ଏକ ଟ୍ରେଲର(ଟ୍ରକ୍) ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣା ଭାରତୀୟ ଦଳର ଉଇକେଟ କିପର ବ୍ୟାଟର ଋଷଭ ପନ୍ତଙ୍କ ଦୁର୍ଘଟଣା ମନେପକାଇ ଦେଇଥିଲା। ବାଘପତ ରୋଡ୍‌ର ମୁଲତାନ ନଗର ବାସିନ୍ଦା ପ୍ରବୀଣ ନିଜ ପୁଅ ସହିତ ପାଣ୍ଡବ ନଗରରୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। କମିଶନର ଅଫିସ ସମ୍ମୁଖରେ ପଛଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରେଲର ତାଙ୍କ କାରକୁ ଧକ୍କା ଦେଇଥିଲା। ଟ୍ରେଲର ଡ୍ରାଇଭର ନାମରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଗିରଫ ମଧ୍ୟ କରାଯାଇଛି। ବଲ୍‌କୁ ଉଭୟ ପାର୍ଶ୍ୱକୁ ସୁଇଂ କରିବାରେ ମାହିର ଥିବା ୩୬ ବର୍ଷୀୟ ପ୍ରବୀଣ ଭାରତ ପାଇଁ ୬ ଟେଷ୍ଟ, ୬୮ ଦିନିକିଆ ଓ ୧୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦୁର୍ଘଟଣା ପରେ ସେ ଓ ତାଙ୍କ ପୁଅ ସୁରକ୍ଷିତ ଥିବା ପ୍ରବୀଣ କହିଛନ୍ତି। ଭଗବାନଙ୍କ ଦୟାରୁ ବିଶେଷ କିଛି କ୍ଷତି ହୋଇ ନାହିଁ, କାର୍‌ଟି ବଡ ଥିବାରୁ ସେମାନେ ବର୍ତ୍ତି ଯାଇଥିବା ପ୍ରବୀଣ ପ୍ରକାଶ କରିଛନ୍ତି। ତେବେ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିବା ପ୍ରବୀଣ କହିଛନ୍ତି। ଗତ ଡିସେମ୍ବର ମାସରେ ଭାରତୀୟ ଉଇକେଟକିପର ବ୍ୟାଟର ଋଷଭ ପନ୍ତଙ୍କ କାର ଏକ ଡିଭାଇଡରରେ ପିଟି ହୋଇ ଏଥିରେ ନିଆଁ ଲାଗି ଯାଇଥିଲା। ବର୍ତ୍ତମାନ ପନ୍ତ ରିହାବ୍‌ରେ ରହିଛନ୍ତି। ପ୍ରବୀଣ କୁମାରଙ୍କ ଅନ୍ତର୍ଜାତୀୟ କ୍ୟାରିୟର ମାତ୍ର ୫ ବର୍ଷ ରହିଥିଲେ ହେଁ ବେଶ୍ ପ୍ରଭାବଶାଳୀ ରହିଥିଲା।

# ଶତକ ଟେଷ୍ଟ ଖେଳିବେ ସ୍ମିଥ୍

ହେଡିଙ୍ଗଲି, ୫।୭



ଷ୍ଟିଭେନ ସ୍ମିଥ।

ଇଂଲଣ୍ଡ ବିପକ୍ଷ ଆଶେସ ସିରିଜ୍‌ର ତୃତୀୟ ମ୍ୟାଚ୍ ହେଡିଙ୍ଗଲିରେ ଖେଳାଯିବ। ଏହି ମ୍ୟାଚରେ ନିଜର ଶତକୀୟ ଟେଷ୍ଟ ଖେଳିବେ ଷ୍ଟିଭେନ୍ ସ୍ମିଥ୍। ଅଷ୍ଟ୍ରେଲିଆର ଅନ୍ୟତମ ଶ୍ରେଷ୍ଠ ବ୍ୟାଟରଙ୍କ ଆଭରେଜ କେବଳ କିମ୍ବଦନ୍ତୀ ସାର୍ ଡନ୍ ବ୍ରାଡମ୍ୟାନଙ୍କ ଠାରୁ ପଛରେ ରହିଛି। ଜଣେ ଲେଗ୍ ସ୍ପିନର ଓ ନିମ୍ନକ୍ରମ ବ୍ୟାଟର ଭାବରେ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବ୍ୟାଟର ଭାବରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡିବାରେ ସମର୍ଥ ହୋଇଥିଲେ। ୯୯ ଟେଷ୍ଟ ଖେଳି ୩୨ ଶତକ ସହିତ ସେ ସ୍କୋର କରି ସାରିଛନ୍ତି ୯୧୧୩ ରନ୍ । ୧୪ ବର୍ଷ ଧରି ନିରନ୍ତର କ୍ରିକେଟ ଖେଳି ଆସୁଥିବା ସ୍ମିଥ୍ ସ୍ୟାଣ୍ଡ ପେପର ଗେଟ୍ ସ୍କାଣ୍ଡାଲରେ ଏକ ବର୍ଷ କ୍ରିକେଟରୁ ବାସନ୍ଦ ମଧ୍ୟ ହୋଇଥିଲେ। ତେବେ ଆସନ୍ତୁ ନଜର ପକାଇବା ତାଙ୍କ କ୍ରିକେଟ ଯାତ୍ରାର ପରିସଂଖ୍ୟାନ ଉପରେ.....

**୯୧୧୩:** ବିଶ୍ୱର ଏକମାତ୍ର କ୍ରିକେଟର ଭାବରେ ୯୯ ମ୍ୟାଚ୍‌ରେ ସେ ୯୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ୯୯ ଟେଷ୍ଟ ମ୍ୟାଚର ୧୭୫ ଇନିଂସରୁ ସେ ଏହି ରନ୍ ସ୍କୋର କରିଛନ୍ତି। ବ୍ରାଏନ୍ ଲାରା ୯୯ ମ୍ୟାଚ୍‌ରୁ ୮୮୩୩ ରନ୍ ସହ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୫୯.୫୬:** ଟେଷ୍ଟ କ୍ରିକେଟରେ ସ୍ମିଥଙ୍କ ଆଭରେଜ ରହିଛି ୫୯.୫୬। ସାର୍ ଡନ୍ ବ୍ରାଡମ୍ୟାନଙ୍କ ପରେ ଏହା ବିଶ୍ୱ କ୍ରିକେଟରେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ। ବ୍ରାଡମ୍ୟାନ ୫୨ ଟେଷ୍ଟ ଖେଳି ୯୯.୯୪ ଆଭରେଜରେ ରନ୍ ସ୍କୋର କରିଥିଲେ। କେନ୍ ବାରିଙ୍ଗଟନ୍ ୫୮.୬୭ର ଆଭରେଜ୍ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ଏହା ସହିତ ସ୍ମିଥଙ୍କ ଘରୋଇ ଆଭରେଜ ୬୪.୫୧ ରହିଥିବା ବେଳେ ବିଦେଶ ମାଟିରେ ତାଙ୍କର ଆଭରେଜ ୫୫.୬୦ ରହିଛି।

**୩୨:** ୯୯ ଟେଷ୍ଟ ଖେଳି ସାରିଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ଶତକ ରେକର୍ଡ ନିଜ ନାମରେ ରଖିଛନ୍ତି ଷ୍ଟିଭ୍ ସ୍ମିଥ୍। ସେ ୯୯ ଟେଷ୍ଟରୁ ୩୨ ଶତକ ହାସଲ କରିଛନ୍ତି। ୯୯ ମ୍ୟାଚ ଖେଳିବା ପରେ ସଚିନ୍ ତେନ୍ଦୁଲକର, ମାଥ୍ୟୁ ହେଡେନ୍ ଓ ସୁନୀଲ ଗାଭାସ୍କରଙ୍କ ଶତକ ସଂଖ୍ୟା ୩୦ ଥିଲା।

**୧୬୦:** ୯୯ ଟେଷ୍ଟ ଖେଳିବା ପରେ ସ୍ମିଥ୍ ନେଇଛନ୍ତି ୧୬୦ କ୍ୟାଚ୍। ମ୍ୟାଚ୍ ପିଛା ସେ ୧.୬ କ୍ୟାଚ୍ ଧରିଥାନ୍ତି। ୬୨ ମ୍ୟାଚରୁ ୧୧୦ କ୍ୟାଚ୍ ନେଇଥିବା ବବ୍ ସିମ୍ପସନ୍ ପ୍ରତି ମ୍ୟାଚ୍ ପିଛା ୧.୮ଟି କ୍ୟାଚ୍ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି।

## ଟୁର୍ ଡି ଫ୍ରାନ୍ସରୁ ଓହରିଲେ ସାଞ୍ଚେଜ

**ପାଉ (ଫ୍ରାନ୍ସ), ୫।୭ (ଏପି):** ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୪ର୍ଥ ଷ୍ଟେଜ ଅବସରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ପୂର୍ବତନ ପ୍ୟାରିସ-ନାଇସ୍ ଚାମ୍ପିୟନ ଲୁଇସ ଲିଅନ ସାଞ୍ଚେଜ। ତାଙ୍କ କାନ୍ଧ ହାଡ଼ ଭାଙ୍ଗିଛି। ଫଳରେ ସେ ଟୁର୍ ଡି ଫ୍ରାନ୍ସର ଅବଶିଷ୍ଟ ରେସ୍‌ରୁ ଓହରି ଯାଇଛନ୍ତି। ୪ର୍ଥ ଷ୍ଟେଜର ଶେଷ ଭାଗରେ ଅନେକ ରାଇଡର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସ୍ପାନିଶ୍ ରାଇଡର ସାଞ୍ଚେଜ ଅନ୍ୟତମ। ସାଞ୍ଚେଜ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଅସ୍ତ୍ରୋପଚାର କରାଇବେ ବୋଲି ଅସ୍ତାନା-କ୍ୱାଜାକସ୍ତାନ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।



72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

*ସର୍ତ୍ତ ଓ ନିୟମାବଳୀ ଲାଗିବ । *କ୍ୟାଶ୍‌ବ୍ୟାକ୍ ପଲ୍‌ସର୍ 150 Twin Disc ପ୍ରକାର ସକାଶେ ପ୍ରଯୁଜ୍ୟ । #ପଲ୍‌ସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ । ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୂତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ହେବା ଆଧାରିତ । ଫାଇନାନ୍‌ସିଅର୍‌ଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍‌ସ ନିର୍ଭର କରେ । ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫର୍‌କୁ ପ୍ରତ୍ୟାହାର କରିବାର ଅଧିକାର ରଖିଛି । ପ୍ରଦର୍ଶିତ ଷ୍ଟଣ୍ଟ, ଏକ୍‌ସପର୍ଟଙ୍କ ଦ୍ୱାରା ପ୍ରୋଫେଶନାଲ୍ ସୁପରଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ସଡ଼କ ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ । ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ । ଏଏମ୍‌ସି ବିଶେଷ ମଡେଲ୍‌ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ । ଅଧିକ ବିବରଣୀ ପାଇଁ ବଜାଜ ଡୀଲର୍‌ଙ୍କୁ ସମ୍ପର୍କ କରନ୍ତୁ । ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Sundergarh RM BAJAJ 9078083500 • Bargarh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dungripali 9937006819, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Padampur 9668826075 Rajkhariar 9437072917, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ